- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-70 ◆WEDNESDAY ◆3 SEPTEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୭୦ ◆ବୁଧବାର ◆୩ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦




‘ପରମ ସୁନ୍ଦରୀ’ ପାଇଁ ୧୨ କୋଟି

▶ପୃଷ୍ଠା ୧୧ ଦେଖନ୍ତୁ...

## ଝିଅ କବିତାଙ୍କୁ ଦଳରୁ ନିଲମ୍ବନ କଲେ କେସିଆର୍

■ **ହାଇଦରାବାଦ, ୨।୯ (ଏଜେନ୍ସି):** ତେଲଙ୍ଗାନାର ପୂର୍ବତନ ମୁଖ୍ୟମନ୍ତ୍ରୀ କେସିଆରଙ୍କ ଭାରତୀୟ ରାଷ୍ଟ୍ର ସମିତି (ବିଆରଏସ)ରେ ଭାଇ-ଭଉଣୀ କଳି ଉଗ୍ରରୂପ ଧାରଣ କରିଛି। ଏହି କ୍ଷମତା କନ୍ଦଳରେ ବାପା ପୁଅର ପକ୍ଷ ନେଇ ଝିଅ ତଥା ଏମଏଲସି କେ. କବିତାଙ୍କୁ ତତ୍କାଳ ପ୍ରଭାବରେ ମଙ୍ଗଳବାର ଦଳରୁ ନିଲମ୍ବନ କରିଦେଇଛନ୍ତି। ଦଳ ବିରୋଧୀ କାର୍ଯ୍ୟକଳାପ ପାଇଁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ବୋଲି ବିଆରଏସ ପକ୍ଷରୁ କୁହାଯାଇଛି। ଦିନକ ତଳେ ସାମ୍ବାଦିକ ସମ୍ମିଳନୀ କରି କବିତା ଭାଇ କେଟିଆର୍ ଏବଂ ସମ୍ପର୍କୀୟ ଭାଇ ଟି ହରିଶ ରାଓଙ୍କ ବିରୋଧରେ ଗୁରୁତର ଅଭିଯୋଗ



ଆଣିଥିଲେ। ଦଳର ସହଯୋଗୀମାନେ କେସିଆର ଛବି ଖରାପ କରୁଥିବା କହିଥିଲେ। ସୂଚନା ଅନୁଯାୟୀ ଦୀର୍ଘ ଦିନ ହେଲା ଦଳର ନେତୃତ୍ୱକୁ ନେଇ ନିଜ ଭାଇ କେଟିରାମା ରାଓ ଓରଫ କେଟିଆର ଏବଂ ସମ୍ପର୍କୀୟ ଭାଇ ଟି. ହରିଶଙ୍କ ସହ ତାଙ୍କର ବିବାଦ ଚାଲିଛି। କବିତା ଅଭିଯୋଗ କରିଥିଲେ ଯେ ବିଆରଏସର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ କେଟିଆର ଦଳକୁ ବିଜେପିରେ ମିଶାଇବାକୁ ଚାହୁଁଛନ୍ତି। ସେହିପରି ବରିଷ୍ଠ ନେତା ଟି ହରିଶ ରାଓ ଏବଂ ପୂର୍ବତନ ସାଂସଦ ମେଘା କୃଷ୍ଣ ରେଡ୍ଡୀ ତାଙ୍କ ବାପାଙ୍କୁ ଦୁର୍ନୀତି ମାମଲାରେ ବଳି ବୋଦା କରିବାକୁ ଚାହୁଁଛନ୍ତି। ତେଲଙ୍ଗାନାର ▶ପୃଷ୍ଠା-୧୦

## ପୁଲିସକୁ ଗୁଳିକରି ଦୁଷ୍କର୍ମ ଅଭିଯୁକ୍ତ ବିଧାୟକ ଫେରାର

■ **ଚଣ୍ଡୀଗଡ଼, ୨।୯ (ଏଜେନ୍ସି):** ଏକ ଦୁଷ୍କର୍ମ ମାମଲାରେ ଗିରଫ ହୋଇଥିବା ପଞ୍ଜାବ ଆମ ଆଦମୀ ପାର୍ଟି (ଆପ୍) ବିଧାୟକ ହରମିତ୍ ସିଂହ ପଠାଣମାଜରା ପୁଲିସକୁ ଗୁଳିକରି ଫେରାର୍ ହୋଇଯାଇଥିବା ଜଣାପଡ଼ିଛି। ପୁଲିସ୍ ସୂଚନା ଅନୁଯାୟୀ, ଗିରଫ ପରେ ପଠାଣମାଜରାତାଙ୍କୁ ପଟିଆଲାର ଏକ ସ୍ଥାନୀୟ ପୋଲିସ ଷ୍ଟେସନକୁ ନିଆଯାଉଥିବା ସମୟରେ ସେ ଏବଂ ତାଙ୍କ ସହଯୋଗୀମାନେ ପୋଲିସ ଉପରେ ଗୁଳି ଚଳାଇ ଏକ ଧଳା ଏସ୍‌ୟୁଭି ଗାଡ଼ିରେ ଖସି ପଳାଇଛନ୍ତି। ଜଣେ ପୁଲିସ୍ କର୍ମଚାରୀ ସେମାନଙ୍କ ଗୁଳିରେ ଆହତ ହୋଇଛନ୍ତି। ମଙ୍ଗଳବାର ସକାଳେ ପଠାଣମାଜରାଙ୍କୁ




ହରିୟାଣାର କରନାଲ ଜିଲ୍ଲାର ଡାବରି ଗାଁରୁ ତାଙ୍କ ସମ୍ପର୍କୀୟଙ୍କ ଘରୁ ଗିରଫ କରାଯାଇଥିଲା। ତାଙ୍କୁ ଧରିବା ପାଇଁ ପଞ୍ଜାବ ପୋଲିସ ଏକ ବ୍ୟାପକ ତଲାସୀ ଅଭିଯାନ ଆରମ୍ଭ କରିଛି।

ସୋମବାର ରାତିରେ ସନୌର ବିଧାୟକ ହରମିତ୍ ସିଂହ ପଠାଣମାଜରାଙ୍କ ବିରୁଦ୍ଧରେ ପଟିଆଲାର ସିଭିଲ୍ ଲାଇନ୍ସ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଜିରକପୁରର ଜଣେ ମହିଳାଙ୍କ ଅଭିଯୋଗ ଉପରେ ଏହି ଏଫଆଇଆର ରୁଜୁ ହୋଇଥିଲା। ପଠାଣମାଜରା ଏକ ଭିଡିଓ ଜାରି କରି ତାଙ୍କ ନିଜ ଦଳର ନେତୃତ୍ୱ ବିରୁଦ୍ଧରେ ଅଭିଯୋଗ ଆଣିଛନ୍ତି।

### ‘ସେମିକନ୍-୨୦୨୫’ ସମ୍ମିଳନୀରେ ଓଡ଼ିଶାର ତିନି ଚିପ୍

## ଏନ୍‌ଆଇଟି ରାଉରକେଲା, ବ୍ରହ୍ମପୁର ପିଏମ୍‌ଇସିରୁ ପ୍ରସ୍ତୁତ ହୋଇଛି ଚିପ୍

■ **ଭୁବନେଶ୍ୱର, ୨।୯ (ସମିସ):** ଦିଲ୍ଲୀରେ ଆରମ୍ଭ ହୋଇଥିବା ‘ସେମିକନ୍-୨୦୨୫’ ସମ୍ମିଳନୀରେ ରାଜ୍ୟର ଦୁଇଟି ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଦ୍ୱାରା ନିର୍ମିତ ୩ଟି ସେମିକଣ୍ଡକ୍ଟର ଚିପ୍‌କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପ୍ରଦାନ କରିଛନ୍ତି କେନ୍ଦ୍ର ସୂଚନା ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ । ଏଥି ମଧ୍ୟରୁ ଦୁଇଟି ଚିପ୍ ଏନ୍‌ଆଇଟି ରାଉରକେଲା ଦ୍ୱାରା ନିର୍ମାଣ କରାଯାଇଥିବା ବେଳେ ଗୋଟିଏ ଚିପ୍ ବ୍ରହ୍ମପୁର ସ୍ଥିତ ପାରଳା ମହାରାଜ ଇଂଜିନିୟରିଂ କଲେଜ(ପିଏମ୍‌ଇସି)ରେ ପ୍ରସ୍ତୁତ ହୋଇଛି। ଦେଶର ୭୮ ଟି ବିଶ୍ୱବିଦ୍ୟାଳୟ ଓ ଜାତୀୟସ୍ତରୀୟ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ଏହି ଚିପ୍ ପ୍ରସ୍ତୁତ କରିଛନ୍ତି। ସେମିକଣ୍ଡକ୍ଟର ଶିଳ୍ପର ବିକାଶ ଓ ପ୍ରସ୍ତୁତି କ୍ଷେତ୍ରରେ ଦେଶରେ ଆରମ୍ଭ ହୋଇଥିବା ବୈପ୍ଳବିକ ଯାତ୍ରାରେ ଓଡ଼ିଶାର ଯୋଗଦାନକୁ ଜାତୀୟ ସ୍ତରରେ ପ୍ରଶଂସା ମିଳିଛି। ଏହି ଚିପ୍‌ଗୁଡ଼ିକ ଭାରତର ପ୍ରଥମ ସ୍ୱଦେଶୀ ସେମିକଣ୍ଡକ୍ଟର ଚିପ୍



ହୋଇଥିବାରୁ ପ୍ରଧାନମନ୍ତ୍ରୀ ଶିକ୍ଷାନୁଷ୍ଠାନଗୁଡ଼ିକର ଭୂମିକାକୁ ପ୍ରଶଂସା କରିଛନ୍ତି।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ତି ଯେ ଆମର ବିଗତ ଶତାବ୍ଦୀ ତେଲ ଦ୍ୱାରା ଗଢ଼ା ହୋଇଥିଲା। ବିଶ୍ୱର ଭାଗ୍ୟ ତୈଳ କୂପ ଦ୍ୱାରା ▶ପୃଷ୍ଠା-୧୦

### ଆଜିଠୁ ଜିଏସ୍‌ଟି ପରିଷଦ ବୈଠକ

# କମିବ ୧୭୫ ସାମଗ୍ରୀର ଟିକସ ହାର

■ **ନୂଆଦିଲ୍ଲୀ/ଭୁବନେଶ୍ୱର, ୨।୯ (ସମିସ):** ବୁଧବାରଠାରୁ ନୂଆଦିଲ୍ଲୀରେ ଆରମ୍ଭ ହେଉଛି ଜିଏସ୍‌ଟି ପରିଷଦର ୫୬ତମ ବୈଠକ। ସେପ୍ଟେମ୍ବର ୩ ଏବଂ ୪ ଦୁଇ ଦିନ ଧରି ଅନୁଷ୍ଠିତ ହେବାକୁଥିବା ଏହି ବୈଠକ ଉପରେ ସାରା ଦେଶର ନଜର ରହିଛି। ଭାରତ ଉପରେ ଆମେରିକା ୫୦% ଟାରିଫ୍ ଲଗାଇଥିବା ପରିପ୍ରେକ୍ଷୀରେ ଏହି ବୈଠକ ବହୁ ଗୁରୁତ୍ୱବହନ କରୁଛି। ନିକଟ ଅତୀତରେ ଜିଏସ୍‌ଟି ମନ୍ତ୍ରୀ ପରିଷଦ ବୈଠକରେ ଜିଏସ୍‌ଟିର ୪ଟି ବର୍ଗ ମଧ୍ୟରୁ ୧୨% ଓ ୨୮% ଟିକସ ଉଚ୍ଛେଦ ସହ ଅତ୍ୟଧିକ ବିଳାସପୂର୍ଣ୍ଣ ସାମଗ୍ରୀ ଉପରେ ୪୦% ପର୍ଯ୍ୟନ୍ତ ଟିକସ ଲାଗୁ ନିମନ୍ତେ ପ୍ରସ୍ତାବ ରହିଥିଲା। ଆସନ୍ତାକାଲି ବୈଠକରେ ଏ ସଂକ୍ରାନ୍ତରେ ଆଲୋଚନା ହୋଇପାରେ। ତେବେ କେନ୍ଦୁପତ୍ର ଓ ହସ୍ତତନ୍ତ ଉପରେ ଆଦାୟ ହେଉଥିବା ଜିଏସ୍‌ଟି ଉଚ୍ଛେଦ ପାଇଁ ହେଉଥିବା ବହୁଦିନର ଦାବି ସଂକ୍ରାନ୍ତରେ କି ନିଷ୍ପତ୍ତି ନିଆଯିବ ତାହା ଏଯାଏ ସ୍ଥିର ହୋଇନାହିଁ।




▶▶ **ସିଗାରେଟ ଉପରେ ଲାଗିବ ୪୦% ଟିକସ**

▶▶ **ଜିଏସ୍‌ଟି ମୁକ୍ତ ହୋଇପାରେ ବୀମା ଦେୟ**

ସୂଚନା ଅନୁସାରେ ଜିଏସ୍‌ଟି ପରିଷଦ ବୈଠକରେ ପ୍ରାୟ ୧୭୫ଟି ସାମଗ୍ରୀ ଉପରୁ ଜିଏସ୍‌ଟି ହାର ହ୍ରାସ କରିବା ପାଇଁ ନିଷ୍ପତ୍ତି ନିଆଯାଇପାରେ। ବୈଠକର କାର୍ଯ୍ୟସୂଚୀରେ ୫% ଏବଂ ୧୮% ଦୁଇଟି ମୁଖ୍ୟ ଟିକସ ହାର ସ୍ଥିର କରିବାର ପ୍ରସ୍ତାବ ରହିଛି। ଯଦି ଏହା କାର୍ଯ୍ୟକାରୀ ହୁଏ ତେବେ ଟିଭି, ଫ୍ରିଜ୍, କାର, ବାଇକ୍, ପ୍ରସାଧନ ସାମଗ୍ରୀ, ଟାୟାର ଓ ଅନ୍ୟ ଉତ୍ପାଦଗୁଡ଼ିକ ଶସ୍ତା ହୋଇପାରେ ବୋଲି ଆଶା କରାଯାଉଛି। ତେଣୁ ସ୍ୱାଭାବିକ ଭାବରେ ଭାରତୀୟ ଉଦ୍ୟୋଗ, ନିବେଶକ ଏବଂ ସେୟାର ବଜାରର ନଜର ଏବେ ଏହି ଜିଏସ୍‌ଟି ପରିଷଦ ବୈଠକ ଉପରେ ରହିଛି।

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ୩୧ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ପ୍ରତିନିଧିମାନେ ଅଂଶଗ୍ରହଣ କରିବେ। ବୈଠକ ପୂର୍ବରୁ ରାଜ୍ୟଗୁଡ଼ିକର ଜିଏସ୍‌ଟି ଅଧିକାରୀମାନଙ୍କର ଏକ ବୈଠକ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଛି। ଯେଉଁଥିରେ ଟିକସ ହାର ପରିବର୍ତ୍ତନ ନିମନ୍ତେ କେନ୍ଦ୍ର ସରକାରଙ୍କ ପ୍ରସ୍ତାବ ଏବଂ ଅନୁପାଳନ ପ୍ରସଙ୍ଗ ଉପରେ ଗଭୀର ଆଲୋଚନା ହୋଇଛି। ଏହି ବୈଠକରେ ୫ ଏବଂ ୧୮ ପ୍ରତିଶତର ଦୁଇ-ସ୍ତରୀୟ ଟିକସ ହାର ପ୍ରଚଳନ ସହ ଉଚ୍ଚମୂଲ୍ୟର ବିଳାସପୂର୍ଣ୍ଣ ଗାଡ଼ି ଉପରେ ୪୦% ଟିକସ ଲାଗୁ ହୋଇପାରେ ବୋଲି କୁହାଯାଉଛି। ପୂର୍ବରୁ ମନ୍ତ୍ରୀ ▶ପୃଷ୍ଠା-୧୦

**ସୃଷ୍ଟି ହେଲା ଲଘୁଚାପ**

# ସାରା ରାଜ୍ୟରେ ପ୍ରବଳ ବର୍ଷା

### ପୁଣି ଉତ୍ତରରେ ଫୁଲିବ ନଦୀ

### ହାଟଡିହିରେ ସର୍ବାଧିକ ୨୨୫.୧ ମିମି ବର୍ଷା ରେକର୍ଡ

■ **ଭୁବନେଶ୍ୱର, ୨।୯ (ସମିସ):** ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହୋଇଛି। ପ୍ରଭାବରେ ମଙ୍ଗଳବାର ରାଜ୍ୟର ଅଧିକାଂଶ ସ୍ଥାନରେ ମେଘୁଆ ପାଗ ସହ ବର୍ଷା ହୋଇଛି। ଗତ ୩୬ ଘଣ୍ଟା ମଧ୍ୟରେ ରାଜ୍ୟର ଗୋଟିଏ ସ୍ଥାନରେ ଅତି ପ୍ରବଳ, ୪ଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ଓ ୫ଟି ସ୍ଥାନରେ ପ୍ରବଳ ବର୍ଷା ହୋଇଛି। କେନ୍ଦୁଝରର ହାଟଡିହିରେ ସର୍ବାଧିକ ୨୨୫.୧ ମିମି ବର୍ଷା ରେକର୍ଡ ହୋଇଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଲଘୁଚାପ ଅଧିକ ଘନୀଭୂତ ହେବା ସହ ଏହା ସଦୃଶ ଲଘୁଚାପରେ ପରିଣତ ହୋଇ ଉତ୍ତର-ପଶ୍ଚିମ ଦିଗରେ ଗତି କରିବ ଓ ଓଡ଼ିଶା ମଧ୍ୟ ଦେଇ ଆଗକୁ ଯିବ। ଫଳରେ ବୁଧବାର ରାଜ୍ୟର ଅଧିକାଂଶ ସ୍ଥାନରେ ପ୍ରବଳ ବର୍ଷା ନେଇ ▶ପୃଷ୍ଠା-୧୦



ବାଲେଶ୍ୱର ସହରରେ ବନ୍ୟା

### ରାସ୍ତାରେ ଜାଲ ପକାଇଲେ

■ **ବାଲେଶ୍ୱର, ୨।୯ (ସମିସ):** ଲଘୁଚାପଜନିତ ଲଗାଣ ବର୍ଷାରେ ବାଲେଶ୍ୱର ସହର ଉବୁଟୁବୁ ହୋଇଛି। ରେମୁଣା ଗୋଲେଇଠାରୁ ବାଲେଶ୍ୱର ବସଷ୍ଟାଣ୍ଡକୁ ସଂଯୋଗ କରୁଥିବା ନୂଆସାହି-ବାଲିଆ ରାସ୍ତାରେ ୪ଫୁଟ୍‌ରୁ ଊର୍ଦ୍ଧ୍ୱ ଉଚ୍ଚର ଜଳ ପ୍ରବାହିତ ହେଉଛି। ଏଥିସହ ସହରର ଅନ୍ୟ ଅଞ୍ଚଳ ମଧ୍ୟ ଜଳମଗ୍ନ ହୋଇ ଲୋକେ ହନ୍ତସନ୍ତ ହୋଇଛନ୍ତି। ଆଜି ସ୍ଥାନୀୟ ଲୋକମାନେ ସେହି ରାସ୍ତା ଉପରେ ଲହଡି ମାରୁଥିବା ପାଣିରେ ଜାଲ ପକାଇ ଅଭିନବ ଭାବେ ପ୍ରତିବାଦ କରିଛନ୍ତି। ଏପରିକି, ଘଟଣାକୁ ସ୍ଥଳକୁ ▶ପୃଷ୍ଠା-୧୦

### ହୀରାକୁଦରୁ ୬ ଗେଟ୍‌ରେ ଜଳ ନିଷ୍କାସନ



■ **ସମ୍ବଲପୁର, ୨।୯ (ସମିସ):** ହୀରାକୁଦ ଜଳଭଣ୍ଡାରର ଜଳସ୍ତରରେ ବୃଦ୍ଧି ପାଉଥିବାରୁ ଆଜି ପର୍ଯ୍ୟାୟକ୍ରମେ ୬ଟି ଗେଟ୍ ଖୋଲାଯାଇଛି। ନଦୀବନ୍ଧର ବାମପାର୍ଶ୍ୱର ୪ଟି ଓ ଡାହାଣ ପାର୍ଶ୍ୱର ୨ଟି, ଏହିଭଳି ମୋଟ୍ ୬ଟି ସ୍ଲୁଇସ୍ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ବର୍ତ୍ତମାନ ଜଳଭଣ୍ଡାରକୁ ସେକେଣ୍ଡ ପିଛା ୬୭,୧୨୯ ଘନଫୁଟ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିକ୍ଷାନୁଷ୍ଠାନ, କେନାଲ ଆଦି ଦେଇ ୧,୩୩,୫୧୯ ଘନଫୁଟ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୯୭,୦୧୪ ଘନଫୁଟ ଜଳ ପ୍ରବାହିତ ହେଉଥିବା ବେଳେ ପାୱାର ଚ୍ୟାନେଲ ଦେଇ ୩୨,୨୫୭ ଘନଫୁଟ, ଶିକ୍ଷାନୁଷ୍ଠାନ ସକାଶେ ୨୧୪ ଘନଫୁଟ, କେନାଲ ପାଇଁ ୪,୦୩୪ ଘନଫୁଟ ଜଳ ନିଷ୍କାସିତ ହେଉଛି। ▶ପୃଷ୍ଠା-୧୦

### ବିଜେପିକୁ ଅଡୁଆ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ

## ସେପଟେ ଲବି, ଏପଟେ ଚାପ

■ **ଭୁବନେଶ୍ୱର, ୨।୯ (ସମିସ):** ରାଜ୍ୟ ବିଜେପି ସରକାରକୁ ୧୫ ମାସ ଚାଲୁଥିବା ବେଳେ ପୂର୍ଣ୍ଣାଙ୍ଗ ମନ୍ତ୍ରିମଣ୍ଡଳ ଗଠନ ନେଇ ଏଯାବତ୍ କୌଣସି ନିଷ୍ପତ୍ତି ହୋଇପାରି ନାହିଁ। ମନ୍ତ୍ରିମଣ୍ଡଳକୁ ନେଇ ଶୀର୍ଷ ନେତୃତ୍ୱ ସ୍ତରରେ ବାରମ୍ବାର ପ୍ରୟାସ ହୋଇଥିଲେ ହେଁ ବିଭିନ୍ନ କାରଣ ଯୋଗୁଁ ଏହା ସମ୍ଭବ ହୋଇପାରୁ ନାହିଁ। ଏପଟେ ଖାଲିଥିବା ୬ ମନ୍ତ୍ରୀ ପଦ ପାଇଁ ଦଳର ଦୁଇ ଡଜନ ନେତା ଚାହିଁ ବସିଛନ୍ତି। ସେହିପରି ମନ୍ତ୍ରିମଣ୍ଡଳରେ ବର୍ତ୍ତମାନ ଥିବା କିଛି ମନ୍ତ୍ରୀଙ୍କୁ ବାଦ ଦିଆଯିବା ପାଇଁ ଯୋଜନା ହେଉଥିଲେ ହେଁ ଲବି ଓ ଚାପ ଯୋଗୁଁ ତାହା ସମ୍ଭବ ହୋଇପାରୁ ନାହିଁ।

ନିକଟ ଅତୀତରେ ଦଳର ବରିଷ୍ଠ ବିଧାୟକ ଜୟ ନାରାୟଣ ମିଶ୍ର ମନ୍ତ୍ରିମଣ୍ଡଳକୁ ନେଇ ଦଳକୁ ଅଡୁଆରେ ପକାଇବା ଭଳି ଅନେକ ଅଭିମାନପୂର୍ଣ୍ଣ ମନ୍ତବ୍ୟ ଦେଇଥିବା ବେଳେ ମଙ୍ଗଳବାର ପୁଣି ତାହାକୁ ଦୋହରାଇଛନ୍ତି। କେବଳ ଜୟ ନାରାୟଣ ନୁହନ୍ତି, ବିଧାୟକ ପ୍ରକାଶ ସୋରେନ ମଧ୍ୟ ବରିଷ୍ଠଙ୍କୁ

### ଦିଲ୍ଲୀରେ ମୁଖ୍ୟମନ୍ତ୍ରୀ; ଓଡ଼ିଶାରେ ଅଭିମାନ

### ଖୋଞ୍ଚ ମାରିଲେ ଜୟ, ଦାବି କଲେ ପ୍ରକାଶ

ମନ୍ତ୍ରିମଣ୍ଡଳରେ ସ୍ଥାନ ଦେବା କଥା କହି ନିଜ ଦାବି ଉପସ୍ଥାପନ କରିଛନ୍ତି।

ଜୟନାରାୟଣ କହିଛନ୍ତି ଯେ ସମ୍ପ୍ରସାରଣକୁ ନେଇ ଚର୍ଚ୍ଚା ଆଲୋଚନା ହୁଏ। ମନ୍ତ୍ରିମଣ୍ଡଳ ଯେହେତୁ ଖାଲି ଅଛି, ଚର୍ଚ୍ଚା ହେବା ଏକ ସ୍ୱାଭାବିକ କଥା। ସମ୍ପ୍ରସାରଣ ନିଷ୍ପତ୍ତି ମୁଖ୍ୟମନ୍ତ୍ରୀଙ୍କ ଅଧୀନ ବିଷୟ। ସେ ଯେତେବେଳେ ଚାହିଁବେ ଏହାକୁ ପୂରଣ କରିବେ। ଏପରିକି ସେ ଏକା ମଧ୍ୟ ମନ୍ତ୍ରିମଣ୍ଡଳ ଚଳାଇପାରିବେ। ମୁଁ ଦଳର ଗୋଟେ ଛୋଟିଆ କର୍ମୀ, ତୃଣମୂଳ କାମ କରିବା ଜାଣେ; ଉପର କଥା ଜାଣେ ନାହିଁ। ରାଜନୀତିରେ ବରିଷ୍ଠ ଅଭିଜ୍ଞର କୌଣସି ମୂଲ୍ୟ ନାହିଁ। ଦଳ ପାଇଁ ନିଷ୍ଠାର ସହ କାମ ଏବଂ କେସ ଖାଇବା ମୂଲ୍ୟହୀନ। ଏସବୁର କିଛି ଗୁରୁତ୍ୱ ନଥାଏ। ମୋ ପାଇଁ ସରକାର ଆସିଛି କି କାହା ପାଇଁ ଆସିଛି ସେକଥା କିଏ ଜାଣେ। ଲୋକେ ନିଷ୍ପତ୍ତି ନେବେ। ମାତ୍ର ଅନେକ ଲୋକ ତାଙ୍କ ପାଇଁ ସରକାର ଆସିଛି ତାହାକୁ ଆମେ ସ୍ୱୀକାର କରୁଛୁ ବୋଲି କହୁଛନ୍ତି ବୋଲି ଜୟ ନାରାୟଣ ମନ୍ତବ୍ୟ ରଖିଛନ୍ତି। ସେହିପରି ଦଳର ଅନ୍ୟତମ ବିଧାୟକ ପ୍ରକାଶ ସୋରେନ ମଧ୍ୟ ▶ପୃଷ୍ଠା-୧୦

## ଫୁଲବାଣୀ, ତାଳଚେର ମେଡିକାଲ କଲେଜରେ ଡାକ୍ତରୀ ପାଠ୍ୟକ୍ରମକୁ ମଞ୍ଜୁରୀ

■ **ଭୁବନେଶ୍ୱର, ୨।୯ (ସମିସ):** ୨୦୨୫-୨୬ ଶିକ୍ଷାବର୍ଷରେ ତାଳଚେର ପବିତ୍ର ମୋହନ ମେଡିକାଲ କଲେଜ ଏବଂ ଫୁଲବାଣୀର ସରକାରୀ ମେଡିକାଲ କଲେଜରେ ଏମବିବିଏସ ପାଠ୍ୟକ୍ରମ ଆରମ୍ଭ ହେବ। ଚଳିତ ଶିକ୍ଷା ବର୍ଷ ପାଇଁ ଉଭୟ କଲେଜରେ ୧୦୦ ଲେଖାଏଁ ଏମବିବିଏସ ସିଟ୍‌ରେ ନାମ ଲେଖା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅନୁମୋଦନ ମିଳିଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ ପି ନଡ୍ଡାଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ସୂଚନାଯୋଗ୍ୟ ଯେ ଗତ ଅଗଷ୍ଟ ମାସରେ ତାଳଚେରର ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ ଏବଂ ଫୁଲବାଣୀର ସରକାରୀ ମେଡିକାଲ କଲେଜର ୨୦୨୫-୨୬ ଶିକ୍ଷାବର୍ଷ ପାଇଁ ୧୦୦ଟି ଲେଖାଏଁ ସମୁଦାୟ ୨୦୦ ଏମବିବିଏସ ସିଟରେ ନାମ ଲେଖା ପାଇଁ ଅନୁରୋଧ କରିଥିଲେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ। ଦିଲ୍ଲୀରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡାଙ୍କୁ ଭେଟି ଅନୁମତି ପତ୍ର ପ୍ରଦାନ କରିବାକୁ ଅନୁରୋଧ କରିଥିଲେ। ଏହାପରେ କେନ୍ଦ୍ର ସରକାର ଉପରୋକ୍ତ

### ୧୦୦ ଲେଖାଏଁ ସିଟରେ ନାମଲେଖାକୁ ଅନୁମୋଦନ

### ପ୍ରଧାନମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ମୁଖ୍ୟମନ୍ତ୍ରୀ

ନିଷ୍ପତ୍ତି ଗ୍ରହଣ କରିଛନ୍ତି। ସୂଚନା ଅନୁସାରେ ଉପରୋକ୍ତ ଦୁଇଟି ମହାବିଦ୍ୟାଳୟ ଓଡ଼ିଶାରେ ଚିକିତ୍ସା କ୍ଷେତ୍ରରେ ନୂଆଭାବେ ପ୍ରତିଷ୍ଠିତ ହୋଇଛି । ଏହି ଦୁଇ ଅନୁଷ୍ଠାନର ଡିନ ଓ ପ୍ରିନ୍ସିପାଲ ମାନେ ଅନୁମତି ପତ୍ର ପାଇବା ପାଇଁ ଆବେଦନ ଗତ ଜାନୁଆରୀ ୧୮ ତାରିଖରେ ନ୍ୟାସନାଲ ମେଡିକାଲ କମିଶନ(ଏନଏମସି)ର ▶ପୃଷ୍ଠା-୧୦

### ନ୍ୟାସନାଲ୍ ଲାଇବ୍ରେରୀ ଅଫ୍ ମେଡିସିନ୍ ରିପୋର୍ଟ

## ବସ୍ତାନୀ ବୋଝରେ ବଙ୍କା ପିଲାଙ୍କ ମେରୁଦଣ୍ଡ

■ **ଭୁବନେଶ୍ୱର, ୨।୯ (ସମିସ):** ଆଜିକାଲି ଅନେକ ପିଲା କିଶୋର ବୟସରେ ମେରୁଦଣ୍ଡ ଯନ୍ତ୍ରଣା, କାନ୍ଧରେ ଚାପ ଓ ପିଠି ଯନ୍ତ୍ରଣା ଭଳି ସମସ୍ୟା ସହିତ ସଂଘର୍ଷ କରୁଛନ୍ତି। ଓଜନିଆ ସ୍କୁଲ ବ୍ୟାଗ୍ ଏହାର ପ୍ରମୁଖ କାରଣ ବୋଲି କୁହାଯାଉଛି। ପ୍ରତିଦିନ ପିଲାମାନଙ୍କ କାନ୍ଧରେ ଝୁଲୁଥିବା ଏହି ବ୍ୟାଗ ସେମାନଙ୍କ ସ୍ୱାସ୍ଥ୍ୟ, ଅଙ୍ଗଭଙ୍ଗୀ ଏବଂ ଶାରୀରିକ ବୃଦ୍ଧି ଉପରେ ସିଧାସଳଖ ପ୍ରଭାବ ପକାଉଛି।

ନ୍ୟାସନାଲ୍‌ଲାଇବ୍ରେରୀଅଫ୍‌ମେଡିସିନ୍‌ରେ ପ୍ରକାଶିତ ଏକ ଅଧ୍ୟୟନ ଅନୁଯାୟୀ, ପିଲାମାନେ ପ୍ରାୟତଃ ସେମାନଙ୍କ ଶରୀରର ଓଜନର ୧୦ ରୁ ୨୫ ପ୍ରତିଶତ ସ୍କୁଲ ବ୍ୟାଗ ବହନ କରନ୍ତି। ଯାହା ପିଲାଙ୍କ ସ୍ୱାସ୍ଥ୍ୟ ଓ ଶରୀର ପାଇଁ ବିପଦ ସୃଷ୍ଟି କରିଛି। ସାଧାରଣତଃ ଗୋଟିଏ ସ୍କୁଲ ପିଲା ଦିନକୁ ପ୍ରାୟ ୮ଟି ବିଷୟରେ ବିଦ୍ୟାଳୟରେ



**ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟରେ ଗୁରୁତର ପ୍ରଭାବ**

**ପୁଅଙ୍କ ଅପେକ୍ଷା ଝିଅମାନଙ୍କ ସ୍ୱାସ୍ଥ୍ୟ ଅଧିକ ପ୍ରଭାବିତ**

ପଢ଼ିଥାଏ। ତେଣୁ ସ୍କୁଲକୁ ଅତି କମରେ ୮ଟି ବହି ସମେତ ନୋଟବୁକ୍, ୱାର୍କସିଟ୍ ଏବଂ ଅନ୍ୟାନ୍ୟ ଆବଶ୍ୟକ ଜିନିଷ ସାଥିରେ ନେଇଥାଏ। ଦିନକୁ ଅନ୍ୟୂନ ୨୦ ରୁ ୨୫ ମିନିଟ୍ ପାଇଁ ପିଲାମାନେ ତାକୁ କାନ୍ଧରେ ବୋହିଥାନ୍ତି। ଏଣୁ ସେମାନଙ୍କ ପିଠିରେ ଯନ୍ତ୍ରଣା ହୋଇଥାଏ। ଏହି ରିପୋର୍ଟ ଅନୁସାରେ ପୁଅମାନଙ୍କ ତୁଳନାରେ ଝିଅମାନେ ଏହି ଯନ୍ତ୍ରଣାରେ ଅଧିକ ପୀଡ଼ିତ ହୋଇଥାନ୍ତି। ବିଶେଷକରି ଭାରୀ ବ୍ୟାଗ୍ ବୋହିଥିବା ପିଲାମାନେ ବ୍ୟାଗ୍ ଓଜନରେ ସନ୍ତୁଳନ ଆଣିବା ପାଇଁ ପ୍ରାୟତଃ ଆଗକୁ ନଇଁ ଚାଲନ୍ତି। ଏହା ଶରୀରର ସ୍ଥିତିକୁ ଅସ୍ୱାଭାବିକ କରିବା ସହ ମେରୁଦଣ୍ଡକୁ କ୍ରମଶଃ ବଙ୍କା କରିଦିଏ। ସ୍କୋଲିଓସିସ୍ ପରି ମେରୁଦଣ୍ଡ ସମସ୍ୟା ଥିବା ପିଲାଙ୍କ କ୍ଷେତ୍ରରେ ଆହୁରି ଜଟିଳ ସ୍ଥିତି ସୃଷ୍ଟି ହୋଇଥାଏ। ପିଲାର ପିଠି, କାନ୍ଧ କିମ୍ବା ଗୋଡରେ ଯନ୍ତ୍ରଣା ହେବା ଆରମ୍ଭ ହେବା ଓଜନିଆ ବ୍ୟାଗ୍‌ର ପ୍ରଭାବ ହୋଇପାରେ। ଏହା ବ୍ୟତୀତ ପିଠି, ବେକ ଓ କାନ୍ଧରେ ଯନ୍ତ୍ରଣା ବା କଠିନ ହେବା, ହାତ ଝିମ୍‌ଝିମ୍ ହେବା, ଚାଲିବା ଓ ବସିବାରେ ଅସମାନତା, ଲଗାତାର ଅସ୍ଥିରତା, ହାଲୁକା ଜ୍ୱର କିମ୍ବା ଓଜନ ହ୍ରାସ, ପରିସ୍ରା ସମସ୍ୟା ତୀବ୍ର ହୁଏ କିମ୍ବା ଲାଗି ରହିବା ଏହାର ଅନ୍ୟତମ କାରଣ। ପିଲାଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ ଏହା ଖରାପ ପ୍ରଭାବ ପକାଇଥାଏ। ପିଲାଙ୍କ ମଧ୍ୟରେ ଚିଡ଼ିଚିଡ଼ା, ଅସ୍ଥିରତା ଏବଂ ସ୍କୁଲ୍ ନ ଯିବାକୁ ବାହାନା ଆଦି ଲକ୍ଷଣ ଦେଖାଯାଏ। ଏହା ଦୀର୍ଘ ସମୟ ପର୍ଯ୍ୟନ୍ତ ଜାରି ରହିଲେ ▶ପୃଷ୍ଠା-୧୦

# ଚୀନ୍ ରଣନୀତିର ଶିକାର ହେବ ଭାରତ!

ନୂଆଦିଲ୍ଲୀ, ୨।୯ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଜବାବୀ ଶୁଳ୍କ ବିଶ୍ୱ ରାଜନୀତିରେ ବଡ଼ ପରିବର୍ତ୍ତନ ଆଣିଛି। ଏଥିରେ ଆମେରିକାର ଲାଭ ହେଉ କି ନ ହେଉ, କ୍ଷତି କିନ୍ତୁ ଅଧିକ ହେଉଛି। ଟ୍ରମ୍ପଙ୍କ ଏହି ଶୁଳ୍କ ନୀତି ଏବଂ ନୋବେଲ ଶାନ୍ତି ପୁରସ୍କାର ପାଇବାର ଅଭିଳାଷ ପାଇଁ ଅନେକ ବନ୍ଧୁ ରାଷ୍ଟ୍ର ୱାସିଂଟନଠାରୁ ଦୂରେଇ ଯାଇଛନ୍ତି। ଏହି ଦେଶଗୁଡିକ ମଧ୍ୟରେ ଭାରତ ସାମିଲ ରହିଛି। ଟ୍ରମ୍ପଙ୍କ ନୀତି ଯୋଗୁଁ ଶତ୍ରୁ ରାଷ୍ଟ୍ର ଚୀନ୍ ସହ ଭାରତର ଘନିଷ୍ଠତା ବଢ଼ି ଚାଲିଛି। ଦିନେ ତଳେ ଶେଷ ହୋଇଥିବା ଏସ୍‌ସିଓ ଶିଖର ସମ୍ମିଳନୀରେ ଏହାର ଝଲକ ଦେଖିବାକୁ ମିଳିଛି। ଏଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ ଏବଂ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ମଧ୍ୟରେ ଆମେରିକୀୟ ଶୁଳ୍କର ମୁକାବିଲା ପାଇଁ ଚର୍ଚ୍ଚା ହୋଇଛି। ଏସ୍‌ସିଓ ମଞ୍ଚରୁ ଜିନ୍‌ପିଙ୍ଗ ଆମେରିକାର ଏକଚାଟିଆ ନୀତିକୁ ବିରୋଧ କରି ବିଶ୍ୱରେ ନୂଆ ଆର୍ଥିକ ଏବଂ ସୁରକ୍ଷା ବ୍ୟବସ୍ଥା ଆପଣାଇବାକୁ ଆହ୍ୱାନ ଦେଇଛନ୍ତି। ଏହି ମଞ୍ଚରେ ସେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କୁ ଅଣଦେଖା କରି ଭାରତ ସହ ଘନିଷ୍ଠତା ବଢ଼ାଇବାର ସଙ୍କେତ ଦେଇଛନ୍ତି। କିନ୍ତୁ ଚୀନ୍ ବିଶ୍ୱାସର ପାତ୍ର ନୁହେଁ ବୋଲି ପୂର୍ବରୁ ସଙ୍କେତ ଦେଇସାରିଛି। ତେଣୁ ସତର୍କତାରେ ଚୀନ୍ ସହ ଘନିଷ୍ଠତା ବଢ଼ାଇବା ଉଚିତ ବୋଲି ବିଶେଷଜ୍ଞମତ ଦେଉଛନ୍ତି। ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଜିନପିଙ୍ଗ ଲେଖିଥିବା ଗୁପ୍ତ ଚିଠି ପାଇଁ ଦୁଇ ଦେଶ ମଧ୍ୟରେ ପୁଣିଥରେ ଘନିଷ୍ଠତା ବଢ଼ିଲା ବୋଲି କୁହାଯାଉଛି। କିନ୍ତୁ ହାତ ବଢ଼ାଇ ଛୁରା ମାରିବାର ଉଦାହରଣ ମଧ୍ୟ ଚୀନ୍ ସୃଷ୍ଟି କରିଛି। ଦିବଂଗତ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁଙ୍କ ସମୟରେ ଚୀନ୍ ଏଭଳି କରିଥିଲେ। ଏପଟେ ବନ୍ଧୁତାର ହାତ ବଢ଼ାଇ ଭାରତ ଉପରେ ଆକ୍ରମଣ କରିଥିଲା। ତେଣୁ ଚୀନ୍‌କୁ ବିଶ୍ୱାସ କରିବା ଘାତକ ହୋଇପାରେ ବୋଲି କୁହାଯାଉଛି।

ଚୀନ୍ ରାଷ୍ଟ୍ରପତି ଭାରତ ପ୍ରତି ଯେଉଁ ରଣନୀତି ଆପଣାଇଛନ୍ତି ତାହାକୁ ନେଇ ସଂଶୟ ଲାଗି ରହିଛି। ସେ କେବଳ ଭାରତକୁ ବଜାର ଭାବେ ଦେଖୁଥିବା କୁହାଯାଉଛି। ଆଉ ତାଙ୍କର ଏହି ସ୍ୱପ୍ନକୁ ସାକାର କରିବା ପାଇଁ ଆମେରିକୀୟ ଶୁଳ୍କ ସହାୟତା କରିଛି। ୨୦୧୪ରେ ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ହେବା ପରେ ଜିନପିଙ୍ଗ ପ୍ରଥମ ଥର ପାଇଁ ଭାରତ ଆସିଥିଲେ। ଏହି ସମୟରେ ମୋଦୀ ତାଙ୍କୁ ସାବରମତୀରେ ବୁଲାଇ ଥିଲେ। ସେହିପରି ମୋଦୀଙ୍କ ଚୀନ୍ ଗସ୍ତରେ ଜିନପିଙ୍ଗ ତାଙ୍କୁ ନିଜ ଗୃହ ସହର ସିଆନକୁ ନେଇଥିଲେ। ଏହା ଭାରତ-ଚୀନ୍ ମଧ୍ୟରେ ନୂଆ ସମ୍ପର୍କ ସୃଷ୍ଟି କରିବ ବୋଲି ଲାଗୁଥିଲା। କିନ୍ତୁ ଏହାର ଦୁଇ ବର୍ଷ ପରେ ଡୋକଲାମରେ ଭାରତ-ଚୀନ୍ ସେନା ମୁହାଁମୁହିଁ ହୋଇଥିଲେ। ୭୩ ଦିନ ଆଲୋଚନା ପରେ ଉଭୟ ଦେଶ ପଛକୁ ହଟି ଥିଲେ। ଏହା ମଧ୍ୟରେ ଆମେରିକା ଏବଂ ଭାରତ ଅଧିକ ଘନିଷ୍ଠ ହେବାରେ ଲାଗିଥିଲେ। ମାତ୍ର ଏହା ଦେଖି ଚୀନ୍ ସହି ପାରି ନ ଥିଲା। ଭାରତ ମଧ୍ୟ ରୋଡ ଆଣ୍ଡ ବେଲ୍ଟ ଇନିସିଏଟିଭ (ବିଆରସି)ରେ ସାମିଲ ହେବାକୁ ମନା କରିଦେଇଥିଲା। ଏହା ପରେ ୨୦୨୦ରେ ଗଲୱାନରେ ଭାରତ-ଚୀନ୍ ସୈନିକଙ୍କ ମଧ୍ୟରେ ସଂଘର୍ଷ ହୋଇଥିଲା। ଏହା ଦୁଇ ଦେଶର ସମ୍ବନ୍ଧକୁ ଅଧିକ ତିକ୍ତ କରିଦେଇଥିଲା। ସ୍ଥିତି ୧୯୬୨ ଯୁଦ୍ଧ ପରର ହୋଇଯାଇଥିଲା। କିନ୍ତୁ ଗତ ବର୍ଷ ଅକ୍ଟୋବରରେ ରୁଷରେ ଏସ୍‌ସିଓ ସମ୍ମିଳନୀ ଚାଲିଥିବା ସମୟରେ ଦୁଇ ଦେଶ ପୁଣିଥରେ ସମ୍ପର୍କ ବଢ଼ାଇବାର ସଙ୍କେତ ଦେଇଥିଲେ। ଆମେରିକା ଶୁଳ୍କ ଲଗାଇବା ପରେ ଏହି ସମ୍ପର୍କ ଅଧିକ ନିବିଡ଼ ହୋଇଥିଲା। କହିବାକୁ ଗଲେ ଗତ ୧୦-୧୧ ବର୍ଷ ହେଲା ଭାରତକୁ ନେଇ ଜିନପିଙ୍ଗ ସହଯୋଗ ଏବଂ ସଂଘର୍ଷର ଦୋମୁହାଁ ନୀତି ଆପଣାଉଛନ୍ତି।



ଭାରତଠୁ କ'ଣ ଚାହୁଁଛନ୍ତି ଜିନ୍‌ପିଙ୍ଗ

ବିଶେଷଜ୍ଞଙ୍କ ଅନୁଯାୟୀ ମାଓ-ସେ-ତୁଙ୍ଗ ହେବାର ସ୍ୱପ୍ନକୁ ଜିନପିଙ୍ଗ ପୂରଣ କରିସାରିଛନ୍ତି। ଏବେ ସେ ୨୦୪୯ ସୁଦ୍ଧା ଚୀନ୍‌କୁ ବିଶ୍ୱ ନେତା କରିବାକୁ ଚାହୁଁଛନ୍ତି। ଏ ଦିଗରେ ସେ ଆଗକୁ ବଢୁଛନ୍ତି। ଏ ପର୍ଯ୍ୟନ୍ତ ଆମେରିକାର ନିୟମରେ ବିଶ୍ୱ ଚାଲୁଛି, କିନ୍ତୁ ଚୀନ୍ ନିଜ ହିସାବରେ ବିଶ୍ୱକୁ ଚଲାଇବାକୁ ଚାହୁଁଛି। ଗତ ଦୁଇ ତିନି ବର୍ଷ ହେଲା ଆମେରିକା ଏବଂ ଏହାର ମିତ୍ର ରାଷ୍ଟ୍ରଙ୍କ ସହ ଚୀନ୍ ପ୍ରତିଦ୍ୱନ୍ଦ୍ୱିତା କରୁଛି। 'ଗ୍ଲୋବାଲ ସାଉଥ' ଦେଶକୁ ଏକାଠି କରି ଆମେରିକା ବିରୋଧୀ କରାଇବା ହେଉଛି ଜିନ୍‌ପିଙ୍ଗ ଲକ୍ଷ୍ୟ ବୋଲି ଆମେରିକାର ବରିଷ୍ଠ ସାମ୍ବାଦିକ ମାଇକେଲ ସୁମ୍ୟାନ କହିଛନ୍ତି।

ଏସିଆ ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ପ୍ରଭାବ ବଢ଼ାଇବା ଲାଗି ଆମେରିକା ଭାରତ ସହ ବନ୍ଧୁତାର ହାତ ବଢ଼ାଇ ଥିଲା। ଏବେ ଦୁଇ ଦେଶର ସମ୍ବନ୍ଧରେ ତିକ୍ତତା ଦେଖା ଦେଇଛି। ତେଣୁ ଏହି କ୍ଷେତ୍ରରେ ପ୍ରଭାବ ବଢ଼ାଇବା ଲାଗି ଚୀନ୍ ଭାରତର ନିକଟତର ହେବାରେ ଲାଗିଛି। ଏହି ଦେଶ ନିଜକୁ ଆମେରିକାଠାରୁ ଭରସାଯୋଗ୍ୟ ସହଯୋଗୀ ଭାବେ ଦେଖାଇବା ପାଇଁ ଚାହୁଁଛି। ଏହା ବ୍ୟତୀତ ଭାରତୀୟ ବଜାର ଉପରେ ଚୀନ୍‌ର ନଜର ରହିଛି। ଚୀନ୍ ପାଇଁ ଭାରତ ଏକ ବୃହତ ବଜାର। ଚୀନ୍‌ରେ ଉତ୍ପାଦନ ଏତେ ବଢ଼ି ଯାଇଛି ଯେ ଏହା ବିଦେଶକୁ ରପ୍ତାନୀ କରିବା ଜରୁରୀ ହୋଇ ପଡ଼ିଛି। ୨୦୨୪ରେ ଭାରତକୁ ଚୀନ୍ ୧୨୦ ବିଲିୟନ ଡଲାରର ସାମଗ୍ରୀ ରପ୍ତାନୀ କରିଥିଲା। ଏହାକୁ ଅଧିକ ବଢ଼ାଇବା ପାଇଁ ଚୀନ୍ ଚାହୁଁଛି। ବିଶେଷଜ୍ଞଙ୍କ ଅନୁଯାୟୀ ଦକ୍ଷିଣ-ପୂର୍ବ ଏସିଆ ଦେଶର ଅର୍ଥବ୍ୟବସ୍ଥା ପାଶ୍ଚାତ୍ୟ ଦେଶର ରପ୍ତାନୀ ଉପରେ ନିର୍ଭରଶୀଳ। ୟୁରୋପ ଏକ ବଡ଼ ବଜାର ହୋଇଥିଲେ ବି ଏଠାରେ ସୁଯୋଗ କମ୍ ରହିଛି। ଏଭଳି ସ୍ଥିତିରେ ଭାରତୀୟ ବଜାର ଚୀନ୍‌କୁ ଆକୃଷ୍ଟ କରୁଛି।

ଏସିଆରେ ଚୀନ୍‌ର ପ୍ରତିଦ୍ୱନ୍ଦ୍ୱି ହେଉଛି ଭାରତ। ମାନବ ସମ୍ବଳ ହେଉ କି ପ୍ରାକୃତିକ ସମ୍ପଦ ସବୁଥିରେ ଚୀନ୍‌କୁ ଭାରତ ଟକ୍କର ଦେଉଛି। ମାତ୍ର ଗଣତନ୍ତ୍ର ଯୋଗୁଁ ପାଶ୍ଚାତ୍ୟ ଦେଶ ଭାରତକୁ ପ୍ରାଧାନ୍ୟ ଦେଉଛନ୍ତି। ତେଣୁ ସୁପରପାୱାର ହେବା ଦିଗରେ ଭାରତ ସମସ୍ୟା ନ ହେଉ ବୋଲି ଚୀନ୍ ଚାହୁଁଛି। ସୁଚିନ୍ତିତ ରଣନୀତି ଆପଣାଇ ଚୀନ୍ ଭାରତର ନିକଟତର ହେଉଛି। କିନ୍ତୁ ପରବର୍ତ୍ତିତ ଭୂ-ରାଜନୈତିକ ସ୍ଥିତି ଯୋଗୁଁ ଭାରତ ଚୀନ୍ ସହ ସମ୍ପର୍କ ବଢ଼ାଉଛି। ଭାରତ ଏବଂ ଚୀନ୍‌ର ବିଶେଷଜ୍ଞ ମିଶି ଆମେରିକା ଉପରୁ ନିର୍ଭରଶୀଳତା କମ୍ କରିବା ପାଇଁ ବାଟ ବାହାର କରିପାରନ୍ତି। ତେବେ ଦୀର୍ଘ ଦିନ ପର୍ଯ୍ୟନ୍ତ ଚୀନ୍ ଉପରେ ନିର୍ଭର ରହିଲେ ଭାରତର ଘରୋଇ ଉତ୍ପାଦନ କ୍ଷମତା ହ୍ରାସ ପାଇପାରେ। ସେହିପରି ସତର୍କତାର ସହ ଚୀନ୍ ସହ କୂଟନୈତିକ ସମ୍ପର୍କ ରଖିବା ଉଚିତ ବୋଲି ଅବସରପ୍ରାପ୍ତ ଲେଫ୍ଟନାଣ୍ଟ ଜେନେରାଲ ରାଜ୍ ଶୁକ୍ଲା କହିଛନ୍ତି।

## ଅକ୍ଟୋବର ୯ରୁ ବଜେଟ୍ ପ୍ରକ୍ରିୟା ଆରମ୍ଭ

■ ନୂଆଦିଲ୍ଲୀ, ୨।୯ (ଏଜେନ୍ସି): ୨୦୨୬-୨୭ ଆର୍ଥିକବର୍ଷ ପାଇଁ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟ ଆସନ୍ତା ଅକ୍ଟୋବର ୯ରୁ ବଜେଟ୍ ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ କରିବ। ମଙ୍ଗଳବାର ସରକାରଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଭୂ-ରାଜନୈତିକ ଅନିଶ୍ଚିତତା ଏବଂ ଭାରତରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ଆମେରିକା ଦ୍ୱାରା ଲାଗୁ ହୋଇଥିବା ୫୦ ପ୍ରତିଶତର ଭାରୀ ଶୁଳ୍କକୁ ଦୃଷ୍ଟିରେ ରଖି ଆଗାମୀ ଆର୍ଥିକବର୍ଷର ବଜେଟ୍ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସରକାର ଆଗାମୀ ଆର୍ଥିକବର୍ଷର ବଜେଟ୍‌ରେ ଚାହିଦା ବୃଦ୍ଧି, ନିଯୁକ୍ତି ସୃଷ୍ଟି ଏବଂ ଅର୍ଥନୀତିକୁ ୮%ରୁ ଅଧିକ ଅଭିବୃଦ୍ଧି ହାର ପ୍ରଦାନ ଉପରେ ଧ୍ୟାନ ଦେବେ। ସରକାର ଆକଳନ କରିଛନ୍ତି ଯେ ୨୦୨୬-୨୭ ଆର୍ଥିକବର୍ଷରେ ଭାରତୀୟ ଅର୍ଥନୀତି ୬.୩-୬.୮% ମଧ୍ୟରେ ଅଭିବୃଦ୍ଧି ହାସଲ କରିବ। ଅର୍ଥନୈତିକ ବ୍ୟାପାର ବିଭାଗର ବଜେଟ୍ ସର୍କୁଲାର (୨୦୨୬-୨୭) ଅନୁଯାୟୀ, ସଚିବ (ବ୍ୟୟ)ଙ୍କ ଅଧ୍ୟକ୍ଷତାରେ ପ୍ରାକ୍-ବଜେଟ୍ ବୈଠକ ଅକ୍ଟୋବର ୯ରୁ ଆରମ୍ଭ ହେବ। ସରକାର ଚଳିତ ଆର୍ଥିକ ବର୍ଷର ବଜେଟ୍ ରେ ନାମମାତ୍ର ଆଧାରରେ ୧୦.୧ ପ୍ରତିଶତ ଅଭିବୃଦ୍ଧି ହାର ଆକଳନ କରିଛନ୍ତି। ଅନ୍ୟପକ୍ଷରେ, ଆର୍ଥିକ ନିଅଣ୍ଟ ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୪.୪ ପ୍ରତିଶତ ହେବ ବୋଲି ଆକଳନ କରାଯାଇଛି।

## ମରାଠା ସଂରକ୍ଷଣ; ଅନଶନ ଭାଙ୍ଗିଲେ ଜରାଙ୍ଗେ

● ଦାବି ପୂରଣ କରିବାକୁ ସରକାର ରାଜି

ମୁମ୍ବଇ, ୨।୯ (ଏଜେନ୍ସି): ମରାଠା ସଂରକ୍ଷଣ ପାଇଁ ଚାଲିଥିବା ଆନ୍ଦୋଳନ ସଫଳ ହୋଇଛି। ମରାଠା ନେତା ମନୋଜ ଜରାଙ୍ଗେ ପାଟିଲଙ୍କ ଦାବିକୁ ମହାରାଷ୍ଟ୍ର ସରକାର ମାନି ନେଇଛନ୍ତି। ହାଇଦରାବାଦ ରାଜପତ୍ରକୁ କାର୍ଯ୍ୟକାରୀ କରାଯିବ ବୋଲି କୁହାଯାଇଛି। ଏହି ରାଜପତ୍ରରେ ମରାଠାଙ୍କୁ କୁନବି ସମ୍ପ୍ରଦାୟର ବୋଲି କୁହାଯାଇଛି। ଏହା ସହିତ ସଂରକ୍ଷଣ ପାଇଁ ଆନ୍ଦୋଳନ କରୁଥିବା ବିକ୍ଷୋଭକାରୀଙ୍କ ଉପରୁ ମାମଲା ପ୍ରତ୍ୟାହାର କରିବାକୁ ଏବଂ ସପ୍ତାହେ ଭିତରେ ପ୍ରାଣ ହରାଇଥିବା ବିକ୍ଷୋଭକାରୀଙ୍କୁ ସହାୟତା ପ୍ରଦାନ ନେଇ ସରକାର ସହମତି ପ୍ରକାଶ କରିଛନ୍ତି। ଦାବି ପୂରଣ ହେବାରୁ ଜରାଙ୍ଗେ ନିଜର ପାଞ୍ଚ ଦିନିଆ ଆମରଣ ଅନଶନ ଭାଙ୍ଗିଛନ୍ତି। ମନ୍ତ୍ରୀ ରାଧାକୃଷ୍ଣ ଭିଖେପାଟିଲ ତାଙ୍କୁ ପାଣି ପିଆଇ ଅନଶନ ଶେଷ କରିଛନ୍ତି। ଆମେ ଜିତିଲୁ ବୋଲି କହିଛନ୍ତି। ଏହି ଦାବି ପୂରଣ ନେଇ ନିର୍ଦ୍ଦେଶ ଜାରି କରିବା ପରେ ରାତି ସୁଦ୍ଧା ବିକ୍ଷୋଭସ୍ଥଳ ଖାଲି କରିଦିଆଯିବ ବୋଲି ସେ ଉଲ୍ଲେଖ କରିଛନ୍ତି। ଏହା ପୂର୍ବରୁ ବମ୍ବେ ହାଇକୋର୍ଟ ଏହି ଆନ୍ଦୋଳନକୁ ନେଇ ରାଜ୍ୟ ସରକାରଙ୍କୁ ଭର୍ତ୍ସନା କରିଥିଲେ। ପଡ଼ିଆ ଖାଲି କରିବା ପାଇଁ କହିଥିଲେ।

## ଡାକ୍ତରଖାନାରେ ମୂଷା କାମୁଡିଲା; ନବଜାତକ ମୃତ

ଇନ୍ଦୋର, ୨।୯ (ଏଜେନ୍ସି): ମଧ୍ୟପ୍ରଦେଶ ଇନ୍ଦୋରର ଏମ ୱାଇ ସରକାରୀ ଡାକ୍ତରଖାନାରୁ ସ୍ୱାସ୍ଥ୍ୟସେବାର ବିକଳ ଚିତ୍ର ସାମ୍ନାକୁ ଆସିଛି। ଡାକ୍ତରଖାନାର ଶିଶୁ ୱାର୍ଡ ଏନଆଇସିୟୁରେ ମୂଷା ଆତଙ୍କ ସୃଷ୍ଟି କରିଛନ୍ତି। ଦୁଇ ନବଜାତକଙ୍କ ହାତ, ଆଙ୍ଗୁଠି ଏବଂ ମୁଣ୍ଡକୁ କାମୁଡି ରକ୍ତାକ୍ତ କରି ଭୟର ପରିବେଶ ସୃଷ୍ଟି କରିଛି। ଏହି ଶିଶୁଙ୍କ ମଧ୍ୟରେ ଜଣେ ମଙ୍ଗଳବାର ପ୍ରାଣ ହରାଇଛି। ଅନ୍ୟ ନବଜାତକର ସ୍ୱାସ୍ଥ୍ୟବସ୍ଥା ଗୁରୁତର ରହିଛି। ତାକୁ ଭେଣ୍ଟିଲେଟରରେ ରଖାଯାଇଛି। ୱାର୍ଡରେ ମୂଷା ବୁଲୁଥିବାର ଭିଡିଓ ଭାଇରାଲ ହେବାରେ ଲାଗିଛି। ଏହାକୁ ନେଇ ବିରୋଧୀ ସରକାରଙ୍କୁ ନିଶାଣ କରିଛନ୍ତି। ତେବେ ମୂଷା କାଟିବା ଯୋଗୁଁ ନବଜାତକର ମୃତ୍ୟୁ ହୋଇ ନଥିବା କହି ହସ୍ପିଟାଲ ପ୍ରଶାସନ ଦୋଷ ଝାଡ଼ିବାକୁ ପ୍ରୟାସ କରିଛନ୍ତି। ଅନ୍ୟପଟେ ପ୍ରଶାସନ ଏହି ମାମଲାର ତଦନ୍ତ ନିର୍ଦ୍ଦେଶ ଦେଇଛି। ସୂଚନା ଅନୁଯାୟୀ ହସ୍ପିଟାଲରେ ମୂଷା ଉତ୍ପାତ କରୁଛନ୍ତି। କିଛି ଦିନ ହେଲା ଏନଆଇସିୟୁରେ ଏକ ବଡ଼ ମୂଷାକୁ ଦେଖିବାକୁ ମିଳୁଛି। ଏହାକୁ ଦେଖି କର୍ମଚାରୀ ମଧ୍ୟ ଡରି ଯାଉଛନ୍ତି। ଏହି ମୂଷା କାମୁଡା ମାମଲାରେ ଦୁଇ ନର୍ସିଁ ଅଧିକାରୀଙ୍କୁ ନିଲମ୍ବନ କରିଦିଆଯାଇଛି।

## ସୁଦାନରେ ଭୂସ୍ଖଳନ; ୧୦୦୦ ମୃତ



ମାଟିରେ ମିଶିଗଲା ଗାଁ; ଜଣେ ମାତ୍ର ଜୀବିତ

ଖାର୍ତୁମ, ୨।୯ (ଏଜେନ୍ସି): ସୁଦାନର ପଶ୍ଚିମ ଦରାଫୁର କ୍ଷେତ୍ରର ମରା ପାର୍ବତ୍ୟାଞ୍ଚଳରେ ସୋମବାର ବିଳମ୍ବିତ ରାତିରେ ବଡ଼ଧରଣର ଭୂସ୍ଖଳନ ହୋଇଛି। ପ୍ରବଳ ବର୍ଷା ପରେ ହୋଇଥିବା ଏହି ପ୍ରାକୃତିକ ବିପର୍ଯ୍ୟୟରେ ତାରାସିନ ଗାଁ ମାଟିରେ ମିଶିଯାଇଛି। ଏଥିରେ ହଜାରରୁ ଅଧିକ ଲୋକଙ୍କ ଜୀବନ ଯାଇଛି। ସୌଭାଗ୍ୟବଶତଃ କେବଳ ଜଣେ ବ୍ୟକ୍ତିଙ୍କ ଜୀବନ ବଞ୍ଚି ଯାଇଛି। ସୁଦାନ ଲିବରେସନ ଆର୍ମି (ଏସଏଲଏମ/ଏ) ପକ୍ଷରୁ ଏହି ସୂଚନା ଦିଆଯାଇଛି। ଉଦ୍ଧାରକାର୍ଯ୍ୟରେ ସହଯୋଗ ପାଇଁ ଜାତିସଂଘ ଏବଂ ଅନ୍ୟ ଅନ୍ତର୍ଜାତୀୟ ଏଜେନ୍ସିଙ୍କୁ ଏସଏଲଏମ ସହାୟତା ମାଗିଛି। ସୂଚନା ଅନୁଯାୟୀ ଉତ୍ତର ଦରାଫୁର କ୍ଷେତ୍ରରେ ସେନା ଏବଂ ଅର୍ଦ୍ଧସାମରିକ ବାହିନୀ ର୍ୟାପିଡ ଆକ୍ସନ ଫୋର୍ସ ମଧ୍ୟରେ ଦୁଇ ବର୍ଷ ହେଲା ଗୃହଯୁଦ୍ଧ ଚାଲିଛି। ଲୋକେ ନିଜ ଜୀବନ ବଞ୍ଚାଇବା ପାଇଁ ମରା ପର୍ବତରେ ଶରଣ ନେଇଛନ୍ତି। ବିନା ଖାଦ୍ୟ ଏବଂ ଔଷଧରେ ବଞ୍ଚିବା ପାଇଁ ଲୋକେ ସଂଘର୍ଷ କରୁଛନ୍ତି।

## ଆଫଗାନିସ୍ତାନ ଭୂକମ୍ପ: ମୃତ୍ୟୁସଂଖ୍ୟା ୧୪୦୦ ଟପିଲା

କାବୁଲ, ୨।୯ (ଏଜେନ୍ସି): ଆଫଗାନିସ୍ତାନରେ ଆସିଥିବା ୬.୩ ତୀବ୍ରତାର ପ୍ରଳୟଙ୍କାରୀ ଭୂକମ୍ପ ଜନିତ ମୃତ୍ୟୁସଂଖ୍ୟା କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ଏହି ସଂଖ୍ୟା ୧୪୧୧ରେ ପହଞ୍ଚି ଯାଇଛି। ୩୫୦୦ରୁ ଅଧିକ ଆହତ ହୋଇଛନ୍ତି। ହଜାର ହଜାର ଲୋକ ଏବେ ବି ନିଖୋଜ ଅଛନ୍ତି। ଅବଶେଷ ତଳୁ ଜୀବନ ଖୋଜା ଚାଲିଛି। ତେଣୁ ଆଗାମୀ ଦିନରେ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବ ବୋଲି ଅଧିକାରୀମାନେ କହିଛନ୍ତି। ସ୍ଥାନୀୟ ଲୋକଙ୍କ ସହୟତାରେ ବିଭିନ୍ନ ଏଜେନ୍ସି ଉଦ୍ଧାରକାର୍ଯ୍ୟ ଜାରି ରଖିଛନ୍ତି। ଭୂକମ୍ପ ଯୋଗୁଁ ଅନେକ ସ୍ଥାନରେ ଭୂସ୍ଖଳନ ହୋଇଛି। ରାସ୍ତାଘାଟ ବନ୍ଦ ରହିଛି। ଏଥିପାଇଁ ଉଦ୍ଧାରକାର୍ଯ୍ୟ ପ୍ରଭାବିତ ହେଉଛି। ଏହି ସବୁ ରାସ୍ତା ଖୋଲିବା ପାଇଁ ଉଦ୍ଧାରକାରୀ ଦଳ ପ୍ରୟାସ କରୁଛନ୍ତି। ଅଞ୍ଚଳରେ ୮ ହଜାରରୁ ଅଧିକ ଘର ଧ୍ୱଂସ ହୋଇଯାଇଛି ବୋଲି 'ଆଫଗାନ ରେଡ୍ କ୍ରିସେଣ୍ଟ ସୋସାଇଟି' ପକ୍ଷରୁ କୁହାଯାଇଛି। ମାଟି, କାଠ ଏବଂ ଇଟାରେ ଘରଗୁଡିକ ନିର୍ମାଣ ହୋଇଥିବାରୁ ଭୂକମ୍ପ ଝଟ୍‌କାରେ ସବୁ ତାସ୍ ପତା ଭଳି ଭୁଶୁଡ଼ି ଯାଇଥିଲା ବୋଲି କୁହାଯାଉଛି। ୬.୩ ଭୂକମ୍ପପରେ ଆହୁରି ଅନେକ ଥର ମୃଦୁ ଭୂକମ୍ପ ଆସିଥିଲା। ଏହା ସ୍ଥିତିକୁ ଅଧିକ ଗମ୍ଭୀର କରିଦେଇଥିଲା। ମଙ୍ଗଳବାର ସକାଳେ ମଧ୍ୟ ୫.୨ ତୀବ୍ରତାର ଭୂକମ୍ପ ହୋଇଛି।

ଏହି ଭୂକମ୍ପ କୁନାର ପ୍ରଦେଶରେ ସର୍ବାଧିକ କ୍ଷତି ଘଟାଇଛି। ନଦୀ କୂଳିଆ ଏବଂ ପାହାଡ଼ିଆ ଅଞ୍ଚଳରେ ରହୁଥିବା ଅନେକ ଲୋକ ପ୍ରାଣ ହରାଇଛନ୍ତି। ହଜାର ହଜାର ଲୋକ ଅବେଶଷ ତଳେ ଫସି ରହିଥିବା ସୂଚନା ମିଳିଛି। କୁନାର ଗ୍ରାମରେ ଉଦ୍ଧାରକାର୍ଯ୍ୟ ଜାରି ରହିଛି। ଆହୁରି ଅଧିକ ଦୂରାନ୍ତ ଅଞ୍ଚଳରେ ପହଞ୍ଚିବାକୁ ପ୍ରୟାସ କରାଯାଉଛି। ଆହତଙ୍କୁ ହେଲିକପ୍ଟରରେ ମେଡିକାଲ ନିଆଯାଉଛି ବୋଲି ବିପର୍ଯ୍ୟୟ ପ୍ରଶମନ ବିଭାଗର ପ୍ରାଦେଶିକ ମୁଖ୍ୟ ଇସାନୁଲ୍ଲାହ ଏହସାନ କହିଛନ୍ତି।

## "ବ୍ୟକ୍ତିଗତ ଲାଭ ପାଇଁ ଭାରତ ସହ ସମ୍ପର୍କ ଖରାପ କରୁଛନ୍ତି ଟ୍ରମ୍ପ"

ଏସ୍‌ସିଓ ବୈଠକ କେବଳ ପ୍ରହସନ: ଆମେରିକା ଅର୍ଥମନ୍ତ୍ରୀ

ୱାସିଂଟନ, ୨।୯ (ଏଜେନ୍ସି): ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦେଶ ଅପେକ୍ଷା ବ୍ୟକ୍ତିଗତ ସ୍ୱାର୍ଥକୁ ଦେଖୁଛନ୍ତି ବୋଲି ଆମେରିକାର ପୂର୍ବତନ ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନଏସଏ) ଜ୍ୟାକ୍ ସୁଲିଭାନ୍ ଅଭିଯୋଗ କରିଛନ୍ତି। ଏକ ସାକ୍ଷାତକାର ସେ କହିଛନ୍ତି ଯେ ପାକିସ୍ତାନ ସହିତ ପାରିବାରିକ ବ୍ୟବସାୟ ପାଇଁ ଟ୍ରମ୍ପ ଭାରତ ସହିତ ଆମେରିକାର ସମ୍ପର୍କକୁ ନଷ୍ଟ କରିଛନ୍ତି। ଏହାର ଫଳ ସମଗ୍ର ଦେଶକୁ ଭୋଗିବାକୁ ପଡିବ। ବ୍ୟକ୍ତିଗତ ଲାଭ ପାଇଁ ଟ୍ରମ୍ପ ଭାରତ-ପାକିସ୍ତାନ ବିବାଦ ବନ୍ଦ କରିବାକୁ ଦାବି କରିଛନ୍ତି। ଟ୍ରମ୍ପଙ୍କ ବୈଦେଶିକ ନୀତିର ଏହି ପ୍ରସଙ୍ଗକୁ ଏ ପର୍ଯ୍ୟନ୍ତ ଉତ୍ଥାପନ କରାଯାଇନାହିଁ। ସେ ବିଦେଶ ନୀତିରୁ ବିଚ୍ୟୁତ ହୋଇ ପାକିସ୍ତାନ ସେନା ମୁଖ୍ୟ ଅସୀମ ମୁନିରଙ୍କୁ ଖୁସି କରିବାକୁ ଚେଷ୍ଟା କରୁଛନ୍ତି। କିନ୍ତୁ ଆମେରିକା ସବୁବେଳେ ଭାରତ ସହିତ ଭଲ ସମ୍ପର୍କ ରଖିବାକୁ ଚାହୁଁଛି। ଏହା ଦ୍ୱାରା ଦେଶର ଲାଭ ହେବ। ଅନ୍ୟପକ୍ଷରେ ଟ୍ରମ୍ପଙ୍କ ବାଣିଜ୍ୟ ପରାମର୍ଶଦାତା ପିଟର ନଭାରୋ କହିଛନ୍ତି ଯେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଏବଂ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁତିନଙ୍କ ସହ ମୋଦୀ ଛିଡ଼ା ହେବା ଲଜ୍ଜାଜନକ। ରୁଷ୍ ବଦଳରେ ସେ ଆମେରିକାର ସାଥିରେ ଛିଡ଼ା ହେବା ଉଚିତ। ଆମେରିକା ଅର୍ଥମନ୍ତ୍ରୀ ସ୍କଟ୍ ବେସେଣ୍ଟ କହିଛନ୍ତି ଯେ ଭାରତର ତୈଳ କ୍ରୟ ଦ୍ୱାରା ରୁଷ୍‌ର ଯୁଦ୍ଧ ମେସିନକୁ ଶକ୍ତି ମିଳୁଛି। ସେ ଭାରତକୁ ଖରାପ ଖେଳାଳି ମାନ୍ୟତା ଦେଇଛନ୍ତି। ଏସ୍‌ସିଓ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ପ୍ରାଧାନ୍ୟକୁ ସେ ପ୍ରହସନ କହିଛନ୍ତି।

## ଚାଷୀଙ୍କ ଜମି କିଣିଲେ ଶାହାରୁଖଙ୍କ ଝିଅ ସୁହାନା

■ ବିନା ଅନୁମତିରେ କିଣିଥିବା ଅଭିଯୋଗ
■ ତହସିଲଦାରଙ୍କୁ ରିପୋର୍ଟ ମାଗିଲା ମୁମ୍ବଇ ପୁଲିସ

ମୁମ୍ବଇ, ୨।୯ (ଏଜେନ୍ସି): ବଲିଉଡ ଅଭିନେତା ଶାହାରୁଖ ଖାନଙ୍କ ଝିଅ ସୁହାନା ଚାଷୀଙ୍କଠାରୁ ଜମି କିଣିବା ମାମଲାରେ ଫସିଛନ୍ତି। ଏହି ମାମଲା ଅଲିବାଗ ଅନ୍ତର୍ଗତ ଥଲ ଗ୍ରାମର ଘଟଣା। ଏଠାରେ ଚାଷ ପାଇଁ ଚାଷୀଙ୍କୁ ସରକାର ଜମି ପ୍ରଦାନ କରିଥିଲେ। କିନ୍ତୁ ସୁହାନା ବିନା ଅନୁମତିରେ ଏହି ଜମି କିଣି ନେଇଛନ୍ତି। ଏଥିପାଇଁ ଆବଶ୍ୟକୀୟ ଆଇନଗତ ପ୍ରକ୍ରିୟା ପାଳନ କରିନାହାନ୍ତି। ସୁହାନା ପ୍ରାୟ ୧୨.୯୧ କୋଟି ଟଙ୍କା ଦେଇ ଏହି ଜମି କିଣିଥିଲେ। ସେ ମୁମ୍ବଇର କଫ ପରେଡରେ ରହୁଥିବା ଖୋଟେ ପରିବାର ସହ କାରବାର କରିଥିଲେ। ୭୭.୪୬ ଲକ୍ଷର ଷ୍ଟାମ୍ପ ଶୁଳ୍କ ବି ଦେଇଥିଲେ। ୨୦୨୩ ମେ' ୩୦ରେ ଷ୍ଟାଣ୍ଡାର୍ଡ ଚାର୍ଟାର୍ଡ ବ୍ୟାଙ୍କ ମାଧ୍ୟମରେ ଏହି ଦେଣନେଣ ହୋଇଥିଲା। ଏବେ ମୁମ୍ବଇ ପୁଲିସର ରେସିଡେଣ୍ଟ ଡେପୁଟି କମିଶନର ଏହି ଚୁକ୍ତିର ଯାଞ୍ଚ ପାଇଁ ଅଲିବାଗ ତହସିଲଦାରଙ୍କୁ ରିପୋର୍ଟ ମାଗିଛନ୍ତି।

ମହାରାଷ୍ଟ୍ରର ନିୟମ ଅନୁଯାୟୀ ଜଣେ କୃଷକ କିମ୍ବା ପୂର୍ବରୁ ଚାଷ ଜମି ଥିବା ବ୍ୟକ୍ତି ହିଁ ଏଭଳି ଜମି କିଣିପାରିବ। ଯଦି ସରକାର କୌଣସି ଜମି କେବଳ ଚାଷ କାର୍ଯ୍ୟ ପାଇଁ ଚାଷୀ ପରିବାରକୁ ଦେଇଛନ୍ତି ତେବେ ସେ ସିଧାସଳଖ ଏହାକୁ ବିକିପାରିବେ ନାହିଁ। ଏଥିପାଇଁ ଜିଲ୍ଲାପାଳଙ୍କ ମଞ୍ଜୁରୀ ନେବା ଜରୁରୀ। କ୍ରେତା ଏବଂ ବିକ୍ରେତା ଉଭୟଙ୍କୁ ତହସିଲଦାର ଓ ଜିଲ୍ଲାପାଳଙ୍କଠାରୁ ଏନ୍‌ଓସି ନେବାକୁ ପଡ଼ିବ। କିନ୍ତୁ ଏହି ମାମଲାରେ ସୁହାନା କୌଣସି ପ୍ରକ୍ରିୟା ପାଳନ କରି ନ ଥିଲେ।

## ଜିନପିଙ୍ଗଙ୍କୁ ଭେଟିଲେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଓ ସେନାମୁଖ୍ୟ

ବେଜିଂ, ୨।୯ (ଏଜେନ୍ସି): ଏସ୍‌ସିଓ ବୈଠକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସ୍ୱାଗତ କରିଥିବା ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ ଦୋମୁହାଁ ନୀତି ସାମ୍ନାକୁ ଆସିଛି। ଏସ୍‌ସିଓ ବୈଠକରେ ଦିନକ ପରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ଏବଂ ସେନାମୁଖ୍ୟ ଫିଲ୍ଡ ମାର୍ଶାଲ ଅସୀମ ମୁନୀର ଆଜି ଚୀନ୍ ରାଷ୍ଟ୍ରପତିଙ୍କୁ ଭେଟିଛନ୍ତି। ଏହି ସମୟରେ ଉଭୟ ପକ୍ଷ ଦ୍ୱିପାକ୍ଷିକ ସମ୍ପର୍କ ଏବଂ ଆଞ୍ଚଳିକ ସହଯୋଗ ଉପରେ ବ୍ୟାପକ ଆଲୋଚନା କରିଥିଲେ। ଚୀନ୍-ପାକିସ୍ତାନ ସମ୍ପର୍କର ଜିନପିଙ୍ଗ ଗୁରୁତ୍ୱାରୋପ କରିଥିଲେ। ଏକବିଂଶ ଶତାବ୍ଦୀରେ ବିଶ୍ୱରେ ଦ୍ରୁତ ପରିବର୍ତ୍ତନ ହେଉଥିବାବେଳେ ଦୁଇ ଦେଶ ନାଗରିକଙ୍କ ପାଇଁ ବ୍ୟାପକ ମଡେଲ ପ୍ରସ୍ତୁତ କରିବା ନିମନ୍ତେ କହିଥିଲେ। ଚୀନ୍-ପାକିସ୍ତାନ ଅର୍ଥନୈତିକ କରିଡର ଏବଂ ମୁକ୍ତ ବାଣିଜ୍ୟ ଚୁକ୍ତିରେ କାମ କରିବାକୁ ଚୀନ୍ ଆଗ୍ରହୀ ଥିବା କହିଥିଲେ। ଚୀନ୍ ଶ୍ରମିକ, ପ୍ରକଳ୍ପ ଏବଂ ପ୍ରତିଷ୍ଠାନଗୁଡ଼ିକର ସୁରକ୍ଷା ସୁନିଶ୍ଚିତ କରିବାକୁ ପାକିସ୍ତାନକୁ ଜିନପିଙ୍ଗ ଅନୁରୋଧ କରିଥିଲେ।

## ରାଷ୍ଟ୍ରପତିଙ୍କ ମାମଲାରେ ସମ୍ବିଧାନର ବାଖ୍ୟା କରିବେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୨।୯ (ଏଜେନ୍ସି): କେବଳ ରାଷ୍ଟ୍ରପତିଙ୍କ ମାମଲାରେ ସମ୍ବିଧାନର ବାଖ୍ୟା କରାଯିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ତେବେ କୌଣସି ରାଜ୍ୟ କିମ୍ବା ବ୍ୟକ୍ତିଙ୍କ ସମ୍ବନ୍ଧି ମାମଲାରେ ଏଭଳି କରାଯିବ ନାହିଁ ବୋଲି ସ୍ପଷ୍ଟ କରିଦେଇଛନ୍ତି। ରାଜ୍ୟ ସରକାରଙ୍କ ଦ୍ୱାରା ପାରିତ ବିଲ୍ ଉପରେ ରାଜ୍ୟପାଳ ଏବଂ ରାଷ୍ଟ୍ରପତିଙ୍କ ଅନୁମୋଦନ ପାଇଁ ସମୟସୀମା ଧାର୍ଯ୍ୟ ମାମଲାର ଶୁଣାଣି କରି ମଙ୍ଗଳବାର ଭାରତର ପ୍ରଧାନ ବିଚାରପତିଙ୍କ ନେତୃତ୍ୱାଧୀନ ସମ୍ବିଧାନ ଖଣ୍ଡପୀଠ ଏହି ଟିପ୍ପଣୀ ଦେଇଛନ୍ତି। ଶୁଣାଣି ସମୟରେ ସଲିସିଟର ଜେନେରାଲ ତୁଷାର ମେହେଟା କହିଥିଲେ ଯେ ଯଦି ବରିଷ୍ଠ ଓକିଲ ଅଭିଷେକ ମନୁ ସିଂଘଭୀ ଆନ୍ଧ୍ର ପ୍ରଦେଶ, ତେଲଙ୍ଗାନା କିମ୍ବା କର୍ଣ୍ଣାଟକ ଭଳି ରାଜ୍ୟର ଉଦାହରଣ ଦେବେ ତେବେ କେନ୍ଦ୍ରକୁ ମଧ୍ୟ ଜବାବ ଦାଖଲ କରିବାକୁ ହେବ। ଏହାକୁ ନେଇ ଖଣ୍ଡପୀଠ କହିଥିଲେ ଯେ ଅଲଗା ଅଲଗା ରାଜ୍ୟ ମାମଲାରେ ଚର୍ଚ୍ଚା କରାଯିବ ନାହିଁ। କେବଳ ସମ୍ବିଧାନର ଧାରା ଉପରେ ବିଚାର କରାଯିବ। ଏହା ପୂର୍ବରୁ ମେ' ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୁପ୍ରିମକୋର୍ଟଙ୍କୁ ଚିଠି ଲେଖି ସମୟସୀମା ଧାର୍ଯ୍ୟ କରିବା ପ୍ରସଙ୍ଗରେ ପରାମର୍ଶ ମାଗିଥିଲେ।

## ବାସନକୁସନରେ ବନ୍ୟା ଜଳ ଭର୍ତ୍ତିକରି ରଖ: ପାକ୍ ମନ୍ତ୍ରୀ

ବନ୍ୟା ବରଦାନ

ଇସଲାମାବାଦ,୨।୯ (ଏଜେନ୍ସି): ପାକିସ୍ତାନରେ ପଞ୍ଜାବ ପ୍ରଦେଶରେ ଭୟଙ୍କର ବନ୍ୟା ଆସିଛି। ଏଥିରେ ୯୦୦ରୁ ଅଧିକ ଲୋକଙ୍କ ଜୀବନ ଗଲାଣି। ଏପରି ସମୟରେ ବନ୍ୟାର ମୁକାବିଲା ପାଇଁ ଦେଶର ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ ଅଜବ ପରାମର୍ଶ ଦେଇ ଚର୍ଚ୍ଚାରେ ଅଛନ୍ତି। ସେ ବନ୍ୟାକୁ ବରଦାନ ଭାବେ ଦେଖିବା ପାଇଁ ଲୋକଙ୍କୁ କହିଛନ୍ତି। ବନ୍ୟା ଜଳକୁ ଡ୍ରେନରେ ଛାଡ଼ିବା ପରିବର୍ତ୍ତେ ତାହାକୁ ଟ୍ୟୁବ୍ସ, ବାସନକୁସନ ଆଦିରେ ସଂଗ୍ରହ କରି ରଖିବାକୁ ତଳିଆ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କୁ ପରାମର୍ଶ ଦେଇଛନ୍ତି। ଏହାକୁ ଆଶୀର୍ବାଦ ଭାବି ଠୁଳ କରିବା ଆବଶ୍ୟକ ବୋଲି ବନ୍ୟାକୁ ନେଇ ବିକ୍ଷୋଭ କରୁଥିବା ଲୋକଙ୍କୁ କହିଛନ୍ତି। ଏହା ସହିତ ଆସିଫ ସାକ୍ଷତକାରରେ ପରାମର୍ଶ ଦେଇଛନ୍ତି ଯେ ବଡ଼ ଡ୍ୟାମ୍ ନିର୍ମାଣ ପାଇଁ ଅପେକ୍ଷା କରିବା ପରିବର୍ତ୍ତେ ଦ୍ରୁତ ବେଗରେ କ୍ଷୁଦ୍ର ବନ୍ଧ ନିର୍ମାଣ କରିବା ଉଚିତ। ଏହା ଦ୍ୱାରା ବନ୍ୟା ସ୍ଥିତିରୁ ମୁକ୍ତି ମିଳିବ।

## ୭ରେ ରାହୁଗ୍ରସ୍ତ ଖଣ୍ଡଗ୍ରାସ ଚନ୍ଦ୍ରଗ୍ରହଣ

### ମଧ୍ୟାହ୍ନ ୧୨ଟା ୫୭ରୁ ପାକତ୍ୟାଗ

ପୁରୀ, ୨।୯ (ସମିସ): ଆସନ୍ତା ୭ ତାରିଖ ଭାଦ୍ରବ ଶୁକ୍ଳ ପୂର୍ଣ୍ଣିମାରେ ସଂଗଠିତ ହେବ ରାହୁଗ୍ରସ୍ତ ଖଣ୍ଡଗ୍ରାସ ଚନ୍ଦ୍ରଗ୍ରହଣ। ଏହା ଭାରତରେ ଦୃଶ୍ୟମାନ ହେବ। ରବିବାର ରାତି ୯ଟା ୫୮ ମିନିଟ୍‌ରେ ଗ୍ରହଣ ସ୍ପର୍ଶ ହୋଇ ରାତି ୧ଟା ୨୬ରେ ସର୍ବମୋକ୍ଷ ହେବ। ଗ୍ରହଣ ସ୍ପର୍ଶ ହେଉଥିବାରୁ ମଧ୍ୟାହ୍ନ ୧୨ଟା ୫୭ ମିନିଟ୍‌ରୁ ଅନ୍ନଭୋଜନ ଓ ଦେବନୀତି ନିଷେଧ ରହିବ। ବାଳକ, ବୃଦ୍ଧ, ରୋଗୀମାନଙ୍କ ପକ୍ଷେ ନିୟମ ଲଂଘନୀୟ। ତେଣୁ ମଧ୍ୟାହ୍ନ ୧୨ଟା ୫୭ ମିନିଟ୍ ପୂର୍ବରୁ ଦେବନୀତି ଶେଷ କରିବାକୁ ପଡ଼ିବ। ସର୍ବମୋକ୍ଷ ପରେ ସ୍ନାନପୂର୍ବକ ଦବନୀତି ଓ ଅନ୍ନଭୋଜନ କରାଯାଇପାରିବ। ଚନ୍ଦ୍ରଗ୍ରହଣ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ନୀତିନିର୍ଘଣ୍ଟ କରାଯାଇଛି। ମଙ୍ଗଳବାର ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଛତିଶା ନିଯୋଗ ବୈଠକରେ ଏନେଇ ବିସ୍ତୃତ ଆଲୋଚନା କରାଯାଇ ନୀତିକାନ୍ତିକୁ ଅନୁମୋଦନ ମିଳିଛି। ଉକ୍ତ ଦିନ ଶ୍ରୀମନ୍ଦିରରେ ବିଶେଷ ନୀତି ଇନ୍ଦ୍ର ଗୋବିନ୍ଦ ବନ୍ଦାପନା ଓ ଇନ୍ଦ୍ର ହାତୀ ପ୍ରସ୍ତାବ ନୀତି ରହିଥିବାରୁ ନୀତିକୁ ତ୍ୱରାନ୍ୱିତ କରିବା ଉପରେ ବିଶେଷ ଆଲୋଚନା ହୋଇଛି। ଗ୍ରହଣ ସ୍ପର୍ଶ ପରେ ଶ୍ରୀମନ୍ଦିରରେ ଗ୍ରହଣ ମହାସ୍ନାନ ଓ ଗ୍ରହଣ ଭୋଗ ନୀତି ସରି ଅନ୍ୟାନ୍ୟ ନୀତି କରାଯିବ।



ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗ୍ରହଣ ପାଇଁ ହୋଇଥିବା ସ୍ୱତନ୍ତ୍ର ନୀତି ଅନୁଯାୟୀ, ୭ ତାରିଖ ପୂର୍ବ ରାତି ୨ଟାରୁ ଦ୍ୱାର ଫିଟାଯିବ। ୨ଟା ୪୦ରେ ମଙ୍ଗଳଆଳତି ବଢ଼ି ଅନ୍ୟାନ୍ୟ ନୀତିକାନ୍ତି ଚାଲିବ। ମଧ୍ୟାହ୍ନ ୧୨ଟା ୩୦ ସୁଦ୍ଧା ଇନ୍ଦ୍ରଗୋବିନ୍ଦ ବନ୍ଦାପନା ନୀତି ଶେଷ କରି ମହାପ୍ରଭୁ ବାହୁଡ଼ା ବିଜେ କରିବା ନେଇ ସ୍ଥିର ହୋଇଛି। ଗ୍ରହଣ ସ୍ପର୍ଶ ପରେ ଗ୍ରହଣ ମହାସ୍ନାନ କରାଯାଇ ଅନ୍ୟାନ୍ୟ ନୀତି କରାଯିବ। ବୈଠକରେ ଏସ୍‌ପି ପ୍ରତୀକ ସିଂଙ୍କ ସମେତ ଛତିଶା ନିଯୋଗର କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ୬ ତାରିଖରେ ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଶୁଣାଣି

# ଚଳିତ ସପ୍ତାହରେ ପ୍ରଥମ ବୈଠକ

ଭୁବନେଶ୍ୱର, ୨।୯ (ସମିସ): ଚଳିତ ସପ୍ତାହରେ ଛତିଶଗଡ଼ ସହ ଜଳସମ୍ପଦ ବିଭାଗର ପ୍ରଥମ ଯନ୍ତ୍ରୀସ୍ତରୀୟ ବୈଠକ ଅନୁଷ୍ଠିତ ହେବ। ଏଥିପାଇଁ ବିଭାଗ ପକ୍ଷରୁ ଜୋରଦାର ପ୍ରସ୍ତୁତି କରାଯାଉଛି। ବିଭାଗୀୟ ସୂତ୍ରରୁ ମିଳିଥିବା ସୂଚନା ଛତିଶଗଡ଼ ସହ ହେବାକୁ ଥିବା ବୈଠକ ପାଇଁ ଉଚ୍ଚସ୍ତରୀୟ ବୈଷୟିକ କମିଟି ଗଠନ କରାଯାଇଛି। କମିଟିରେ ସର୍ବୋଚ୍ଚ ଯନ୍ତ୍ରୀ (ପ୍ଲାନିଂ ଓ ଡିଜାଇନ), ସର୍ବୋଚ୍ଚ ଯନ୍ତ୍ରୀ(ସ୍କିମ ଓ ମନିଟରିଂ)ଙ୍କ ପରି ବରିଷ୍ଠ ଅଧିକାରୀ ସ୍ଥାନ ପାଇଛନ୍ତି। ଛତିଶଗଡ଼ ସହ ବୈଠକ ବେଳେ କେଉଁ କେଉଁ ପ୍ରସଙ୍ଗ ଉତ୍ଥାପନ କରାଯିବ, ସେ ସଂକ୍ରାନ୍ତରେ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଛି।

ସୂଚନା ଅନୁଯାୟୀ, ଅନୁଷ୍ଠିତ ହେବାକୁ ଥିବା ସାପ୍ତାହିକ ବୈଠକରେ ବୈଷୟିକ କମିଟିଗୁଡ଼ିକ ମହାନଦୀ ଜଳ ବଣ୍ଟନ ଉପରେ ଦୃଢ଼ ସମନ୍ୱୟ ପାଇଁ ସଂସ୍ଥାଗତ ଢାଞ୍ଚା ସୃଷ୍ଟି କରିବା ବିଷୟରେ ମଧ୍ୟ ଆଲୋଚନା କରିବେ। ବିଶେଷକରି କେଉଁ କେଉଁ ପ୍ରସଙ୍ଗ ନେଇ ଉଭୟ ରାଜ୍ୟ ମଧ୍ୟରେ ସହମତି ପ୍ରକାଶ ପାଇ ପାରୁନାହିଁ, ସେନେଇ ଉଭୟ ରାଜ୍ୟର

**ଜଳସମ୍ପଦ ବିଭାଗ ଗଠନ କଲା ବୈଷୟିକ କମିଟି**

**ଛତିଶଗଡ଼ର ଆଭିମୁଖ୍ୟକୁ ନେଇ ସନ୍ଦେହରେ ବିଶେଷଜ୍ଞ**

ବରିଷ୍ଠ ଜଳସମ୍ପଦ ଅଧିକାରୀ ଆଲୋଚନା କରିବାକୁ ଯାଉଛନ୍ତି। ଏଥିପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ ଗଠିତ କମିଟି ନିଜର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ଏନେଇ ସର୍ବୋଚ୍ଚ ଯନ୍ତ୍ରୀସ୍ତରରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ପ୍ରଥମ ବୈଠକରେ କେଉଁ କେଉଁ ପ୍ରସଙ୍ଗ ଆଲୋଚିତ ହେବ, ସେନେଇ ବିସ୍ତୃତ ଆଲୋଚନା କରାଯାଇଛି।

ଚଳିତ ମାସରେ ସର୍ବୋଚ୍ଚ ଯନ୍ତ୍ରୀସ୍ତରରେ ୪ଟି ବୈଠକ ଅନୁଷ୍ଠିତ ହେବା ପରେ ଅକ୍ଟୋବରରେ ଉଭୟ ରାଜ୍ୟର ଜଳସମ୍ପଦ ସଚିବଙ୍କ ସହିତ ମୁଖ୍ୟ ସଚିବସ୍ତରରେ ଏକ ବୈଠକ ଆୟୋଜନ କରାଯିବ। ତେବେ ଏହି ପ୍ରସଙ୍ଗର ଆପୋସ ବୁଝାମଣା ଉଦ୍ୟମ ଯେ ଫଳପ୍ରଦ ହେବ, ସେନେଇ କେତେକ ଜଳ ବିଶେଷଜ୍ଞ ଏବେ ମଧ୍ୟ ସନ୍ଦେହ ଘେରରେ ଅଛନ୍ତି। ଅତୀତରେ ଟ୍ରିବ୍ୟୁନାଲରେ ଏକାଧିକ ଶୁଣାଣି ସମୟରେ ଛତିଶଗଡ଼ ଆବଶ୍ୟକୀୟ ସହଯୋଗ କରୁ ନ ଥିବା ଏବଂ ଶୁଣାଣି ପ୍ରକ୍ରିୟାକୁ ଜାଣିଶୁଣି ବିଳମ୍ବିତ କରୁଥିବା ନଜିର୍ ରହିଛି। ତେଣୁ ସର୍ବୋଚ୍ଚ ଯନ୍ତ୍ରୀସ୍ତରୀୟ ବୈଠକ, ମୁଖ୍ୟ ସଚିବ ସ୍ତରୀୟ ବୈଠକରେ ଯେ ଛତିଶଗଡ଼ ଓଡ଼ିଶାର ନ୍ୟାଯ୍ୟ ଦାବିଗୁଡ଼ିକୁ ସହଜରେ ମାନି ନେବ, ସେନେଇ ଜଳବିଶେଷଜ୍ଞ ଏବେ ମଧ୍ୟ ଭରସି ପାରୁନାହାନ୍ତି।

ଏହା ସତ୍ତ୍ୱେ ଉଭୟ ରାଜ୍ୟ ମଧ୍ୟରେ ଆଲୋଚନାକୁ ମହାନଦୀ ବଞ୍ଚାଅ ଆନ୍ଦୋଳନ ଓ ମହାନଦୀ ବଞ୍ଚାଅ, ଜୀବିକା ବଞ୍ଚାଅ ପରି ସଂଗଠନ ସ୍ୱାଗତ କରିଛନ୍ତି। ତେବେ ରାଜ୍ୟ ସରକାର ସର୍ବୋଚ୍ଚ ଯନ୍ତ୍ରୀସ୍ତରୀୟ ବୈଠକକୁ ଯାଉଥିବା ବେଳେ ଆସନ୍ତା ୬ ତାରିଖରେ ହେବାକୁ ଥିବା ଟ୍ରିବ୍ୟୁନାଲ ଶୁଣାଣି ଉପରେ ସମସ୍ତଙ୍କର ଧ୍ୟାନ ରହିଛି। ଉଭୟ ରାଜ୍ୟ ପାରସ୍ପରିକ ଆଲୋଚନାକୁ ଗୁରୁତ୍ୱ ଦେଉଥିବା ବେଳେ ଆସନ୍ତା ଶୁଣାଣିରେ ଉଭୟ ପକ୍ଷ ଟ୍ରିବ୍ୟୁନାଲରେ କେଉଁ ଯୁକ୍ତି ଉପସ୍ଥାପନ କରୁଛନ୍ତି, ତାହାକୁ ନେଇ ବିଶେଷଜ୍ଞ ମହଲରେ ଉତ୍କଣ୍ଠା ପ୍ରକାଶ ପାଇଛି। ଉଭୟ ରାଜ୍ୟ ମଧ୍ୟରେ ଆପୋସ ବୁଝାମଣା ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ଉଭୟ ରାଜ୍ୟ ଶୁଣାଣି ପାଇଁ ଅନ୍ୟ ଏକ ତାରିଖ ଧାର୍ଯ୍ୟ କରିବାକୁ ଟ୍ରିବ୍ୟୁନାଲଙ୍କୁ ନିବେଦନ କରିପାରନ୍ତି ବୋଲି ଆଶଙ୍କା କରାଯାଉଛି।

### ଛଣଗିରି ଅଳଙ୍କାର ଦୋକାନରୁ ଲୁଟ୍‌ର ପର୍ଦ୍ଦାଫାସ୍

## କେଜିଏ ସୁନା ଜବତ, ୪ ଗିରଫ

ଖୋର୍ଦ୍ଧା, ୨।୯ (ସମିସ): ଜଙ୍କିଆ ଥାନା ପୁଲିସ୍‌କୁ ଏକ ବଡ଼ଧରଣର ସଫଳତା ମିଳିଛି। ଛଣଗିରି ବଜାରରେ ଥିବା ଅଳଙ୍କାର ଦୋକାନରୁ ଲୁଟ୍ ଘଟଣାରେ ପୁଲିସ୍ ୩ ଲୁଟେରାଙ୍କ ସମେତ ସେମାନଙ୍କଠାରୁ ଚୋରି ଅଳଙ୍କାର କିଣିଥିବା ଜଣେ ବ୍ୟବସାୟୀଙ୍କୁ ଗିରଫ କରିଛି। ଗିରଫ ଲୁଟେରାମାନେ ହେଲେ, କଟକ

**■ ୨କେଜି ଚାନ୍ଦି, ବନ୍ଧୁକ, ଗୁଳି ସହ ୯ ଲକ୍ଷ ଟଙ୍କା ଜବତ**
**■ ଅପରେସନ ଗୋଲ୍ଡେନ୍ ଷ୍ଟ୍ରାଇକ୍‌କୁ ସଫଳତା: କେନ୍ଦ୍ରାଞ୍ଚଳ ଡିଆଇଜି**

ଜିଲ୍ଲା ବେଣ୍ଟକାର ଥାନା ବୟାଳିଶିମୌଜା ଅଞ୍ଚଳର ବିଶ୍ୱଜିତ୍ ପଟ୍ଟନାୟକ ଓରଫ୍ ଲକି(୨୨), ନୟାଗଡ଼ ଜିଲ୍ଲା ଶରଣକୁଳ ଥାନା ଗୋଡ଼ିପଡ଼ା ଅଞ୍ଚଳର ଅଶୋକ ସେନାପତି ଓରଫ୍ ବୁଲୁ (୩୨), ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ଥାନା ଭୀମପଡ଼ା ଅଞ୍ଚଳର ଚନ୍ଦନ ନାୟକ(୨୫)। ଏହାସହ ଏମାନଙ୍କଠାରୁ ଚୋରା ସୁନା କିଣିଥିବା ବୋଲଗଡ଼ ଥାନା ଶାମପୁର ଅଞ୍ଚଳର ନବ ସାହୁ (୩୨)ଙ୍କୁ ମଧ୍ୟ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନଙ୍କଠାରୁ ୯୦୦ ଗ୍ରାମ୍ ୬୫୦ ମିଲିଗ୍ରାମ୍ ସୁନା ଅଳଙ୍କାର, ୨ କେଜି ୩୬୩ ଗ୍ରାମ ରୁପା ଅଳଙ୍କାର, ଚୋରି ସାମଗ୍ରୀ ବିକ୍ରି ବାବଦ ଅର୍ଥ ନଗଦ ୯ଲକ୍ଷ ୪୫ହଜାର ଟଙ୍କା, ଏକ ଦେଶୀ ପିସ୍ତଲ, ଗୁଳି ଏବଂ ଭୁଜାଲି ଜବତ ହୋଇଛି। ଜିଲ୍ଲା



ପୁଲିସ ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ରାଞ୍ଚଳ ଡିଆଇଜି ଡ. ସତ୍ୟଜିତ୍ ନାୟକ ଆଜି ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ଅଭିଯୁକ୍ତମାନଙ୍କୁ ଧରିବା ଲାଗି ପୁଲିସ୍ ପକ୍ଷରୁ ଅପରେସନ 'ଗୋଲ୍ଡେନ୍ ଷ୍ଟ୍ରାଇକ୍' କରାଯାଇଥିଲା। ଖୋର୍ଦ୍ଧା, ପୁରୀ, କଟକ ଏବଂ ନୟାଗଡ଼ ପୁଲିସର ମିଳିତ ସହଯୋଗରେ ଅଭିଯୁକ୍ତମାନଙ୍କୁ ଧରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ମଧ୍ୟ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ସେ କହିଛନ୍ତି।

ସୂଚନାନୁସାରେ, ଗତ ଅଗଷ୍ଟ ୨୪ରେ ଛଣଗିରି ବଜାରରେ ଥିବା ସାଇସୋନୁ ଅଳଙ୍କାରରୁ ଲୁଟ୍ ହୋଇଥିଲା। ୪ଟି ବାଇକ୍‌ରେ ୮ଜଣ ମୁଖାପିନ୍ଧା ଦୁର୍ବୃତ୍ତ ବଜାରେ ପହଞ୍ଚି ବୋମା ଫୁଟାଇ ଆତଙ୍କ ସୃଷ୍ଟି କରିବା ସହ ଉକ୍ତ ଦୋକାନରୁ ୧୧.୫ କିଲୋ ସୁନା ଓ ୫ କିଲୋ ଚାନ୍ଦିର ଅଳଙ୍କାର ଲୁଟି ନେଇଥିଲେ। ଏହି ସମୟରେ ସେମାନଙ୍କୁ ବାଧା ଦେବାକୁ ଚେଷ୍ଟା କରୁଥିବା ସରପାରୀ ଅଞ୍ଚଳର ରଞ୍ଜିତ ପ୍ରଧାନଙ୍କୁ ଜଣେ ଦୁର୍ବୃତ୍ତ ଗୁଳି ମାଡ଼ କରିଥିଲା। ଏନେଇ ଅଭିଯୋଗ ହେବା ପରେ ଜଙ୍କିଆ ପୁଲିସ୍ ୨୯୭/୨୫ରେ ଏକ ମାମଲା ରୁଜୁ କରିଥିଲା। ଏହି ଘଟଣାକୁ ପୁଲିସ ଗୁରୁତ୍ୱର ସହ ନେଇଥିବା ବେଳେ ଡିଆଇଜି ଡ. ନାୟକଙ୍କ ତତ୍ତ୍ୱାବଧାନରେ ଅପରେସନ ଗୋଲ୍ଡେନ୍ ଷ୍ଟ୍ରାଇକ୍ କରାଯାଇଥିଲା। ଜିଲ୍ଲା ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶରେ ଅତିରିକ୍ତ ଏସ୍‌ପି ଶ୍ରୀନିବାସ ମହାନ୍ତିଙ୍କ ନେତୃତ୍ୱରେ ଏସ୍‌ଡିପିଓ ଖୋର୍ଦ୍ଧା ଓ ବାଲୁଗାଁ, ଜଙ୍କିଆ, ସଦର ନିରାକାରପୁର, ବାଲୁଗାଁ, ବାଣପୁର, ଟାଙ୍ଗୀ ଥାନା ଅଧିକାରୀଙ୍କ ସମେତ ଖୋର୍ଦ୍ଧା, ନୟାଗଡ଼, କଟକ ଓ ପୁରୀର ସ୍ପେଶାଲ ସ୍କ୍ୱାଡ୍‌କୁ ନେଇ ଗଠିତ ବିଭିନ୍ନ ଟିମ୍ ଜିଲ୍ଲା ଓ ଜିଲ୍ଲା ବାହାରେ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲେ। ଘଟଣା ଘଟିବାର ଏକ ସପ୍ତାହ ମଧ୍ୟରେ ପୁଲିସକୁ ସଫଳତା ମିଳିଛି। ଏଥିରେ ସମ୍ପୃକ୍ତ ୧୦ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଥିବା ବେଳେ ସେଥିରୁ ୩ ଜଣଙ୍କୁ ପୁଲିସ ଗିରଫ କରିଛି। ଅନ୍ୟ ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ପୁଲିସର ଚଢ଼ଉ ଚାଲିଛି, ଖୁବ୍‌ଶୀଘ୍ର ସମସ୍ତଙ୍କୁ ଗିରଫ କରାଯିବ ବୋଲି ଡିଆଇଜି ଡ. ନାୟକ କହିଛନ୍ତି।

### ଆମ୍ବୁଲାନ୍ସ ଅକ୍ସିଜେନ ଅଭାବରୁ ରୋଗୀ ମୃତ୍ୟୁ ଘଟଣା

## ଡ୍ରାଇଭର ଓ ମାଲିକଙ୍କ ବିରୋଧରେ ଏତଲା

ଜଗତସିଂହପୁର,୨।୯ (ସମିସ): ଗତ ଅଗଷ୍ଟ ୩୧ ରାତିରେ ଏକ ଘରୋଇ ଆମ୍ବୁଲାନ୍ସରେ କଟକ ବଡ଼ ମେଡିକାଲ ଯାଉଥିବା ଜଣେ ରୋଗୀ ଅକ୍ସିଜେନ ଅଭାବରୁ ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଥିଲା। ମୃତ ମହିଳାଙ୍କ ସ୍ୱାମୀ ଆଜି ଜଗତସିଂହପୁର ସଦର ଥାନାରେ ଉକ୍ତ ଆମ୍ବୁଲାନ୍ସର ଡ୍ରାଇଭର ଓ ମାଲିକଙ୍କ ବିରୋଧରେ ଏତଲା ଦେଇଛନ୍ତି। ଏତଲା ପାଇବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଆଇଆଇସି ସରୋଜ କୁମାର ସାମଲ ସୂଚନା ଦେଇଛନ୍ତି।

ସୂଚନା ମୁତାବକ, ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ଅଳା ପଞ୍ଚାୟତ ବ୍ରାହ୍ମଣଖଣ୍ଡ ଗ୍ରାମର ବରିଷ୍ଠ ଆଇନଜୀବୀ ପୀତାମ୍ବର ପଣ୍ଡାଙ୍କ ପତ୍ନୀ କମଳା ପଣ୍ଡା ୩୧ ତାରିଖ ରାତିରେ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ପ୍ରଥମେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ଅବସ୍ଥା ଗୁରୁତର ହେବାରୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ୧୦୮ ଆମ୍ବୁଲାନ୍ସ କିମ୍ବା ଚିକିତ୍ସାଳୟରେ ସେବା ଯୋଗାଉଥିବା ଅନ୍ୟ କୌଣସି ଆମ୍ବୁଲାନ୍ସ ନ ମିଳିବାରୁ ବାଧ ହୋଇ ମା' କୁତାମଚଣ୍ଡୀ ନାମକ ଏକ ଘରୋଇ ଆମ୍ବୁଲାନ୍ସରେ ଅକ୍ସିଜେନ ଲଗାଇ ରୋଗୀଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା। ତେବେ ସିଲିଣ୍ଡରରେ ଅକ୍ସିଜେନ୍ ନଥିବାରୁ ମାତ୍ର ୨ କିମି ଯିବା ପରେ ଜଗତସିଂହପୁର ସହରର ଗୋପାଳସାଗର ନିକଟରେ ମହିଳା ରୋଗୀ ନିସ୍ତେଜ ହୋଇଯାଇଥିଲେ। ପରେ ଆମ୍ବୁଲାନ୍ସକୁ ମୁଖ୍ୟ ଚିକିତ୍ସାଳୟକୁ ଫେରାଇ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଯାହାକୁ ନେଇ ସେଠାରେ ଉତ୍ତେଜନା ସୃଷ୍ଟି ହୋଇଥିଲା ଓ ଲୋକମାନେ ଆମ୍ବୁଲାନ୍ସକୁ ଭଙ୍ଗାରୁଜା କରିଥିଲେ। ସେଠାରେ ଉପସ୍ଥିତ ଥିବା ପୁଲିସ ଆମ୍ବୁଲାନ୍ସକୁ ଥାନାକୁ ନେଇଥିଲା। ଆଜି ଏନେଇ ମୃତ ମହିଳାଙ୍କ ସ୍ୱାମୀ ସଦର ଥାନାରେ ଏତଲା ଦେଇଛନ୍ତି। ଆସନ୍ତାକାଲି ମହିଳାଙ୍କ ସ୍ୱାମୀ ଆଇନଜୀବୀ ପୀତାମ୍ବର ପଣ୍ଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନ ନିକଟରେ ମଧ୍ୟ ଘଟଣା ସମ୍ପର୍କରେ ଅଭିଯୋଗ କରିବେ ବୋଲି କହିଛନ୍ତି।

## ଘର ସମ୍ମୁଖରେ ଦଳିଦେଲା ଦନ୍ତା

ହିନ୍ଦୋଳ, ୨।୯ (ସମିସ): ଘର ସମ୍ମୁଖରେ ଦଳିଦେଲା ଦନ୍ତା। ଢେଙ୍କାନାଳ ବନଖଣ୍ଡ ହିନ୍ଦୋଳ ସେକ୍ସନ୍‌ରେ ଗତରାତିରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, କର୍ଣ୍ଣପୁର ବିଟ୍ ଅଧୀନ ନୂଆଗାଁ ଗ୍ରାମର ସଂସାରି ଗଡ଼ନାୟକ (୬୬)। ଗତରାତିରେ ଗାଁରେ



ଗଣେଶ ଭସାଣି ଚାଲିଥିଲା। ଗାଁର ଅନ୍ୟ ୨ଜଣଙ୍କ ସହ ସେ ମଣ୍ଡପରେ ବସି ଭସାଣି ଦେଖୁଥିଲେ। ଏହି ସମୟରେ ଏକ ଦନ୍ତାହାତୀ ଗାଁ ଭିତରକୁ ଅତର୍କିତ ଭାବେ ପଶି ଆସିଥିଲା। ସମସ୍ତେ ଜୀବନ ବିକଳରେ ଦୌଡ଼ି ପଳାଇଥିବା ବେଳେ ସଂସାରି ହାତୀ ହାବୁଡ଼ରେ ପଡ଼ି ଯାଇଥିଲେ। ହାତୀଟି ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ିବା ସହ ପାଦରେ ଦଳି ଦେଇଥିଲା। ଗ୍ରାମବାସୀମାନେ ତାଙ୍କୁ ଗୁରୁତର ଅବସ୍ଥାରେ ଅନୁଗୁଳ ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ମାତ୍ର ବାଟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସୂଚନାନୁଯାୟୀ, ହିନ୍ଦୋଳ ସେକ୍ସନ୍‌ରେ ହାତୀ ଉପଦ୍ରବ ଥମିବାର ନାଁ ଧରୁନି। ଦିନେ ଛଡ଼ା ଦିନେ ହାତୀ ଆକ୍ରମଣରେ ଜୀବନହାନୀ ଘଟୁଛି। କିନ୍ତୁ ଏଥିପ୍ରତି ବନ ବିଭାଗ ବେଫିକର୍ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ହାତୀ ଆକ୍ରମଣଜନିତ ମୃତ୍ୟୁ ଘଟିଲେ, ପ୍ରତିଥର ବନ ବିଭାଗ ପ୍ରତିଶ୍ରୁତିରେ ପୋତି ପକାଏ। ସୋଲାର ବାଡ଼ ଲଗାଯିବା ସହ ହାତୀ କରିଡର୍, ଲାଇଟ ଲାଗିବ ଓ ଅଧିକ ଗଜସାଥୀ ନିଯୁକ୍ତି କରି ହାତୀ ଆକ୍ରମଣକୁ ରୋକାଯିବ ବୋଲି ପ୍ରତିଶ୍ରୁତି ଦେଇଥାଏ। କିନ୍ତୁ ସେହି ପ୍ରତିଶ୍ରୁତି ପରେ ପାଣିଫୋଟକା ଭଳି ମିଳାଇଯାଏ ବୋଲି ଅଭିଯୋଗ ହୋଇଛି। ଅପରପକ୍ଷେ, ଢେଙ୍କାନାଳ ସାଂସଦ ରୁଦ୍ରନାରାୟଣ ପାଣି ଖବର ପାଇ ଡିଏଫଓ ସୁମିତ କରଙ୍କ ସହ ଫୋନ୍‌ରେ ଆଲୋଚନା କରି ମୃତକଙ୍କ ପରିବାରକୁ ତୁରନ୍ତ ସମସ୍ତ ପ୍ରକାର ସରକାରୀ ସାହାଯ୍ୟ ଯୋଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ହାତୀ ଶାବକର ଶବ ଉଦ୍ଧାର

ନରସିଂହପୁର,୨।୯ (ସମିସ): ନରସିଂହପୁର ପୂର୍ବ ବନାଞ୍ଚଳ ଅଧୀନ ପାଞ୍ଚଗୋଛିଆ ବିଟ୍ ପତ୍ରଭାଗ ଜଙ୍ଗଲରୁ ବନ ବିଭାଗ ଆଜି ଏକ ଅଣ୍ଡିରା ହାତୀ ଶାବକର ଶବ ଉଦ୍ଧାରକରିଛି। ଶବଟି ଏକ ନାଳରେ ପଡ଼ିରହିଥିଲା। ପ୍ରାୟ ୩ ଦିନ ତଳେ ଉକ୍ତ ହାତୀ ଶାବକଟିର ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ତେବେ କେଉଁ କାରଣରୁ ମୃତ୍ୟୁ



ହୋଇଛି, ତାହା ସ୍ପଷ୍ଟ ହୋଇନଥିବା ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ କୁହାଯାଇଛି। ଖବର ପାଇ ଆଠଗଡ଼ ଉପଖଣ୍ଡ ଭାରପ୍ରାପ୍ତ ବନଖଣ୍ଡ ଅଧିକାରୀ, ରେଞ୍ଜର ଖୁଲେଶ କୁମାର ସାହୁ, ନରସିଂହପୁର ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ସମେତ ବନପାଳ ଓ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ମୃତ ଶାବକଟିର ବ୍ୟବଚ୍ଛେଦ ପରେ ସେହି ସ୍ଥାନରେ ପୋତି ଦିଆଯାଇଛି।

## ଭିସୁଟ୍ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ

ସମ୍ବଲପୁର,୨।୯ (ସମିସ): ସମ୍ବଲପୁର ବୀର ସୁରେନ୍ଦ୍ରସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ର ଜଣେ ଛାତ୍ରଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ହୋଇଛି। ମୃତ ଛାତ୍ରଜଣଙ୍କ ହେଲେ, ଯାଜପୁର ଜିଲ୍ଲା ମଙ୍ଗଳପୁର ଥାନା ଅନ୍ତର୍ଗତ ନାରୀଗାଁର ଅଞ୍ଜନେୟ ଦାଶ। ସେ ଭିସୁଟ୍ ମେକାନିକାଲ ଇଞ୍ଜିନିୟରିଂ ବିଭାଗର ଶେଷ ବର୍ଷର ଛାତ୍ର। ଗତକାଲି ବିଳମ୍ବିତ ରାତିରେ ସେ ସମ୍ବଲପୁର-



ବରଗଡ଼ ଜାତୀୟ ରାଜପଥ ୫୩ର ବୁର୍ଲା ନିକଟ ପାୱାର୍ ଚ୍ୟାନେଲ ବ୍ରିଜ୍ ତଳେ ଗୁରୁତର ଅବସ୍ଥାରେ ପଡ଼ିଥିବା ଖବର ପାଇ କିଛି ବନ୍ଧୁ ତାଙ୍କୁ ଉଦ୍ଧାର କରି ଭୀମସାର ମେଡିକାଲରେ ଭର୍ତ୍ତି କରାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁ ପରିବାରଲୋକ ସହଜରେ ଗ୍ରହଣ କରିପାରିନାହାନ୍ତି। ଅଞ୍ଜନେୟଙ୍କ ଦେହର ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ଥିବାରୁ ତାଙ୍କୁ ହତ୍ୟା କରାଯାଇଛି ବୋଲି ତାଙ୍କ ଦାଦା ବୁର୍ଲା ଥାନାରେ ଅଭିଯୋଗ କରିଛନ୍ତି। ଅପରପକ୍ଷେ, ପୁଲିସ୍ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବୁର୍ଲା ଏସ୍‌ଡିପିଓ ବାଲେଶ୍ୱର ଗିଧି କହିଛନ୍ତି,

**■ ହତ୍ୟା ଅଭିଯୋଗ ଆଣିଲେ ପରିବାର**
**■ ବ୍ରିଜ୍ ତଳୁ ଗୁରୁତର ଅବସ୍ଥାରେ ଉଦ୍ଧାର, ହସ୍ପିଟାଲରେ ମୃତ୍ୟୁ**

ଛାତ୍ର ମୃତ୍ୟୁ ମାମଲାକୁ ସବୁ ଦିଗରୁ ତଦନ୍ତ କରାଯାଉଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁ ଉପରୁ ରହସ୍ୟ ହଟିବ ବୋଲି ସେ ଆଶାବାଦୀ ଥିବା କହିଛନ୍ତି।

ଅପରପକ୍ଷେ, ଅଞ୍ଜନେୟ କାହିଁକି ରାତିରେ ପିସି ବ୍ରିଜ୍ ନିକଟକୁ ଯାଇଥିଲେ? ତଳକୁ କିପରି ଖସିପଡ଼ିଲେ ନା ତାଙ୍କୁ କିଏ ଠେଲି ଦେଇଛି, ଏମିତି ଅନେକ ପ୍ରଶ୍ନ ଏବେ ସାଧାରଣରେ ଉଙ୍କି ମାରୁଛି। ତେବେ ଭିସୁଟ୍ କୁଳପତି ଏବଂ କୁଳସଚିବ ଏକ ବୈଠକରେ ଯୋଗଦେବାକୁ ସମ୍ବଲପୁର ବାହାରେ ଥିବାରୁ କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରିନାହିଁ।

### ୪କୋଟି ସରକାରୀ ଟଙ୍କା ହେରଫେର ଅଭିଯୋଗ

## ବନ୍ଧା ହେଲେ ନିଲମ୍ବିତ ଜାମଦା ତହସିଲଦାର

ବାରିପଦା, ୨।୯ (ସମିସ): ସରକାରୀ ଅର୍ଥ ହେରଫେର୍ ମାମଲାରେ ମୟୂରଭଞ୍ଜ ଜିଲ୍ଲା ଜାମଦା ତହସିଲଦାର ମଧୁମିତା ସିଂଙ୍କୁ ଆଜି କ୍ରାଇମବ୍ରାଞ୍ଚ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଗିରଫ କରିଛି। ୪ କୋଟି ଟଙ୍କାର ସରକାରୀ ଅର୍ଥ ହେରଫେର୍ ଅଭିଯୋଗରେ ତାଙ୍କୁ ରାଜ୍ୟ ସରକାର ଚାକିରିରୁ ନିଲମ୍ବନ କରିବା ପରେ ମଙ୍ଗଳବାର



ଇଓଡବ୍ଲ୍ୟୁ ଗିରଫ କରିଛି। ସୂଚନାଯୋଗ୍ୟ, ମଧୁମିତା ବେଲପାହାଡ଼ରେ କାର୍ଯ୍ୟରତ ଥିବା ବେଳେ ୪କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେରଫେର୍ କରିଥିବା ନେଇ ସଙ୍ଗୀନ ଅଭିଯୋଗ ହୋଇଥିଲା। ବେଲପାହାଡ଼ ପୁଲିସ ଏକ ମାମଲା ରୁଜୁ କରି ତତ୍କାଳୀନ ଆକାଉଣ୍ଟାଣ୍ଟ ବିଭୂତି ସାହୁଙ୍କୁ ଗିରଫ କରିଥିଲା। ପରେ ପୌର ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଥିବା ବେଳେ ଆର୍ଥିକ ଅନିୟମିତତା ଯୋଗୁଁ ଭିଜିଲାନ୍ସ କୋର୍ଟରେ ମଧୁମିତା ସିଂ ଦଣ୍ଡିତ ହେବା ସହ ୩୦ ତାରିଖରେ ରାଜସ୍ୱ ବିଭାଗ ପକ୍ଷରୁ ନିଲମ୍ବନ କରାଯାଇଥିଲା। ଏହାପରେ ଆଜି ତାଙ୍କୁ ଗିରଫ କରାଯାଇଛି।

### ୭ ମାସ ମଧ୍ୟରେ ରାଜ୍ୟ ପୁଲିସ କିଣିଛି ୧୨ଟି ଡ୍ରୋନ୍

# ଟେଣ୍ଡର୍ ପ୍ରକ୍ରିୟାକୁ ଗୁପ୍ତ ରଖି ନିର୍ଦ୍ଦିଷ୍ଟ ସଂସ୍ଥାକୁ ଅନୁକମ୍ପା

ଭୁବନେଶ୍ୱର,୨।୯ (ସମିସ): ପୁଲିସର ଆଧୁନିକୀକରଣ ପାଇଁ କୋଟି କୋଟି ଟଙ୍କା ପାଣ୍ଠି ଯୋଗାଇ ଦିଆଯାଉଛି । ମାତ୍ର ଏହି ପାଣ୍ଠି କିପରି ଓ କେଉଁଠି ଖର୍ଚ୍ଚ ହେଉଛି ତାହାର କିଛି ହିସାବ ନାହିଁ। ଏପରିକି ନିମ୍ନମାନର ସାମଗ୍ରୀ କିଣି ଏ ବାବଦ ଅର୍ଥ ହରିଲୁଟ ହେଉଥିବା ଅଭିଯୋଗ ମଧ୍ୟ ଆସୁଛି। ଏପରିକି ଟେଣ୍ଡର ପ୍ରକ୍ରିୟାକୁ ଗୋପନ ରଖି ନିର୍ଦ୍ଦିଷ୍ଟ ସଂସ୍ଥା ବା ବ୍ୟକ୍ତି ବିଶେଷଙ୍କୁ ଅନୁଗୃହୀତ କରାଯାଉଥିବା ମଧ୍ୟ କୁହାଯାଉଛି। ଗତ କେଇମାସ ମଧ୍ୟରେ ରାଜ୍ୟ ପୁଲିସ ପକ୍ଷରୁ କିଣାଯାଇଥିବା ଡ୍ରେରାନ୍‌କୁ ନେଇ ଆସିଛି ଅନୁରୂପ ଅଭିଯୋଗ। ଟେଣ୍ଡର ପ୍ରକ୍ରିୟାକୁ ସାର୍ବଜନୀନ ନ କରି ନିର୍ଦ୍ଦିଷ୍ଟ କମ୍ପାନୀଠାରୁ ଦୁଇଟି ପର୍ଯ୍ୟାୟରେ ୧୮ ଟି ଡ୍ରୋନ୍ କ୍ରୟ ଏବେ ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ବିଡ଼ମ୍ବନା ହେଉଛି ଯେଉଁ ଡ୍ରେରାନ୍ କ୍ରୟ କରାଯାଇଛି ସେହି ଡ୍ରେରାନର ମାନ ଓ କ୍ଷମତାକୁ ନେଇ ମଧ୍ୟ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ନକ୍ସଲ ଗତିବିଧି ଉପରେ ନଜରରଖିବା

**ଗୋଟିଏ ଡ୍ରୋନର ମୂଲ୍ୟପ୍ରାୟ ୧.୨୦କୋଟି ଟଙ୍କା**

ଓ ସୂଚନା ସଂଗ୍ରହ ପାଇଁ ୨୦୨୪ ମସିହାରେ ରାଜ୍ୟ ପୁଲିସ ୬ଟି ଡ୍ରୋନ୍ କିଣିଥିଲା । ପରବର୍ତ୍ତୀ ସମୟରେ ୨୦୨୫ ରେ ଉପକୂଳ ସୁରକ୍ଷା ଓ ଅପରେସନ ୱିଙ୍ଗ ପାଇଁ ଆଉ ୧୨ଟି ଡ୍ରୋନ କିଣିଥିଲା। ଏହି ଡ୍ରେରାନର ମୂଲ୍ୟ ପ୍ରାୟ ୧.୨ କୋଟି ଟଙ୍କା ଓ ଦୁଇଟି ପର୍ଯ୍ୟାୟରେ କିଣାଯାଇଥିବା ୧୮ ଟି ଡ୍ରେରାନ୍ ଏକ ନିର୍ଦ୍ଦିଷ୍ଟ କମ୍ପାନୀର ହୋଇଥିବା କୁହାଯାଉଛି । ଏବେ ପୁଣି ପୁଲିସ ଆଉ ୨ଟି ଡ୍ରୋନ୍ କିଣିବାକୁ ନିଷ୍ପତ୍ତି ନେଇଛି । ତେବେ ରହସ୍ୟଜନକ କଥାଟି ହେଉଛି ପୂର୍ବରୁ ଡ୍ରୋନ୍ ଯୋଗାଣ କରିଥିବା ସଂସ୍ଥା ରାଜ୍ୟ ପୁଲିସ ପାଇଁ ଏକମାତ୍ର ଯୋଗ୍ୟ ବିଡ଼ର ରହିଥିବାବେଳେ ଏବେ ଡ୍ରେରାନ୍ କ୍ରୟ ସମୟରେ ମଧ୍ୟ ଅନୁରୂପ ଭାବରେ ସେହି ଗୋଟିଏ ସଂସ୍ଥାକୁ ଡ୍ରୋନ୍ ଯୋଗାଣ ନିମନ୍ତେ ଯୋଗ୍ୟ ବିବେଚିତ ହୋଇଥିବା ଅଭିଯୋଗ ହୋଇଛି । ତେଣୁ ଟେଣ୍ଡର ପ୍ରକ୍ରିୟାର ସ୍ୱଚ୍ଛତା ଓ ପ୍ରତିଯୋଗିତାକୁ ନେଇ ସ୍ୱାଭାବିକ ସନ୍ଦେହ ସୃଷ୍ଟି ହୋଇଛି। ତା'ଛଡ଼ା ଯେଉଁସବୁ ଡ୍ରୋନ୍ କ୍ରୟ ହୋଇଛି ତାହା ବାସ୍ତବରେ ମୂଲ୍ୟ ଅନୁପାତରେ ଉପଯୋଗୀ କି ନୁହେଁ ତାହାର ମୂଲ୍ୟାୟନ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଗତ ମାର୍ଚ୍ଚ ମାସରେ କ୍ରୟ ହୋଇଥିବା ଡ୍ରୋନ ୪୦-୫୦କିମି ବେଗରେ ବୋହୁଥିବା ପବନକୁ ପ୍ରତିରୋଧ କରିପାରିବ ନାହିଁ କିମ୍ବା ଦୀର୍ଘ ସମୟ ପର୍ଯ୍ୟନ୍ତ ଉଡ଼ାଣ ମଧ୍ୟ କରିବାରେ ସକ୍ଷମ ନୁହେଁ ବୋଲି ପୁଲିସ ବାହିନୀର ଆଭ୍ୟନ୍ତରୀଣ ସୂତ୍ରରୁ ସୂଚନା ମିଳିଛି। ଏହା ସତ୍ତ୍ୱେ ଏକ ନିର୍ଦ୍ଦିଷ୍ଟ କମ୍ପାନୀର ଡ୍ରୋନକୁ କ୍ରୟ ସ୍ୱାଭାବିକ ସନ୍ଦେହ ସୃଷ୍ଟି କରିଛି।

### ଥାନାରେ ନାବାଳିକାଙ୍କ ଆତ୍ମହତ୍ୟା ଉଦ୍ୟମ

## ପ୍ରେମିକ, ଲଜ୍ ମାଲିକ ଗିରଫ

ବ୍ରହ୍ମପୁର, ୨।୯ (ସମିସ): ଗୋପାଳପୁର ଥାନା ପରିସରରେ ଜଣେ ନାବାଳିକା ଛାତ୍ରୀ ତରଳ ରାସାୟନିକ ପିଇ ଆତ୍ମହତ୍ୟା ଉଦ୍ୟମ କରିବା ଘଟଣାରେ ପୁଲିସ ଆଜି ନାବାଳିକାଙ୍କ ପ୍ରେମିକ ସହ ଲଜ୍ ମାଲିକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫଦ୍ୱୟ ହେଲେ, ନିମଖଣ୍ଡି ଥାନା ଅନ୍ତର୍ଗତ ଯୋଗିଆପଲ୍ଲୀର କେଦାର ଦାସ (୨୮) ଓ ଲଜ୍ ମାଲିକ ତଥା ଗୋପାଳପୁରର ଯୋଗେନ୍ଦ୍ର କୁମାର ସିଂ(୩୯)। ନାବାଳିକାଙ୍କୁ ଅପହରଣ କରି ଘରେ ରଖିବା ଓ ସେଠାରେ ତାଙ୍କୁ ଅସଦାଚାରଣ କରିବା ଅଭିଯୋଗରେ ପୁଲିସ କେଦାରକୁ ଗିରଫ କରିଥିବା ବେଳେ ନାବାଳିକାଙ୍କୁ ଲଜ୍‌ରେ ରହିବାକୁ ଅନୁମତି ଦେବା ଅଭିଯୋଗରେ ଯୋଗେନ୍ଦ୍ରକୁ ଗିରଫ କରାଯାଇଛି। ପୁଲିସ୍ ଅଭିଯୁକ୍ତଦ୍ୱୟଙ୍କ ମୋବାଇଲ ଜବତ କରି ଅଧିକ ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ନାବାଳିକାକୁ ବାଳସୁଧାର ଗୃହକୁ ପଠାଯାଇଛି।

ସୂଚନାଯୋଗ୍ୟ, କେଦାର ସୁରକ୍ଷା କର୍ମୀ ଭାବେ କାର୍ଯ୍ୟରତ। ସୋମବାର ମଧ୍ୟାହ୍ନରେ ସେ ନାବାଳିକାଙ୍କୁ ଫୋନ୍ କରି ଖଲ୍ଲିକୋଟ କଲେଜ ନିକଟକୁ ଡାକିଥିଲା। ସେଠାରୁ ସେ ତାଙ୍କୁ ବାଇକ୍‌ରେ ଗୋପାଳପୁର ନେଇଥିଲା। ସେଠାରେ ସେ ଜଣେ ବ୍ୟକ୍ତିଙ୍କୁ ୨ଘଣ୍ଟା ପାଇଁ ଘରଭଡ଼ା ଦେବାକୁ କହିଥିଲା। ତେବେ ସମ୍ପୃକ୍ତ ବ୍ୟକ୍ତି ମନା କରିବା ପରେ ଗୋପାଳପୁର ଅଞ୍ଚଳର ଏକ ଲଜ୍‌ର ମାଲିକ ଯୋଗେନ୍ଦ୍ର ସିଂ ଦୁଇଘଣ୍ଟା ପାଇଁ କେଦାରଙ୍କୁ ଅନୁମତି ଦେଇ ତାଙ୍କଠାରୁ ଅନ୍‌ଲାଇନରେ ୭୦୦ ଟଙ୍କା ନେଇଥିଲେ। କେଦାର ଓ ନାବାଳିକାଜଣକ ସେଠାରେ କିଛି ସମୟ ଅତିବାହିତ କରିବା ମଧ୍ୟରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ପାଟି ଶୁଣି ଲଜ୍ ମାଲିକ ଉଭୟଙ୍କୁ ତୁରନ୍ତ ରୁମ୍ ଖାଲି କରିବାକୁ କହିଥିଲେ। ତେବେ ରୁମ୍ ଭଡ଼ା ବାବଦ ଟଙ୍କା ନେଇ ସେମାନଙ୍କୁ ବାହାର କରିଦେବା ଘଟଣାକୁ ନେଇ କେଦାର ଓ ନାବାଳିକାଜଣଙ୍କ ଥାନାର ଦ୍ୱାରସ୍ଥ ହୋଇଥିଲେ। ତଦନ୍ତ ବେଳେ ପୁଲିସ୍ ଜାଣିବାକୁ ପାଇଥିଲା ଯେ ଛାତ୍ରୀଜଣଙ୍କ ନାବାଳିକା। ତେଣୁ ପୁଲିସ ତାଙ୍କ ପୁରୁଷବନ୍ଧୁ କେଦାରକୁ ଥାନାରେ ଅଟକ ରଖିବା ସହ ନାବାଳିକାଙ୍କ ପରିବାରଲୋକଙ୍କୁ ସୂଚନା ଦେଇଥିଲା। ପୁଲିସ୍ କେଦାରଙ୍କୁ ପଚରାଉଚରା କରୁଥିବା ବେଳେ ନାବାଳିକାଜଣଙ୍କ ବ୍ୟାଗ୍‌ରେ ଆଣିଥିବା ତରଳ ରସାୟନିକ ପିଇ ବାନ୍ତି କରିବା ଆରମ୍ଭ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପୁଲିସ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲା। ସୁସ୍ଥ ହେବା ପରେ ତାଙ୍କୁ ଶିଶୁ ମଙ୍ଗଳ ଅଧିକାରୀଙ୍କ ନିକଟରେ ହାଜର କରାଯିବ ବୋଲି ବ୍ରହ୍ମପୁର ଏସ୍‌ପି ଡା. ସର୍ବଣା ବିବେକ ଏମ୍ ସୂଚନା ଦେଇଛନ୍ତି।

# ପାନ ଦୋକାନରୁ ୧୦୪ ବୋତଲ ମଦ ଜବତ

କଣାସ,୨।୯ (ସମିସ): କଣାସ ଅଞ୍ଚଳରେ ବ୍ୟାପକ ଚୋରା ମଦ, ବ୍ରାଉନ୍‌ସୁଗର, ଗଞ୍ଜେଇ ଚୋରାରେ ବିକ୍ରି ଚାଲିଥିବାବେଳେ ଅବକାରୀ ବିଭାଗର ବଡ଼ବାବୁମାନେ ଜଣି ଅଜଣା ପରି ରହୁଛନ୍ତି। କଣାସ ଥାନା ଅଧିକାରୀ ପ୍ରଶନ୍ନ ନାୟକ ସୋମବାର ରାତିରେ କୌଣସି ସୂତ୍ରରୁ ଖବର ପାଇ ଅଁଳାଯୋଡ଼ି ଗ୍ରାମର ଏକ ପାନ ଦୋକାନରେ ଚଢ଼ଉ କରି ୮୭ ବୋତଲ ବିଭିନ୍ନ ବ୍ରାଣ୍ଡର ବିଦେଶୀ ମଦ ଓ ୧୭ ବୋତଲ ଦେଶୀ ମଦ ଜବତ କରିବା ସହିତ ଦୋକାନୀ ଭଗବାନ ରାଉତଙ୍କୁ ଗିରଫ କରିଛନ୍ତି। କଣାସ ଥାନା କେସ୍ ନମ୍ବର ୨୦୩/୨୫ରେ ଏକ ମାମଲା ରୁଜୁ କରି ଭଗବାନଙ୍କୁ କୋର୍ଟ ଚାଲାଣ କରିଛନ୍ତି। ସେହିପରି କଣାସ ଥାନା ଅଧିକାରୀ ଗତ ୨୭ ତାରିଖରେ ଗାଉପଡ଼ା ଗ୍ରାମରୁ ୧୫ ବୋତଲ ଦେଶୀ ମଦ ଓ ୮ ବୋତଲ ଦେଶୀ ମଦ ଜବତ କରି ମକରଧ୍ୱଜ ନାୟକ ନାମକ ଜଣେ ବ୍ୟକ୍ତିଙ୍କ ନାମରେ ମାମଲା ରୁଜୁ ହୋଇଛି। ସେହିପରି ତ୍ରିଲୋଚନପୁର ସେତୁ ନିକଟରୁ ୨୦ ବୋତଲ ଦେଶୀ ମଦ ଜବତ କରିବା ସହିତ ରାମେଶ୍ୱର ପ୍ରଧାନ ନାମକ ଜଣେ ବ୍ୟକ୍ତି ନାମରେ ଏକ ମାମଲା ରୁଜୁ କରିଥିବା ଜଣାପଡ଼ିଛି।

# ୩୦ ଲକ୍ଷର ସୁନା ଗହଣା ଚୋରି; ପୁଲିସର ତଦନ୍ତ ଜାରି

ନୟାହାଟ,୨।୯ (ସମିସ): ନୟାହାଟ ଫାଣ୍ଡିରେ ପାଟ୍ରୋଲିଂ ପାଇଁ ଗାଡ଼ି ନ ଥିବାବେଳେ ଏବେ ଘନ ଘନ ସୁନା ଚୋରି ହେବାରେ ଲାଗିଛି। ପ୍ରକାଶ ଯେ, ନୟାହାଟ ଫାଣ୍ଡି ଅନ୍ତର୍ଗତ ଜଙ୍ଗଲବୋରି ପଞ୍ଚାୟତ ଅନ୍ତର୍ଗତ ବିଶୁଲିପଡ଼ା ଗ୍ରାମର ମୁସଲମାନ ବସ୍ତିର ମିର୍ଜା ଅବୁତାହର ବେଗ ଘରେ ନ ଥିବା ସମୟରେ ସୋମବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଘର ତଲା ଭାଙ୍ଗି ଆଲମାରୀ ଭିତରେ ଥିବା ୩୦ଲକ୍ଷ ଟଙ୍କାର ସୁନା ଗହଣା ଲୁଟିନେବା ନେଇ ନୟାହାଟ ଫାଣ୍ଡିରେ ଅଭିଯୋଗ ହୋଇଛି। ମଙ୍ଗଳବାର ଗୋପ ଥାନା ଅଧିକାରୀ ପ୍ରଶାନ୍ତ ପଡ଼ିଆରି ଓ ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ସନ୍ଧାନୀ କୁକୁର ସହିତ ତଦନ୍ତ କରିଥିଲେ। ଦୁର୍ବୃତ୍ତମାନେ ଚୋରି କରିବା ସମୟରେ ଗୃହକର୍ତ୍ତାଙ୍କ ଘରେ କିଛି ବ୍ୟବହାର କରିଥିବା ଜିନିଷ ଛାଡ଼ିଯାଇଥିଲେ। ପୁଲିସ ତାହାକୁ ଜବତ କରିଛି। ସନ୍ଧାନୀ କୁକୁର ଜଣଙ୍କ ଘରକୁ ଯାଇଥିବାବେଳେ ଚୋର ଖୁବ୍‌ଶୀଘ୍ର ଧରାଯିବ ବୋଲି ପୁଲିସ ସୂତ୍ରରୁ ପ୍ରକାଶ। ଏନେଇ ଗୋପ ଥାନାରେ ୨୮୭/୨୫ରେ ଏକ ମାମଲା ରୁଜୁ କରାଯାଇଛି। ଗତ ୨୯ ତାରିଖ ରାତିରେ ନୟାହାଟ ଫାଣ୍ଡିର ଆଲୁଦଣ୍ଡା ପାଟଣା ଗ୍ରାମର ବାସୁଦେବ ମନ୍ଦିରରୁ ଠାକୁରଙ୍କ ମଥାରୁ ୬ଲକ୍ଷ ଟଙ୍କାର ସୁନା ମଥାମଣି ଚୋରିହେବା ନୟାହାଟ ଫାଣ୍ଡିରେ ଅଭିଯୋଗ ହୋଇଥିଲା। ସିସି କ୍ୟାମେରାରେ ଚୋର ଫଟୋ ଆସିଥିଲେ ମଧ୍ୟ ଅଦ୍ୟାବଧି କାହାରିକୁ ଗିରଫ କରାଯାଇ ନାହିଁ। ଏନେଇ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକଙ୍କୁ ପଚାରିବାରେ, ଚୋର ଆମ ଅଞ୍ଚଳର ନୁହେଁ ବାହାର ଅଞ୍ଚଳର ତାକୁ ଧରିବା ପାଇଁ ଚଢ଼ଉ ଜାରିରହିଛି। ନୟାହାଟ ଫାଣ୍ଡିରେ ପାଟ୍ରୋଲିଂ ଗାଡ଼ି ନଥିବାରୁ ଚୋରି ବଢୁଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ଏ ଦିଗରେ ପୁରୀ ଏସ୍‌ପି ପ୍ରତୀକ ସିଂ ଦୃଷ୍ଟି ଦେବାକୁ ଦାବି ହେଉଛି।

# ଆନ୍ଧ୍ରପ୍ରଦେଶରେ ଦାଦନ ଶ୍ରମିକଙ୍କ ମୃତ୍ୟୁ



କଣାସ,୨।୯ (ସମିସ): ପୁରୀ ଜିଲ୍ଲା କଣାସ ବ୍ଲକ୍ କଣାସ ଗ୍ରାମର ଅପର୍ତ୍ତି ପ୍ରଧାନ (୫୬) ପରିବାର ପ୍ରତିପୋଷଣ ପାଇଁ ଆନ୍ଧ୍ରପ୍ରଦେଶର ତିରୁପତି ଜିଲ୍ଲା ନାଇଡୁପେଟା ଥାନା କୋନେଟି ରାଜୁକଲମଠାରେ ଏସ୍‌ଆର୍‌ଆର୍ କନ୍‌ଷ୍ଟ୍ରକ୍‌ସନରେ ଶ୍ରମିକ ଭାବେ ୪ମାସ ହେଲା କାର୍ଯ୍ୟ କରୁଥିବାବେଳେ ଗତ ୨୫ ତାରିଖରେ ତାଙ୍କର ମୃତ୍ୟୁ ହୋଇଯାଇଛି। ତାଙ୍କ ସହିତ କାର୍ଯ୍ୟ କରୁଥିବା ଅନ୍ୟ ଶ୍ରମିକମାନେ ତାଙ୍କ ପତ୍ନୀଙ୍କ ନିକଟକୁ ଫୋନ୍ ଯୋଗେ ଖବର ଦେଇଥିଲେ। ଅପର୍ତ୍ତିଙ୍କର ପୁଅ ନ ଥିବାରୁ ତାଙ୍କ ପତ୍ନୀ ସୁଷମା ପ୍ରଧାନ ଗ୍ରାମର କେତେକ ବ୍ୟକ୍ତିଙ୍କୁ ନେଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାରେ ଶବ ବ୍ୟବଚ୍ଛେଦ କରାଇବା ପରେ ଆମ୍ବୁଲାନ୍ସ ଯୋଗେ ଗ୍ରାମକୁ ଆଣି ଗ୍ରାମ ଶ୍ମଶାନରେ ଶବଦାହ କରିଥିଲେ। ଅସହାୟ ସୁଷମାଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବା ସହିତ ଏକ ଆବାସ ଗୃହ ଯୋଗାଇଦେବା ପାଇଁ ଗ୍ରାମବାସୀମାନେ ଦାବି କରିଛନ୍ତି। ଯେଉଁ କମ୍ପାନୀରେ ଅପର୍ତ୍ତି ଶ୍ରମିକଭାବେ କାର୍ଯ୍ୟ କରୁଥିଲେ ସେହି କମ୍ପାନୀ କୌଣସି ସହାୟତା କରି ନ ଥିବାରୁ ସୁଷମା ଅସନ୍ତୋଷ ପ୍ରକାଶ କରିଛନ୍ତି।

# ପ୍ରଭୁ ଶ୍ରୀଗଜାନନଙ୍କ ଭସାଣ ଉତ୍ସବ




ଚାରିଛକ,୨।୯ (ସମିସ): ଚାରିଛକ ମୁଖ୍ୟ ବଜାରରେ ୫୧ବର୍ଷ ଧରି ଗଣେଶ ପୂଜା ଅନୁଷ୍ଠିତ ହେଉଛି। ଚଳିତ ବର୍ଷ ୭ ଦିନ ଧରି ପୂଜା ପାଉଥିବା ପ୍ରଭୁ ଶ୍ରୀଗଜାନନଙ୍କ ଭସାଣ ଉତ୍ସବ ମଙ୍ଗଳବାର ସନ୍ଧ୍ୟାରେ ସମାପନ ହୋଇଯାଇଛି। ଏହି ଅବସରରେ ୭ଦିନ ଧରି ପୂଜା ମଣ୍ଡପ ସମ୍ମୁଖରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଯଥା- ପାଲା, ଭଜନ ସନ୍ଧ୍ୟା, ପ୍ରବଚନ, ଘୋଡ଼ାନାଚ ଆଦି ପରିବେଷଣ କରାଯାଇଥିଲା। ଜିଲ୍ଲା ପ୍ରଶାସନ ତରଫରୁ ଡିଜେ ବାଦ୍ୟକୁ ନିଷିଦ୍ଧ କରାଯାଇଥିବା ବେଳେ ପାରମ୍ପରିକ ବାଦ୍ୟ ଘଣ୍ଟ, ପଖୋଜ, ବାଜା, ଶଙ୍ଖ ବଜାଇ ପ୍ରଭୁ ଶ୍ରୀଗଜାନନଙ୍କୁ ସୁସଜ୍ଜିତ ଗାଡ଼ିରେ ବସାଇ ବଜାର ପରିକ୍ରମା ପରେ ମାଧବସ୍ଥିତ ପ୍ରାଚୀନଦୀରେ ଗଜାନନଙ୍କ ମୃଣ୍ମୟୀ ପ୍ରତିମାକୁ ବିସର୍ଜନ କରାଯାଇଥିଲା। ଚାରିଛକ ବଜାର କମିଟିର ସଭାପତି ସନ୍ତୋଷ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭସାଣ ଉତ୍ସବ ସମାପନ ହୋଇଥିବାବେଳେ ସମ୍ପାଦକ ଲାଲଟୁ ପ୍ରକାଶ ନାୟକ, କୋଷାଧ୍ୟକ୍ଷ ବିରଞ୍ଚି ନାରାୟଣ ଖଟୋଇ, ମନୋଜ ସାହୁ, ତ୍ରିଲୋଚନ ସାହୁ, ମହେଶ ବାଲ, ରିଙ୍କୁ, କବି, ଅରୁଣ, ଟୁଟୁଙ୍କ ସମେତ ବଜାରର ସମସ୍ତ ବ୍ୟବସାୟୀ ତାଙ୍କର ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ କରି ଭସାଣରେ ସହଯୋଗ କରିଥିଲେ। ଚାରିଛକ ପୁଲିସ ପକ୍ଷରୁ ସମସ୍ତ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।

କଣାସ : ମଙ୍ଗଳବାର କଣାସ ବ୍ଲକ୍‌ର କଣାସ ବଜାର ମଧ୍ୟରେ ଥିବା ସମସ୍ତ ଗଣେଶ ମୂର୍ତ୍ତିଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଣାସ ବାଲିଘାଇସ୍ଥିତ ଆର୍‌ଡିଏକ୍ସ ଯୁବକମାନଙ୍କ ଦ୍ୱାରା ନିର୍ମିତ ଗଣେଶ, କଣାସ କୁଞ୍ଜେଶ୍ୱରୀ ବ୍ୟବସାୟୀ ସଂଘ, କଣାସ ବସ୍‌ଷ୍ଟାଣ୍ଡ କୃଷ୍ଣନଗର, ଗୋଲାବଜାର ବ୍ୟବସାୟୀ ସଂଘ, ଦୋକନ୍ଦା ଆଖଣ୍ଡଳମଣୀ ଯୁବକ ସଂଘ, କଦଳୀଦଣ୍ଡା, ଭାଟପଡ଼ା ଗ୍ରାମର ଗଣେଶ ଏବଂ ଅନ୍ୟ କେତେକ ଗଣେଶ ମୂର୍ତ୍ତି ବାଲିଘାଇ ଛକ ଥାନା ନିକଟରେ ଏକତ୍ରିତ ହେବାପରେ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ସ୍ଥାନୀୟ ବିଧାୟକ ଓମ୍ ପ୍ରକାଶ ମିଶ୍ର, କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି, କୁଞ୍ଜେଶ୍ୱରୀ ବ୍ୟବସାୟୀ ସଂଘ ସଭାପତି ଶ୍ରୀକାନ୍ତ କୁମାର ପଟ୍ଟଯୋଷୀ, କଣାସ ତହସିଲ୍‌ଦାର ହିମାଂଶୁ ଶେଖର ଗିରି, ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁ, କଣାସ ଥାନା ଆଇଆଇସି ପ୍ରଶନ୍ନ ନାୟକ, ସମାଜସେବୀ ସୁକାନ୍ତ କିଶୋର ସାମନ୍ତରାୟ, ଦେବଦତ୍ତ ପରିଡ଼ା ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିବାବେଳେ ଦୋକନ୍ଦା ପୂର୍ବତନ ସମିତିସଭ୍ୟ ତପନ ସୁନ୍ଦରାୟ, ଦେବରାଜ ବେହେରା ଯୋଗଦେଇ ଯୁବ ସମାଜ ମଧ୍ୟରେ କିପରି ଏକତା ମନୋଭାବ ଆସିବ ତାହା ଏକ ପ୍ରୟାସ ବୋଲି ସୂଚନା ଦେଇଥିଲେ। ସୁଶାନ୍ତ କୁମାର ନରେନ୍ଦ୍ର ସଭା ପରିଚାଳନା କରିଥିଲେ। ସଭା କାର୍ଯ୍ୟ ପରେ ସମସ୍ତ ଗଣେଶ ମୂର୍ତ୍ତି ବାଲିଘାଇ ଛକରୁ ବାହାରି କୁଞ୍ଜେଶ୍ୱରୀ ବଜାର, ବସ୍‌ଷ୍ଟାଣ୍ଡ, ଗୋଲାବଜାର ଦେଇ ଦୋକନ୍ଦା ଦୟାନଦୀ ଘାଟରେ ବିସର୍ଜନ କରାଯାଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ କଣାସ ଆଇଆଇସି ପ୍ରଶନ୍ନ ନାୟକ ପୁଲିସ୍ ଫୋର୍ସ ସହ ଥାନାର ସମସ୍ତ କର୍ମଚାରୀଙ୍କୁ ନିୟୋଜିତ କରିଥିବାବେଳେ ନଦୀ ତୁଠରେ କଣାସ ଦମକଳ ବାହିନୀର ଅଧିକାରୀ ରଘୁନାଥ ସାହୁଙ୍କ ନିର୍ଦ୍ଦେଶକ୍ରମେ ଦମକଳ ବାହିନୀର କର୍ମଚାରୀମାନେ ଉପସ୍ଥିତ ଥିଲେ।



# ନାବାଳିକା ଅପହରଣ ଅଭିଯୋଗ

ବଳଙ୍ଗା,୨।୯ (ସମିସ): ବଳଙ୍ଗା ଥାନା ଅଞ୍ଚଳରେ ଏକ ୧୭ ବର୍ଷର ନାବାଳିକା ଅପହରଣ ହେବା ନେଇ ପରିବାର ପକ୍ଷରୁ ବଳଙ୍ଗା ଥାନାରେ ଅଭିଯୋଗ ହୋଇଛି। ସୂଚନା ମୁତାବକ, ନାବାଳିକାର ବାପାଙ୍କ ଅଭିଯୋଗ ଅନୁଯାୟୀ, ଗତ ୧ ତାରିଖରେ ଘରେ ସମସ୍ତେ ଖାଇସାରି ଶୋଇବା ପରେ ଝିଅ ମଧ୍ୟରାତ୍ରିରେ ପରିଶ୍ରା କରିବାକୁ ଯାଇଥିଲେ। ଝିଅର ପାଟି ଶୁଣି ପରିବାର ଲୋକେ ଉଠି ଦେଖିଲା ବେଳକୁ ପିପିଲି ଥାନା ଅଧୀନସ୍ଥ ବ୍ଲକ୍ ଛକରେ ଥିବା ଶ୍ରୀହରୀ ହୋଟେଲ ମାଲିକଙ୍କ ପୁଅ ଗୁଡୁ ବାରିକ ଓ ତାଙ୍କ ସାଙ୍ଗ ଏକ ବୁଲେଟ୍ ଗାଡ଼ିରେ ଝିଅକୁ ଜୋର୍ ଜବରଦସ୍ତ ବସାଇ ଗୋପିନାଥ ମନ୍ଦିର ଦେଇ ପଳାଇଗଲେ। ବଳଙ୍ଗା ପୁଲିସ ଅଭିଯୋଗ ପାଇବା ପରେ ୧୯୨/୨୫ରେ ଏକ ଅପହରଣ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ମିଳୁନି ସାର: ଚିନ୍ତାରେ ଚାଷୀ, ଶୋଇଛି କୃଷି ବିଭାଗ



ବଳଙ୍ଗା,୨।୯ (ସମିସ): ପୁରୀ ଜିଲ୍ଲାରେ ଧାନ, ପନିପରିବା ଚାଷରେ ବଳଙ୍ଗା ଅଞ୍ଚଳ ପ୍ରମୁଖ ସ୍ଥାନ ଅଧିକାର କରିଛି। ଯେକୌଣସି ଚାଷରେ ସାରର ଆବଶ୍ୟକତା ରହିଛି। ବିଶେଷ ଭାବରେ ଖରିଫ୍ ଧାନ ଚାଷ ସମୟରେ ସାରର ଚାହିଦା ଅଧିକ ହୋଇଥାଏ। ପ୍ରାୟତଃ ପ୍ରତିବର୍ଷ ଖରିଫ୍ ଧାନ ଚାଷ ସମୟରେ ଏହି ସମସ୍ୟା ଦେଖାଦେଉଛି। ବର୍ତ୍ତମାନ ଚାଷୀ ଅଧିକ ଆବଶ୍ୟକ କରୁଛନ୍ତି ଡିଏପି ଓ ଗ୍ରୋମର ସାର। ବର୍ଷସାରା ପ୍ରଚୁର ପରିମାଣରେ ସାର ମିଳୁଥିବାବେଳେ ଠିକ୍ ଏହି ସମୟକୁ ଉଭାନ ହୋଇଯାଉଛି। କ୍ୱିଣ୍ଟାଲ ପ୍ରତି ଅଧିକ ଦରରେ ବିକ୍ରି ହେଉଛି। ତତ୍‌ସହିତ ଅନେକ ବ୍ୟବସାୟୀ ଆବଶ୍ୟକତା ଥାଉ ବା ନ ଥାଉ ସାର ସହିତ ଅଣୁସାର ନେବାକୁ ବାଧ ହେଉଛନ୍ତି। ପୂର୍ବରୁ ସେବା ସମବାୟ ସମିତି ମାଧ୍ୟମରେ ଚାଷୀଙ୍କୁ ସାର ଯୋଗାଇ ଦିଆଯାଉଥିଲା। ଯାହାକି ଦୀର୍ଘ ବର୍ଷ ହେବ ବନ୍ଦ ରହିଛି। ଗୋଦାମ ଘର ନ ଥିବା, ବଜାର ଦର ସହିତ ସମତୁଲ ହେଉ ନ ଥିବା, ବିକ୍ରି ନ ହୋଇ ସମିତି କ୍ଷତିଗ୍ରସ୍ତ ହେଉଥିବା ନେଇ ଅନେକ ସମିତି ସମ୍ପାଦକ ପ୍ରକାଶ କରିଛନ୍ତି। ଅଞ୍ଚଳରେ ଥିବା ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ସ୍ୱୀକୃତିପ୍ରାପ୍ତ ଓ ଅଣସ୍ୱୀକୃତିପ୍ରାପ୍ତ ସାର ବ୍ୟବସାୟୀଙ୍କ ଉପରେ ଚାଷୀ ସାର ନିମନ୍ତେ ସମ୍ପୂର୍ଣ୍ଣ ନିର୍ଭରଶୀଳ ହୋଇ ପଡ଼ିଛନ୍ତି। ଅଧିକ ଦର ଥିବାରୁ ଅନେକ ଚାଷୀ ଆବଶ୍ୟକ ମୁତାବକ ସାର ପ୍ରୟୋଗ କରି ନ ପାରିବାରୁ ଉତ୍ପାଦନ ବାଧାପ୍ରାପ୍ତ ହେଉଛି। ଜିଲ୍ଲା କୃଷି ବିଭାଗ ସେଭଳି ଆଖିଦୃଶିଆ ପଦକ୍ଷେପ ନେଉ ନ ଥିବାରୁ ଚାଷୀମାନେ ଅସନ୍ତୋଷବ୍ୟକ୍ତ କରୁଛନ୍ତି। ସମବାୟ ସମିତି ମାଧ୍ୟମରେ ସାର ଯୋଗାଣ ଜରୁରୀ ହୋଇ ପଡ଼ିଛି। ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ନବକିଶୋର ମଲ୍ଲିକ, ବାଞ୍ଛାନିଧି ସାହୁ, ପ୍ରଫୁଲ୍ଲ ନାୟକ ପ୍ରଭୃତି ଅନେକ ଚାଷୀ ଦାବି କରିଛନ୍ତି।

# ଚୋରା ମଦ ଜବତ, ଦୁଇ ଗିରଫ

ନିମାପଡ଼ା,୨।୯ (ସମିସ): ନିମାପଡ଼ା ଥାନା ଅନ୍ତର୍ଗତ ଜୟଗୁରୁ ଆଶ୍ରମ ଏବଂ କାଜିପାଟଣା ଛକରେ ପୁଲିସ ଚଢ଼ଉ କରି ବିପୁଳ ପରିମାଣର ଚୋରା ଦେଶୀ ଓ ବିଦେଶୀ ମଦ ଜବତ କରିବା ସହିତ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଭାଟବନ୍ଧ ଗ୍ରାମର ପ୍ରକାଶ ଚନ୍ଦ୍ର ରାୟ ଓ କାଜିପାଟଣାର ପ୍ରକାଶ ଚନ୍ଦ୍ର ପ୍ରଧାନ। ପ୍ରକାଶ ଯେ, ପ୍ରକାଶ ରାୟ ମଙ୍ଗଳବାର ସକାଳେ ଗୋପ ଅଞ୍ଚଳରୁ ମଦ ବାଇକରେ ଆଣି ନିମାପଡ଼ା ଆସୁଥିବାବେଳେ ପୁଲିସ କୌଣସି ସୂତ୍ରରୁ ଖବର ପାଇ ଜୟଗୁରୁ ଆଶ୍ରମ ନିକଟରୁ ତାକୁ ଧରିଥିଲେ। ତାଙ୍କଠାରୁ ୫୪ ବୋତଲ ବିଦେଶୀ ମଦ ଜବତ କରାଯାଇଛି। ସେହିପରି ସୋମବାର ସନ୍ଧ୍ୟାରେ କାଜିପାଟଣା ଛକରେ ପୁଲିସ ଚଢ଼ଉ କରି ପ୍ରକାଶ ପ୍ରଧାନଙ୍କଠାରୁ ୧୦୦ ବୋତଲ ଆସ୍କା ଫର୍ଟି ଚୋରା ମଦ ପୁଲିସ ଜବତ କରିଛି। ମଙ୍ଗଳବାର ଉଭୟଙ୍କୁ ୨ଟି ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି।

# ନିଖୋଜ ନାବାଳିକା ଉଦ୍ଧାର

ନୟାହାଟ,୨।୯ (ସମିସ): ନୟାହାଟ ଫାଣ୍ଡି ଅନ୍ତର୍ଗତ ଦେଉଳି ପଞ୍ଚାୟତର ଜନୈକା ନାବାଳିକା ଜଣେ ବିବାହିତ ଯୁବକ ସହିତ ଫେରାର୍ ହେବା ପରେ ଝିଅର ପରିବାର ଫାଣ୍ଡିରେ ଅଭିଯୋଗ କରିଥିଲେ। ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ କ୍ଷୀର ଗାଡ଼ି ଚଳାଉଥିବା ଯୁବକଠାରୁ ନାବାଳିକାକୁ ଉଦ୍ଧାର କରି ମଙ୍ଗଳବାର ତାଙ୍କ ପରିବାର ଜିମା ଦେଇଥିଲେ।

# ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରୁ ନାଗ ସାପ ଉଦ୍ଧାର

ବ୍ରହ୍ମଗିରି,୨।୯ (ସମିସ): ମଙ୍ଗଳବାର ସକାଳୁ ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରୁ ସାଢ଼େ ୫ ଫୁଟ୍‌ର ଏକ ନାଗ ସାପ ଉଦ୍ଧାର କରାଯାଇଛି। ସାପଟି ସକାଳ ୯ଟା ପର୍ଯ୍ୟନ୍ତ ଫିଜିଓଥେରାପୀ ସେଣ୍ଟର୍ ପାଖରେ ରାସ୍ତା ଉପରେ ବୁଲୁଥିଲା। ପରେ ଶିଶୁ ଉଦ୍ୟାନ ପରିସରରେ ଦୀର୍ଘ ସମୟ ବୁଲାବୁଲି କରିବା ପରେ ସେଠାରେ ରହୁଥିବା କର୍ମଚାରୀମାନେ ସ୍ନେକ୍ ହେଲ୍ପଲାଇନ୍ ସନ୍ତୋଷ ବାବୁଙ୍କୁ ଫୋନ୍ କରି ଜଣାଇଥିଲେ। ସେ ତୁରନ୍ତ ଆସି ସାପଟିକୁ ଉଦ୍ଧାର କରିଥିଲେ। ସ୍ୱାସ୍ଥ୍ୟ କେନ୍ଦ୍ର ଚାରିପଟ ଜଙ୍ଗଲ ହୋଇ ପଡ଼ିଥିବାରୁ ଅନେକ ସରୀସୃପ ରହୁଥିବା ସେଠାରେ ଥିବା ସଫେଇ କର୍ମଚାରୀମାନେ କହିଛନ୍ତି। ଏବେ ପ୍ରତ୍ୟେକ ଦିନ ସାପ କାମୁଡ଼ା ଲୋକେ ଡାକ୍ତରଖାନା ଆସୁଥିବାବେଳେ ଡାକ୍ତରଖାନା ଚାରିପଟେ ଓ କର୍ମଚାରୀ ଆବାସ ଚାରିପଟେ ହୋଇଥିବା ଘଞ୍ଚ ଜଙ୍ଗଲକୁ ସଫା କରିବା ପାଇଁ ରୋଗୀ ଓ ତାଙ୍କ ସମ୍ପର୍କୀୟମାନେ ଦାବି କରିଛନ୍ତି।



■ ଗୋପ ବ୍ଲକ୍‌କୁ ଏନ୍‌ଏସି ମାନ୍ୟତା ଦାବିରେ ବିଜେଡି ପକ୍ଷରୁ ପଦଯାତ୍ରା

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ



ଗୋପ,୨।୯ (ସମିସ): ପୁରୀ ଜିଲ୍ଲା ଗୋପ ବ୍ଲକ୍‌କୁ ଏନ୍‌ଏସି ମାନ୍ୟତା ଦାବିରେ ଗୋପ ବ୍ଲକ୍ ବିଜୁ ଜନତା ଦଳ ତରଫରୁ ପଦଯାତ୍ରା କରାଯାଇଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓ ଛବିରାଣୀ ସାହୁଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ସାରା ରାଜ୍ୟରେ ନିକଟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେତେକ ଅଞ୍ଚଳକୁ ଏନ୍‌ଏସି ଘୋଷଣା କରିଥିବାବେଳେ ଗୋପ ଏଥିରୁ ବାଦ୍ ପଡ଼ିଛି। ସମସ୍ତ ଭିତ୍ତିଭୂମି ଥାଇ ଗୋପକୁ ଏନ୍‌ଏସି ମାନ୍ୟତା ପ୍ରଦାନ କରାଯାଇ ନ ଥିବା ପ୍ରତିବାଦରେ ଗୋପ ପଞ୍ଚାୟତ ପୂର୍ବତନ ବିଜେଡି ସଭାପତି ତ୍ରୈଲୋଚନ ସାହୁଙ୍କ ନେତୃତ୍ୱରେ ପଦଯାତ୍ରା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଜେଡି ରାଜ୍ୟ ମହିଳା ମୋର୍ଚ୍ଚା ସମ୍ପାଦିକା କସ୍ତୁରୀବାଳା ସ୍ୱାଇଁ, ବରିଷ୍ଠ ବିଜେଡି ନେତା ସୁକାନ୍ତ ମହାନ୍ତି, ସୁଧାଂଶୁ ସେନାପତି, ପୂର୍ବତନ ସରପଞ୍ଚ ପ୍ରହ୍ଲାଦ ସ୍ୱାଇଁ, ଗଣେଶ୍ୱରପୁର ସରପଞ୍ଚ ପ୍ରଭାତ ବେହେରା, କୁଆଁପଡ଼ା ସରପଞ୍ଚ ମହେଶ୍ୱର ସ୍ୱାଇଁ, ଯୁବନେତା ରମେଶ ଚନ୍ଦ୍ର ବାରିକ, ସୁଦୀପ୍ତ ସ୍ୱାଇଁ, ଯୋଗେନ୍ଦ୍ର ବେହେରା, ପ୍ରଶାନ୍ତ ସ୍ୱାଇଁଙ୍କ ସମେତ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ।

● ପୁରୀ ଜିଲ୍ଲା ପେସାଦାର ସାମ୍ବାଦିକ ସଂଘ

# ପ୍ରଫୁଲ୍ଲ କର ୩ନଂ ଜୋନ୍ ସଂଯୋଜକ ମନୋନୀତ



ଚାରିଛକ,୨।୯ (ସମିସ): ପୁରୀ ଜିଲ୍ଲା ପେସାଦାର ସାମ୍ବାଦିକ ସଂଘକୁ ୩ଟି ଜୋନ୍ କରାଯାଇଛି। ୧ ନମ୍ବର ଜୋନ୍ ଭାବେ ପୁରୀ, ପୁରୀ ସଦର, ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ, ୨ ନମ୍ବର ଜୋନ୍ ଭାବେ ପିପିଲି, ଡେଲାଙ୍ଗ, କଣାସ, ସାକ୍ଷୀଗୋପାଳ ଓ ବଳଙ୍ଗା, ୩ ନଂ ଜୋନ୍ ଭାବେ ନିମାପଡ଼ା, ଚାରିଛକ, ଗୋପ, କୋଣାର୍କ, କାକଟପୁର ଓ ଅସ୍ତରଙ୍ଗକୁ ବିଭକ୍ତ କରାଯାଇଛି। ୩ନଂ ଜୋନ୍‌ର ସଂଯୋଜକ ଭାବେ ସାମ୍ବାଦିକ ପ୍ରଫୁଲ୍ଲ କୁମାର କରଙ୍କୁ ମନୋନୀତ କରାଯାଇଛି। ଶ୍ରୀ କରଙ୍କୁ ଉକ୍ତ ଜୋନ୍‌ର ସଂଯୋଜକ ଭାବେ ମନୋନୀତ କରାଯାଇଥିବାରୁ ସେ ରାଜ୍ୟ ସଭାପତି ବିଭୂତିଭୂଷଣ କର ଓ ପୁରୀ ଜିଲ୍ଲା ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ ପୁରୀ ଜିଲ୍ଲା ପେସାଦାର ସାମ୍ବାଦିକ ସଂଘର ନୂତନ କାର୍ଯ୍ୟକର୍ତ୍ତା ଓ ଜିଲ୍ଲାର ସମସ୍ତ ସାମ୍ବାଦିକ ବନ୍ଧୁଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି।

# କୁଶଭଦ୍ରା ପୁନରୁଦ୍ଧାର ଦାବିକଲେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ

ନିମାପଡ଼ା,୨।୯ (ସମିସ): ନିମାପଡ଼ା କୁଶଭଦ୍ରା ନଦୀକୂଳ ପ୍ରଭୁ ଶ୍ରୀସିଦ୍ଧେଶ୍ୱର ମହାଦେବଙ୍କ ପୀଠରେ "କୁଶଭଦ୍ରା ବଞ୍ଚାଅ ଅଭିଯାନ'ର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଞ୍ଚଳର ବୁଦ୍ଧିଜୀବୀ, କୃଷକ, ମତ୍ସ୍ୟଜୀବୀ, ଉତ୍ସାହୀ ଛାତ୍ର ଓ ଯୁବ ପ୍ରତିଭାମାନେ ଯୋଗଦେଇଥିଲେ। କୁଶଭଦ୍ରା ନଦୀକୁ ପୁନଃ ଚିରସ୍ରୋତା କରାଇବା ଲାଗି ବାଲିଅନ୍ତାଠାରେ ନଦୀର ଉତ୍ପତ୍ତିସ୍ଥଳ ଖନନ, ବାଲିଅନ୍ତାଠାରୁ ରାମଚଣ୍ଡୀ ମୁହାଣ ପର୍ଯ୍ୟନ୍ତ ଜଳର ଅବାଧ ପ୍ରବାହ ସୁନିଶ୍ଚିତ କରିବା ସହିତ ଭୂତଳ ଜଳସ୍ତର ହ୍ରାସ ଭଳି ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଏକ ଦାବିପତ୍ର ପ୍ରଦାନ ପାଇଁ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏଥିରେ ପ୍ରଭାକର ନନ୍ଦ, ପ୍ରଶାନ୍ତ ସାହୁ, ଆର୍ତ୍ତବନ୍ଧୁ ସେନାପତି, କୃଷ୍ଣଚନ୍ଦ୍ର ନାୟକ, ବଟକୃଷ୍ଣ ବେହେରା, ଗଙ୍ଗାଧର ଓଝା, ପ୍ରତାପ ଚନ୍ଦ୍ର ସାବୁତ, ସଦାନନ୍ଦ ପ୍ରଧାନ, ଦିଲ୍ଲୀପ ସେନାପତି, ଦଣ୍ଡପାଣି ସାହୁ, କୃଷ୍ଣଚନ୍ଦ୍ର ପାତ୍ର, ଲକ୍ଷ୍ମୀ ନାରାୟଣ ନନ୍ଦ, ବିଶ୍ୱଜିତ୍ ବେହେରା, ଅଭିଜିତ ମହାପାତ୍ର, ଦେବାଶିଷ ଦାଶ, ଅନୁକୂଳ ସ୍ୱାଇଁ, ସମୀର ରଞ୍ଜନ ରାଉତରାୟ, ଆଦର୍ଶ ଦାଶଙ୍କ ସମେତ ଶତାଧିକ ନାଗରିକ ଯୋଗଦେଇ କୁଶଭଦ୍ରା ବଞ୍ଚାଅ ଅଭିଯାନକୁ କ୍ରିୟାଶୀଳ କରିବା ସହିତ କୁଶଭଦ୍ରା ନଦୀ ସମସ୍ୟା ସମାଧାନ ପାଇଁ ସମସ୍ତ ପ୍ରଚେଷ୍ଟା କରିବାକୁ ମହାଦେବଙ୍କ ପୀଠରେ ସଂକଳ୍ପ ନେଇଥିଲେ।



# ଟ୍ରମ୍ପ୍ ଟାରିଫ୍: ଚିନ୍ତାରେ ଚିଙ୍ଗୁଡ଼ି ଚାଷୀ



ଅସ୍ତରଙ୍ଗ,୨।୯ (ସମିସ): ଆମେରିକା ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କ ଟାରିଫ୍‌ର ପ୍ରଭାବ ଏବେ ଓଡ଼ିଶା ଉପକୂଳ ଅଞ୍ଚଳରେ ଥିବା ହଜାର ହଜାର ଚିଙ୍ଗୁଡ଼ି ଚାଷୀଙ୍କ ଉପରେ ପଡ଼ିଛି। ପ୍ରଥମ ୨୫% ଟାରିଫ୍ ଯୋଗୁଁ ରପ୍ତାନୀ ହେଉଥିବା ଚିଙ୍ଗୁଡ଼ି କିଲୋ ପିଛା ୨୦ରୁ ୩୦ ଟଙ୍କା କମିଥିବାବେଳେ ଏବେ ଦ୍ୱିତୀୟ ପର୍ଯ୍ୟାୟରେ ଆଉ ୨୫% ଟାରିଫ୍ ଲାଗୁ କରିବା ପରେ ଚିଙ୍ଗୁଡ଼ି ଦର କିଲୋ ପିଛା ୪୦ରୁ ୫୦ ଟଙ୍କା କମିବା ଆଶଙ୍କା ଥିବାରୁ ଚାଷୀକୂଳ ମୁଣ୍ଡରେ ଚଡ଼କ ପଡ଼ିଛି। ଟ୍ରମ୍ପ୍ ଟାରିଫ ପାଇଁ ଏବେ ଓଡ଼ିଶାର ଚିଙ୍ଗୁଡ଼ି ଚାଷର ଭବିଷ୍ୟତ ଅନ୍ଧାର ହୋଇଯାଇଛି।

ରାଜ୍ୟର ୪୮୦ କିଲୋମିଟର ବ୍ୟାପ୍ତ ଉପକୂଳବର୍ତ୍ତୀ ଲୋକଙ୍କ ଏକ ପ୍ରମୁଖ ଅର୍ଥ ଉପାର୍ଜନକାରୀ ବେଉସା ହେଉଛି ଚିଙ୍ଗୁଡ଼ି ଚାଷ। ବାଲେଶ୍ୱର ଜିଲ୍ଲାଠାରୁ ଆରମ୍ଭ କରି କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ ଓ ବ୍ରହ୍ମପୁର ଆଦି ଉପକୂଳିଆ ଜିଲ୍ଲାର ବିଭିନ୍ନ ନଦୀମୁହାଁଣ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ହେଉଥିବା ଏହି ଚିଙ୍ଗୁଡ଼ି ଚାଷ ରାଜ୍ୟର ଅର୍ଥନୀତିକୁ ମଧ୍ୟ ବେଶ୍ ପ୍ରଭାବିତ କରିଥାଏ। ରାଜ୍ୟରୁ ଆମେରିକାକୁ ସର୍ବାଧିକ ୩୦ ଭାଗ ବେନାମୀ ଜାତୀୟ ଚିଙ୍ଗୁଡ଼ି ରପ୍ତାନୀ ହୋଇଥାଏ। ଏ ବାବଦ ଆମେରିକା ସହ ବାର୍ଷିକ ୧୭୦ ମିଲିୟନ୍ ଟଙ୍କାର ବ୍ୟବସାୟ ହୋଇଥାଏ। ଓଡ଼ିଶାର ବିଭିନ୍ନ ରପ୍ତାନୀକାରୀ କମ୍ପାନୀ ଚାଷୀଙ୍କୁ ଆର୍ଥିକ ପ୍ରୋତ୍ସାହନ ଦେବା ସହ ଚାଷୀମାନଙ୍କଠାରୁ ଏହି ଚିଙ୍ଗୁଡ଼ି କ୍ରୟ କରି ବିଦେଶକୁ ରପ୍ତାନୀ କରିଥାନ୍ତି। ଏବେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ ଉପରେ ଏବେ ଅତିରିକ୍ତ ୫୦% ଟାରିଫ୍ ଲଗାଇବା ପରେ ଏହାର ପ୍ରଭାବ ବିଶେଷକରି ଓଡ଼ିଶା ଉପକୂଳର ଲକ୍ଷାଧିକ ଚିଙ୍ଗୁଡ଼ି ଚାଷୀଙ୍କ ଉପରେ ପଡ଼ିବା ଆରମ୍ଭ ହୋଇଛି। ରପ୍ତାନୀକାରୀ କମ୍ପାନୀ ଯେଉଁ ଚିଙ୍ଗୁଡ଼ି କିଲୋ ପିଛା ୩୭୦ ଟଙ୍କା ଦେଇ ଚାଷୀଙ୍କଠାରୁ କ୍ରୟ କରୁଥିଲେ; ନୂଆ ଟାରିଫ୍ ଲାଗୁ ପରେ ସେହି ଚିଙ୍ଗୁଡ଼ି ଚାଷୀଙ୍କଠାରୁ କିଲୋ ପିଛା ୨୦ରୁ ୩୦ ଟଙ୍କା କମ୍ ଦରରେ କ୍ରୟ କରୁଥିଲେ। ଯାହାଦ୍ୱାରା ଚାଷୀ ଟନ୍ ପିଛା ୨୦ ହଜାର ଟଙ୍କା କ୍ଷତି ସହିବାକୁ ପଡ଼ିଥିଲା। ପୁଣି ଆଉ ୨୫% ଟାରିଫ୍ ଲାଗୁ ପରେ ଚିଙ୍ଗୁଡ଼ି ଦର ଆହୁରି ଖସିବା ସମ୍ଭାବନା ଥିବାରୁ ଚାଷୀ ଲକ୍ଷାଧିକ ଟଙ୍କାର କ୍ଷତି ସହିବେ ବୋଲି ଅସ୍ତରଙ୍ଗର ଚାଷୀ ଅନ୍ତର୍ଯ୍ୟାମୀ ଜେନା ଓ ଜିତେନ୍ଦ୍ର ନାୟକ କହିଛନ୍ତି, ପୁରୀ ଜିଲ୍ଲାର କେବଳ କୋଣାର୍କ, କାକଟପୁର, ଅସ୍ତରଙ୍ଗ ବ୍ଲକ୍‌ରେ ୫ ହଜାରରୁ ଉର୍ଦ୍ଧ୍ୱ ଚାଷୀ ଚିଙ୍ଗୁଡ଼ି ଚାଷ କରନ୍ତି। ଏହି ଚାଷ ଉପରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ୨୫ରୁ ୩୦ ହଜାର ଲୋକେ ନିର୍ଭର କରି ନିଜର ଜୀବିକା ନିର୍ବାହ କରନ୍ତି। ଏହି ଟାରିଫ୍ ଦ୍ୱାରା ଲକ୍ଷାଧିକ ଚାଷୀଙ୍କ ଜୀବନ ଜୀବିକା ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି। ତେବେ ସରକାର ତୁରନ୍ତ ପଦକ୍ଷେପ ନେବାକୁ ଚାଷୀମାନେ ଦାବି କରିଛନ୍ତି। ଅସ୍ତରଙ୍ଗର ଅନ୍ୟ ଜଣେ ଚାଷୀ ପ୍ରଭାକର ମହାନ୍ତି ଦୀର୍ଘ ୩୨ ବର୍ଷ ହେଲା ନିଜ ଗାଁ ଛାଡ଼ି ନିକଟସ୍ଥ ବଳଭଦ୍ରପୁରଠାରେ ନଦୀବନ୍ଧ ତଳେ ପରିବାର ସହ ଅବସ୍ଥାନ କରିବା ସହ ଏଠାରେ ଥିବା ୮୦ ଏକର ଜମିରେ ଚିଙ୍ଗୁଡ଼ି ଚାଷ କରି ଆସୁଛନ୍ତି। ବାର୍ଷିକ ୨୦ରୁ ୩୦ ଲକ୍ଷ ଟଙ୍କା ରୋଜଗାର କରନ୍ତି। ହଠାତ୍ ଟାରିଫ୍ ଲାଗୁ ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଯାଇଛି। ନିକଟରେ ସେ ୨୦ ଲକ୍ଷ ଟଙ୍କା କ୍ଷତି ସହିଛନ୍ତି। କେବଳ ପ୍ରଭାକର ନୁହନ୍ତି ତାଙ୍କ ଭଳି ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳର ହଜାର ହଜାର ଚିଙ୍ଗୁଡ଼ି ଚାଷୀ ଓ ଶ୍ରମିକଙ୍କ ଜୀବନ ଜୀବିକା ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି।


# ଶ୍ରେଣୀରେ ପିଲାଙ୍କୁ ପାଠ ପଢ଼ାଇଲେ ବିଇଓ

କଣାସ,୨।୯ (ସମିସ): କଣାସ ବ୍ଲକ୍ ଶିକ୍ଷା ଅଧିକାରୀ (ବିଇଓ) ରାମଚନ୍ଦ୍ର ବେହେରା ସୋମବାର ଅଚାନକ କଣାସ ସରକାରୀ ଉଚ୍ଚ ବିଦ୍ୟାଳୟକୁ ପରିଦର୍ଶନ କରିବା ସହ ଛାତ୍ରଛାତ୍ରୀମାନଙ୍କୁ ଶ୍ରେଣୀ କକ୍ଷରେ ଗଣିତ ଶିକ୍ଷାଦାନ କରିଥିଲେ। ଏଠାରେ ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଚାଲିଥିବାବେଳେ ଶ୍ରୀ ବେହେରା ବିଦ୍ୟାଳୟକୁ ଯାଇଥିଲେ। ବିଦ୍ୟାଳୟର ଶିକ୍ଷାଦାନ ସମେତ ବିଭିନ୍ନ କାର୍ଯ୍ୟ ତଦାରଖ କରିଥିଲେ। ଏହି ସମୟରେ ୧୦ମ ଶ୍ରେଣୀରେ ଗଣିତ ଶିକ୍ଷାଦାନ ଚାଲିଥିବା ଦେଖି ଶିକ୍ଷା ଅଧିକାରୀ ଶିକ୍ଷଣ କାର୍ଯ୍ୟ ନିରୀକ୍ଷଣ କରିବା ସହ ଗୋଟେ ପିରିୟଡ଼ ଛାତ୍ରଛାତ୍ରୀମାନଙ୍କୁ ଗଣିତ ଶିକ୍ଷାଦାନ କରିଥିଲେ। ସ୍ୱଳ୍ପ ସମୟରେ ସଂକ୍ଷିପ୍ତ ଉତ୍ତରମୂଳକ ପ୍ରଶ୍ନର ଉତ୍ତର ଓଏମ୍‌ଆର୍ ସିଟ୍‌ରେ କିପରି ନିର୍ଭୁଲ ଭାବରେ ଲେଖିପାରିବେ ତା'ର କୌଶଳ ଶିଖାଇଥିଲେ। ଏଥିସହ ୧୦ମ ଶ୍ରେଣୀ ପରୀକ୍ଷାରେ ଛାତ୍ରଛାତ୍ରୀମାନେ ଶତ ପ୍ରତିଶତ ଅଂଶଗ୍ରହଣ ଓ କୃତିତ୍ୱ ହାସଲ ସହ ଏ-୧ରେ ଅଧିକ ଛାତ୍ରଛାତ୍ରୀ କିପରି ଉତ୍ତୀର୍ଣ୍ଣ ହୋଇପାରିବେ ସେ ସମ୍ପର୍କରେ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସୁଲେଖା ମହାପାତ୍ର ଓ ଅନ୍ୟ ଶିକ୍ଷକଶିକ୍ଷୟିତ୍ରୀଙ୍କ ସହ ଆଲୋଚନା କରିଥିଲେ।



୨/୯/୨୦୨୫ (ମଙ୍ଗଳବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୦୦,୨୨୨/- ସୁନା: ୦୦.୧୫୦ ଗ୍ରାମ୍ ରୁପା: ୨୭.୮୦୦ ଗ୍ରାମ୍





# କଂସ ବଧ ସହ ସରିଲା କୃଷ୍ଣଲୀଳା




ପୁରୀ,୨।୯ (ସମିସ)

ପ୍ରବଳ ପ୍ରତାପୀ କଂସ ବଧ ସହିତ ଶ୍ରୀମନ୍ଦିରରେ ଚାଲିଥିଲା କୃଷ୍ଣଲୀଳା ପରିସମାପ୍ତି ଘଟିଛି। କୃଷ୍ଣ ଲୀଳାର ଏହି ଅନ୍ତିମ ପର୍ବ ଦେଖିବା ପାଇଁ ସିଂହଦ୍ୱାର ସମ୍ମୁଖରେ ଭକ୍ତଙ୍କ ଭିଡ଼ ହୋଇଥିଲା।

### ■ ଲବଣିଖିଆ ନୀତି

ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ବଢ଼ିବା ପରେ ମହାଜନ ସେବକ ରାମକୃଷ୍ଣଙ୍କୁ ସିଂହାସନରେ ବିଜେ କରାଇଥିଲେ। ସେଠାରେ ଆଜ୍ଞାମାଳ ଲାଗି ହେବା ପରେ ଦୁଇ ଠାକୁରଙ୍କୁ ବଟବୃକ୍ଷ ନିକଟରେ ଥିବା ପାଲିଙ୍କିରେ ବିଜେ କରାଯାଇଥିଲା। ବିମାନବଡୁ ସେବକମାନେ ପାଲିଙ୍କିକୁ କୁଣ୍ଢାଇବେଣ୍ଟ ସାହିରେ ଥିବା ଲବଣିଖିଆ ଛକକୁ ନେଇଥିଲେ। ସେଠାରେ ଥିବା ପନ୍ତିଘରେ ଲବଣିଖିଆ ନୀତି ସମ୍ପନ୍ନ ହୋଇଥିଲା। ଭିତରଚ୍ଛ ମହାପାତ୍ର ସେଠାରେ ଆଳତି ବନ୍ଦାପନା କରିବା ସହିତ ମହାଭୋଇଙ୍କ ସର, ଲବଣୀ ଠାକୁରଙ୍କୁ ସମର୍ପଣ କରିଥିଲେ। ମହାଜନମାନେ ଠାକୁରଙ୍କୁ ପନ୍ତିଘର ଖଟଶେଯ ଉପରକୁ ବିଜେ କରାଇବା ପରେ ପୂଜାପଣ୍ଡା ସାମନ୍ତ ଭୋଗ ଲାଗି କରାଇଥିଲେ। ଏହାପରେ ମହାଭୋଇ ଘରର ବୋହୂମାନେ ଠାକୁରଙ୍କୁ ଅର୍ଘ୍ୟ ବନ୍ଦାପନା କରି କ୍ଷୀର, ସର, ଲବଣୀ ଖୁଆଇଥିଲେ। ଶୀତଳ ଭୋଗ ପରେ ଭିତରଚ୍ଛ ମହାପାତ୍ର ବନ୍ଦାପନା କରିଥିଲେ। ଠାକୁର ପାଲିଙ୍କିରେ ବିଜେ ହୋଇ ମରିଚିକୋଟ ଛକ ନିକଟସ୍ଥ ମରିଚି ଠାକୁରାଣୀଙ୍କ ପନ୍ତି ନିମନ୍ତେ ଯାଇଥିଲେ। ଠାକୁରାଣୀଙ୍କ ସମ୍ମୁଖରେ ମାଟିମଣ୍ଡପ ସାହି ଉତ୍ତରକାଳୀ ଆଖଡ଼ାର ଦୁଇଜଣ ମଲ୍ଲ ଯୁଦ୍ଧ ପ୍ରସ୍ତାବ ଆଗତ କରି ଏହି ନୀତି ସମ୍ପନ୍ନ କରିଥିଲେ। କୃଷ୍ଣ ଓ ବଳରାମ ବେଶରେ ଅନ୍ୟ ଦୁଇଜଣ ନୀତିରେ ସାମିଲ ଥିଲେ।

### ■ କୁବୁଜାକୁ ଉଦ୍ଧାରକଲେ ଶ୍ରୀକୃଷ୍ଣ

ଶ୍ରୀନଅରଠାରେ କୁବୁଜା ଉଦ୍ଧାରଣ ପ୍ରସ୍ତାବ ଆଗତ ହୋଇଥିଲା। କୁବୁଜା ବେଶଧାରୀ ଘଟୁଆରୀ ପ୍ରଭୁପ୍ରସାଦ ପୃଷ୍ଟି ଚଳନ୍ତି ପ୍ରତିମାଙ୍କୁ ସୁବେଶ (ଚନ୍ଦନ ଚର୍ଚ୍ଚିତ) କରାଇଥିଲେ। ଏହାପରେ ଚଳନ୍ତି ପ୍ରତିମା କୁବୁଜାଙ୍କୁ ଆଜ୍ଞାମାଳ ପ୍ରଦାନ କରି ସୁନ୍ଦରୀ ନାରୀ ରୂପ ଦେଇ ଉଦ୍ଧାର କରିଥିଲେ। ପରେ ପାଲିଙ୍କି ସିଂହଦ୍ୱାର ସମ୍ମୁଖସ୍ଥ ବଡ଼ଛତା ମଠ ସମ୍ମୁଖରେ ପହଞ୍ଚିଥିଲା।

### ■ କଂସ ବଧ ପ୍ରସ୍ତାବ ଆଗତ

ସିଂହଦ୍ୱାର ସମ୍ମୁଖ ବଡ଼ଛତା ମଠ ସମ୍ମୁଖରେ କଂସ ବଧ ନୀତି ସମ୍ପନ୍ନ ହୋଇଛି। ବାଲିସାହି ଆଖଡ଼ା ପକ୍ଷରୁ କଂସ ବଧ ପ୍ରସ୍ତାବ ଆଗତ ହୋଇଥିଲା। ଏହି ନୀତିରେ ପ୍ରଥମେ କଂସ ରଣହୁଙ୍କାର ଦେବା ପରେ ସେଠାରେ ଠାକୁରଙ୍କୁ ଶୀତଳଭୋଗ ବନ୍ଦାପନା କରାଯାଇଥିଲା। ଭଗବାନ ଶ୍ରୀକୃଷ୍ଣଙ୍କ ପରାକ୍ରମ ଦେଖି ପ୍ରବଳ ପ୍ରତାପୀ କଂସ ଭୟଭୀତ ହୋଇ ମଞ୍ଚାରୁ ପଡ଼ିଯିବାରୁ ତାଙ୍କର ନିଧନ ହୋଇଥିଲା। ଏହାପରେ ସେଠାରେ ଶୀତଳ ଭୋଗ ବନ୍ଦାପନା ହୋଇ ଠାକୁର ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। କଂସ ବେଶରେ ରାଜକିଶୋର ପ୍ରଧାନ ଏବଂ କୃଷ୍ଣ ଓ ବଳରାମ ବେଶରେ ଦୁଇଜଣ ଏହି ନୀତିରେ ସାମିଲ ହୋଇଥିଲେ।

## ଶ୍ରୀମନ୍ଦିର ଉପରେ ବସିଲା ଚିଲ

ପୁରୀ,୨।୯ (ସମିସ): ମଙ୍ଗଳବାର ଶ୍ରୀମନ୍ଦିର ନୀଳଚକ୍ର ପତିତପାବନ ବାନା ଉପରେ ଏକ ଚିଲ ବସିଥିବା ଦେଖିବାକୁ ମିଳିଥିଲା। ବାନା ଉପରେ ଚିଲ ବସିବାକୁ ନେଇ ଅନେକ କଳ୍ପନାଜଳ୍ପନା ଶୁଣିବାକୁ ମିଳିଛି। ସୂଚନା ମୁତାବକ, ମଙ୍ଗଳବାର ମଧ୍ୟାହ୍ନରେ ଏକ ଚିଲ ଶ୍ରୀମନ୍ଦିର ଉପରେ ଉଡୁଥିଲା। କିଛି ସମୟ ବୁଲିବା ପରେ ଚିଲଟି ପତିତପାବନ ବାନା ଉପରେ ବସିଥିଲା। ପ୍ରାୟ ୫ ମିନିଟ୍ ଧରି ବସିବା ପରେ ଉଡ଼ିଯାଇଥିଲା। ଶ୍ରୀମନ୍ଦିର ସେବାୟତ ଓ ଭକ୍ତ ଏହାକୁ ଦେଖି ଚକିତ ହୋଇପଡ଼ିଥିଲେ। ତେବେ ପତିତପାବନ ବାନା ଉପରେ ଚିଲ ବସିବା ଶୁଭ କି ଅଶୁଭ ତାହାକୁ ନେଇ ଅନେକ ପ୍ରଶ୍ନ ଉଠିଛି। କିଛି ସେବାୟତ ଏହାକୁ ମହାପ୍ରଭୁଙ୍କ ବଡ଼ ସଂକେତ ବୋଲି କହିଛନ୍ତି। ଚିଲ ପତିତପାବନ ବାନା ଉପରେ ବସିଲେ ଦେଶରେ ବିପର୍ଯ୍ୟୟ ଘଟିଥାଏ। ଭୂମିକମ୍ପ, ଭୂସ୍ଖଳନ, ବନ୍ୟା, ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସହ ଖାଦ୍ୟ ଅଭାବ, ଗୃହଯୁଦ୍ଧ ବୃଦ୍ଧି ପାଇଥାଏ ବୋଲି ସେବାୟତମାନେ କହିଛନ୍ତି। ପ୍ରକାଶ ଥାଉକି, ଗତ ଏପ୍ରିଲ ମାସରେ ଶ୍ରୀମନ୍ଦିରରେ ବିରଳ ଦୃଶ୍ୟ ଦେଖିବାକୁ ମିଳିଥିଲା। ଚିଲ ପତିତପାବନ ବାନା ନେଇ ଉଡୁଥିବା ଦେଖିବାକୁ ମିଳିଥିଲା। ଏହି ଦୃଶ୍ୟ ଦେଖି ଭକ୍ତମାନେ କିଛି ସମୟ ପାଇଁ ଚିଲଟିକୁ ଚାହିଁ ରହିଥିଲେ।

## ଅବସରକାଳୀନ ସମ୍ବର୍ଦ୍ଧନା ଓ ପୁସ୍ତକ ଉନ୍ମୋଚିତ

ଡେଲାଙ୍ଗ,୨।୯ (ସମିସ): ଗୋଡ଼ିପୁଟମାଟିଆପଡ଼ା ଗ୍ରାମ ପଞ୍ଚାୟତ ଅଧୀନ ଗୋଦାସାହି ପ୍ରାଥମିକ ବିଦ୍ୟାଳୟର ଆଦର୍ଶ ପ୍ରଧାନଶିକ୍ଷକ ଗୋପାଳ ଚନ୍ଦ୍ର ମହାପାତ୍ରଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ବିଦ୍ୟାଳୟ ପରିସରରେ ପ୍ରାଥମିକ ଶିକ୍ଷକ ସଂଘର ପୂର୍ବତନ ସଭାପତି ପ୍ରହଲ୍ଲାଦ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥି ଓ ବକ୍ତା ଭାବେ ବାଲ୍ ସାହିତ୍ୟ ପୁରସ୍କାରପ୍ରାପ୍ତ ଶିଶୁ ସାହିତ୍ୟିକ ବୀରେନ୍ଦ୍ର ମହାନ୍ତି, ପ୍ରକୃତି ମିତ୍ର ଆଦର୍ଶ ଶିକ୍ଷକ ପ୍ରଶାନ୍ତ ମଙ୍ଗରାଜ, ବ୍ଲକ୍ ଅଧ୍ୟକ୍ଷା ବାସନ୍ତୀ ସାହୁ, ଉପାଧ୍ୟକ୍ଷ ଦୁର୍ବାସା ନିଶଙ୍କ, ପୂର୍ବତନ ମଣ୍ଡଳ ଶିକ୍ଷା ଅଧିକାରୀ ପ୍ରମୋଦ ପରିଡ଼ା, ଏବିଇଓ ସୁଷମା ଦାଶ, ସଞ୍ଜୁକ୍ତା ମିଶ୍ର, ଶିକ୍ଷାବିତ୍ ସନ୍ତୋଷ ମହାନ୍ତି, ଆଧ୍ୟାତ୍ମିକବାଦୀ ଧାତୁବନ୍ଧୁ ଲେଙ୍କା ପ୍ରମୁଖ ଯୋଗଦେଇ ସମାଜ ଗଠନରେ ଗୁରୁଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବୁଦ୍ଧଶୀଳା ପୁସ୍ତକ ଉନ୍ମୋଚିତ ହୋଇଥିଲା।

## 'ନିର୍ମାଲ୍ୟ' ପକ୍ଷରୁ ପରିଚାଳନା କମିଟି ସଭ୍ୟଙ୍କୁ ସମ୍ବର୍ଦ୍ଧନା



ପୁରୀ,୨।୯ (ସମିସ): ସରକାରଙ୍କ ଦ୍ୱାରା ମନୋନୀତ ଶ୍ରୀମନ୍ଦିର ପରିଚାଳନା କମିଟି ଏଣିକି ଭକ୍ତ ଓ ଭଗବାନଙ୍କ କଥା କହିବ ବୋଲି ମଙ୍ଗଳବାର ନୂଆ ପରିଚାଳନା କମିଟି ସଦସ୍ୟ ଘୋଷଣା କରିଛନ୍ତି। ଓଡ଼ିଶାର ଅନନ୍ୟ ଅନୁଷ୍ଠାନ ନିର୍ମାଲ୍ୟ ପକ୍ଷରୁ ହୋଟେଲ ହଲିଡେ' ରିସୋର୍ଟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ନାଗରିକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗଦେଇ ସଦସ୍ୟମାନେ ୪୨ଟି ଅନୁଷ୍ଠାନ ପକ୍ଷରୁ ଦିଆଯାଇଥିବା ଠାକୁରଙ୍କ ଶୃଙ୍ଖଳିତ ନୀତି ସମ୍ପାଦନ, ଭକ୍ତମାନଙ୍କ ସୁଗମ ଧାଡ଼ି ଦର୍ଶନ, ଜଗନ୍ନାଥ ସଂସ୍କୃତିର ବ୍ୟାପକ ପ୍ରଚାରପ୍ରସାର, ଭୂସମ୍ପତ୍ତି ସମସ୍ୟାର ଯୁଦ୍ଧକାଳୀନ ଭିତ୍ତିରେ ସମାଧାନ, ସେବାୟତ କଲ୍ୟାଣ ପାଇଁ ତୁରନ୍ତ ଗୁରୁକୁଳ ପ୍ରତିଷ୍ଠା, ସେବାୟତଙ୍କ ଆର୍ଥିକ ଅଭିବୃଦ୍ଧି, ଶ୍ରୀମନ୍ଦିରରେ ମୋବାଇଲ୍, କ୍ୟାମେରା ସମେତ ଡ୍ରୋନ୍ ଉଡ଼ାଣ ଓ ଠାକୁରଙ୍କ ନାମରେ ଫେକ୍ ବ୍ୟବସାୟୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ବିଶେଷକରି ପୁରୀ ବାସିନ୍ଦାଙ୍କ ପାଇଁ ଦର୍ଶନର ସ୍ୱତନ୍ତ୍ର ସୁବିଧା ଭଳି ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ, ଆଇନମନ୍ତ୍ରୀ, ସଂସ୍କୃତି ମନ୍ତ୍ରୀଠାରେ ପହଞ୍ଚାଇବା ସହ ପରିଚାଳନା କମିଟିରେ ଉପସ୍ଥାପନା କରିବେ ବୋଲି ଘୋଷଣା କରିଥିଲେ। ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଂଗଠନର ସଭାପତି ଡ. ବଦ୍ରି ମିଶ୍ରଙ୍କ ଅଧ୍ୟକ୍ଷତା ଓ ନିର୍ମାଲ୍ୟ ସମ୍ପାଦକ ଡ. ବିଶ୍ୱନାଥ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପରିଚାଳନା କମିଟି ସଦସ୍ୟ ପଣ୍ଡିତ ସିଦ୍ଧେଶ୍ୱର ମହାପାତ୍ର, ଜଗନ୍ନାଥ ପୂଜାପଣ୍ଡା ସାମନ୍ତ, ମଧୁସୂଦନ ସିଂହାରୀ, କୃଷ୍ଣଚନ୍ଦ୍ର ସାମନ୍ତରା, ରାମନାରାୟଣ ଗୋଚ୍ଛିକାର, ଗଣେଶ ଦାସମହାପାତ୍ର, ମହନ୍ତ ରଘୁବୀର ଦାସ ଓ ମହେଶ କୁମାର ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜାତୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ ପରିସରର ଶିକ୍ଷାବିତ୍ ପ୍ରଫେସର ପ୍ରଭାତ କୁମାର ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ ପୁରୀ ହୋଟେଲ ଆସୋସିଏସନ୍‌ର ସମ୍ପାଦକ ରାଜକିଶୋର ପାତ୍ର ଯୋଗଦେଇ ଶ୍ରୀମନ୍ଦିରର ସୁରକ୍ଷା ଓ ବିକାଶ, ସେବାୟତ କଲ୍ୟାଣ ଓ ଭକ୍ତ ଦର୍ଶନ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଶ୍ୟାମପ୍ରକାଶ ସେନାପତି ସଂଯୋଜନା କରିଥିବାବେଳେ ଧନ୍ୟବାଦ ଅର୍ପଣ କରିଥିଲେ ହେକ୍ଟର ମିଶ୍ର। ଏଥିରେ କଣ୍ଠଶିଳ୍ପୀ ରାଜେନ୍ଦ୍ର ମିଶ୍ର ଭକ୍ତି ସଂଗୀତ ପରିବେଷଣ କରିଥିବାବେଳେ ପରିଚାଳନାରେ ସହଯୋଗ କରିଥିଲେ ତାପସ ନାୟକ, ଶୁଭେନ୍ଦୁ ତ୍ରିପାଠୀ ଓ ସିଲୁ ପଣ୍ଡା।

## ଶିଶୁ ଯତ୍ନ ଅନୁଷ୍ଠାନର କର୍ମଚାରୀଙ୍କୁ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ସେବା ତାଲିମ

ପୁରୀ,୨।୯ (ସମିସ): ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଜିଲ୍ଲା ପ୍ରଶାସନ ତରଫରୁ ଶିଶୁ ଯତ୍ନ ଅନୁଷ୍ଠାନର କର୍ମଚାରୀଙ୍କୁ ଶିଶୁ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ସେବା ଓ ଯୋଜନା ସମ୍ବନ୍ଧରେ ତାଲିମ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମ ସ୍ୱାସ୍ଥ୍ୟ ବିଭାଗ ଓ ଶିଶୁ ସୁରକ୍ଷା ବିଭାଗର ସମନ୍ୱୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଅକ୍ଷୟ କୁମାର ଶତପଥୀ ଯୋଗଦେଇ କହିଥିଲେ ଶିଶୁମାନେ ହେଉଛନ୍ତି ଦେଶର ଭବିଷ୍ୟତ। ସେମାନଙ୍କ ସ୍ୱାସ୍ଥ୍ୟ ଠିକ୍ ରହିଲେ ଦେଶ ଆଗକୁ ବଢ଼ିବ। ଏଣୁ ସ୍ୱାସ୍ଥ୍ୟ ବିଭାଗରେ ଥିବା ସମସ୍ତ ସ୍ୱାସ୍ଥ୍ୟସେବା ବିଷୟରେ ଜାଣି ଆବଶ୍ୟକତା ଅନୁସାରେ ଶିଶୁ ଯତ୍ନ ଅନୁଷ୍ଠାନରେ କାର୍ଯ୍ୟ କରିବା ଜରୁରୀ। ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ଡ. ଅଜିତ କୁମାର ମହାପାତ୍ର କହିଥିଲେ ଯେ, ସ୍ୱାସ୍ଥ୍ୟ ଓ ଶିଶୁ ସୁରକ୍ଷା ବିଭାଗ ଉଭୟ ପରିପୂରକ। ଆମ ପାଖକୁ ଆସୁଥିବା ଶିଶୁମାନେ ସ୍ୱାସ୍ଥ୍ୟ ସମସ୍ୟାର ଶିକାର ହେବା ସ୍ୱାଭାବିକ। ସେମାନଙ୍କୁ ତୁରନ୍ତ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ହେଉଛି ଆମର ଦାୟିତ୍ୱ। ଏଣୁ ସ୍ୱାସ୍ଥ୍ୟ ବିଭାଗର ସହଯୋଗର ଆବଶ୍ୟକତା ପଡ଼େ। ଏଣୁ ସମସ୍ତ ଶିଶୁ ଯତ୍ନ ଅନୁଷ୍ଠାନ ସ୍ୱାସ୍ଥ୍ୟ ବିଭାଗ ସହ ନିରନ୍ତର ସମ୍ପର୍କ ରଖିବା ଆବଶ୍ୟକ। ଅନ୍ୟ ଅତିଥି ଓ ତାଲିମଦାତାଙ୍କ ମଧ୍ୟରେ ଶିଶୁ ରୋଗ ବିଶେଷଜ୍ଞ ଡ. ସୂର୍ଯ୍ୟ ନାରାୟଣ ମିଶ୍ର ତୁରନ୍ତ ଚିକିତ୍ସା ବା ଫାଷ୍ଟଏଡ୍, ଏହାର ପରିଚାଳନା ତଥା ରକ୍ଷଣାବେକ୍ଷଣ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ। ଏହା ସହିତ ଖଣ୍ଡିଆଖାବରା, ପୋଡ଼ାଜଳା, ସାପ କାମୁଡ଼ା, ବାତ ମାରିବା ସମୟରେ ତୁରନ୍ତ ଚିକିତ୍ସା ବିଷୟରେ ଆଲୋଚନା କରିଥିଲେ। ଡ. ଶିଳ୍ପୀ ଦାସ, ସଂକ୍ରାମକ ରୋଗ ବିଶେଷଜ୍ଞ ଓ ସହଯୋଗୀ ଉମାକାନ୍ତ ରାଉତ ଇ ସଞ୍ଜିବନୀ, ଟେଲି ପରାମର୍ଶ ସମ୍ବନ୍ଧରେ ଆଲୋଚନା କରିଥିବାବେଳେ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପରିଚାଳକ ପ୍ରଶାନ୍ତ ପରିଜା ଏହି କାର୍ଯ୍ୟକ୍ରମ ଅଧୀନରେ ଶିଶୁମାନଙ୍କ ଚିକିତ୍ସା, ରେଫରାଲ, ପରାମର୍ଶ ସେବା, ମୋବାଇଲ୍ ସ୍ୱାସ୍ଥ୍ୟ ସେବା ସମ୍ବନ୍ଧରେ ଆଲୋଚନା କରିଥିଲେ। ମାନସିକ ସ୍ୱାସ୍ଥ୍ୟ ପରାମର୍ଶଦାତ୍ରୀ ଅପର୍ଣ୍ଣା ମହାନ୍ତି ଜିଲ୍ଲା ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅଧୀନରେ ଥିବା ସେବା, ମାନସିକ ଚିକିତ୍ସା ଓ ସ୍ୱାସ୍ଥ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ପ୍ରାରମ୍ଭରେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ ସ୍ୱାଗତ ଭାଷଣ ଦେଇ କହିଥିଲେ ଯେ ସ୍ୱାସ୍ଥ୍ୟ ବିଭାଗ ସହଯୋଗରେ ଜିଲ୍ଲାରେ ଶିଶୁ ସୁରକ୍ଷା କାର୍ଯ୍ୟକ୍ରମ ଅଧିକ ଉନ୍ନତ ହୋଇପାରିଛି। ଆଗକୁ ଏହା ଅନ୍ୟମାନଙ୍କ ପାଇଁ ଉଦାହରଣ ହେବ ଏଥିରେ ସନ୍ଦେହ ନାହିଁ। ଏହି କାର୍ଯ୍ୟକ୍ରମରେ ସମସ୍ତ ଶିଶୁ ଯତ୍ନ ଅନୁଷ୍ଠାନର ପାରାମେଡିକାଲ ଷ୍ଟାଫ୍, ସୁପେରିଣ୍ଟେଣ୍ଡେଣ୍ଟ, କାଉନ୍‌ସିଲର, ଗୃହ ପିତା, ଗୃହ ମାତା, ଚାଇଲ୍ଡ ହେଲ୍ପଲାଇନ ସଂଯୋଜକ ଆଦି ୩୫ଜଣ ଅଧିକାରୀ ଯୋଗଦେଇଥିଲେ। ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ନାରାୟଣ ପ୍ରସାଦ ନନ୍ଦଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲାବେଳେ ସୁରକ୍ଷା ଅଧିକାରୀ ଶୁଭ ନାରାୟଣ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର କର୍ମଚାରୀ କମଳା ମହାରଣା, ହରେକୃଷ୍ଣ ସାହୁ ସହଯୋଗ କରିଥିଲେ।

## କାର୍ଯ୍ୟରେ ଅବହେଳା ପାଇଁ ଆଟେଣ୍ଡାଣ୍ଟଙ୍କୁ ବଦଳି

ପୁରୀ,୨।୯ (ସମିସ): ପୁରୀ ଟିବି ଓ ଆଇଡିଏଚ୍‌ରେ କାର୍ଯ୍ୟରତ ଆଟେଣ୍ଡାଣ୍ଟ ସତ୍ୟ ନାରାୟଣ ସ୍ୱାଇଁଙ୍କୁ ସାକ୍ଷୀଗୋପାଳ ସିଏଚ୍‌ସିକୁ ବଦଳି କରାଯାଇଛି। ଗତ କିଛିଦିନ ତଳେ ଟିବି ହସ୍‌ପିଟାଲରେ କାର୍ଯ୍ୟ କରୁଥିବା ଶ୍ରୀ ସ୍ୱାଇଁ କାର୍ଯ୍ୟ ଦିବସ ସମୟରେ ମାଦକଦ୍ରବ୍ୟ ସେବନ କରିଥିବା ନେଇ ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ଏହା ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଦୃଷ୍ଟିକୁ ଆସିବା ପରେ ଏହା ଉପରେ ଶୂନ୍ୟ ସହନଶୀଳତା ନୀତି ଗ୍ରହଣ ସହ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ପାଇଁ ସିଡିଏମ୍‌ଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସିଡିଏମ୍‌ଓ ଡା. ଅକ୍ଷୟ କୁମାର ଶତପଥୀ ପ୍ରାରମ୍ଭିକ ପଦକ୍ଷେପ ସ୍ୱରୂପ ଆଟେଣ୍ଡାଣ୍ଟ ଶ୍ରୀ ସ୍ୱାଇଁଙ୍କୁ ସାକ୍ଷୀଗୋପାଳ ସିଏଚ୍‌ସିକୁ ବଦଳି ସହ ଏଡିପିଏଚ୍‌ଓ ଡା. ଲଲାଟେନ୍ଦୁ ମିଶ୍ରଙ୍କୁ ଏହାର ତଦନ୍ତ ଦାୟିତ୍ୱ ଦେଇଛନ୍ତି। ତଦନ୍ତ ରିପୋର୍ଟ ଆଧାରରେ ଆଇନ ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିଡିଏମ୍‌ଓ ସୂଚନା ଦେଇଛନ୍ତି।

## ଛତିଶା ନିଯୋଗ ବୈଠକ
## ଧାଡ଼ି ଦର୍ଶନର ହେବ ଟ୍ରାଏଲ୍ ରନ୍



ପୁରୀ,୨।୯ (ସମିସ): ନୀଳାଦ୍ରି ଭକ୍ତ ନିବାସରେ ମଙ୍ଗଳବାର ଛତିଶା ନିଯୋଗ ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀମନ୍ଦିର ଉପ ମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖତଃ ଆଗାମୀ ୭ ତାରିଖ ଦିନ ହେବାକୁ ଥିବା ଚନ୍ଦ୍ରଗ୍ରହଣ ନୀତି ନିର୍ଘଣ୍ଟ ଉପରେ ଆଲୋଚନା କରାଯାଇଥିଲା। ଏତଦ୍‌ବ୍ୟତୀତ ବୈଠକରେ ଆଗାମୀ ଦିନରେ ହେବାକୁ ଥିବା ଧାଡ଼ି ଦର୍ଶନ ପାଇଁ ପ୍ରସ୍ତୁତି ନେଇ ଆଲୋଚନା ହୋଇଛି। ଯାତ୍ରୀ ଦର୍ଶନ ନେଇ ସୁବ୍ୟବସ୍ଥା ସମ୍ପର୍କରେ ମଧ ସମସ୍ତ ନିଯୋଗ ସହିତ ଆଲୋଚନା କରାଯାଇଥିଲା। ସେହିପରି ମହାପ୍ରଭୁଙ୍କ ପୂଜା ଓ ଦର୍ଶନ ନାଁରେ ଅନ୍‌ଲାଇନ୍‌ରେ ଫେକ୍ ୱେବ୍‌ସାଇଟ୍ ଖୋଲିଥିବା ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପୁଲିସ ସହ ଆଲୋଚନା କରାଯାଇଥିଲା। ତେବେ ବୈଠକ ପରେ ଶ୍ରମନ୍ଦିର ଉପ ମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଶ୍ରୀ ପରିଡ଼ା ବୈଠକ ସମ୍ପର୍କରେ ସୂଚନା ଦେଇ କହିଛନ୍ତି କି ଆସନ୍ତା ୭ ତାରିଖରେ ଚନ୍ଦ୍ର ଗ୍ରହଣ ପଡୁଥିବାରୁ ଉକ୍ତ ଦିନ ନୀତି ନିର୍ଘଣ୍ଟ କିପରି ଶୃଙ୍ଖଳିତ ଭାବରେ ସମ୍ପାଦନ ହେବ ସେ ନେଇ ଆଲୋଚନା କରାଯାଇଛି। ଆଲୋଚନା କରାଯାଇ ନୀତି ନିର୍ଘଣ୍ଟ ଅନୁମୋଦନ କରାଯାଇଛି। ଯାତ୍ରୀ ଦର୍ଶନ ନେଇ ମଧ ଆଲୋଚନା କରାଯାଇଛି। ଆସନ୍ତା ୧୫ ତାରିଖରୁ ଧାଡ଼ି ଦର୍ଶନ ନେଇ ସ୍ଥିର କରାଯାଇଛି। ତେଣୁ ଧାଡ଼ି ଦର୍ଶନକୁ ଯେପରି ଶୃଙ୍ଖଳିତ ଭାବରେ ସମ୍ପାଦନ କରାଯାଇପାରିବ ସେ ସମସ୍ତ ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଛି। ପରୀକ୍ଷାମୂଳକ ଭାବରେ ଯେପରି ହୋଇପାରିବ ସେ ନେଇ ସମସ୍ତଙ୍କ ସହଯୋଗ କାମନା କରାଯାଇଛି। ୩ ତାରିଖ ଦିନ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହେବ। ବୈଠକରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ ପରିଡ଼ା କହିଛନ୍ତି। ସେହିପରି ବୈଠକ ସମ୍ପର୍କରେ ଏସ୍‌ପି ପ୍ରତୀକ ସିଂ କହିଛନ୍ତି, ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଉପରେ ଗୁରୁତ୍ୱ ଦିଆଯାଇଛି। ଯାତ୍ରୀଙ୍କ ସୁବିଧା, ଶ୍ରୀମନ୍ଦିର ପରିସର ସୁରକ୍ଷିତ ରଖିପାରିବା ସହ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିବା ନେଇ ସୂଚନା ଦେଇଛନ୍ତି।

## କଂଗ୍ରେସର ଜିଲ୍ଲା ସଭାପତି ଚୟନ 'ସଂଗଠନ ସୃଜନ ଅଭିଯାନ'




ପୁରୀ,୨।୯ (ସମିସ): ଅଖିଳ ଭାରତୀୟ କଂଗ୍ରେସ କମିଟି ଦ୍ୱାରା ସ୍ଥିରୀକୃତ ଜିଲ୍ଲା ସଭାପତି ଚୟନ ପ୍ରକ୍ରିୟା 'ସଂଗଠନ ସୃଜନ ଅଭିଯାନ' କାର୍ଯ୍ୟକ୍ରମକୁ ସଂସ୍କୃତି ଭବନରେ ପୁରୀ ଜିଲ୍ଲା ପାଇଁ ନିଯୁକ୍ତ ପର୍ଯ୍ୟବେକ୍ଷକ କର୍ଣ୍ଣାଟକ ପ୍ରଦେଶ କଂଗ୍ରେସ କାର୍ଯ୍ୟକାରୀ ସଭାପତି ତଥା ରାଜ୍ୟସଭା ସାଂସଦ ଜି.ସି. ଚନ୍ଦ୍ରଶେଖର ଉଦ୍‌ଘାଟନ କରିଥିଲେ। ତାଙ୍କ ସହ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ନିଯୁକ୍ତ ସହଯୋଗୀ ପର୍ଯ୍ୟବେକ୍ଷକ ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, କୁସୁମ ପ୍ରଧାନ, ମନୋରଞ୍ଜନ ପଟ୍ଟନାୟକ ଆଦି ଉପସ୍ଥିତଥିଲେ। ସଂଗଠନ ସୃଜନ ଅଭିଯାନ କାର୍ଯ୍ୟକ୍ରମ ବାସ୍ତବରେ ଜିଲ୍ଲାର ସମସ୍ତ କଂଗ୍ରେସ କର୍ମୀ ଛାମୁଆ ସଂଗଠନର ନେତାଙ୍କ ମତାମତ ନେଇ ଜିଲ୍ଲା ସଭାପତି ଚୟନ କରାଯିବ ନା କାହାର ସୁପାରିସ୍ ନା କାହାର ପ୍ରଭାବ ଏବଂ ବିନା ପକ୍ଷପାତିତାରେ ଜିଲ୍ଲା ସଭାପତି ଚୟନ ହେବା ନେଇ ସୁନିଶ୍ଚିତ କରିଥିଲେ। ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ, ପୂର୍ବତନ ମନ୍ତ୍ରୀ ରବିନ୍ଦ୍ର ସେଠୀ, ଭାରତୀୟ କିଷାନ କଂଗ୍ରେସ ନେତା ଅମିୟ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ ବ୍ଲକ୍ ସଭାପତି ସହିତ ସମସ୍ତ ଛାମୁଆ ସଂଗଠନର ନେତା ଓ କର୍ମକର୍ତ୍ତା ଉପସ୍ଥିତ ରହି ପର୍ଯ୍ୟବେକ୍ଷକଙ୍କୁ ବ୍ୟକ୍ତିଗତ ଭାବେ ସାକ୍ଷାତ୍ କରି ନିଜ ନିଜ ମତପୋଷଣ କରିଥିଲେ ଏବଂ ଆଶାୟୀ ଜିଲ୍ଲା କଂଗ୍ରେସ ସଭାପତି ନିଜ ନିଜ ଦରଖାସ୍ତ ପର୍ଯ୍ୟବେକ୍ଷକଙ୍କୁ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ପୁରୀ ଜିଲ୍ଲା କଂଗ୍ରେସ ସଂଯୋଜକ ଇଂ ରାଜେଶ କୁମାର ମିଶ୍ର ସଂଯୋଜନା କରିଥିଲେ।

# ଭସାଣି ଶୋଭାଯାତ୍ରାରେ ଦୁଲୁକିଲା ବଡ଼ଦାଣ୍ଡ





ପୁରୀ,୨।୯ (ସମିସ)

ପୁରୀରେ ଯେଉଁ କେତେକ ପୂଜା ଧୂମ୍‌ଧାମରେ କରାଯାଏ ସେଥିମଧ୍ୟରୁ ଅନ୍ୟତମ ଗଣେଶ ପୂଜା। ଏଠାରେ ଅଧିକାଂଶ ମଣ୍ଡପରେ ୭ ଦିନ ଧରି ବିଘ୍ନବିନାଶକଙ୍କୁ ପୂଜା କରାଯାଏ। ଚଳିତବର୍ଷ ମଝିରେ ବର୍ଷା ସତ୍ତ୍ୱେ ଏଥର ବେଶ୍ ଜାକଜମକର ସହ ପୂଜା କରାଯାଇଥିଲା। ସାତଦିନ ଧରି ବେଶ୍ ଚଳଚଞ୍ଚଳ ହୋଇପଡ଼ିଥିଲା ପୁରୀ ସହର। ଏଥର ଛୋଟବଡ଼ ପ୍ରାୟ ୬୦ରୁ ଅଧିକ ମଣ୍ଡପରେ ପୂଜା ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ଅଧିକାଂଶ ଅନୁଷ୍ଠାନ ପକ୍ଷରୁ ଗଣପତିଙ୍କୁ ମେଲାଣି ଦିଆଯାଇଛି। ବିଶେଷକରି ଏହି ଭସାଣି ଶୋଭାଯାତ୍ରାରେ ଦୁଲୁକିଥିଲା ବଡ଼ଦାଣ୍ଡ।

ଅଗ୍ରପୂଜ୍ୟଙ୍କ ଭସାଣି ପାଇଁ ସକାଳୁ ସକାଳୁ ପୂଜା ମଣ୍ଡପଗୁଡ଼ିକରେ ଚାଲିଥିଲା ପ୍ରସ୍ତୁତି। ଭସାଣି ଶୋଭାଯାତ୍ରାରେ ସାମିଲ୍ ହେବାକୁ ଥିବା ଗାଡ଼ିରେ ଠାକୁରଙ୍କୁ ବସାଇ ବିଭିନ୍ନ ସାଜସଜ୍ଜାରେ ଲାଗିଥିଲେ ଆୟୋଜକମାନେ। ଦିନତମାମ ବିଭିନ୍ନ ପ୍ରସ୍ତୁତି ପରେ ଅପରାହ୍ଣରୁ ଆରମ୍ଭ ହୋଇଥିଲା ଶୋଭାଯାତ୍ରା। ପ୍ରଶାସନିକ କଟକଣା ଭିତରେ ବିଭିନ୍ନ କ୍ଲବ୍, ସମିତି ଓ ଅନୁଷ୍ଠାନରୁ ଗଣେଶଙ୍କ ଭସାଣି ଶୋଭାଯାତ୍ରା ବାହାରିଥିଲା। ପଞ୍ଜାବୀ ବାଜା ଓ ଘଣ୍ଟମାଡ଼ରେ ଦୁଲୁକିଥିଲା ଶ୍ରୀକ୍ଷେତ୍ର। ସହରର ପ୍ରମୁଖ ପୂଜାମଣ୍ଡପ ବଡ଼ଦାଣ୍ଡର ଉଭୟ ପାର୍ଶ୍ୱରେ କରାଯାଇଥିବାରୁ ଭସାଣି ଶୋଭାଯାତ୍ରା ବଡ଼ଦାଣ୍ଡରେ ସୃଷ୍ଟି କରିଥିଲା ଏକ ନିଆରା ପରିବେଶ। କେତେକ ଅନୁଷ୍ଠାନର ଶୋଭାଯାତ୍ରା ସିଂହଦ୍ୱାର ସମ୍ମୁଖକୁ ଯାଇ ସେଠାରୁ ଫେରୁଥିବା ଦେଖିବାକୁ ମିଳୁଥିଲା। ଏହି ଶୋଭାଯାତ୍ରାରେ ପାରମ୍ପରିକ ବାଜା, ଘଣ୍ଟ ଓ ନୃତ୍ୟ ସାଙ୍ଗକୁ ଆକର୍ଷଣୀୟ ଲାଇଟ୍ ସାମିଲ ଥିଲା। ଯୁବଗୋଷ୍ଠୀଙ୍କ ନୃତ୍ୟ ଶୋଭାଯାତ୍ରାକୁ ଆହୁରି ଆକର୍ଷଣୀୟ କରିଥିଲା। ପ୍ରଶାସନିକ ନିର୍ଦ୍ଦେଶ ଅନୁଯାୟୀ, ଶୋଭାଯାତ୍ରା ଗୁଣ୍ଡିଚା ମନ୍ଦିର ସମ୍ମୁଖ ମେଳଣ ପଡ଼ିଆରେ ପହଞ୍ଚିଥିଲେ। ଶରଧାବାଲି ମୁକ୍ତାକାଶ ମଞ୍ଚରେ ଶ୍ରୀକ୍ଷେତ୍ର ଗଣପତି ମହୋତ୍ସବ କମିଟି ପକ୍ଷରୁ ଆୟୋଜିତ ଗଣେଶ ମେଳନ ଉତ୍ସବରେ ସବୁ କମିଟିକୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହାପରେ ସେଠାରୁ ଗୋଟିଏ ଗୋଟିଏ କମିଟି ପକ୍ଷରୁ ଠାକୁରଙ୍କୁ ନିଆଯାଇ ମଙ୍ଗଳାଘାଟଠାରେ ଅସ୍ଥାୟୀ ପୋଖରୀରେ ବିସର୍ଜନ କରାଯାଇଥିଲା।

ସକାଳ
THE SAKALA

# ସମ୍ପାଦକୀୟ



ଭୁଲ୍ କରିବା ମଣିଷ ପ୍ରକୃତି; ଭୁଲ୍ ସ୍ୱୀକାର କରିବା ଉତ୍ତମ ସଂସ୍କୃତି;
ଭୁଲ୍ ସୁଧାରିବା ହିଁ ହେଉଛି ପ୍ରଗତି ।
-ଗୌରଗୋପାଳ ଦାସ

## ଡ୍ରାଗନ୍‌କୁ ସାବଧାନ!

ସଦ୍ୟ ସମାପ୍ତ ସାଂଘାଇ ସହଯୋଗ ସଂଗଠନ(ଏସ୍‌ସିଓ) ଶିଖର ସମ୍ମିଳନୀରେ ଭାରତ ଉପରେ ଆମେରିକାର ଅଯୌକ୍ତିକ ଅତିରିକ୍ତ ଶୁଳ୍କ ଲାଗୁ ନିଷ୍ପତ୍ତିକୁ ଚୀନ୍ ନିନ୍ଦା କରିଛି । ସାମ୍ପ୍ରତିକ ପରିସ୍ଥିତିରେ ହାତୀ(ଭାରତ)-ଡ୍ରାଗନ୍(ଚୀନ୍) ହାତ ମିଳାଇବା ଜରୁରୀ ଏବଂ ସର୍ବାଦୌ ସଠିକ୍ ନିଷ୍ପତ୍ତି ବୋଲି ମଧ୍ୟ ଚୀନ୍ ଘୋଷଣା କରିଛି । ଗୋଟିଏ ମଞ୍ଚରେ ଭାରତ, ଚୀନ୍, ରୁଷ୍ ଏକତ୍ର ହେବା ଏବଂ ଭାରତ ସପକ୍ଷରେ ଯାଇ ଆମେରିକାକୁ ଚୀନ୍ ନିନ୍ଦା କରିବା ଭାରତ ପାଇଁ ଯେତିକି ଆଶ୍ୱସ୍ତିକର ଆମେରିକା ପାଇଁ ସେତିକି ଅବାଞ୍ଛିତ । ତେଣୁ ଏବେ ପୁଣି ଆମେରିକା ଭାରତ ପ୍ରତି କୋହଳ ହେବ ବୋଲି ସାମାନ୍ୟ ସଙ୍କେତ ମିଳିଛି । ସାମ୍ପ୍ରତିକ ଅସ୍ଥିର-ବାଣିଜ୍ୟ ପୃଷ୍ଠଭୂମିରେ ଏସିଆର ଦୁଇ ମହାଶକ୍ତି ପୂର୍ବ ତିକ୍ତତା ଭୁଲ୍ ଏକାଠି ହେଲେ ବିଶ୍ୱ ଭୂରାଜନୈତିକ-କୂଟନୈତିକ-ଅର୍ଥନୈତିକ ସମୀକରଣ ବଳଦିଯିବ । କିନ୍ତୁ ସ୍ୱଭାବ, ଆଚରଣ ଓ ଉଦାହରଣ ଆଧାରରେ ଚୀନ୍‌ର କୋମଳ କଥା ଓ ସମବେଦନାରେ ଭାରତ ଏତେ ଶୀଘ୍ର ଭଳି ଯିବା ଉଚିତ ହେବ ନାହିଁ ବୋଲି ବିଶେଷଜ୍ଞମାନେ ଯେଉଁ ମତ ଦେଇଛନ୍ତି ତାହାକୁ ମଧ୍ୟ ଅଣଦେଖା କରାଯାଇପାରିବ ନାହିଁ ।

ସବୁବେଳେ ନ୍ୟସ୍ତ ସ୍ୱାର୍ଥକୁ ଗୁରୁତ୍ୱ ଦେଉଥିବା ଆମେରିକା ଏବେ ପାକିସ୍ତାନକୁ କୋଳେଇ ନେଇ ଭାରତ ଉପରେ ଶୁଳ୍କ ଦାଉ ସାଧିଛି । ଏହାଦ୍ୱାରା ଭାରତର ରପ୍ତାନି ଶିଳ୍ପ ପ୍ରଭୂତ କ୍ଷତି ସହିବାକୁ ଯାଉଛି । ଏହି ପୃଷ୍ଠଭୂମିରେ ଭାରତର ଚୀନ୍ ସହିତ ବନ୍ଧୁତ୍ୱ ଓ ବାଣିଜ୍ୟ ସହଯୋଗ ଲୋଡ଼ିବାରେ କିଛି ଅସ୍ୱାଭାବିକତା ନାହିଁ । ଏଥିରେ ଉଭୟ ଦେଶର ଲାଭ ନିହିତ । କିନ୍ତୁ ପରିସ୍ଥିତିରୁ ଫାଇଦା ଉଠାଇବାରେ ଚୀନ୍ ଅଭ୍ୟସ୍ତ ଥିବାରୁ ଏଭଳି ସମ୍ବେଦନଶୀଳ ପରିସ୍ଥିତିରେ ଭାରତର ବଜାରକୁ କବ୍‌ଜା କରିବା ବଶମ୍ବଦ କରି ରଖିବା ବିଚିତ୍ର ନୁହେଁ । ଦ୍ୱିପାକ୍ଷିକ ସମ୍ପର୍କ ସ୍ଥାପନ ହେଉ କିମ୍ବା ପୁନରୁଦ୍ଧାର ପାଇଁ ବିଶ୍ୱାସ ହିଁ ମୂଳାଧାର । କିନ୍ତୁ ଡ୍ରାଗନ୍ ପାଖରେ ବିଶ୍ୱାସ ଶବ୍ଦର କୌଣସି ମୂଲ୍ୟ ନାହିଁ । ୧୯୫୦ ଦଶକରେ ଚୀନ୍‌କୁ ଭାରତ ବନ୍ଧୁତ୍ୱର ହାତ ବଢ଼ାଇଥିଲା, ଯାହାର ପ୍ରତ୍ୟୁତ୍ତର ୧୯୬୨ରେ ଚୀନ୍ ଯୁଦ୍ଧ ଜରିଆରେ ଦେଇଥିଲା । ୧୯୮୦ରେ ସମ୍ପର୍କର ପୁନଃସ୍ଥାପନ ପାଇଁ ଭାରତ ଉଦ୍ୟମ ଆରମ୍ଭ କରିଥିଲେ ମଧ୍ୟ ତାହାକୁ ଚୀନ୍ ପ୍ରତ୍ୟାଖ୍ୟାନ କରିଥିଲା ଏବଂ ୨୦୧୩, ୨୦୧୪, ୨୦୧୭, ୨୦୨୦ରେ ସୀମାନ୍ତରେ ଡ୍ରାଗନ୍‌ର ସାମରିକ ଫୁତ୍କାର ଶୁଣିବାକୁ ମିଳିଥିଲା । ଆମେରିକା ନେତୃତ୍ୱାଧୀନ 'କ୍ୱାଡ୍'ରେ ଭାରତର ସଦସ୍ୟତାକୁ ଚୀନ୍ ଏତେଶୀଘ୍ର ଭୁଲିଯାଇ ନ ଥିବ । ଏହାଛଡ଼ା ଚୀନ୍‌ର ବିଆରଓ ପ୍ରକଳ୍ପକୁ ଭାରତ ବିରୋଧ କରି ଆସୁଥିବାରୁ ଏହି ମୌକାକୁ ଯେ ଚୀନ୍ ଅପେକ୍ଷା କରୁ ନ ଥିବ ତାହା କିଏ କହିବ?

ଚୀନ୍ ସହିତ ଭାରତର ବାଣିଜ୍ୟ ନିଅଣ୍ଟ(ରପ୍ତାନି ତୁଳନାରେ ଆମଦାନୀ ଅଧିକ) ୧୦, ୦୦୦ କୋଟି ଡଲାର । ତେଣୁ ଏହି ମୌକାରେ ଭାରତୀୟ ବଜାରକୁ କବ୍‌ଜା କରିବାର ସୁବର୍ଣ୍ଣ ସୁଯୋଗକୁ ଡ୍ରାଗନ୍ ସ୍ୱପ୍ନ ଦେଖୁଥାଇପାରେ । ଏସ୍‌ସିଓ ବୈଠକର ବାର୍ତ୍ତା ଉପରକୁ ସକାରାତ୍ମକ ଜଣାପଡୁଥିଲେ ହେଁ ଅବିଶ୍ୱାସୀ ପଡ଼ୋଶୀ ଡ୍ରାଗନ୍‌କୁ ସହଜରେ ବିଶ୍ୱାସ କରି ବଜାର ଖୋଲିଦେବା ପୂର୍ବରୁ ଯଥେଷ୍ଟ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ । ଏହା ବିଜ୍ଞ ଭାରତୀୟ କୂଟନୀତିଜ୍ଞ ଓ ନୀତି ନିର୍ଦ୍ଧାରକଙ୍କୁ କହିବା ଆବଶ୍ୟକ ନୁହେଁ ।

## ଶିକ୍ଷକଙ୍କ ଯୋଗ୍ୟତା

ଶିକ୍ଷାଦାନର ଗୁଣବତ୍ତା ବିନା ଶିକ୍ଷାର ମୂଳ ଓ ମହତ୍ ଲକ୍ଷ୍ୟ ସାଧିତ ହେବ ନାହିଁ କି ଶିକ୍ଷା ଆହରଣ ସଫଳ ହେବ ନାହିଁ । ପୁଣି ଯଦି ଶିକ୍ଷକର ଆବଶ୍ୟକ ଦକ୍ଷତା କିମ୍ବା ଯୋଗ୍ୟତା ନଥିବ ସେ ଶିକ୍ଷାର୍ଥୀର ମୂଲ୍ୟାୟନ କରିବ କିପରି? ଏହି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ହୃଦୟଙ୍ଗମ କରି ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ(ଏନ୍‌ସିଟିଇ) ଶିକ୍ଷା ଅଧିକାର ଆଇନ୍ ୨୦୦୯ ଅଧୀନରେ ୨୦୧୧ ମସିହାରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ କରୁଥିବା ଶିକ୍ଷକମାନଙ୍କ ପାଇଁ 'ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଟିଇଟି)' ବାଧ୍ୟତାମୂଳକ କରିଥିଲେ । କିନ୍ତୁ ବିଡ଼ମ୍ବନାର ବିଷୟ ଯେ ଏକାଧିକ ପ୍ରଚେଷ୍ଟା ସତ୍ତ୍ୱେ ଅନେକ ଶିକ୍ଷକ ଟିଇଟିରେ ଉତ୍ତୀର୍ଣ୍ଣ ହୋଇପାରୁନାହାନ୍ତି, ଅଥଚ ସମାନ ବେତନ ଦାବି କରି ବିଭିନ୍ନ ସମୟରେ ଆନ୍ଦୋଳନକୁ ଓହ୍ଲାଉଥିବା ଦେଖିବାକୁ ମିଳୁଛି । ଏହାଦ୍ୱାରା ଶିକ୍ଷକର ଗରିମା ଓ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି । ନିକଟରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଏକ ଯୁଗାନ୍ତକାରୀ ରାୟରେ କହିଛନ୍ତି ଯେ ଟିଇଟିରେ ଉତ୍ତୀର୍ଣ୍ଣ ନ ହେଲେ ଶିକ୍ଷକମାନଙ୍କୁ ପଦୋନ୍ନତି ମିଳିବ ନାହିଁ । ଟିଇଟି ବିନା ନବନିଯୁକ୍ତି ମଧ୍ୟ ହୋଇପାରିବ ନାହିଁ । ଏପରିକି ୨୦୦୯ ପୂର୍ବରୁ ନିଯୁକ୍ତି ପାଇଥିବା ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କୁ ମଧ୍ୟ ଟିଇଟିରେ ଉତ୍ତୀର୍ଣ୍ଣ ହେବାକୁ ପଡ଼ିବ ।

ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦୁଇଜଣିଆ ଖଣ୍ଡପୀଠଙ୍କ ରାୟ ଅନୁଯାୟୀ ଯେଉଁ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କର ଚାକିରି କାର୍ଯ୍ୟକାଳ ପାଞ୍ଚବର୍ଷରୁ ଅଧିକ ଅଛି ସେମାନେ ଯଦି ଦୁଇବର୍ଷ ଭିତରେ ଟିଇଟିରେ କୃତକାର୍ଯ୍ୟ ହୋଇପାରିବେ ନାହିଁ ତେବେ ସେମାନଙ୍କୁ ପଦୋନ୍ନତି ଦୂରେ ଥାଉ ବାଧ୍ୟତାମୂଳକ ଅବସର ଦିଆଯିବ । ଯେଉଁମାନଙ୍କର ଚାକିରି କାର୍ଯ୍ୟକାଳ ପାଞ୍ଚ ବର୍ଷରୁ କମ୍ ରହିଛି ସେମାନେ ଟିଇଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ନ ହେଲେ ମଧ୍ୟ ଚାକିରି ହରାଇବେ ନାହିଁ, କିନ୍ତୁ ପଦୋନ୍ନତି ମଧ୍ୟ ପାଇବେ ନାହିଁ । ଶିକ୍ଷାଦାନ ଓ ଶିକ୍ଷା ଆହରଣକୁ ଗୁଣାତ୍ମକ କରିବା ପାଇଁ ଏହା ଏକ ସମୟୋପଯୋଗୀ ଅପରିହାର୍ଯ୍ୟ ମାନଦଣ୍ଡ ଏବଂ ସ୍ୱାଗତଯୋଗ୍ୟ ରାୟ ।

ଅପରପକ୍ଷରେ ନ୍ୟାୟାଳୟଙ୍କ ରାୟ ଅନୁଯାୟୀ ଦୁଇବର୍ଷ ମଧ୍ୟରେ ଅକୃତକାର୍ଯ୍ୟ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କୁ ଯଦି ବାଧ୍ୟତାମୂଳକ ଅବସର ଦିଆଯାଏ ତେବେ ଗଣଶିକ୍ଷାରେ ଏକପ୍ରକାର ଶିକ୍ଷକ ମରୁଡ଼ି ସୃଷ୍ଟି ହୋଇ ଶିକ୍ଷା ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରିଦେବାର ଆଶଙ୍କା ଅଧିକ । ଏହା ମହଙ୍ଗାରୁ ଯାଇ ମରୁଭୂମିରେ ପଡ଼ିବା ଭଳି ହେବ । କେବଳ ଆମ ରାଜ୍ୟ ବିଷୟ ଦେଖାଯାଉ । ଓଡ଼ିଶାରେ ୭୫ ହଜାରରୁ ଊର୍ଦ୍ଧ୍ୱ ଶିକ୍ଷକ/ଶିକ୍ଷୟିତ୍ରୀ ଏ ପର୍ଯ୍ୟନ୍ତ ଏକାଧିକବାର ପ୍ରଚେଷ୍ଟା ସତ୍ତ୍ୱେ ଓଟିଇଟିରେ କୃତକାର୍ଯ୍ୟ ହୋଇପାରୁନାହାନ୍ତି । ତେଣୁ ଆଗାମୀ ଦୁଇବର୍ଷ ମଧ୍ୟରେ ସେମାନେ ଏଥିରେ ଉତ୍ତୀର୍ଣ୍ଣ ନ ହେଲେ ୭୫ ହଜାର ଶିକ୍ଷକ/ଶିକ୍ଷୟିତ୍ରୀ ପଦବୀ ଖାଲି ପଡ଼ିବ ଏବଂ ଶିକ୍ଷାଦାନ, ପରୀକ୍ଷା ଓ ମୂଲ୍ୟାଙ୍କନ ବ୍ୟବସ୍ଥାରେ ଗୁରୁତର ବିଭ୍ରାଟ ସୃଷ୍ଟି ହେବ । ତେଣୁ ଏହି ସମ୍ବେଦନଶୀଳ ଦିଗଟି ପ୍ରତି ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦୃଷ୍ଟି ଆକର୍ଷଣ କରି ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ବିକଳ୍ପ ଓ ବିହିତ ବ୍ୟବସ୍ଥା କରିବାକୁ ଶିକ୍ଷକ/ଶିକ୍ଷୟିତ୍ରୀ ସଂଘ ଓ ରାଜ୍ୟ ସରକାରମାନେ ପୁନଃବିଚାର ପାଇଁ ଆବେଦନ କରିବା ଉଚିତ ହେବ ।

# ଯୋଜନ ଯୋଜନ ଦୂରରେ ଯୋଜନା

ଡ. ସ୍ୱାଧୀନ କୁମାର ଦାଶ

ରାଜ୍ୟ ଓ ଦେଶର ନିର୍ବାଚନ ସରିବାର ବର୍ଷେ ଅତିକ୍ରମ କରିଛି । ଇତିମଧ୍ୟରେ କେନ୍ଦ୍ର ଓ ରାଜ୍ୟରେ ଦୁଇଦୁଇଟି ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପିତ ହୋଇସାରିଛି । ଆମେ ଏଠାରେ ବଜେଟ୍ ବିଷୟରେ ନୁହେଁ, ବଜେଟ୍‌ରେ ବ୍ୟୟ ବରାଦ କରାଯାଇଥିବା ଯୋଜନା ସମୂହର ବାସ୍ତବିକ ଚିତ୍ର ଓ କାର୍ଯ୍ୟକାରିତା ଉପରେ ଆଲୋଚନାକୁ ସୀମିତ ରଖିବା । ମୁଖ୍ୟତଃ ଜନହିତକର, ନୂତନ ପ୍ରକଳ୍ପ, ବିଭିନ୍ନ ପ୍ରକଳ୍ପର ରକ୍ଷଣାବେକ୍ଷଣ ଓ ସରକାରଙ୍କର ପ୍ରତିଶ୍ରୁତିପୂର୍ଣ୍ଣ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ବଜେଟ୍‌ରେ ଅର୍ଥ ବ୍ୟୟବରାଦ କରାଯାଇଥାଏ । ବଜେଟ୍ ଘୋଷଣା ପରେ ସାଧାରଣତଃ ଧନିକ, ବଣିକ, ବେତନଭୋଗୀ କର୍ମଚାରୀ ଓ ମଧ୍ୟବିତ୍ତମାନଙ୍କ ସ୍ତରରେ ଆଲୋଚନାର ଆସର ଜନ୍ମ ନିଏ । କିନ୍ତୁ ଗରିବ, ଖଟିଖିଆ ଓ ନିମ୍ନବିତ୍ତ ବର୍ଗର ଜନତାଙ୍କ ପାଇଁ ଅର୍ଥନୀତି, ମୁଦ୍ରାସ୍ଫୀତି, ରାଜସ୍ୱ, ଅର୍ଥ ଆୟୋଗ, ରାଜ୍ୟ ଯୋଜନା ବୋର୍ଡ ଆଦି ବିଷୟ ସେମାନଙ୍କର ବୋଧ ପରିଧିର ବାହାରେ । ସେମାନେ କେବଳ ଏତିକି ବୁଝନ୍ତି ଯେ ସରକାର ଏସନ କ'ଣ କ'ଣ ସୁବିଧା ସୁଯୋଗ ବା ରିହାତି ଦେଲେ, ଯଦ୍ୱାରା ଏ ଅଭାବୀ ବର୍ଗର ତେଲଲୁଣ ସଂସାରରେ କିଛି ମାତ୍ରାରେ ଆଶ୍ୱସ୍ତି ଆଣିପାରିବ ।

ଏକ ସଶକ୍ତ ସମାଜ ନିର୍ମାଣ ଲାଗି ପ୍ରଥମ ଉନ୍ନତିର ସୋପାନ ହେଉଛି ସୁଦୃଢ଼ ଭିତ୍ତିଭୂମି ନିର୍ମାଣ, ଦକ୍ଷତାର ବିକାଶ ଓ ଯୁବବର୍ଗଙ୍କୁ ଆତ୍ମନିର୍ଭରଶୀଳତା କରିବାର ଯୋଜନା । ଏହି ତିନିଟି ଯୋଜନାର ସଫଳ ରୂପାୟନ ହୋଇପାରିଲେ ପ୍ରଗତି ସମ୍ଭବ । ଆମ ଦେଶର ଅର୍ଥନୀତି ବିଶ୍ୱରେ ଚତୁର୍ଥ ସ୍ଥାନ ଅଧିକାର କରିଥିବା ଖବର କିଛିଦିନ ତଳେ ଗଣମାଧ୍ୟମର ଚର୍ଚ୍ଚାର ବିଷୟ ପାଲଟିଥିଲା । ଏହି ସୋପାନ ଅତିକ୍ରମ କରିବାର ମାନସାଙ୍କ କେଉଁ କେଉଁ ମାନଦଣ୍ଡକୁ ନେଇ କରାଯାଇଛି ତାହା ସ୍ପଷ୍ଟ ନଥିବାରୁ ଜନସାଧାରଣଙ୍କ ମନରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଆମ ଦେଶରେ ଅନେକ ରାଜ୍ୟର ଅଧିବାସୀମାନଙ୍କର ମୁଣ୍ଡପିଛା ଆୟ ବର୍ତ୍ତମାନ ଯୁଗର ଚଳଣି ମୂଲ୍ୟ ତୁଳନାରେ ବହୁତ କମ୍ । ଦରଦାମ୍ ଦିନକୁ ଦିନ ବଢ଼ିବାରେ ଲାଗିଛି । ଏପରି ପରିସ୍ଥିତିରେ ବିଶ୍ୱ ଅର୍ଥନୀତିରେ ଭାରତ ତୃତୀୟ ସ୍ଥାନ ଅଳଙ୍କୃତ କରିଥିବା ସରକାରୀ ଘୋଷଣା ଉପରେ ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଯଦିଓ ରାଷ୍ଟ୍ର ଓ ରାଜ୍ୟର ବଜେଟ୍‌ର କାୟା ବର୍ଷକୁ ବର୍ଷ ବଢ଼ି ବଢ଼ି ଚାଲିଛି, ପରିତାପର ବିଷୟ ନିମ୍ନ ଓ ନିମ୍ନ-ମଧ୍ୟବିତ୍ତ ବର୍ଗଙ୍କର ଆର୍ଥିକ ସ୍ଥିତି ଯଥା ପୂର୍ବଂ ତଥା ପରଂ ଭଳି ରହିଛି ।

ଏଠାରେ ଗୋଟିଏ ପ୍ରଶ୍ନ ଆମ ମନକୁ ଆନ୍ଦୋଳିତ କରେ ଯେ ଏହି ମାଳ ମାଳ ଯୋଜନାର ଗୋଲାପୀ ଚିତ୍ର, ଯାହା ସରକାର ବିଜ୍ଞାପିତ କରୁଛନ୍ତି, ତାହା କ'ଣ ବାସ୍ତବରେ କାର୍ଯ୍ୟକାରୀ ହୋଇ ଜନହିତରେ ଆସୁଛି? ଗରିବ, ଖଟିଖିଆ, ଦୁଃସ୍ଥ, ଶ୍ରମିକ, ମହିଳା, ଆର୍ଥିକ ଅନଗ୍ରସର ବର୍ଗଙ୍କୁ ଖୁସି କରିବା ଭଳି ଯୋଜନା ଖାଲି ଯୋଜନାରେ ରହି ଯାଉନି ତ! ନା ଏହା କେବଳ ନିର୍ବାଚନୀ ଥୋପ? କେବଳ ଯୋଜନା ଘୋଷଣା କରିଦେଲେ ତାହାର ରୂପାୟନ ଆପେ ଆପେ ହୋଇଯାଏ ନାହିଁ । ହିତାଧିକାରୀମାନଙ୍କ ପାଖରେ ନ ପହଞ୍ଚିବା ପର୍ଯ୍ୟନ୍ତ ଯୋଜନାର ଅସଲ ଉଦ୍ଦେଶ୍ୟ ସାଧିତ ହୋଇପାରିବ ନାହିଁ । ସରକାରଙ୍କର ଯୋଜନାଗୁଡ଼ିକର ସଫଳ ରୂପାୟନରେ ଆନ୍ତରିକତା, ପ୍ରତିଶ୍ରୁତିବଦ୍ଧତା ଓ କାର୍ଯ୍ୟକାରିତା ଉପରେ ବାରମ୍ବାର ସମୀକ୍ଷା କରାଗଲେ ଅର୍ଥନୀତିର ଅସଲ ଉଦ୍ଦେଶ୍ୟ ସାଧିତ ହୋଇପାରିବ । ଏହା ମଧ୍ୟ ସରକାରଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ପରାୟଣତାର ମୂଲ୍ୟାୟନ କରେ ।

ଆମ ରାଜ୍ୟର ୨୦୨୫-୨୬ ଆର୍ଥିକ ବର୍ଷର ଖର୍ଚ୍ଚ (ଋଣ ପରିଶୋଧକୁ ବାଦ୍‌ଦେଲେ) ୨, ୬୬, ୮୦୦ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି । ଯାହା ୨୦୨୪-୨୫ ଆର୍ଥିକ ବର୍ଷ ସଂଶୋଧିତ ଆକଳନ ଠାରୁ ଶତକଡ଼ା ୯ ପ୍ରତିଶତ ଅଧିକ । ଏହାସହିତ ରାଜ୍ୟ ୨୩, ୨୦୦ କୋଟି ଟଙ୍କାର ଋଣ ପରିଶୋଧ ମଧ୍ୟ କରିବ । ଅନ୍ୟ ଏକ ପରିସଂଖ୍ୟାନରୁ ଜଣାପଡ଼େ ସାରା ଦେଶରେ ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଜନସଂଖ୍ୟା ଆଧାରରେ ଆମ ରାଜ୍ୟ ୧୮ ତମ ସ୍ଥାନରେ ରହିଛି । ଏହାର ଅର୍ଥ ରାଜ୍ୟରେ ପ୍ରଚୁର ଖଣିଜ ସମ୍ପଦ, ପର୍ଯ୍ୟାପ୍ତ ଜଙ୍ଗଲ ଓ ବିସ୍ତୀର୍ଣ୍ଣ ବେଳାଭୂମି ଥିବା ସତ୍ତ୍ୱେ ତା'ର ସୁବିନିଯୋଗ କରିବାରେ ଆଜିବି ଆମେ କେଉଁଠି ନା କେଉଁଠି ଅସମର୍ଥ । ଆମ ରାଜ୍ୟ ଯେ ଏକଦା ପ୍ରାଚୁର୍ଯ୍ୟଭରା, ଅଗ୍ରଣୀ ଓ ବିତ୍ତଶାଳୀ ଥିଲା ଏହାକୁ କେହି



ଅସ୍ୱୀକାର କରିପାରିବେ ନାହିଁ । କିନ୍ତୁ ଦୁଃଖର କଥା ଏତେସବୁ ସମ୍ପଦ ଥାଇ ସୁଦ୍ଧା ଆମେ ଆଜି ରାଜ୍ୟକୁ ଋଣର ପାହାଡ଼ ଉପରେ ଠିଆ କରାଯାଇଛି ।

ଉଲ୍ଲେଖଯୋଗ୍ୟ ରାଜ୍ୟ ବଜେଟରେ ଦୀର୍ଘମିଆଦୀ ଯୋଜନାକୁ ଅଣଦେଖା କରି ସ୍ୱଳ୍ପମିଆଦୀ ଯୋଜନାକୁ ପ୍ରମୁଖତା ପ୍ରଦାନ କରି ଅନେକ ବେପାରୁଆ ବ୍ୟୟର ଦିଗ ହିଁ ରାଜ୍ୟର ଅର୍ଥନୀତି ଶକ୍ତିବୃଦ୍ଧି ନ କରିପାରିବାର ପ୍ରମୁଖ କାରଣ । ବିଶ୍ୱ ଅର୍ଥନୈତିକ ଫୋରମ୍‌ର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ବିଶିଷ୍ଟ ଅର୍ଥନୀତିଜ୍ଞ କ୍ଲାଉଡ୍ ସାହଜାଙ୍କ ମତରେ ଗ୍ରାମାଞ୍ଚଳରେ ବସବାସ କରୁଥିବା ଅଧିବାସୀଙ୍କ ରୋଜଗାର ବୃଦ୍ଧିରେ ଆନ୍ତରିକତା ପ୍ରଦର୍ଶନ ପୂର୍ବକ ବଜେଟରେ ସ୍ୱତନ୍ତ୍ର ବ୍ୟବସ୍ଥାର ଯୋଜନାମାନ କଲେ ସେମାନଙ୍କ ଆର୍ଥିକ ମେରୁଦଣ୍ଡ ମଜବୁତ୍ ହୋଇପାରିବ, ଯାହା ରାଜ୍ୟ ଓ ରାଷ୍ଟ୍ରର ଆର୍ଥିକ ପ୍ରଗତିରେ ସହାୟ ହେବ । ଯୁବଗୋଷ୍ଠୀଙ୍କ ପରାମର୍ଶ ଏ ଦିଗରେ ଅତ୍ୟନ୍ତ ଗୁରୁତ୍ୱ ବହନ କରେ । ତାଙ୍କ ମତରେ ଯୁବଗୋଷ୍ଠୀଙ୍କୁ ଜ୍ଞାନକୌଶଳ ସମ୍ପନ୍ନ କରିବାର ଯୋଜନା ପ୍ରସ୍ତୁତି କରି ଏହାର ସଫଳ ରୂପାୟନ କରିପାରିଲେ ଏବଂ ଔଦ୍ୟୋଗିକ ପ୍ରଗତି ସହିତ ରାଜ୍ୟର ଆର୍ଥିକ ସ୍ଥିତିକୁ ଅନେକାଂଶରେ ମଜବୁତ୍ କରାଯାଇପାରିବ ।

ବିଡ଼ମ୍ବନା ଏହା ଯେ ଗରିବ ଓ ମଧ୍ୟବିତ୍ତଙ୍କ ଲାଗି ଉଦ୍ଦିଷ୍ଟ ଯୋଜନା ସମୂହର ତାଲିକା ପ୍ରତିବର୍ଷ ଲମ୍ବୁଥିଲେ ବି ସେମାନଙ୍କ ଆର୍ଥିକ ସ୍ଥିତିରେ ସେତେଟା ପରିବର୍ତ୍ତନ ପରିଲକ୍ଷିତ ହେଉନାହିଁ । ପୂର୍ବରୁ ବିରୋଧୀ ଦଳ ଆସନରେ ବସୁଥିବା ଦଳ ସରକାରକୁ ଆସିବା ପରେ ରାଜ୍ୟର ସମସ୍ୟା ସମୂହକୁ ଉପସ୍ଥାପନ କରିବାର ସ୍ୱର ନରମି ଯାଇଛି । ଚାଷୀର ସମସ୍ୟା, ଅଭାବ, ଅସୁବିଧା, ଶିକ୍ଷା, ସ୍ୱାସ୍ଥ୍ୟ ଓ ବିଭିନ୍ନ ହିତାଧିକାରୀଙ୍କୁ ପ୍ରଦାନ କରାଯାଉଥିବା ଯୋଜନା ବିଷୟରେ ସରକାର ସେତେଟା ଯତ୍ନବାନ ଥିବା ପରିଲକ୍ଷିତ ହେଉନି । ଭତ୍ତା ହେଉ କି ରାସନ୍ ବଣ୍ଟନ କି ପକ୍କାଘର ପ୍ରଦାନ ପରି ଯୋଜନାମାନଙ୍କର ହିତାଧିକାରୀ ସଂଖ୍ୟା ବର୍ଷକୁ ବର୍ଷ ବଢ଼ିବାରେ ଲାଗିଛି । ଏହାପଛରେ ମଧ୍ୟ ଦୁର୍ନୀତି ରହୁଥିବା ଅଭିଯୋଗ ଆସୁଛି । ଉଦାହରଣ ସ୍ୱରୂପ କଚ୍ଚା ଘର ଓ ଟାଇଲଛପର ଘରେ ରହୁଥିବା ଜନସାଧାରଣଙ୍କୁ ପକ୍କାଘର ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇ ପ୍ରତିବର୍ଷ ପକ୍କାଘରର କାର୍ଯ୍ୟାଦେଶ ଏବଂ ଅର୍ଥ ପ୍ରଦାନ କରାଯାଉଛି । କିନ୍ତୁ ଆଶ୍ଚର୍ଯ୍ୟ ଲାଗେ ପକ୍କାଘର କାର୍ଯ୍ୟାଦେଶ ପାଇବା ପରେ ପ୍ରଥମ କିସ୍ତି ଅର୍ଥକୁ ଚଳୁ କରି ଘର କରୁ ନ ଥିବାରୁ ଦିନକୁ ଦିନ ହିତାଧିକାରୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଏଥର ମଧ୍ୟ ସରକାର ୭୫୫୦ କୋଟି ଟଙ୍କା ଅନ୍ତ୍ୟୋଦୟ ଗୃହଯୋଜନା ଲାଗି ବଜେଟ୍‌ରେ ବରାଦ କରିଛନ୍ତି । ଏ ସମସ୍ୟା ସୁଧାରିବାକୁ ହେଲେ ସରକାରୀ ଅଧିକାରୀଙ୍କର ପ୍ରତ୍ୟକ୍ଷ ନିରୀକ୍ଷଣର ଆବଶ୍ୟକତା ରହିଛି ।

ରାଜ୍ୟରେ ପ୍ରଗତି, ଅର୍ଥନୈତିକ ଅଭିବୃଦ୍ଧିକୁ ନେଇ ନିଜେ ନିଜର ପିଠି ଥାପୁଡ଼ାଉଥିବା ସରକାର ଯଦି ବିତ୍ତୀୟ ପରିଚାଳନାକୁ ଦକ୍ଷତାର ସହ ନ ତୁଳାନ୍ତି ତେବେ ଆଗାମୀ ଦିନରେ ଋଣର ଭାର ଆହୁରି ବଢ଼ି ରାଜ୍ୟର ଅର୍ଥନୀତିକୁ ଦୁଃସ୍ଥ କରିପକାଇବ । ମାଗଣା ସରକାରୀ ଯୋଜନା ସମୂହରୁ ଲୋକମାନଙ୍କୁ ବି ଧୀରେ ଧୀରେ ଦୂରେଇ ଆତ୍ମନିର୍ଭରଶୀଳତାର ପନ୍ଥା ଯୋଗାଇ ଦେଲେ ଆମ ରାଜ୍ୟ ସ୍ୱାବଲମ୍ବୀ ହେବା ସହ ପ୍ରକୃତ ଉନ୍ନତି ସମ୍ଭବ ହୋଇପାରିବ । ଏଥିପାଇଁ ସରକାରୀ ଅଧିକାରୀମାନେ ଶୀତତାପ ନିୟନ୍ତ୍ରିତ କୋଠରିରୁ ବାହାରି ଯୋଜନାର ସଠିକ୍ କାର୍ଯ୍ୟକାରିତାକୁ ପରଖିବାକୁ ପଡ଼ିବ । ନ ହେଲେ ବିକାଶ ନାମରେ 'ଧର୍ମକୁ ଆଖିଠାର' ପୂର୍ବକ ସରକାରୀ ତହବିଲର ଅର୍ଥ ବାଟମାରଣା ହୋଇଚାଲିଥିବ ଏବଂ ରାଜ୍ୟ ଓ ରାଷ୍ଟ୍ରର ଅର୍ଥନୀତିକୁ ଦୁଃସ୍ଥ କରିଚାଲିଥିବ । ଗରିବ ଲୋକଙ୍କ ପାଇଁ ସରକାରୀ ଯୋଜନା ଯୋଜନ ଯୋଜନ ଦୂରରେ ରହିଯିବ ।

ଭୁବନେଶ୍ୱର, ମୋ: ୯୯୩୭୭୮୧୦୧୨

# ରାସ୍ତାରେ ବିତୁଛି ସମୟ

ପ୍ରଣତି ଆଚାର୍ଯ୍ୟ ମିଶ୍ର

କିଛିଦିନ ତଳେ ରାଜଧାନୀ ଭୁବନେଶ୍ୱରରେ ଟ୍ରାଫିକ୍ ସମସ୍ୟା ଉତ୍କଟ ହୋଇଥିଲା । ବର୍ଷା, ମହୋତ୍ସବ, ରାସ୍ତା ନିର୍ମାଣ ହେଲେ ଏହିଭଳି ସମସ୍ୟା ଆହୁରି ବଢ଼ିଯାଉଛି । ସମ୍ପ୍ରତି ବେଙ୍ଗାଲୁରୁରେ ଟ୍ରାଫିକ୍ ସମସ୍ୟାକୁ ଦୃଷ୍ଟିରେ ରଖି ସେଠାକାର ଟ୍ରାଫିକ୍ ପୁଲିସ ପ୍ରତି ବୁଧବାର ଘରୁ କାମ କରିବାକୁ ପରାମର୍ଶ ଦେଇଛନ୍ତି । ଆଜି ଏହି ସମସ୍ୟା କେବଳ ଭୁବନେଶ୍ୱର କିମ୍ବା ବେଙ୍ଗାଲୁରୁ ସହରର ନୁହେଁ । ସମଗ୍ର ଦେଶର ସାମାଜିକ ସ୍ଥିତି, ଅର୍ଥନୀତି ଓ ପରିବେଶ ପାଇଁ ଗମ୍ଭୀର ଚିନ୍ତାର ବିଷୟ ପାଲଟିଛି । ଦୀର୍ଘ ସମୟ ଧରି ଟ୍ରାଫିକରେ ଫସି ରହିବା ଲୋକଙ୍କ ମଧ୍ୟରେ ଚାପ, ଚିଡ଼ଚିଡ଼ା ଓ ମାନସିକ ଥକ୍କା ପଣ ବୃଦ୍ଧି କରୁଛି । ଜରୁରିକାଳୀନ ଚିକିତ୍ସା ସେବା, ଆମ୍ବୁଲାନ୍ସ ଓ ଅଗ୍ନିଶମ ବାହିନୀ ଭଳି ସେବା ବାଧାପ୍ରାପ୍ତ ହେଉଛି ।

ସାଧାରଣତଃ ଭାରତର ସମସ୍ତ ଛୋଟବଡ଼ ସହରରେ ଟ୍ରାଫିକ୍ ସମସ୍ୟା ବୃଦ୍ଧି ପାଉଛି । ସଡ଼କ ଭିତ୍ତିଭୂମି, ଅସଂଗଠିତ ପରିବହନ ବ୍ୟବସ୍ଥା, ଜନସଂଖ୍ୟା ଘନତା, ଟ୍ରାଫିକ୍ ପରିଚାଳନାରେ ଅପାରଗତା, ଉପଭୋକ୍ତାବାଦୀ ସଂସ୍କୃତି ଏଥିପାଇଁ ଦାୟୀ । ଏକ ଇଂରାଜୀ ଖବରକାଗଜର ରିପୋର୍ଟ ଅନୁଯାୟୀ ଚଳିତ ବର୍ଷର ପ୍ରଥମ ଛଅ ମାସରେ ବେଙ୍ଗାଲୁରୁ ସହରରେ ତିନି



ଲକ୍ଷରୁ ଅଧିକ ନୂତନ ବ୍ୟକ୍ତିଗତ ଯାନ ପଞ୍ଜିକୃତ ହୋଇଛି । ଆଗରୁ ଏଠାରେ ୧.୨୩ କୋଟିରୁ ଅଧିକ ଯାନ ପଞ୍ଜିକୃତ ହୋଇସାରିଛି ।

ବିଶ୍ୱସ୍ତରରେ ପ୍ରକାଶିତ ଟ୍ରାଫିକ୍ ସୂଚକାଙ୍କ ଅନୁଯାୟୀ ଟ୍ରାଫିକ୍ ଭିଡ଼ ତାଲିକାରେ କଲମ୍ବିଆର ଭାରାନକ୍ୱିଲା ସହର ପ୍ରଥମ ସ୍ଥାନରେ ଥିବା ବେଳେ ଭାରତର କୋଲକାତା ଦ୍ୱିତୀୟ, ବେଙ୍ଗାଲୁରୁ ଓ ପୁଣେ ଯଥାକ୍ରମେ ତୃତୀୟ ଓ ଚତୁର୍ଥ ସ୍ଥାନରେ ଅଛନ୍ତି । ଏମ୍‌ଷ୍ଟାର୍ଡମ୍ ଇନ୍‌ଷ୍ଟିଚ୍ୟୁଟ୍‌ର ଏକ ଅଧ୍ୟୟନ ଦର୍ଶାଇଛି ୨୦୨୩ ମସିହାରେ ବେଙ୍ଗାଲୁରୁ ଓ ପୁଣେ ବିଶ୍ୱର ୧୦ ଟି ସବୁଠାରୁ ଅଧିକ ଟ୍ରାଫିକ ପ୍ରଭାବିତ ସହର ମଧ୍ୟରେ ଯଥାକ୍ରମେ ଷଷ୍ଠ ଏବଂ ସପ୍ତମ ସ୍ଥାନରେ ଥିଲେ । କୋଲକାତା ଓ ବେଙ୍ଗାଲୁରୁରେ ୧୦ କିଲୋମିଟର ଦୂରତା ଅତିକ୍ରମ କରିବାକୁ ହାରାହାରି ୩୩ ମିନିଟ ସମୟ ଲାଗେ । କୋଲକାତାରେ ଟ୍ରାଫିକ୍ ଜାମ୍ ଯୋଗୁଁ ଲୋକଙ୍କୁ ବର୍ଷକୁ ୧୧୦ ଘଣ୍ଟା ଏବଂ ବେଙ୍ଗାଲୁରୁର ଲୋକଙ୍କୁ ୧୧୭ ଘଣ୍ଟା ନଷ୍ଟ କରିବାକୁ ପଡୁଛି । ସେହିପରି ଭାରତର ସମସ୍ତ ସହରର ଲୋକଙ୍କ ଅଧିକ ସମୟ ରାସ୍ତାରେ ନଷ୍ଟ ହେଉଛି ।

୨୦୨୪ ରେ ଓଡ଼ିଶାର ବାହନ ପଞ୍ଜୀକରଣ ସଂଖ୍ୟା ଥିଲା ୧, ୧୭, ୬୨, ୭୯୦ । ୨୦୨୩ ରେ କେବଳ ବ୍ୟବସାୟିକ ବାହନ ବିକ୍ରି ୯୪୯୨ ଥିବା ବେଳେ ୨୦୨୪ରେ ଏହା ବୃଦ୍ଧି ପାଇ ୨୨୩୦୨ ହୋଇଛି । ପ୍ରତି ବର୍ଷ ବାହନ ପଞ୍ଜୀକରଣ ୭% ହାରରେ ବୃଦ୍ଧି ପାଉଛି । ଦେଶରେ ସାଧାରଣ ପରିବହନର ଉପଯୁକ୍ତ ବ୍ୟବସ୍ଥା ଅଭାବରୁ ଘରୋଇ ଯାନବାହନ ସଂଖ୍ୟା ବୃଦ୍ଧି ପାଉଛି । ରୋଡ୍ ଟ୍ରାନ୍ସପୋର୍ଟ ଇୟରବୁକ୍ ୨୦୧୯-୨୦ ଅନୁଯାୟୀ ୨୦୦୧ ମସିହାରେ ପ୍ରତି ୧୦୦୦ ଲୋକଙ୍କ ପାଇଁ ପଞ୍ଜିକୃତ ମୋଟର ଯାନ ସଂଖ୍ୟା ୫୩ ଥିଲା । ୨୦୨୦ ମସିହାରେ ଏହା ୨୪୬କୁ ବୃଦ୍ଧି ପାଇଛି । ଦେଶର ରାସ୍ତାରେ ମୋଟ ଯାନର ୮୫ ପ୍ରତିଶତ କାର ଓ ଦୁଇଚକିଆ ରହିଛି । ତଥାପି ଭାରତୀୟ ସହରଗୁଡ଼ିକରେ ପରିବହନ ଚାହିଦା ଓ ଯୋଗାଣ ମଧ୍ୟରେ ଏକ ବିରାଟ ପାର୍ଥକ୍ୟ ଅଛି । ଦେଶରେ ଏପରି ଅନେକ ସହର ଅଛି ଯେଉଁଠାରେ ସାଧାରଣ ପରିବହନ ବ୍ୟବସ୍ଥା ଅପର୍ଯ୍ୟାପ୍ତ ଥିବାରୁ ଅଟୋରିକ୍ସା, ଟ୍ୟାକ୍ସି, କାର ଓ ଦୁଇଚକିଆ ଯାନ ଦ୍ୱାରା ରାସ୍ତାରେ ଭିଡ଼ ସମସ୍ୟା ସୃଷ୍ଟି ହେଉଛି । ଦେଶରେ ୪୫୮ ସହରରୁ କେବଳ ୬୩ ସହରରେ ସାର୍ବଜନୀନ ସିଟି ବସ୍ ବ୍ୟବସ୍ଥା ଅଛି । ମେଟ୍ରୋ ଓ ଉପନଗରୀୟ ରେଳ ସେବା ଯଥାକ୍ରମେ ୧୩ ଓ ୯ ସହରରେ ଉପଲବ୍ଧ । ଦେଶରେ ବର୍ଦ୍ଧିତ ଜନସଂଖ୍ୟା ଏବଂ ଆର୍ଥିକ ଶକ୍ତି ଘରୋଇ ଯାନ କ୍ରୟକୁ ପ୍ରୋତ୍ସାହିତ କରୁଛି ।

ଜାତିସଂଘର ଏକ ରିପୋର୍ଟ ଅନୁଯାୟୀ ୨୦୩୦ ସୁଦ୍ଧା ଭାରତର ମୋଟ ଜନସଂଖ୍ୟା ୧୫୦ କୋଟିରୁ ଅଧିକ ହେବାର ସମ୍ଭାବନା ଅଛି । ୨୦୪୭ ସୁଦ୍ଧା ଭାରତର ମୋଟ ଜନସଂଖ୍ୟାର ପ୍ରାୟ ୫୧ ପ୍ରତିଶତ ସହରରେ ବାସ କରିବେ । ବର୍ଦ୍ଧିତ ସହରାଞ୍ଚଳ ଜନସଂଖ୍ୟା ସ୍ପଷ୍ଟ କରୁଛି ଯେ ଆଗାମୀ ବର୍ଷଗୁଡ଼ିକରେ ଭାରତରେ ଟ୍ରାଫିକ ସମସ୍ୟାର ପରିଚାଳନା ଏକ ଆହ୍ୱାନ ହେବ । ସହରଗୁଡ଼ିକରେ ବର୍ଦ୍ଧିତ ଟ୍ରାଫିକ ସମସ୍ୟାକୁ ଦୃଷ୍ଟିରେ ରଖି ଲୋକଙ୍କ ଯାତାୟାତ ପାଇଁ ସ୍ଥାୟୀ ସମାଧାନ ଖୋଜିବା ଆବଶ୍ୟକ । ସାର୍ବଜନୀନ ପରିବହନ ବ୍ୟବସ୍ଥା ବିକଶିତ କରିବାକୁ ପଡ଼ିବ । ଟ୍ରାଫିକ ସମସ୍ୟାରୁ ମୁକ୍ତି ପାଇବା ପାଇଁ ସ୍ମାର୍ଟ ସହରାଞ୍ଚଳ ଯୋଜନା ରଣନୀତି କାର୍ଯ୍ୟକାରୀ କରିବାର ଆବଶ୍ୟକତା ଅଛି ।

ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଭିଡ଼ ଟିକସ ଏବଂ ବ୍ୟକ୍ତିଗତ ଯାନବାହନ କ୍ରୟ ପାଇଁ ଏକ କଠୋର ପରମିଟ୍ ବ୍ୟବସ୍ଥା ଲାଗୁ କରାଯିବା ଉଚିତ । ସାଇକେଲ ଓ ଚାଲିବା ଅଭ୍ୟାସକୁ ମଧ୍ୟ ପ୍ରୋତ୍ସାହିତ କରିବାକୁ ପଡ଼ିବ ।

ନୟାଗଡ଼, ମୋ: ୯୪୩୭୬୪୨୯୪୭

# ସାତ ଲହଡ଼ି ମଠ

## ଲୋକକଥାରେ ଲୋକଦେବତା

ସ୍ୱପ୍ନେଶ୍ୱର

ହିନ୍ଦୁ ଧର୍ମ ସଂସ୍କୃତିର ସମସ୍ତ ଶାସ୍ତ୍ର ପୁରାଣ ସଂସ୍କୃତ ଭାଷାରେ ଲେଖା ଯାଇଥିଲା । ସଂସ୍କୃତ ଭାଷା ଶିକ୍ଷା ପ୍ରାୟ ବ୍ରାହ୍ମଣମାନଙ୍କର ଏକଚାଟିଆ ଅଧିକାର ଥିଲା । ଶୁଦ୍ରମୁନି ଶାରଳା ଦାସ ଓଡ଼ିଆ ମହାଭାରତ, ବଳରାମ ଦାସ ଓଡ଼ିଆ ଭାଷାରେ ରାମାୟଣ ଓ ଅଚ୍ୟୁତାନନ୍ଦ ହରିବଂଶ ଲେଖି ଲୋକପ୍ରିୟତା ହାସଲ କଲେ । ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ସେ ସମୟରେ ଓଡ଼ିଶାରେ ଘରେ ଘରେ ପାଠ କରାଗଲା । ତେଣୁ ବ୍ରାହ୍ମଣମାନେ ସାମଗ୍ରିକ ଭାବେ ଏ ସବୁକୁ ସେମାନଙ୍କ କୌଳିକ ବୃତ୍ତିରେ ଅନୁପ୍ରବେଶ ବୋଲି ଧରି ନେଇଥିଲେ ଏବଂ ପଞ୍ଚସଖାକୁ ପାନେ ଦେବା ପାଇଁ ସୁଯୋଗ ଅପେକ୍ଷାରେ ରହୁଥିଲେ ।

ଜଗନ୍ନାଥ ଦାସଙ୍କ ଭାଗବତ ବ୍ୟାଖ୍ୟାରେ ମୁଗ୍ଧ ହୋଇ ଗଜପତି ପ୍ରତାପ ରୁଦ୍ରଙ୍କ ପାଟରାଣୀ ତାଙ୍କଠାରୁ ଦୀକ୍ଷା ଗ୍ରହଣ କରି ଗୁରୁ ମଣିଥିଲେ ଏବଂ ରାଣୀ ମହଲକୁ ଗୁରୁଙ୍କ ରହିବା ପାଇଁ ଦାନ କରିଦେଲେ । ଏ ସବୁ ଦେଖି ଅନ୍ୟମାନେ ଈର୍ଷାରେ ଜଳି ଯାଉଥିଲେ । ରାଣୀ ମହଲରେ ଜଗନ୍ନାଥ ଦୁଇଜଣ ଯୁବତୀଙ୍କୁ ଧରି ରାସଲୀଳା କରୁଥିବା ମନଗଢ଼ା କାହାଣୀ ସୃଷ୍ଟି କରି ସେମାନେ ରାଜାଙ୍କ ଆଗରେ ଫେରାଦ ହେଲେ । କିନ୍ତୁ ତଦନ୍ତ ପରେ ଏ କାହାଣୀ ମିଛ ସାବ୍ୟସ୍ତ ହେଲା । ଏଥର ସେମାନେ ଜଗନ୍ନାଥ ଦାସଙ୍କ ବିରୋଧରେ ନୂଆ ଫନ୍ଦି କରି ଗଜପତିଙ୍କୁ ଏକାନ୍ତରେ ଅଭିଯୋଗ କଲେ, 'ମଣିମା! ଜଗନ୍ନାଥ ଦାସ ଓ ରାଣୀ ମାଆଙ୍କର ସମ୍ପର୍କ ଗୁରୁ-ଶିଷ୍ୟାର ସମ୍ପର୍କଠାରୁ ଅଲଗା । ଏହି ଅଭିଯୋଗ ଆଧାରରେ ରାଜା ଦାସଙ୍କୁ ବନ୍ଦୀ କରି କାରାଗାରରେ ରଖିଲେ ଏବଂ କୈଫିୟତ ତଲବ କଲେ । ଜଗନ୍ନାଥ ଦାସ କହିଲେ, 'ମଣିମା! ମୁଁ ପୁରୁଷ ଲୋକଙ୍କ ସହ ପୁରୁଷ ଏବଂ ନାରୀମାନଙ୍କ ସହ ନାରୀ ରୂପେ ବ୍ୟବହାର କରେ ।' ତହୁଁ ଗଜପତି ପ୍ରମାଣ ସ୍ୱରୂପ ତାଙ୍କର ନାରୀ ରୂପ ଦେଖିବାକୁ ଚାହିଁଲେ । ଅଧାରାତି ସରିକି ବନ୍ଦୀଶାଳାର ପ୍ରହରୀ ଦେଖିଲା ଯେ ଜଗନ୍ନାଥ ଦାସଙ୍କ ଯାଗାରେ ଜଣେ ଅତ୍ୟନ୍ତ ସୁନ୍ଦରୀ ନାରୀ ବସିଥିଲେ । ପ୍ରହରୀଠାରୁ ଖବରପାଇ ଗଜପତି ପ୍ରତାପ ରୁଦ୍ରଦେବ ବନ୍ଦୀଶାଳାରେ ପହଞ୍ଚିଲେ । ଦାସଙ୍କୁ ନାରୀ ସ୍ୱରୂପରେ ଦର୍ଶନ କରି ସେ ଚମତ୍କୃତ ହେଲେ ଏବଂ ତାଙ୍କଠାରୁ କ୍ଷମା ଭିକ୍ଷା କରି କାରାଗାରରୁ ମୁକ୍ତ କରିଦେଲେ ।

ଜଗନ୍ନାଥ ଦାସଙ୍କ ପରି ଜଣେ ଜ୍ଞାନୀ, ଗୁଣୀ, ସିଦ୍ଧ ସାଧକ ବାରମ୍ବାର ଅପମାନିତ ହେବା ଚୈତନ୍ୟ ମହାପ୍ରଭୁଙ୍କୁ ମର୍ମାହତ କଲା । ନିଜେ ଜଗନ୍ନାଥ ଦାସ ମଧ୍ୟ ଦୁଃଖିତ ଥିଲେ । ଦିନେ ଚୈତନ୍ୟ ମହାପ୍ରଭୁ ନଗର ବାହାରକୁ ତାଙ୍କର ଆଶ୍ରମ ସ୍ଥାନାନ୍ତର କରିବା ପାଇଁ ଅନୁରୋଧ କଲେ । କଥାଟା ଜଗନ୍ନାଥଙ୍କ ମନକୁ ପାଇଲା । ସେ ସହର ବାହାରେ ଅନେକ ଦିନ ଖୋଜାଖୋଜି କରି ଶେଷରେ ସମୁଦ୍ର କୂଳରେ ଏକ ନିକାଞ୍ଚନ ଯାଗା ଚୟନ କଲେ । କୁଡ଼ିଆ ଖଣ୍ଡେ ତିଆରି କରିବା ପାଇଁ ତାଙ୍କ ପାଖରେ କଉଡ଼ି ନ ଥିଲା । ତେଣୁ ଆନନ୍ଦ ବଜାରରୁ ସେ ଅନେକ ବ୍ୟବହୃତ କୁଡୁଆ ସଂଗ୍ରହ କଲେ । ମାଟି କୁଡୁଆକୁ ଖଞ୍ଜି ଏକ ଗୁମ୍ଫା ନିର୍ମାଣ କରି ତା' ଭିତରେ ସାଧନା ଜାରି ରଖିଲେ । ସେ ଗୁମ୍ଫା କେତେବେଳେ ସମୁଦ୍ର ଯୁଆର ମାଡ଼ରେ ତ ଆଉ କେତେବେଳେ ଝଡ଼ ତୋଫାନରେ ଭାଙ୍ଗି ଯାଉଥିଲା । ବାରମ୍ବାର ତାକୁ ନିର୍ମାଣ କରିବା ଦାସଙ୍କ ପକ୍ଷେ ସମ୍ଭବ ହେଲା ନାହିଁ । ତେଣୁ ସେ ବରୁଣ ଦେବତାଙ୍କୁ ଆରାଧନା କରି ପ୍ରାର୍ଥନା କଲେ, 'ବରୁଣ ଦେବ! ଆପଣଙ୍କ ଲହଡ଼ି ମାଡ଼ରେ ଗୁମ୍ଫା ଭାଙ୍ଗି ଯାଉଥିବାରୁ ପ୍ରଭୁଙ୍କ ସାଧନାରେ ବ୍ୟାଘାତ ସୃଷ୍ଟି ହେଉଛି । ତେଣୁ ଆପଣ ସାତ ଲହଡ଼ି ପରିମିତ ଅଞ୍ଚଳରୁ ଅପସରି ଯିବା ପାଇଁ ପ୍ରାର୍ଥନା କରୁଛି ।'

ଦାସଙ୍କ ପ୍ରାର୍ଥନାରେ ବରୁଣ ଦେବ ସାତ ଲହଡ଼ି ପରିମିତ ଅଞ୍ଚଳରୁ ଅପସରି ଗଲେ । ତା' ପରେ ଜଗନ୍ନାଥ ଦାସଙ୍କ ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ପବନ ଦେବତା ମଧ୍ୟ ସେହି ଅଞ୍ଚଳରେ ତାଙ୍କ ଗତିର ବେଗ ଧୀର କରିବାକୁ ସମ୍ମତ ହେଲେ । ଅତିବଡ଼ି ସେଠାରେ ନିରାପଦ ଭାବେ ସାଧନା ଜାରି ରଖିଲେ । କାଳକ୍ରମେ ଶିଷ୍ୟମାନଙ୍କ ସହାୟତାରେ ସେଠାରେ ଏକ ଆଶ୍ରମ ଗଢ଼ି ଉଠିଲା । ସେ ଆଶ୍ରମ ଏକ ବିରାଟ ଅନୁଷ୍ଠାନରେ ପରିଣତ ହେଲା । ସମୁଦ୍ର ସାତ ଲହଡ଼ି ପର୍ଯ୍ୟନ୍ତ ଘୁଞ୍ଚି ଯାଇଥିବାରୁ ସେ ଅନୁଷ୍ଠାନ 'ସାତ ଲହଡ଼ି ମଠ' ନାମରେ ନାମିତ ହେଲା । ସେ ବିଷୟରେ ମହାତ୍ମା ଅଚ୍ୟୁତାନନ୍ଦ 'ଉଦୟ କାହାଣୀ'ରେ ଲେଖିଛନ୍ତି- 'ଜଗନ୍ନାଥ ଦାସ ନୀଳାଞ୍ଚଳରେ ସମାଧି ଥାପନା ବରୁଣ ପୁରେ / ସାତ ଲହଡ଼ି ଯେ ଛାଡ଼ିଣ ଗଲା ଜଗନ୍ନାଥ ତହିଁ ଆଶ୍ରମ କଲା ।

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

## ମୁଦ୍ରା ବିନିମୟ ମୂଲ୍ୟ



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୮.୨୧ ● ପାଉଣ୍ଡ ୧୧୯.୮୮
- ୟୁରୋ ୧୦୩.୬୧ ● ୟେନ୍ ୦.୫୯

## ସୁନା, ରୁପା ଦର (ଟଙ୍କାରେ)




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୭,୨୫୦ (ନୂଆଦିଲ୍ଲୀ)
- ରୁପା : ୧,୨୯,୦୦୦ (କେଜି)



## ଷ୍ଟକ୍ ମାର୍କେଟ୍

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୦,୧୫୭.୦୦
- ନିଫ୍ଟି ୨୪,୫୭୯.୦୦




## ପେଟ୍ରୋଲ-ଡିଜେଲ୍

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



### ଟ୍ରମ୍ପଙ୍କ ନୂଆ ଯୋଜନା

# ଭାରତରୁ ଔଷଧ ଆମଦାନୀ ଉପରେ ୨୦୦% ଟାରିଫ୍



ୱାଶିଂଟନ୍‌, ୨।୯(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଦେଶରୁ ଆସୁଥିବା ଔଷଧ ଉପରେ ମଧ୍ୟ ୨୦୦ ପ୍ରତିଶତ ଶୁଳ୍କ ଲଗାଇବାକୁ ପ୍ରସ୍ତୁତ ହେଉଛନ୍ତି। ଏହା ଭାରତ ଭଳି ସମସ୍ତ ଦେଶକୁ ପ୍ରଭାବିତ କରିବ ଯେଉଁମାନେ ଆମେରିକାକୁ ଔଷଧ ଯୋଗାଣ କରନ୍ତି। ଯଦିଓ, ଭାରତକୁ ବର୍ତ୍ତମାନ ପାଇଁ ଏଥିରୁ ଦୂରରେ ରଖାଯାଇଛି, କିନ୍ତୁ ଆଗାମୀ ସମୟରେ ଏହାର ପ୍ରଭାବ ଭାରତ ଉପରେ ମଧ୍ୟ ଦେଖାଯିବ। କିନ୍ତୁ ଯଦି ଏହି ଶୁଳ୍କ ଭାରତ ଉପରେ ମଧ୍ୟ ଲାଗୁ କରାଯାଏ, ତେବେ ଏହାର ଔଷଧ, ଜୈବିକ ରାସାୟନିକ ଏବଂ ଚିକିତ୍ସା ଉପକରଣ ରପ୍ତାନିକୁ ପ୍ରଭାବିତ କରିବ। ସେହି ସମୟରେ, ଶୁଳ୍କ ଯୋଗୁଁ ଆମେରିକା ମଧ୍ୟ କ୍ଷତି ସହିବ। ଫଳସ୍ୱରୂପ ସେଠାରେ ଔଷଧର ମୂଲ୍ୟ ବୃଦ୍ଧି ପାଇବ। ଏମିତିକି ଔଷଧ ଷ୍ଟକ୍‌ ଅଭାବ ହୋଇପାରେ। ରିପୋର୍ଟ ଅନୁଯାୟୀ, ଟ୍ରମ୍ପ ପ୍ରଶାସନ ଆମଦାନୀ ଔଷଧ ଉପରେ ଭାରୀ ଶୁଳ୍କ ଲଗାଇବାକୁ ପ୍ରସ୍ତାବ ଦେଉଛି। ଅଧିକାରୀମାନେ କିଛି ଔଷଧ ଉପରେ ସାର୍ବଜନୀନ ଭାବରେ ୨୦୦ ପ୍ରତିଶତ ପର୍ଯ୍ୟନ୍ତ ଶୁଳ୍କ ଲଗାଇଛନ୍ତି। ବିଶେଷଜ୍ଞମାନେ କହିଛନ୍ତି ଯେ ଏହି ନୀତି ମୂଲ୍ୟ ବୃଦ୍ଧି କରିପାରେ ଏବଂ ଯୋଗାଣ ଶୃଙ୍ଖଳାକୁ ବାଧା ଦେଇପାରେ। ତଥାପି, ଏହା ଭାରତକୁ ଔଷଧ ଶୁଳ୍କରୁ ଦୂରେଇ ରଖିବା ପାଇଁ କୁହାଯାଇଛି। କିନ୍ତୁ ଯଦି ଏହା କାର୍ଯ୍ୟକାରୀ ହୁଏ, ତେବେ କୌଣସି ସମୟରେ ଏହା ଭାରତର ରପ୍ତାନିକୁ ପ୍ରଭାବିତ କରିପାରେ। ବାଣିଜ୍ୟ ଅର୍ଥନୀତିର ତଥ୍ୟ ଅନୁଯାୟୀ, ଭାରତ ୨୦୨୪ ମସିହାରେ ଆମେରିକାକୁ ମୋଟ ୮.୭୨ ବିଲିୟନ ଆମେରିକୀୟ ଡଲାର ମୂଲ୍ୟର ଔଷଧ ଉତ୍ପାଦ ରପ୍ତାନି କରିଥିଲା। ଏହା ମଧ୍ୟ ପ୍ରଭାବିତ ହୋଇପାରେ।

ଭାରତରୁ ଆମେରିକାକୁ ରପ୍ତାନି ହୋଇଥିବା ଜୈବିକ ରାସାୟନିକ ପଦାର୍ଥ ୨.୫୬ ବିଲିୟନ ଆମେରିକୀୟ ଡଲାର ଥିଲା, ଯାହା ଆମେରିକାରୁ ଭାରତକୁ ୩.୫୪ ବିଲିୟନ ଆମେରିକୀୟ ଡଲାର ଅଧିକ ଆମଦାନୀ କରୁଥିଲା। ଭାରତ ବିଶ୍ୱ ସ୍ତରରେ ଜୈବିକ ରାସାୟନିକ ପଦାର୍ଥର ଏକ ପ୍ରମୁଖ ରପ୍ତାନିକାରୀ ଏବଂ ଆମେରିକା ଏହାର ସବୁଠାରୁ ବଡ଼ ବଜାର। ଅପରପକ୍ଷରେ, ଚିକିତ୍ସା ଉପକରଣ ବିଷୟରେ କହିବାକୁ ଗଲେ ଭାରତ ମଧ୍ୟ ଆମେରିକାକୁ ବହୁ ପରିମାଣର ଚିକିତ୍ସା ଉପକରଣ ରପ୍ତାନି କରେ। ଶୁଳ୍କ ଏହା ଉପରେ ପ୍ରଭାବ ପକାଇବ। କାରଣ ଅଧିକ ଶୁଳ୍କ ଯୋଗୁଁ ଆମେରିକୀୟ ବଜାରରେ ସାମଗ୍ରୀ ମହଙ୍ଗା ହେବ। ତଥାପି, ଭାରତ ଆମେରିକାରୁ ପ୍ରାୟ ୫.୭ ବିଲିୟନ ଆମେରିକୀୟ ଡଲାରର ସାମଗ୍ରୀ ଆମଦାନୀ କରେ। କାରଣ ଭାରତ ଏହାର ଉଚ୍ଚମାନର ଚିକିତ୍ସା ଉପକରଣ ଆବଶ୍ୟକତା ପାଇଁ ଆମେରିକା ଉପରେ ନିର୍ଭରଶୀଳ।

**ପ୍ରଭାବିତ ହେବ ଔଷଧ ଉତ୍ପାଦ, ଜୈବିକ ରାସାୟନିକ ଏବଂ ଚିକିତ୍ସା ଉପକରଣ ରପ୍ତାନି**

**ଆମେରିକା ଔଷଧ ସାମଗ୍ରୀ ହେବ ମହଙ୍ଗା**

# କୃଷକଙ୍କ ଅଭିଯୋଗ ପାଇଁ ରହିବ ଉତ୍ସର୍ଗୀକୃତ ପୋର୍ଟାଲ୍

ନୂଆଦିଲ୍ଲୀ,୨।୯(ଏଜେନ୍ସି): କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶିବରାଜ ସିଂ ଚୌହାନ ଆଜି ଦିଲ୍ଲୀରେ ଏକ ଉଚ୍ଚସ୍ତରୀୟ ବୈଠକ କରି କୃଷକମାନଙ୍କ ଅଭିଯୋଗର ସମାଧାନ କରିଛନ୍ତି। କଲ୍ ସେଣ୍ଟର ଏବଂ ଅନ୍ୟ ପୋର୍ଟାଲ ମାଧ୍ୟମରେ କୃଷକମାନଙ୍କଠାରୁ ପ୍ରାପ୍ତ ଅଭିଯୋଗର ସମାଧାନର ସମୀକ୍ଷା କରିଛନ୍ତି। ବୈଠକରେ ଶ୍ରୀ ସିଂ ପୃଥକ ପୋର୍ଟାଲ ପରିବର୍ତ୍ତେ କୃଷକମାନଙ୍କ ଅଭିଯୋଗ, ପରାମର୍ଶ ଏବଂ ଅନ୍ୟାନ୍ୟ ସହାୟତା ପାଇଁ ଏକ ଉତ୍ସର୍ଗୀକୃତ ପୋର୍ଟାଲ ପ୍ରସ୍ତୁତ କରିବା ଏବଂ ଯଥାଶୀଘ୍ର ସମସ୍ୟାର ଉପଯୁକ୍ତ ସମାଧାନ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। କେନ୍ଦ୍ରମନ୍ତ୍ରୀ ଶ୍ରୀ ଚୌହାନ କହିଛନ୍ତି ଯେ ସେ ନିଜେ ନିୟମିତ ଭାବେ କୃଷକମାନଙ୍କଠାରୁ ଆସିଥିବା ଅଭିଯୋଗର ସମୀକ୍ଷା କରିବେ ଯାହାଦ୍ୱାରା ସେମାନଙ୍କୁ ତୁରନ୍ତ ଆଶ୍ୱସ୍ତି ପ୍ରଦାନ କରାଯାଇପାରିବ।


**AFFIDAVIT**

I, Swagat Kumar Das, S/o- Banambar Das, resident of AT/PO-Mahu, PS - Aul, Dist - Kendrapara, Pin- 754231, Odisha, declare by this affidavit No - 1424, dated - 22.08.2025,declare that now onwards I shall be known as **SWAGATA KUMAR DAS** for all future porpuses.

**NOTICE**
(Above 18 years of age)

By Virtue of an Affidavite sworn before the Exicutive Magistrate, Baripada, Mayurbhnaj, dated 02-05-2025 I, Sushanta Murmu, Address AT- Dubulabeda, PO- Kuabeda, PS- Chandua, Dist- Mayurbhanj, PIN-757014 declare that I have changed my name Shushant Murmu to Sushanta Murmu . Henceforth I shall be known as Sushanta Murmu for all purposes.

**AFFIDAVIT**

I, Mukta Golari, D/o- Reli Pujari, W/o- Harichandra Golari resident of Vill./Po.- Hatibari, Ps.- Padwa, Dist.- Koraput, Odisha-764038 state vide affidavit no.77 dtd.02.9.2025 that, I have changed my name from my former name **Mukta Pangi** to **Mukta Golari**. Henceforth I shall be known as **Mukta Golari** for all future purposes.

**AFFIDAVIT**

I, Radheshayam Agrawal, aged about 56 years, S/o- Late Ramesh Kumar Agrawal, resident of Plot No.1061, Flat No. C1, Sai Tower, PS- Nayapalli, Bhubaneswar, Dist- Khordha, Odisha, PIN- 751012 declared by this affidavit No. 313, dtd- 01/09/2025 that now onwards I shall be known as **RADHESHYAM AGRAWAL** for all future purposes.

**AFFIDAVIT**

By virtue of an affidavit before the Notary Public, Bhubaneswar on dt 01.09.2025, I have changed my name from Akshaya Kumar Baral to Akshay Baral. Henceforth I shall be known as Akshay Baral for all purposes.

Sd/- Akshay Baral

**NOTICE (For Minor)**

By virtue of an affidavit sworn before The Notary Public, Udala, Mayurbhanj, dated 02-09-2025 I, Kuna Tudu, Address AT/PO-Athapada, PS-Udala, Dist- Mayurbhanj, PIN- 757087 declare that I have changed the name of my daughter from Sininga Tudu to Siniga Tudu. Henceforth, she shall be known as Siniga Tudu for all purposes.

Kuna Tudu

**AFFIDAVIT**

I, Rosalini Tripathy @ Rosalin Mishra, W/o Devi Prasad Tripathy, resident of Tala Sahi, Po/Ps/Dist- Malkangiri -764 045, Odisha declare by this Affidavit No.3619, Dated - 02/09/2025, that now onwards I shall be known as Rojalin Tripathy for all future purpose.

Sd/- Rojalin Tripathy

**AFFIDAVIT**

By virtue of an affidavit sworn before Excutive magistrate, Soro on 28.7.2025 I, Manasi Bindhani, At- Champu, Po- Angula, Soro, Balasore, declare that I am the Mother guardian of the Minor Sasmita Bindhani. I have changed her name from Sasmita Das to Sasmita Bindhani. Henceforth, she will be known as Sasmita Bindhani for all purposes.

**AFFIDAVIT**

I, Fsharat Sahu, S/O - Mochiram Sahu, Resident of Badanairi, PO- Sananairi, PS- Nachuni, Dist - Khorda, Odisha, PIN- 752034, declare by this affidavit No - 328, dated - 13.05.2025, that now onwards I shall be known as **SARAT SAHU** for all future purposes.

**AFFIDAVIT**

By virtue of an affidavit sworn before Excutive magistrate, Soro on 28.7.2025 I, Manasi Bindhani, At- Champu, Po- Angula, Soro, Balasore, declare that I am the Mother guardian of the Minor Sivhasankar Bindhani. I have changed his name from Sivhasankar Das to Sivhasankar Bindhani. Henceforth, she will be known as Sivhasankar Bindhani for all purposes.

**AFFIDAVIT**

I, Jogendra Panigrahi, S/o- Gopinath Panigrahi, resident of Plot No-3644, Patharagadia, Po- Kiit, Kalarahanga, Bhubaneswar, Dist- Khurda, PIN- 751024, Odisha declared by this affidavit No-708, dtd- 01/09/2025 that now onwards I shall be known as **JOGINDRA PANIGRAHI** for all future purposes

**AFFIDAVIT**

By virtue of an affidavit before The Notary Public, Titilagarh, on dated- 02/09/2025. I, **Smt. Punni Bai** (new name) formerly called as Puni Kharsel (old name), W/o Late Moti Bhado, Permanent resident of At- Brahmanipada Adabahal, P.O.- Kholan, P.S. Titilagarh, Dist- Balangir (Odisha), PIN- 767066 now residing at the same place affirm that I have changed my name from **Puni Kharsel** (old name) to **Punni Bai** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Punni Bai** (new name).

**Punni Bai**

**AFFIDAVIT**

By virtue of an affidavit before The Executive Magistrate, Titilagarh, on dated- 02/09/2025. I, **Lemu Nag** (new name) formerly called as Mohan Nag (old name), S/o Late Jarman Nag, Permanent resident of Rahenbhata P.O. Malisira, P.S. Titilagarh, Dist- Bolangir (Odisha), PIN- 767037 now residing at the same place affirm that I have changed my name from **Mohan Nag** (old name) to **Lemu Nag** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Lemu Nag** (new name).

**Lemu Nag**

**AFFIDAVIT**

I, Shaikh Nazir, H/o- Rani Parbin, resident of Bibhutipur, Merdakatia Chhak, Dist- Jajpur, PIN- 755006, Odisha declared by this affidavit No-709, dtd- 01/09/2025 that now onwards I shall be known as **SK NAZIR** for all future purposes.

**AFFIDAVIT**

By virtue of an affidavit (CF No. 06) sworn before The Notary Public, Padampur on dated- 02/09/2025. I, **Anjalee Sahu,** W/o- Dhaneswar Pradhan, permanent resident of At- Dhaurabhata, Po- Putka, Ps- Jagdalpur, Dist- Bargarh, Odisha, Pin- 768036 declare that I have changed my name from **Anjali Pradhan** (old name) to **Anjalee Sahu** (new name). Henceforth, I shall be known as **Anjalee Sahu** (new name), W/o Dhaneswar Pradhan for all future purposes.

**Anjalee Sahu**

**AFFIDAVIT**

By virtue of an affidavit No-1262 sworn before the Executive Magistrate, Begunia on dtd- 01/09/2025. I, Manmatha Prakash Bahubalendra, S/o- Narahari Bahubalendra, resident of At/Po/Ps-Begunia, Dist- Khordha, Odisha declare that, my minor son Aadhar Card bearing No- 3098 1004 0725. I have changed my minor son name from **Asribad Bahubalendra** (old name) to **Ashirbad Bahubalendra** (new name) Henceforth, both the names Asribad Bahubalendra and Ashirbad Bahubalendra is one & same person and he will be known as **Ashirbad Bahubalendra** for all future purposes.


### ରେଳ କର୍ମଚାରୀଙ୍କୁ ମିଳିବ ଅଧିକ ବୀମା ଲାଭ

# ଦୁର୍ଘଟଣା ଜନିତ ମୃତ୍ୟୁରେ ୧ କୋଟିର ବୀମା ସୁରକ୍ଷା




ନୂଆଦିଲ୍ଲୀ,୨।୯(ଏଜେନ୍ସି): କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଉପସ୍ଥିତିରେ ଭାରତୀୟ ରେଳବାଇ ଏବଂ ଭାରତୀୟ ଷ୍ଟେଟବ୍ୟାଙ୍କ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଏହି ବୁଝାମଣାପତ୍ର ଅଧୀନରେ ଏସବିଆଇରେ ବେତନ ଖାତା ଥିବା ରେଳ କର୍ମଚାରୀଙ୍କ ପାଇଁ ବୀମା ସୁରକ୍ଷାରେ ଉଲ୍ଲେଖନୀୟ ବୃଦ୍ଧି କରାଯାଇଛି। ଦୁର୍ଘଟଣାଜନିତ ଆକସ୍ମିକ ମୃତ୍ୟୁ ସ୍ଥିତିରେ ବୀମା ରାଶିକୁ ବଢ଼ାଇ ୧ କୋଟି ଟଙ୍କା କରି ଦିଆଯାଇଛି। ଅନ୍ୟପକ୍ଷରେ ସିଜିଇଜିଆଇଏସ ଅଧୀନରେ ଆସୁଥିବା ଗ୍ରୁପ୍ ଏ, ବି ଏବଂ ସି କର୍ମଚାରୀଙ୍କ ପାଇଁ ବର୍ତ୍ତମାନର ସୁରକ୍ଷା ଯଥାକ୍ରମେ ୧.୨୦ ଲକ୍ଷ ଟଙ୍କା, ୬୦ ହଜାର ଟଙ୍କା ଏବଂ ୩୦ ହଜାର ଟଙ୍କା ରହିଛି। ଏହାବ୍ୟତୀତ କେବଳ ଏସବିଆଇରେ ବେତନ ଖାତା ଥିବା ସବୁ ରେଳ କର୍ମଚାରୀଙ୍କୁ ଏବେ ବିନା କୌଣସି ପ୍ରିମିୟମରେ କିମ୍ବା ଡାକ୍ତରୀ ପରୀକ୍ଷା ନ କରାଇ ମଧ୍ୟ ୧୦ ଲକ୍ଷ ଟଙ୍କାର ପ୍ରାକୃତିକ ମୃତ୍ୟୁ ଜନିତ ବୀମା ସୁରକ୍ଷା ମିଳିପାରିବ। ପ୍ରାୟ ୭ ଲକ୍ଷ ରେଳ କର୍ମଚାରୀଙ୍କର ଏସବିଆଇରେ ବେତନ ଖାତା ରହିଥିବା କାରଣରୁ ଏହି ବୁଝାମଣାପତ୍ର କର୍ମଚାରୀ କଲ୍ୟାଣ ଦିଗରେ ଏକ ପ୍ରମୁଖ ପଦକ୍ଷେପ। ଏହା ଭାରତୀୟ ରେଳ ଏବଂ ଏସବିଆଇ ମଧ୍ୟରେ ଏକ ସମ୍ବେଦନଶୀଳ ଏବଂ ମାନବୀୟ ସହଭାଗୀତାକୁ ପ୍ରତିଫଳିତ କରେ। ଏହି ଅବସରରେ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ରେଳ ବୋର୍ଡର ଅଧ୍ୟକ୍ଷ ସତୀଶ କୁମାର ଏବଂ ଏସବିଆଇର ଅଧ୍ୟକ୍ଷ ସି.ଏସ ସେଟ୍ଟୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ବୁଝାମଣାପତ୍ର ଅଧୀନରେ କେତେକ ପ୍ରମୁଖ ଅନୁକୂଳ ବୀମା ସୁରକ୍ଷା ମଧ୍ୟ ରହିଛି। ରେଳ କର୍ମଚାରୀଙ୍କୁ ୧.୬ କୋଟି ଟଙ୍କାର ବିମାନ ଦୁର୍ଘଟଣା (ମୃତ୍ୟୁ) ବୀମା ସୁରକ୍ଷା ଏବଂ ରୂପେ ଡେବିଟ୍ କାର୍ଡ ଉପରେ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଅତିରିକ୍ତ ବୀମା ସୁରକ୍ଷା ମିଳିବ।

# ସପ୍ପିର 'ଦି ଗ୍ରାଣ୍ଡ ସପ୍ପି ମେଳା'

ଭୁବନେଶ୍ୱର,୨।୯(ସମିସ) : ଆଗାମୀ ଉତ୍ସବ ଋତୁ ପାଇଁ ଭାରତ ଯେହେତୁ ନିଜକୁ ପ୍ରସ୍ତୁତ କରୁଛୁ, ଫ୍ଲିପକାର୍ଟର୍ ପରି.ଳିତ ସପ୍ପି ବର୍ଷର ସବୁଠାରୁ ବୃହତର ସେଲ ସହିତ ସର୍ବାଦୃତ୍ ସପିଂ ପାଳନର ଉତ୍ସବ, ଦି ଗ୍ରାଣ୍ଡ ସପ୍ପି ମେଳା (ଜିଏସଏମ) ପୁଣି ଥରେ ନେଇ ଆସୁଅଛି। ଅଗଷ୍ଟ ୨୯ରୁ ସେପ୍ଟେମ୍ବର ୦୭ ପର୍ଯ୍ୟନ୍ତ ନିର୍ଦ୍ଧାରିତ ଏହି କାର୍ଯ୍ୟକ୍ରମ ଅନେକଗୁଡ଼ିଏ ଅବିସ୍ମରଣୀୟ ଉତ୍ସାହ ସହିତ ଏହାର ପ୍ରସଙ୍ଗ ରହିଛି "ଐସେ ଗିରେଙ୍ଗେ ଦାମ, ସପିଙ୍ଗ ହୋଗି ସୁବହ ଶାମ। ସପିଙ୍ଗ ଉତ୍ସାହ ବୃଦ୍ଧି ପାଇବା ସହିତ ଗ୍ରାହକମାନେ ସେମାନଙ୍କର ସ୍ନେହ ଏବଂ ଉତ୍ସାହକୁ ଆହୁରି ଅଧିକ ମାତ୍ରାରେ ବୃଦ୍ଧି କରିବା ସହିତ ଏହି ଉତ୍ସବ ଋତୁରେ ଆଗକୁ ନେଉଛନ୍ତି ଯାହା ଫଳରେ ସପ୍ପି ସେମାନଙ୍କୁ ତଥା ସେମାନଙ୍କ ପରିବାରକୁ ସମଗ୍ର ଭାରତରେ ନିଜର ପକେଟ୍‌କୁ ସୁହାଇଲା ଭଳି ବଜେଟ୍‌କୁ ନେଇ ସାହାଯ୍ୟ କରୁଅଛି। ଚଳିତବର୍ଷ,ଜିଏସଏମ ୧୪୯ ଟଙ୍କା ଭିତରେ ପ୍ରାୟ ଏକ କୋଟିରୁ ଉଦ୍ଧ୍ୱର୍ ଉତ୍ପାଦନକୁ ସମଗ୍ର ଫ୍ୟାସନ, ଜୀବନଶୈଳୀ, ଘର ତଥା ସୌନ୍ଦର୍ଯ୍ୟକାରୀତାକୁ ନେଇ ବୃଦ୍ଧି କରିବା ସହିତ ଏକ ଚିନ୍ତାଶୀଳ ଗଠନମୂଳକ ମୂଲ୍ୟ ସଚେତନଯୁକ୍ତ ସପିଙ୍ଗ ପାଇଁ ଏହାକୁ ସଠିକ୍ ଭାବରେପ୍ରସ୍ତୁତ କରିପାରିଛି।


**ୟୂନିୟନ ବୈଂକ ऑफ इंडिया Union Bank of India** भारत सरकार का उपक्रम A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବ୍ରହ୍ମପୁର**
ଗାୟତ୍ରୀ ସେଣ୍ଟ୍ରାଲ୍ ପ୍ଲାଜା, ଟାଟା ବେଞ୍ଜ ସ୍କୋୟାର ନିକଟ, ବ୍ରହ୍ମପୁର-୭୬୦୦୦୧, ଓଡ଼ିଶା, ଫୋନ୍: ୦୬୮୦-୨୨୨୫୨୭୨

**ମେଗା ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

**ସ୍ଥାବର/ ଅସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ବିକ୍ରୟ ବିଜ୍ଞପ୍ତି**

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡିକର ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।**

ଏତଦ୍‌ଦ୍ୱାରା ସମୂହଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ କରି ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ଋଣଦାତା)**ଙ୍କ ଦ୍ୱାରା ବ୍ୟାଙ୍କ ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର / ଅସ୍ଥାବର ସମ୍ପତ୍ତିଗୁଡିକୁ ଗଠନାତ୍ମକ / ସାଙ୍କେତିକ/ ଭୌତିକ ଦଖଲକୁ ନେଇଛନ୍ତି ଏବଂ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କଠାରୁ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ **"ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ତା.୨୬.୦୯.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ ଘଟିକା ଠାରୁ ଅପରାହ୍ନ ୫.୦୦ ଘଟିକା** ମଧ୍ୟରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରିବାକୁ ସ୍ଥିର କରିଛନ୍ତି। ସମ୍ପତ୍ତିଗୁଡ଼ିକର ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନରେ ପ୍ରଦାନ କରାଗଲା।

| କ୍ର. ନଂ. | ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତା/ ବନ୍ଧକଦାତା/କୋ-ଆପ୍ଲିକାଣ୍ଟ/କୋ-ଓବ୍ଲିଗାଣ୍ଟମାନଙ୍କ ନାମ ଓ ଠିକଣା / ବକେୟା ଦେୟ | ନିଲାମ ହେବାକୁ ଥିବା ସମ୍ପତ୍ତିଗୁଡିକର ବିବରଣୀ | ସଂରକ୍ଷିତ ମୂଲ୍ୟ/ ଅମାନତ ରାଶି/ ବିଡ୍ ବୃଦ୍ଧି ପରିମାଣ | ଅମାନତ ରାଶି ଜମା କରିବାର ଆକାଉଣ୍ଟର ବିବରଣୀ |
|---|---|---|---|---|
| ୧. | **ବେଲଗୁଣ୍ଠା ଶାଖା, ଫୋନ୍: ୭୦୦୮୫୩୯୭୦୬ /** **୧) କୈଳାସ ଚନ୍ଦ୍ର ଶତପଥୀ,** ପିତା: କୃପାସିନ୍ଧୁ ଶତପଥୀ, **୨) ବାସନ୍ତୀ ଶତପଥୀ,** ସ୍ୱାମୀ: କୈଳାସ ଚନ୍ଦ୍ର ଶତପଥୀ, **୩) ଲକ୍ଷ୍ମୀକାନ୍ତ ଶତପଥୀ,** ପିତା: କୈଳାସ ଚନ୍ଦ୍ର ଶତପଥୀ, ସମସ୍ତଙ୍କ ଠିକଣା- ସା: କୁମ୍ଭାପଡା, ଭାୟା: ଜଗନ୍ନାଥପ୍ରସାଦ, ଗଞ୍ଜାମ, ଓଡ଼ିଶା-୭୬୧୧୨୧ / **ମୋଟ ବକେୟା: ୩୧.୦୩.୨୦୨୧ ସୁଦ୍ଧା ଟ.୨୦,୯୩,୦୧୧.୪୪** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ବାସନ୍ତୀ ଶତପଥୀ**ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୫୬୮୯ ଏବଂ ୫୬୯୦, ଖାତା ନଂ.: ୧୩୨୧/୧୭୯, ରେଭିନ୍ୟୁ ମୌଜା: କୁମ୍ଭାପଡା, ତହସିଲ: ଜଗନ୍ନାଥପ୍ରସାଦ, ଜିଲ୍ଲା: ଗଞ୍ଜାମ, କ୍ଷେତ୍ର: ଏକର ୦.୦୭୯ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ବାସନ୍ତୀ ଶତପଥୀଙ୍କ ଗୃହ, ପଶ୍ଚିମ: ହାଡିଆ ନାୟକ ଏବଂ ନକୁଳ ନାୟକଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ଦାଶରଥି ନାୟକଙ୍କ ଜମି | ଟ.୨୨,୧୯,୦୦୦/- / ଟ. ୨,୨୨,୦୦୦/- / ଟ. ୨୨,୫୦୦/- | ଆକାଉଣ୍ଟ ନଂ.: 185211980050000 IFSC Code: UBIN0818526 |
| ୨. | **ବେଲଗୁଣ୍ଠା ଶାଖା, ଫୋନ୍: ୭୦୦୮୫୩୯୭୦୬ /** **୧) ରବିନ୍ଦ୍ରନାଥ ସେଠୀ,** ପିତା: ଖଦାଳ ସେଠୀ, ସ୍ଥାୟୀ ଠିକଣା- କାଦପଡା, ପୋ.: ବାଲିପଦର, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୧୭, **୨) ମନୋରମା ସେଠୀ,** ସ୍ୱାମୀ: ରବିନ୍ଦ୍ରନାଥ ସେଠୀ, ସ୍ଥାୟୀ ଠିକଣା-କାଦପଡା, ପୋ.: ବାଲିପଦର, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୧୭, **୩) ମନୋରମା ସେଠୀ,** ସ୍ଥାୟୀ ଠିକଣା- କ୍ୱାର୍ଟର ନଂ.: ଏ-୪୦୦, ସେକ୍ଟର-୨, ନାଲ୍‌କୋ ଟାଉନସିପ୍ (ମାଇନିଂ ଅପରେଟର୍), ଦାମନଯୋଡି-୭୬୩୦୦୮, ଜିଲ୍ଲା: କୋରାପୁଟ, ଓଡ଼ିଶା / **ମୋଟ ବକେୟା: ୦୮.୦୫.୨୦୧୮ ସୁଦ୍ଧା ଟ.୧୪,୯୧,୨୯୬.୯୮** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ରବିନ୍ଦ୍ରନାଥ ସେଠୀ**ଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଏବଂ ଗୃହ ଯାହାର ରେଭିନ୍ୟୁ ମୌଜା: କାଦପଡା, ଖାତା ନଂ.: ୫୨୭/୯୩, ପ୍ଲଟ୍ ନଂ.: ୭୧୯/୧୦୬୬, କ୍ଷେତ୍ର: ଏକର୦.୧୯୬ ଡିସିମିଲି, ବାଲିପଦର, ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ବିକ୍ରେତା ରୁଦ୍ର ନାରାୟଣ ପାତ୍ରଙ୍କ ଜମି, ପଶ୍ଚିମ: ମଞ୍ଜୁଳା ପ୍ରଧାନଙ୍କ ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ଦାଣ୍ଡ | ଟ.୨୧,୩୪,୦୦୦/- / ଟ.୨,୧୩,୫୦୦/- / ଟ.୨୧,୫୦୦/- | ଆକାଉଣ୍ଟ ନଂ.: 185211980050000 IFSC Code: UBIN0818526 |
| ୩. | **ବେଲଗୁଣ୍ଠା ଶାଖା, ଫୋନ୍: ୭୦୦୮୫୩୯୭୦୬ /** **୧) ପ୍ରମୋଦ କୁମାର ଆରୁଖ,** ପିତା: ୰ ଲିଙ୍ଗରାଜ ଆରୁଖ, ସା/ପୋ.: ଖମାରପଲ୍ଲୀ, ଭାୟା: ବରଗାଁ, ପୋ/ଥାନା: ଜଗନ୍ନାଥପ୍ରସାଦ, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୧୨୦, **୨) କନ୍ଧ ଚରଣ ଆରୁଖ,** ପିତା: ଦୁର୍ଯ୍ୟୋଧନ ଆରୁଖ, ଗ୍ରାମ:ଖମାରପଲ୍ଲୀ, ଜିଲ୍ଲା: ଗଞ୍ଜାମ, **୩) ସୁମନ୍ତ ବିହୁଡି,** ପିତା: ସନ୍ୟାସୀ ବିହୁଡି, ପୋ/ଥାନା: ଜଗନ୍ନାଥପ୍ରସାଦ, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୨୦ / **ମୋଟ ବକେୟା: ୦୧.୦୧.୨୦୨୦ ସୁଦ୍ଧା ଟ.୯,୦୨,୩୫୮.୬୨** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ପ୍ରମୋଦ କୁମାର ଆରୁଖ**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୯୫୨/୪୨୭୭, ଖାତା ନଂ.: ୪୦୫/୧୩୪, ରେଭିନ୍ୟୁ ମୌଜା: ଖମାରପଲ୍ଲୀ, ତହସିଲ: ଜଗନ୍ନାଥପ୍ରସାଦ, ସା: ଖମାରପଲ୍ଲୀ, ବେଲଗୁଣ୍ଠା, ଜିଲ୍ଲା: ଗଞ୍ଜାମ, ପରିମିତ କ୍ଷେତ୍ର: ଏକର ୦.୪୦ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଦୁଃଖିଶ୍ୟାମ ଆରୁଖଙ୍କ ଗୃହ, ପଶ୍ଚିମ: ଅଭିମନ୍ୟୁ ଆରୁଖଙ୍କ ଗୃହ, ଉତ୍ତର: ହରିକୃଷ୍ଣ ଆରୁଖଙ୍କ ସମ୍ପତ୍ତି, ଦକ୍ଷିଣ: ରାସ୍ତା | ଟ.୬,୫୪,୦୦୦/- / ଟ.୬୫,୫୦୦/- / ଟ.୬,୬୦୦/- | ଆକାଉଣ୍ଟ ନଂ.: 185211980050000 IFSC Code: UBIN0818526 |
| ୪. | **ଏସ୍‌ଏମ୍‌ଆଇଟି ଚଣ୍ଡିପଦର ଶାଖା, ଫୋନ୍: ୭୭୫୦୦୩୬୬୬୮/** **୧(କ) ଶ୍ରୀ ସଞ୍ଜୟ ରାଉଳ,** ପିତା: ଶ୍ରୀ ଧୋବା ରାଉଳ, ସା/ପୋ: ଚଣ୍ଡିପଦର, ଭାୟା: ଭାଟକୁମରଡା, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୦୦୩ **(ଋଣଗ୍ରହୀତା), ୧(ଖ) ଶ୍ରୀ ଧୋବା ରାଉଳ,** ପିତା: ସୋମନାଥ ରାଉଳ, ସା/ପୋ: ଚଣ୍ଡିପଦର, ବଡ ସାହି, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୦୦୩ **(ସହ-ଋଣଗ୍ରହୀତା), ୨(କ) ଶ୍ରୀ ଧୋବା ରାଉଳ,** ପିତା: ସୋମନାଥ ରାଉଳ, ସା/ପୋ: ଚଣ୍ଡିପଦର, ବଡ ସାହି, ଜିଲ୍ଲା: ଗଞ୍ଜାମ, ଓଡ଼ିଶା-୭୬୧୦୦୩ **(ବନ୍ଧକଦାତା) / ମୋଟ ବକେୟା: ୩୧.୦୩.୨୦୨୧ ସୁଦ୍ଧା ଟ.୫,୫୪,୩୯୨.୩୩** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ଶ୍ରୀ ଧୋବା ରାଉଳ**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର କ୍ଷେତ୍ର: ଏକର ୦.୦୧୯ଡିସିମିଲି (୮୨୭ ବର୍ଗଫୁଟ), ପ୍ଲଟ୍ ନଂ.: ୨୫୯୩/୪୬୩୧, ଖାତା ନଂ.: ୭୬୧/୭୩୭, ରେଭିନ୍ୟୁ ମୌଜା: ଚଣ୍ଡିପଦର, ବଡ ଷ୍ଟ୍ରିଟ୍, ଚଣ୍ଡିପଦର, ଜିଲ୍ଲା: ଗଞ୍ଜାମ, ଏହାର ଚାରିପାର୍ଶ୍ୱରେ ପୂର୍ବ: ଶ୍ରୀ ବୃନ୍ଦାବନ ରାଉଳଙ୍କ ସମ୍ପତ୍ତି, ପଶ୍ଚିମ: ମୋହନ ରାଉଳଙ୍କ ଗୃହ, ଉତ୍ତର: ରାସ୍ତା, ଦକ୍ଷିଣ: ରାସ୍ତା | ଟ.୯,୭୫,୦୦୦/- / ଟ.୯୭,୫୦୦/- / ଟ.୧୦,୦୦୦/- | ଆକାଉଣ୍ଟ ନଂ.: 149411980050000 IFSC Code: UBIN0814946 |
| ୫. | **କୋର୍ଟପେଟା ଶାଖା, ଫୋନ୍: ୯୯୦୩୮୨୦୧୦୨/** **୧) ମେସର୍ସ ଏମ୍.ବି. ଫାର୍ମାସ୍ୟୁଟିକାଲ୍ସ, ସ୍ୱତ୍ୱାଧିକାରୀ: ଦିବ୍ୟ ଲୋଚନ ବେହେରା,** ସା: ବ୍ରଜ ନଗର, ୩ୟ ଲେନ୍, ବ୍ରହ୍ମପୁର, **୨) ଦିବ୍ୟ ଲୋଚନ ବେହେରା,** ପିତା: ଶତ୍ରୁଘ୍ନ ବେହେରା, **୩) ଶତ୍ରୁଘ୍ନ ବେହେରା,** ପିତା: ସୁବୁଦ୍ଧି ବେହେରା, କ୍ର. ନଂ.: ୨ ଏବଂ ୩ର ଠିକଣା- ଗ୍ରାମ: ହୁଣ୍ଡତ, ପୋ.: ହତାପୁର, ପୁରୁଷୋତ୍ତମପୁର, ଗଞ୍ଜାମ-୭୬୧୦୧୮ / **ମୋଟ ବକେୟା: ୩୦.୦୪.୨୦୨୧ ସୁଦ୍ଧା ଟ.୧୦,୧୮,୦୪୪.୭୧** + ସେବାବଦ ଅର୍ଜିତ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଖର୍ଚ୍ଚ ଓ ଦେୟ | **ଶ୍ରୀ ଶତ୍ରୁଘ୍ନ ବେହେରା**ଙ୍କ ନାମରେ ଥିବା ବାସୋପଯୋଗୀ ଜମି ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.:୯୭୩/୧୬୧୭, ଖାତା ନଂ.: ୩୦୩/୨୩୦, ମୌଜା: ପୁରୁଷୋତ୍ତମପୁର, ଗଞ୍ଜାମ, ପରିମିତ କ୍ଷେତ୍ର: ଏକର୦.୦୪୧ଡିସିମିଲି ଯାହା ୧୭୮୬ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାମ ଚନ୍ଦ୍ର ସାହୁଙ୍କ ଜମି, ପଶ୍ଚିମ: ସୁକାନ୍ତି ସାସମଲଙ୍କ ଜମି, ଉତ୍ତର: କ୍ରେତାମାନଙ୍କ ଜମି, ଦକ୍ଷିଣ: ରାସ୍ତା | ଟ.୧୨,୯୦,୦୦୦/- / ଟ.୧,୨୯,୦୦୦/- / ଟ.୧୨,୯୦୦/- | ଆକାଉଣ୍ଟ ନଂ.: 008511980050000 IFSC Code: UBIN0800856 |

**ଇ-ନିଲାମ ତାରିଖ ଏବଂ ସମୟ : ତା.୨୬.୦୯.୨୦୨୫ରିଖ ମଧ୍ୟାହ୍ନ ୧୨:୦୦ ଘଟିକାରୁ ଅପରାହ୍ନ ୫:୦୦ ଘଟିକା ମଧ୍ୟରେ (ପ୍ରତ୍ୟେକଙ୍କ ପାଇଁ ଅସୀମିତ ବର୍ଦ୍ଧିତ ୧୦ ମିନିଟ୍ ସମୟ ସହିତ), ଇ-ନିଲାମ ୱେବ୍‌ସାଇଟ୍ : https://baanknet.com**

**ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ : ତା.୨୬.୦୯.୨୦୨୫ରିଖ ଇ-ନିଲାମ ଆରମ୍ଭ ସୁଦ୍ଧା**

**ଇଚ୍ଛୁକ କ୍ରେତାମାନଙ୍କ ନିମନ୍ତେ ସମ୍ପତ୍ତିଗୁଡ଼ିକୁ ତନଖି କରିବାର ତାରିଖ ଏବଂ ସମୟ : ତା.୨୫.୦୯.୨୦୨୫ରିଖ ସୁଦ୍ଧା ବ୍ୟାଙ୍କ କାର୍ଯ୍ୟାଳୟ ସମୟ ମଧ୍ୟରେ,ଏନ୍‌କମ୍ବ୍ରାନ୍‌ସେସ୍ ବିବରଣୀ ଯଦି କିଛି ଥାଏ : ନାହିଁ**

**ରେଜିଷ୍ଟ୍ରେସନ୍ ଏବଂ ଲଗଇନ ଓ ନିଲାମ ସମ୍ବନ୍ଧୀୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ବ୍ୟାଙ୍କର ପ୍ରଦତ୍ତ ୱେବ୍‌ସାଇଟ୍: https://baanknet.com and https://www.unionbankofindia.co.in/auction-property/view-auction-property.aspx ଦେଖନ୍ତୁ। ସବିଶେଷ ବିବରଣୀ ନିମନ୍ତେ ଯୋଗାଯୋଗ କରନ୍ତୁ: ଶ୍ରୀ ଦୁର୍ଗା ପ୍ରସାଦ ବେହେରା, ମୋ.: ୬୨୮୯୨୪୬୪୯୨**

**ଏହି ବିକ୍ରୟ ନୋଟିସ୍‌ଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍ ଅଟେ।**

**ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୯(୧) ଅନୁଯାୟୀ ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଏହା ଏକ ନୋଟିସ୍ କି, ଉପରଦର୍ଶିତ ତାରିଖ ଅନୁଯାୟୀ ଇ-ନିଲାମ ପ୍ରକ୍ରିୟାରେ ସେମାନଙ୍କର ଋଣ ଆକାଉଣ୍ଟକୁ ବିକ୍ରୟ କରାଯିବ।**

ସ୍ଥାନ: ବ୍ରହ୍ମପୁର
ତାରିଖ: ୦୨.୦୯.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



**THE MAYURBHANJ CENTRAL CO-OPERATIVE BANK LTD,**
AT/PQ. BARIPADA, DIST-MAYURBHANJ PIN-757001 (ODISHA)
Ph. (CEO): (06792)252315, Email: ceo@mccbank.org.in
esst@mccbank.org.in

MCCB/No. 1464 / 2025-26 Date: 29/07/2025

**Office Premises required at Baripada. Mayurbhanj**

The Bank desires to acquire on long term lease Office Premises for Bank purpose at Baripada, Mayurbhanj, Odisha preferably on Ground Floor having two rooms (14ft. x 12ft.) with varandah along with toilet facility and parking facility within the postal area of Baripada having Pin Code No.757001. Interested parties owing suitable premises may contact the Chief Executive Officer, Mayurbhanj Central Co-operative Bank Ltd., Baripada during office hour within 15 days from the date of publication of this advertisement.

After negotiation the Bank will final the suitable premises. The terms & conditions will be decided during negotiation.

**Sd/- Chief Executive Officer**
**M.C.C. Bank Ltd., Baripada**

**ସ୍ୱଚ୍ଛ ଭାରତ ମିଶନରେ ମହାଘୋଟାଲା**

# ଆବର୍ଜନା ବୁହା ଗାଡ଼ି କିଣାରେ ଅନିୟମିତତା

ନୟାଗଡ଼,୨।୯ (ସମିସ)



ନୟାଗଡ଼ ଜିଲ୍ଲାରେ ସ୍ୱଚ୍ଛ ଭାରତ ମିଶନରେ ବ୍ୟାପକ ଘୋଟାଲା ହୋଇଥିବା ସୂଚନା ମିଳିଛି। ନୟାଗଡ଼ ଜିଲ୍ଲା ପରିଷଦ ଅଧୀନରେ କାର୍ଯ୍ୟ କରୁଥିବା ସ୍ୱଚ୍ଛ ଭାରତ ମିଶନ କାର୍ଯ୍ୟକ୍ରମ ଜରିଆରେ ପ୍ରତ୍ୟେକ ବ୍ଲକର ସମସ୍ତ ପଞ୍ଚାୟତକୁ ବ୍ୟାଟେରି ଚାଳିତ ଆବର୍ଜନା ବୁହା ଗାଡ଼ି ଯୋଗାଇ ଦେବାକୁ ନିଷ୍ପତ୍ତି ହୋଇଥିଲା। ଏହି ବ୍ୟାଟେରୀ ଚାଳିତ ଗାଡ଼ି କିଣିବାକୁ ବ୍ଲକ ପ୍ରଶାସନ ୭୦ ପ୍ରତିଶତ ଅର୍ଥ ଏବଂ ପଞ୍ଚାୟତରୁ ୩୦ ପ୍ରତିଶତ ଅର୍ଥ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ରହିଥିଲା। ୨ ଲକ୍ଷ ୫୦ ହଜାରରୁ ୩ ଲକ୍ଷ ଟଙ୍କା ମଧ୍ୟରେ ଗାଡ଼ି କିଣିବାକୁ ସମସ୍ତ ବ୍ଲକକୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ନୟାଗଡ଼ ଜିଲ୍ଲାରେ ଏଯାବତ ଭାପୁର ଓ ନୂଆଗାଁ ବ୍ଲକର ସମସ୍ତ ପଞ୍ଚାୟତକୁ ଆବର୍ଜନା ବୁହା ଗାଡ଼ି ଯୋଗାଇ ଦିଆଯାଇଥିବା ବେଳେ ଖଣ୍ଡପଡ଼ା, ରଣପୁର ଓ ଓଡ଼ଗାଁ ବ୍ଲକର ଅଧା ପଞ୍ଚାୟତକୁ ଗାଡ଼ି ପ୍ରଦାନ କରାଯାଇଥିବା ସୂଚନା ମିଳିଛି। ଏହି ଗାଡ଼ି କିଣିବା ଦାୟିତ୍ୱ ବ୍ଲକ ପାଖରେ ରହିଥିଲା। ଏହାକୁ ଟେଣ୍ଡର କରି ଗାଡ଼ି କିଣିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ବିଭିନ୍ନ ପଞ୍ଚାୟତକୁ ଯୋଗାଇ ଦିଆଯାଇଥିବା ଗାଡ଼ି ଗୁଡ଼ିକ ନିମ୍ନମାନର ଏବଂ ଗାଡ଼ିରେ ଆବର୍ଜନା ଭର୍ତ୍ତି ହେବା ପରେ ଗାଡ଼ି ଟାଣୁ ନଥିବା ଦେଖାଯାଇଛି। ଏହା ଭିତରେ ଏକ ବଡ଼ କେଲେଙ୍କାରୀ ସାମ୍ନାକୁ ଆସିଛି। ଖଣ୍ଡପଡ଼ା, ଭାପୁର ସମେତ ଅନ୍ୟ ବ୍ଲକ ପକ୍ଷରୁ କିଣାଯାଇଥିବା ଗାଡ଼ି ଗୁଡ଼ିକର ମୂଲ୍ୟ ସମ୍ପର୍କରେ ଖୋଳତାଡ଼ କରାଯିବାରେ ଏହା ଲକ୍ଷେ ଟଙ୍କାରୁ କମ ମୂଲ୍ୟର ଗାଡ଼ି ବୋଲି ସୂଚନା ମିଳିଛି। ଖଣ୍ଡପଡ଼ାକୁ ଗାଡ଼ି ଯୋଗାଇଥିବା କମ୍ପାନୀ ଏହି ଗାଡ଼ିକୁ ୯୦ ହଜାର ଟଙ୍କାରେ ଯୋଗାଇ ପାରିବ ବୋଲି ଏକ ଗାଡ଼ି ବିକ୍ରି ଏଜେନ୍ସିକୁ ମୌଖିକ ଭାବେ କହିଥିବା ବେଳେ ଖଣ୍ଡପଡ଼ା ବ୍ଲକ ପ୍ରଶାସନ ଏହି ଗାଡ଼ିକୁ ୨ ଲକ୍ଷ ୭୦ରୁ ହଜାର ଊର୍ଦ୍ଧ୍ୱ ଟଙ୍କାରେ କିଭଳି କିଣିଲେ ବୋଲି ପ୍ରଶ୍ନ ଉଠୁଛି। କେବଳ ଖଣ୍ଡପଡ଼ା ନୁହେଁ, ସମାନ ସ୍ଥିତି ଭାପୁର, ଓଡ଼ଗାଁ, ରଣପୁର ଓ ନୂଆଗାଁରେ ଦେଖାଯାଇଛି। କମ ଦାମର ଗାଡ଼ି କିଣି ଏହାକୁ ଉଚ୍ଚା ଦରରେ ବିଲ୍ କରାଯାଇଥିବା ଅନୁମାନ ହେଉଛି। ଏହି ଘଟଣାର ଭିଜିଲାନ୍ସ ତଦନ୍ତ କରାଯିବା ନିହାତି ଆବଶ୍ୟକ ବୋଲି ଅନେକ ସରପଞ୍ଚ ମତ ଦେଇଛନ୍ତି। ନୟାଗଡ଼ ଜିଲ୍ଲାର ଶହେରୁ ଊର୍ଦ୍ଧ୍ୱ ପଞ୍ଚାୟତକୁ ଗାଡ଼ି ଯୋଗାଣ କରି କୋଟିଏ ଟଙ୍କାରୁ ଊର୍ଦ୍ଧ୍ୱ ଘୋଟାଲା କରାଯାଇଥିବା ଅନୁମାନ ହେଉଛି। ଖଣ୍ଡପଡ଼ା ବ୍ଲକର କଣ୍ଟିଲୋ, କିଆଝର ପଞ୍ଚାୟତ ଗାଡ଼ି ଅଚଳ ଅବସ୍ଥାକୁ ଚାଲି ଆସିଥିବା ଦେଖାଯାଇଛି। ଭାପୁର ବ୍ଲକରେ ଗାଡ଼ି ବ୍ୟବହାର ଯୋଗ୍ୟ ନୁହେଁ ବୋଲି ଅନେକ ମତ ଦେଇଛନ୍ତି। ଏହା ପଛରେ ବଡ଼ କେଲେଙ୍କାରୀ ରହିଥିବା ସନ୍ଦେହ ଦୃଢ଼ିଭୂତ ହେଉଛି। ଜୈନିକ ବରିଷ୍ଠ ଅଧିକାରୀ ଏହି ଗାଡ଼ି କମ୍ପାନୀକୁ ଚୟନ କରିଥିବା ଏବଂ ଉକ୍ତ ସଂସ୍ଥାରୁ ଗାଡ଼ି କିଣିବାକୁ ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିବା ଆଲୋଚନା ହେଉଛି।

- ୩ ଗୁଣା ଦରରେ କିଣିଛି ବ୍ଲକ୍ ପ୍ରଶାସନ
- ଗାଡ଼ି ଟାଣୁନି, ଗାଡ଼ିକୁ ଟଣାଯାଉଛି
- ସନ୍ଦେହରେ ବରିଷ୍ଠ ଅଧିକାରୀଙ୍କ ଭୂମିକା

## ନୟାଗଡ଼ ପୌର ପରିଷଦରେ ବଢ଼ୁଛି ଜବରଦଖଲ



**କାହିଁକି ଚୁପ୍ ବସିଛନ୍ତି ନିର୍ବାହୀ ଅଧିକାରୀ**

ନୟାଗଡ଼,୨।୯ (ସମିସ): ନୟାଗଡ଼ ବିକାଶକୁ ପୌର ପରିଷଦ ଦଳିମକଚି ଦେଇଥିବା ବେଳେ ଏବେ ବାଡ଼ ଫସଲ ଖାଇବା ଆରମ୍ଭ କରି ସାରିଲାଣି। ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ସାମ୍ନା ଦେବୋତ୍ତର କଲୋନୀ ୪ର୍ଥ ଲେନ୍ ରାସ୍ତା ପାଶ୍ୱର୍ରେ ସରକାରୀ ଜାଗା ଓ ଡ୍ରେନ୍ ଜବରଦଖଲ କରି ୪ଟି ଦୋକାନ ଗୃହ ନିର୍ମାଣ ହୋଇଛି। ସ୍ଥାୟୀ ଦୋକାନ ଗୃହ କେଉଁ ଭଳି ଭାବେ ନିର୍ମାଣ ହେଲା ଏବଂ କିଏ ଏହାକୁ ପ୍ରୋତ୍ସାହନ ଦେଇଛି, ତାକୁ ନେଇ ସହର ବାସୀଙ୍କ ମଧ୍ୟରେ ପ୍ରଶ୍ନ ଉଠିଥିବା ବେଳେ ନୟାଗଡ଼ ପୌର ପରିଷଦ କିଛି ନେତା ଏବଂ ଜୈନିକ କରିତକର୍ମା କର୍ମଚାରୀ ଏହାକୁ ପ୍ରୋତ୍ସାହନ ଦେଇଥିବା ଚର୍ଚ୍ଚା ହେଉଛି। ଏହି ଦୋକାନ ଗୃହ ଜବରଦଖଲ କରି ନିର୍ମାଣ କରାଯିବା ପଛରେ ୧୦ ଲକ୍ଷ ଟଙ୍କାର ଭିତିରିଆ କାରବାର ହୋଇଥିବା ଆଲୋଚନା ହେଉଛି। ଅତ୍ୟନ୍ତ ଚତୁରତାର ସହ ଦୋକାନ ଗୃହ ନିର୍ମାଣ କରି ଦୁଇଟି ଭଡ଼ାରେ ଲଗା ସରିଛି। ଗୋଟିଏ ଦୋକାନ ଗୃହ ଅଧପନ୍ତରିଆ ଅବସ୍ଥାରେ ରହିଥିବା ବେଳେ ୩ଟିର ନିର୍ମାଣ ଯେନତେନ ଶେଷ ହୋଇଛି। କେବଳ ଏହି ସ୍ଥାନ ନୁହେଁ ନୟାଗଡ଼ ପୌର ପରିଷଦ ଅଞ୍ଚଳରେ ରହିଥିବା ଅନେକ ସରକାରୀ ସ୍ଥାନ ଜବରଦଖଲ କରାଯାଇଛି। ପୌର ନିର୍ବାହୀ ଅଧିକାରୀ ସବୁ ଜାଣି ନୀରବ ଦ୍ରଷ୍ଟା ସାଜିବାର କାରଣ କଣ ବୋଲି ଅନେକ କାଉନସିଲର ପ୍ରଶ୍ନ ଉଠାଇଛନ୍ତି। ନୟାଗଡ଼ ପୌର ପରିଷଦ ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟ କଳାପକୁ ନେଇ ସାଧାରଣ ଜନତାଙ୍କଠାରୁ ଆରମ୍ଭ କରି କାଉନସିଲରମାନେ ମଧ୍ୟ ଅତ୍ୟନ୍ତ ଅସନ୍ତୁଷ୍ଟ ଅବସ୍ଥାରେ ରହିଛନ୍ତି। ଯାହାକୁ ନେଇ ଆଗାମୀ ଦିନରେ ବଡ଼ ଧରଣ ହୋହାଲ୍ଲା ପରିସ୍ଥିତି ସୃଷ୍ଟି ହେବାର ସମ୍ଭାବନା ଦେଖାଯାଇଛି। ତୁରନ୍ତ ସହରକୁ ଜବରଦଖଲ ମୁକ୍ତ କରିବାକୁ ଦାବି ହେଉଛି।

**■ ବିଜେଡି ନଗର ସଭାପତିଙ୍କ ପରଲୋକ**

## ଗଭୀର ଶୋକବ୍ୟକ୍ତ କଲେ ବିଧାୟକ

ନୟାଗଡ଼,୨।୯ (ସମିସ): ନୟାଗଡ଼ ଜିଲ୍ଲା ନୟାଗଡ଼ ପୌର ପରିଷଦ ନଗର ସଭାପତି ତଥା ଅବସରପ୍ରାପ୍ତ ପୁଲିସ ଅଧିକାରୀ ଅମୂଲ୍ୟ କୁମାର ମହାନ୍ତିଙ୍କ ଆଜି ପରଲୋକ ଘଟିଛି। ଭୁବନେଶ୍ୱର ଘରୋଇ ହସ୍ପିଟାଲରେ ତାଙ୍କର ମୃତ୍ୟୁ ହୋଇଯାଇଛି। ଦୀର୍ଘଦିନ ହେବ ସେ ଅସୁସ୍ଥ ରହିଥିଲେ। ତାଙ୍କର ଚିକିତ୍ସା କରାଯାଉଥିଲା। ଗତକାଲି ତାଙ୍କ ସ୍ୱାସ୍ଥ୍ୟରେ ଅବନତୀ ଘଟିଥିଲା। ତାଙ୍କ ପରଲୋକ ଖବର ପାଇ ନୟାଗଡ଼ରେ ଶୋକାକୂଳ ପରିସ୍ଥିତି ସୃଷ୍ଟି ହୋଇଛି। ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ବୋରିଗିନା ନିକଟସ୍ଥ ଓଳାସ ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ଶ୍ରୀଯୁକ୍ତ ମହାନ୍ତି ପୁଲିସ ବିଭାଗରେ ଦୀର୍ଘଦିନ ଧରି କାର୍ଯ୍ୟ କରିଥିଲେ। ଅବିଭକ୍ତ ପୁରୀ ଜିଲ୍ଲାରେ ସେ କାର୍ଯ୍ୟ କରି ସୁନାମ ଅର୍ଜନ କରିଥିଲେ। ପୁରୀ ଟାଉନଥାନା, ସୁମଦ୍ରକୂଳ ଥାନା, ବୋଲଗଡ଼ ଥାନା ଓ ନୟାଗଡ଼ ଥାନାରେ ଅଧିକାରୀ ଭାବେ କାର୍ଯ୍ୟ କରିଥିଲେ। ଅବସର ସମୟରେ ସେ ଭିଜିଲାନ୍ସ ଏସ୍‌ପି ଭାବେ କାର୍ଯ୍ୟ କରିଥିଲେ। ଦୁଇ ଦୁଇ ଥର ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିଲେ। ନୟାଗଡ଼ ସହର ୩ନଂ ୱାର୍ଡ ଲକ୍ଷ୍ମଣନଗରରେ ସେ ସ୍ଥାୟୀ ବାସିନ୍ଦା ଭାବେ ଅବସ୍ଥାନ କରୁଥିଲେ। ଅବସର ପରେ ନୟାଗଡ଼ ସହରରେ ସମାଜସେବା ତଥା ବିଜେଡି ସାଂଗଠନିକ ଦାୟିତ୍ୱ ନିର୍ବାହ କରିଥିଲେ। ବରିଷ୍ଠ ନାଗରିକଙ୍କ କଲ୍ୟାଣ ପାଇଁ ସେ ଅନେକ କାର୍ଯ୍ୟ କରିଛନ୍ତି। ବରିଷ୍ଠ ନାଗରିକ ସଂଘ ସଭାପତି ଦାୟିତ୍ୱ ସମାପନ କରି ସୁନାମ ଅର୍ଜନ କରିଛନ୍ତି। ବିଜୁ ଜନତା ଦଳ ସଂଗଠନକୁ ସେ ମଜବୁତ କରିବା ସହ ଗତ ପୌର ନିର୍ବାଚନରେ ବିଜେଡି ୧୬ଟି ୱାର୍ଡ କାଉନସିଲର ବିଜୟୀ ହୋଇଥିଲେ। ତାଙ୍କ ପରଲୋକ ଖବର ପାଇ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଗଭୀର ଶୋକବ୍ୟକ୍ତ କରିଛନ୍ତି। ତାଙ୍କ ଭଳି ଜଣେ ଦୃଢ଼ ସଂଗଠକଙ୍କ ପରଲୋକରେ ଦଳର ବ୍ୟାପକ କ୍ଷତି ହୋଇଥିବା କହିଛନ୍ତି। ଭଗବାନ ତାଙ୍କ ପରିବାରକୁ ଧୈର୍ଯ୍ୟ ପ୍ରଦାନ କରନ୍ତୁ ବୋଲି ବିଧାୟକ କାମନା କରିଛନ୍ତି। ବିଧାୟକ ପରାମର୍ଶ କ୍ରମେ, ନୟାଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ପୌର ପରିଷଦ ଅଧ୍ୟକ୍ଷା ନିରୂପମା ଖଟେଇ, ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, କାଉନସିଲର ସ୍ୱୟଂପ୍ରଭା ମିଶ୍ର, ଅଳକା ମଞ୍ଜରୀ ନାୟକ, ପ୍ରଭାସିନୀ ନନ୍ଦଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଛନ୍ତି। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ କରାଯାଇଛି।

# ‘ସଂଗଠନ ସୃଜନ ଅଭିଯାନ’ ଶୁଭାରମ୍ଭ




ନୟାଗଡ଼,୨।୯ (ସମିସ): ନୟାଗଡ଼ ଜିଲ୍ଲା କଂଗ୍ରେସ ପକ୍ଷରୁ ଆଜିଠାରୁ ସଂଗଠନ ସୃଜନ ଅଭିଯାନ ଆରମ୍ଭ ହୋଇଛି। ଏନେଇ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଜାତୀୟ କଂଗ୍ରେସ ନେତା ତଥା ପର୍ଯ୍ୟବେକ୍ଷକ ମହେଶ ଶର୍ମା, ପୂର୍ବତନ ମନ୍ତ୍ରୀ ଅମର ପ୍ରଧାନ, ପୂର୍ବତନ ବିଧାୟକ ପ୍ରହଲ୍ଲାଦ ପୂର୍ତ୍ତୀ, ପୂର୍ବତନ ସାଂସଦ ନକୁଳ ନାୟକ ପ୍ରମୂଖ ଉପସ୍ଥିତ ରହିଥିଲେ। ଜାତୀୟ କଂଗ୍ରେସ ନେତା ମହେଶ ଶର୍ମା, ନୟାଗଡ଼ ଜିଲ୍ଲାରେ କଂଗ୍ରେସ ସଂଗଠନ ଠିକଠାକ ଚାଲିନାହିଁ ବୋଲି କହିଥିଲେ। ଯେଉଁଥିପାଇଁ ଆମେ ଏଠିକୁ ଆସିଛୁ ବୋଲି ସୂଚନା ଦେଇଥିଲେ। ୮ ଦିନ ନୟାଗଡ଼ରେ ରହିବୁ, ସବୁ କଂଗ୍ରେସ ନେତା ଓ କର୍ମୀଙ୍କ ସହ ଆଲୋଚନା କରି ସେମାନଙ୍କ ଭାବନାକୁ ନେଇ ଦିଲ୍ଲୀ ଯିବି ବୋଲି ସୂଚନା ଦେଇଥିଲେ। ବ୍ଲକ କଂଗ୍ରେସ, ଜିଲ୍ଲା କଂଗ୍ରେସ, ଓବିସି ଶାଖା, ମହିଳା, ଦଳିତ ସଂଗଠନକୁ କିଭଳି ମଜବୁତ କରାଯିବା ତାହା ଉପରେ ଆଲୋଚନା କରି ସଂଗଠନକୁ ତୃଣମୂଳ ସ୍ତରରୁ ମଜବୁତ କରାଯିବ ବୋଲି କହିଥିଲେ। ଏହି ସମ୍ମିଳନୀରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ରଣଜିତ ଦାଶ, ଜିଲ୍ଲା କଂଗ୍ରେସ ସଂଯୋଜକ ସତ୍ୟବ୍ରତ ନାୟକଙ୍କ ସମେତ ବହୁ ନେତା ଉପସ୍ଥିତ ରହିଥିଲେ।

### ପଦାରେ ପଡ଼ିଲା କଂଗ୍ରେସ ଗୋଷ୍ଠୀ କନ୍ଦଳ

ନୟାଗଡ଼: ନୟାଗଡ଼ ଜିଲ୍ଲା କଂଗ୍ରେସରେ ତୀବ୍ର ଗୋଷ୍ଠୀ କନ୍ଦଳ। ଆଗକୁ ଜିଲ୍ଲା ସଭାପତି ଚୟନ ରହିଥିବାରୁ ପରସ୍ପର ବିରୋଧି ଓ ଇର୍ଷା ପରାୟଣତା ଚରମ ସ୍ଥିତିରେ ପହଞ୍ଚିଛି। ଯାହାକୁ ନେଇ ଆଜି ଗରମାଗରମ ସ୍ଥିତି ସୃଷ୍ଟି ହେବା ସହ ଜିଲ୍ଲା କଂଗ୍ରେସ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ସ୍ଥାନ ଓ ସମୟ ପରିବର୍ତ୍ତନ କରାଯାଇଛି। ନୟାଗଡ଼ ଜିଲ୍ଲା କଂଗ୍ରେସ ପକ୍ଷରୁ ଆଜି ଦିନ ୧୧ଟା ୩୦ରେ ସାମ୍ବାଦିକ ସମ୍ମିଳନୀ ଆହ୍ୱାନ କରାଯାଇଥିଲା। ନୟାଗଡ଼ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଏହି ସମ୍ମିଳନୀ ହେବ ବୋଲି କୁହାଯାଇଥିଲା। ୧୧ଟା ୨୦ରେ ସାମ୍ବାଦିକମାନେ ସେଠାରେ ପହଞ୍ଚିବା ପୂର୍ବରୁ ହଠାତ୍ ସମୟ ଓ ସ୍ଥାନ ପରିବର୍ତ୍ତନ କରାଗଲା। ନୀଳମାଧବ କଲ୍ୟାଣ ମଣ୍ଡପଠାରେ ୧୨ଟାରେ ସାମ୍ବାଦିକ ସମ୍ମିଳନୀ ହେବ ବୋଲି ସୂଚନା ଦିଆଗଲା। ମାତ୍ର ସମ୍ମିଳନୀ ଦିନ ୧ ଘଟିକା ବେଳକୁ ଆରମ୍ଭ ହୋଇଥିଲା। ଜିଲ୍ଲାର ସାଂଗଠନିକ ସ୍ଥିତିକୁ ପରଖିବା ପାଇଁ ଆଜି ପ୍ରମୂଖ କଂଗ୍ରେସ ନେତମାନେ ନୟାଗଡ଼ ଆସିଥିଲେ। ଯାହାକୁ ନେଇ ସାମ୍ବାଦିକ ସମ୍ମିଳନୀ ଡକାଯାଇଥିଲା। ମାତ୍ର ଜଣେ କଂଗ୍ରେସ କର୍ମୀଙ୍କୁ ନିମନ୍ତ୍ରଣ କରାଯିବାକୁ ନେଇ ନେତା ନେତାଙ୍କ ମଧ୍ୟରେ ଆଜି ତୁମୁଳକାଣ୍ଡ କାରଣରୁ ସାମ୍ବାଦିକ ସମ୍ମିଳନୀ ସ୍ଥାନ ଓ ସମୟ ପରିବର୍ତ୍ତନ ହୋଇଥିବା ସୂଚନା ମିଳିଛି। ଜଣେ ପୂର୍ବତନ ସରପଞ୍ଚଙ୍କୁ ଆଜି ଜୈନିକ ନେତା କାର୍ଯ୍ୟକ୍ରମକୁ ଡାକିଥିଲେ। ଯାହାକୁ ନେଇ ଜଣେ ପୁରଣା ସଂଗଠନ ତଥା କଂଗ୍ରେସ ନେତା ଏହାକୁ ବିରୋଧ କରିଥିଲେ। ମୁଁ କଲ୍ୟାଣ ମଣ୍ଡପ ବୁଝିଛି, ଏଠାରେ କୌଣସି କାର୍ଯ୍ୟକ୍ରମ କରାଇ ଦେବି ନାହିଁ ବୋଲି କହି ଗଣ୍ଡଗୋଳ ସୃଷ୍ଟି କରିଥିଲେ। ଯାହାକୁ ନେଇ ସମ୍ମିଳନୀ ସ୍ଥାନ ପରିବର୍ତ୍ତନ ହୋଇଥିବା ବେଳେ କଂଗ୍ରେସ କନ୍ଦଳ ଦାଣ୍ଡରେ ପଡ଼ି ହାଟରେ ଗଡ଼ିଥିବା ଜଣାପଡ଼ିଛି।

## ବାଉଁଶରାଣୀ ଖେଳର ଜନକଙ୍କ ପାଇଁ ସ୍ମୃତିଚାରଣ



ଓଡ଼ଗାଁ,୨।୯ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ କୁରାଳ ସନ୍ନିକଟ ନାଥିଆ ପଲ୍ଲୀ ଗ୍ରାମର ବାଉଁଶରାଣୀ ଖେଳର ଜନକ ପୂର୍ଣ୍ଣ ଦାସଙ୍କ ଅବର୍ତ୍ତମାନରେ ମଙ୍ଗଳବାର ଦଶାହ କାର୍ଯ୍ୟ ଦିବସରେ ପରିବାର, ଜ୍ଞାତି କୁଟୁମ୍ବଙ୍କ ସହିତ ଗ୍ରାମବାସୀ ତାଙ୍କର ସ୍ମୃତିଚାରଣ କରାଯାଇଛି। ଗରିବ ପରିବାର ହେତୁ ଖାଦ୍ୟ ବସ୍ତ୍ର ଯୋଗାଡ଼ ପାଇଁ ପୂର୍ଣ୍ଣ ଦାସ ସ୍ତ୍ରୀ ଛାୟା ଦାସଙ୍କ ସହିତ ପିଲାମାନଙ୍କୁ ସାଙ୍ଗରେ ନେଇ ପରିବାର ଭରଣପୋଷଣ ଉଦ୍ଦେଶ୍ୟରେ ବାଉଁଶରାଣୀ ଖେଳ ପ୍ରଦର୍ଶନ କରୁଥିଲେ। ସେଥିରୁ ଉପାର୍ଜନ ଅର୍ଥରେ ସାରା ପରିବାର କଷ୍ଟେମଷ୍ଟେ ଚଳି ଯାଉଥିଲେ। ଦେଶ ସହିତ ବିଦେଶ ଫ୍ରାନ୍ସରେ ଖେଳ ପ୍ରଦର୍ଶିତ କରି ଉଚ୍ଚ ପ୍ରଶଂସିତ ହେବା ପରେ ଏହାର ପ୍ରଚାର ପ୍ରସାର ହୋଇଥିଲା। ଓଡ଼ିଶା ରାଜ୍ୟ ଓ ଜାତୀୟ ଦୂରଦର୍ଶନରେ କାର୍ଯ୍ୟକ୍ରମର ପ୍ରସାରଣ ହୋଇଥିଲା। ବାଉଁଶରାଣୀ ଖେଳ ସହିତ ଜିମ୍ନାଷ୍ଟିକ ଖେଳ ପ୍ରଦର୍ଶନ କରି ଦର୍ଶକ ମାନଙ୍କୁ ଆକୃଷ୍ଟ କରି ପାରୁଥିବାରୁ ଜଣେ ଭାରତୀୟ ସେନା ଅଧିକାରୀ ବଡ଼ ଝିଅକୁ ସେନା ବାହିନୀରେ ଭର୍ତ୍ତି କରିଥିଲେ। ପୂର୍ଣ୍ଣଙ୍କ ଉପସ୍ଥିତି ନଥିଲେ ମଧ୍ୟ ତାଙ୍କର ବଂଶୀ, ସାହାନାଇ, ହାରମନିୟମ ଏବଂ ବାଦ୍ୟ ଯନ୍ତ୍ରର ଶବ୍ଦ ସମସ୍ତଙ୍କ ମନରେ ଗୁଞ୍ଜରିତ ହେଉଥିବ ନିଶ୍ଚୟ।

## ମୁଣ୍ଡିଆ ହନୁମାନ ପୀଠରେ ହନୁମାନ ଚାଳିଶା

ଖଣ୍ଡପଡ଼ା,୨।୯ (ସମିସ): ଖଣ୍ଡପଡ଼ା ବ୍ଲକ ଅଧୀନ ମର୍ଦ୍ଦରାଜପୁର ମୁଣ୍ଡିଆ ହନୁମାନଙ୍କ ପୀଠରେ ୭ମ ବାର୍ଷିକ ଶ୍ରୀଅଖଣ୍ଡ ହନୁମାନ ଚାଳିଶା ପାଠ ଓ ଘୃତଯଜ୍ଞ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶ୍ରୀମୁଣ୍ଡିଆ ହନୁମାନ ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ନୀଳକଣ୍ଠପ୍ରସାଦ, ଗୋଛାବାରି, ମିଟୁଆଣି, ମାଧପୁର, ବେଣାଗାଡିଆ, ମର୍ଦ୍ଦରାଜପୁର ଗ୍ରାମର ଚାଳିଶା ମଣ୍ଡଳୀର ସଦସ୍ୟମାନେ ଉପସ୍ଥିତ ରହି ହନୁମାନ ଚାଳିଶା ପଠନ କରିଥିଲେ। ଏ ଅବସରରେ ପ୍ରାତଃ ସମୟରେ ଘଟ କଳସ ସ୍ଥାପନ ଓ ସୂର୍ଯ୍ୟନାରାୟଣଙ୍କ ପୂଜା ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ଯଜ୍ଞର ପୂର୍ଣ୍ଣାହୁତି ଉତ୍ସବ ଅନୁଷ୍ଠିତ ହୋଇଥିଲା। ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ପୂର୍ଣ୍ଣାହୁତି ଉତ୍ସବରେ ଯୋଗଦେଇ ବିଗ୍ରହଙ୍କୁ ଦର୍ଶନ କରିଥିଲେ।

**● ଚାଉଳ ହେର୍‌ଫେର୍ କରିଛନ୍ତି ଏବିଇଓ**

## ରସିଦ୍‌ରେ ୨୨ ବସ୍ତା; ଦେଇଛନ୍ତି ୨୧ ବସ୍ତା

ଗଣିଆ,୨।୯ (ସମିସ): ବାଡ଼ ଖାଉଛି ଫସଲ। ଦରମା ଅଣ୍ଟିଲାନି ଯେ ପିଲାଙ୍କ ମଧ୍ୟାହ୍ନ ଭୋଜନ ଚାଉଳରେ ଆଖି ପକାଇଲେ ଖୋଦ୍ ଅତିରିକ୍ତ ଶିକ୍ଷା ଅଧିକାରୀ। ରସିଦରେ ୨୨ ବସ୍ତା ଲେଖି ପ୍ରଧାନଶିକ୍ଷକଙ୍କଠାରୁ ଦସ୍ତଖତ ନେଲେ କିନ୍ତୁ ଚାଉଳ ଦେଲେ ୨୧ ବସ୍ତା। ଏ ନେଇ ସଂପୃକ୍ତ ପ୍ରଧାନଶିକ୍ଷକ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିବା ପରେ ଘଟଣା ପଦାକୁ ଆସିଥିବା ଜଣାପଡିଛି। ଘଟଣାରୁ ଜଣାପଡିଛି ଗଣିଆ ବ୍ଲକ ରାଉତପଡା ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ପିଏମ ପୋଷଣ ଏବଂ ଏମ୍‌ଏମ୍ ପୋଷଣ ଯୋଜନାରେ ଗତ ୨୫ ତାରିଖରେ ଚାଉଳ ନେଇ ପହଞ୍ଚି ଥିଲେ ଅତିରିକ୍ତ ଶିକ୍ଷା ଅଧିକାରୀ ରବୀନ୍ଦ୍ର ବେହେରା। ପ୍ରାଥମିକ ସ୍ତରର ପିଲାଙ୍କ ପାଇଁ ୧୪ ବସ୍ତା (୭ କ୍ୱିଣ୍ଟାଲ) ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସ୍ତରର ପିଲାଙ୍କ ପାଇଁ ୮ ବସ୍ତା (୪କ୍ୱିଣ୍ଟାଲ); ଏପରି ୨୨ ବସ୍ତାର ରସିଦ ଅତିରିକ୍ତ ଶିକ୍ଷା ଅଧିକାରୀ ପ୍ରଧାନଶିକ୍ଷକଙ୍କୁ ଦେଇଥିବା ବେଳେ ତାଙ୍କୁ ୧୯ ବସ୍ତା ଚାଉଳ ଦେଇଥିଲେ। ଦ୍ୱିତୀୟ ଦିନ ୩ ବସ୍ତା ଦେବେ କହି ୨ ବସ୍ତା ଦେଇଥିବା ବେଳେ ଆଉ ଗୋଟିଏ ବସ୍ତା ଚାଉଳ ଦେଉନାହାନ୍ତି। ଗତ ୭ ଦିନରୁ ଅଧିକ ବିତି ଯାଇଥିଲେ ମଧ୍ୟ ଚାଉଳ ନ ଦେବାରୁ ମଙ୍ଗଳବାର ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମିଳନ କୁମାର ପଣ୍ଡା ବ୍ଲକ ଶିକ୍ଷା ଅଧିକାରୀ ରବୀନ୍ଦ୍ରନାଥ ରାଉତରାୟଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ତେବେ ଏଠାରେ ପ୍ରଶ୍ନ ଉଠୁଛି ଯଦି ରସିଦ୍ ୨୨ ବସ୍ତା ଦିଆଯାଇଛି ତେବେ ୨୧ ବସ୍ତା ଚାଉଳ କାହିଁକି ଦିଆଗଲା। ୭ ଦିନ ବିତିଯାଇଥିଲେ ମଧ୍ୟ ଆଉ ଗୋଟିଏ ବସ୍ତା ଚାଉଳ କାହିଁକି ଦିଆଯାଇନାହିଁ। ଯଦି ଆବଶ୍ୟକୀୟ ଚାଉଳ ନଥିଲା ତେବେ ରସିଦରେ ୨୨ ବସ୍ତା ଲେଖାଗଲା କାହିଁକି। ଚାଉଳ ନଥିଲା ବୋଲି ଦିଆଯାଇନାହିଁ ନା ହେରଫେର ହୋଇଛି ଏଭଳି ଅନେକ ପ୍ରଶ୍ନ ଏବେ ଉଙ୍କି ମାରୁଛି। ପ୍ରଧାନଶିକ୍ଷକଙ୍କ ଅଭିଯୋଗ ପରେ ଉକ୍ତ ଘଟଣା ଜଣାପଡିବା ପରେ କେବଳ ଏହା ଗୋଟିଏ ସ୍କୁଲର ସମସ୍ୟା ନା ଏଭଳି ଅନେକ ବିଦ୍ୟାଳୟରେ ଏହି ସମସ୍ୟା ଲାଗି ରହିଛି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଭୂସମ୍ପତ୍ତି ଜବରଦଖଲ ଉଚ୍ଛେଦ ପାଇଁ ଦାବି

ଓଡ଼ଗାଁ,୨।୯ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଶ୍ରୀରଘୁନାଥଜିଉଙ୍କ ଭୁସମ୍ପତି ଜବରଦଖଲ ହୋଇଛି। ଏହାକୁ ଉଚ୍ଛେଦ କରିବା ପାଇଁ ଓଡ଼ଗାଁ ନଗର ବାସିନ୍ଦାଙ୍କ ତରଫରୁ ସୁଶାନ୍ତ କୁମାର ସାହୁ, ପ୍ରତାପ କୁମାର ଦାସ, ତପନ କୁମାର ସାମନ୍ତରାୟ, ସନ୍ତୋଷ କୁମାର ପ୍ରଧାନଙ୍କ ସହିତ ୨୦ ଜଣରୁ ଊର୍ଦ୍ଧ୍ୱ ମନ୍ଦିର ପରିଚାଳକଙ୍କ ଜରିଆରେ ନୟାଗଡ଼ ଉପଜିଲ୍ଲାପାଳ ତଥା ଦେବୋତ୍ତର ନିର୍ବାହୀ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ କରାଯାଇଛି। ୭ ଦିନ ମଧ୍ୟରେ ଜବରଦଖଲକାରୀଙ୍କୁ ଉଚ୍ଛେଦ କରାନଗଲେ ଓଡ଼ଗାଁ ସହରବାସୀ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି। ଶ୍ରୀରଘୁନାଥଜୀଉଙ୍କ ଭୂସମ୍ପତ୍ତିକୁ ଯେଉଁମାନେ ସେବା ସୂତ୍ରରେ ଦଖଲ କରିଥିଲେ ଏବଂ ଯେଉଁମାନେ ମନ୍ଦିର କାର୍ଯ୍ୟରୁ ସେବା ନିବୃତ ଅଛନ୍ତି, ସେମାନଙ୍କ ଦଖଲରେ ଥିବା ସମ୍ପତ୍ତି ଉଚ୍ଛେଦ କରିବା ପାଇଁ ଦାବି ହୋଇଛି। ବିଶେଷ କରି ଅନୁସୂଚିତ ଜାତିର ଅନେକେ ରଘୁନାଥଙ୍କ ସେବା ଛାଡି ସାରିବା ପରେ ମଧ୍ୟ ରଘୁନାଥ ସମ୍ପତ୍ତିର ଉପୋଭୋଗ କରୁଛନ୍ତି।

## ଉପ-ନିର୍ଦ୍ଦେଶକ ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ବିଦ୍ୟାଳୟ ପରିଦର୍ଶନ

ରଣପୁର,୨।୯ (ସମିସ): ଆଜି ନୟାଗଡ ଜିଲ୍ଲା ରଣପୁର ବ୍ଲକର ବିଭିନ୍ନ ବିଦ୍ୟାଳୟକୁ ଉପନିର୍ଦ୍ଦେଶକ ସୁଶ୍ରୀ ସଙ୍ଗୀତା ପଣ୍ଡା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବନଲତା ବେହେରା ଓ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସନ୍ଧ୍ୟାରାଣୀ ରାଉତ ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ସେମାନେ ଶିକ୍ଷକ-ଶିକ୍ଷୟତ୍ରୀଙ୍କ ସହିତ ଆଲୋଚନା କରି ଶିକ୍ଷାର ଗୁଣତ୍ତ୍ୱ ନିପୁଣ ଭାରତ କାର୍ଯ୍ୟକ୍ରମର ପ୍ରଗତି, ଆସ ସ୍କୁଲ କାର୍ଯ୍ୟକ୍ରମ ଯିବା କାର୍ଯ୍ୟକ୍ରମର ପ୍ରଗତି, ଶିକ୍ଷାଦାନ ସମୟରେ ଶିକ୍ଷଣ ସାମଗ୍ରୀ ବ୍ୟବହାର, ମଧ୍ୟାହ୍ନ ଭୋଜନର ମାନ ଆଦିକୁ ସମୀକ୍ଷା କରିଥିଲେ। ରଣପୁର ବଜେନ୍ଦ୍ର ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ଓ ମଝିଆଖଣ୍ଡ ରଘୁନାଥ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ନୟାଗଡ ଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହେଉଥିବା ‘ଦୀପା’ କମ୍ପ୍ୟୁଟର ପ୍ରୋଗ୍ରାମ ସମ୍ବନ୍ଧରେ ମଧ୍ୟ ତଦାରଖ କରିଥିଲେ। ଏହା ସହିତ ମାଳ ଜାମୁଗଣ୍ଡ ଅଞ୍ଚଳକୁ ଯାଇ ଶିକ୍ଷକ ମିହିର କୁମାର ଭୂୟାଁଙ୍କ ସହିତ ବିଦ୍ୟାଳୟର ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ପରିଦର୍ଶନ ସମୟରେ ରଣପୁର ବ୍ଲକ ଶିକ୍ଷା ଅଧିକାରୀ ପିଣ୍ଟୁ କୁମାର ପ୍ରଧାନ, ବଜେନ୍ଦ୍ର ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗିରିଜାକାନ୍ତ ମହାପାତ୍ର, ସାଧନ କେନ୍ଦ୍ର ସଂଯୋଜକ ସୁଶୀଲ କୁମାର ରଣା, ଅଜୟ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଉଚ୍ଚ ଅଧିକାରୀମାନଙ୍କ ଏହି ପରିଦର୍ଶନରୁ ବିଦ୍ୟାଳୟର ଶିକ୍ଷାମାନ ସୁଧାର ଓ ପିଲାଙ୍କ ସାର୍ବଜନୀନ ଉନ୍ନତି ପାଇଁ ସକାରାତ୍ମକ ପରିଣାମ ଆସିବ ବୋଲି ଆଶା କରାଯାଉଛି।

**ଭାପୁର ବ୍ଲକ୍ ଦଶମ ସାଧାରଣ ଅଧିବେଶନ**

# ଜନପ୍ରତିନିଧିଙ୍କ ପ୍ରଶ୍ନବାଣରେ ବିଡିଓ ଘାଇଲା

ଭାପୁର,୨।୯ (ସମିସ)




ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଦଶମ ସାଧାରଣ ଅଧିବେଶନରେ ନାହିଁ ନଥିବା ହାଙ୍ଗାମା ହୋଇଛି। ବିଭିନ୍ନ ଦୁର୍ନୀତି ଲୁଚାଇବାକୁ ଯନ୍ତ୍ରୀ ଓ ଅନ୍ୟ କର୍ମଚାରୀଙ୍କୁ ସଭାକୁ ନଆସିବାକୁ ବିଡିଓ ଦେଇଥିବା ନିର୍ଦ୍ଦେଶକୁ ଉପାଧ୍ୟକ୍ଷ ଦୃଢ ବିରୋଧ କରିବା ସହ ଏହା ସମ୍ବିଧାନ ବିରୋଧୀ ବୋଲି କହିଥିଲେ। ବିଧାୟକ ଏହାକୁ ନାପସନ୍ଦ କରିଥିଲେ। ସବୁଠାରୁ ଅଧିକ ହାଙ୍ଗାମା ହୋଇଥିଲା ଆଇଟିଆଇରେ ଭୂଲ ତଥ୍ୟ ପ୍ରଦାନ ଓ ଜନପ୍ରତିନିଧିଙ୍କୁ ଚିଠି ନ କରି ଗଛ ନଲଗାଇ ବିଲ ହୋଇଥିବା ଜଣାପଡିବା ପରେ ସଭାରେ ନାହିଁ ନ ଥିବା ପାଟିତୁଣ୍ଡ ହୋଇଥିଲା। ବ୍ଲକ ସଦଭାବନ କକ୍ଷରେ ଆୟୋଜିତ ଆଜିର ଏହି ଗୁରୁତ୍ୱପୂର୍ଣ୍ଣ ଅଧିବେଶନରେ ବ୍ଲକ ପ୍ରଶାସନ ଓ ଜନପ୍ରତିନିଧି ମଧ୍ୟରେ ସଦଭାବନା କମ ଦେଖିବାକୁ ମିଳିଥିଲା। ଜନପ୍ରତିନିଧିଙ୍କୁ ଅଣଦେଖା ଓ ବେଖାତିର କରିବା ସହ ସେମାନଙ୍କୁ ଗୌଣ କରିବା ପାଇଁ ବିଡିଓ ସମସ୍ତ ଉଦ୍ୟମ ପୂର୍ବ ଦିନରୁ ପ୍ରସ୍ତୁତି କରିଥିଲେ। ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ସାଧାରଣ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ବିଧାୟକ ଇଂ. ଦୁଷ୍ମନ୍ତ କୁମାର ସ୍ୱାଇଁ, ୨୦ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ବିଜୟ କୁମାର ସାମନ୍ତରାୟ, ୧୯ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ସୁଶାନ୍ତ କୁମାର ସାହୁ, ସାଂସଦଙ୍କ ବ୍ଲକ ପ୍ରତିନିଧି ତୋଫାନ ପ୍ରଧାନ ଓ ବିଡିଓ ସାରଦା ପ୍ରସନ୍ନ ପଣ୍ଡା ଯୋଗ ଦେଇଥିଲେ। ଏହି ବୈଠକରେ ଶିକ୍ଷା, କୃଷି, ଆବାସ ବିଭିନ୍ନ ଉନ୍ନୟନ ବିଷୟ ନେଇ ଆଲୋଚନା ହୋଇଥିଲା। ଅନ୍ତ୍ୟୋଦୟ ଗୃହ ଯୋଜନାରେ ହୋଇଥିବା ମହାଦୁର୍ନୀତି ନେଇ ଆଲୋଚନା ସରଗରମ ହୋଇଥିଲା। ହିତାଧିକାରୀ ଚୟନ କରିବା ପାଇଁ ବ୍ଲକ ପ୍ରଶାସନ ତରଫରୁ ଯାଇଥିବା ନୋଡାଲ ଅଫିସରଙ୍କ ରିପୋର୍ଟକୁ ସମ୍ପୂର୍ଣ୍ଣ ଓଲଟାଇ ଅଯୋଗ୍ୟ ଲୋକଙ୍କୁ ହିତାଧିକାରୀ ଭାବେ ଚୟନ ହୋଇଥିବା ଜନପ୍ରତିନିଧି ମାନେ ଅଭିଯୋଗ କରିଥିଲେ। ଏନେଇ ବିଡିଓ କୌଣସି ଉତ୍ତର ନଦେଇ ଚୁପ ରହିଥିଲେ। ସୂଚନା ଅଧିକାର ଆଇନ ମାଧ୍ୟମରେ ମଗାଯାଇଥିବା ଅନ୍ତ୍ୟୋଦୟ ଗୃହ ଯୋଜନା ଉପରେ ବିଡିଓ ସମ୍ପୂର୍ଣ୍ଣ ମିଛ ତଥ୍ୟ ପ୍ରଦାନ କରିଥିବା ଉପାଧ୍ୟକ୍ଷ ପ୍ରମାଣ ଦେବା ପରେ ଗୃହରେ ବିଡିଓଙ୍କ ବିରୋଧରେ ନାହିଁ ନଥିବା ଆକ୍ରୋଶ ପ୍ରକାଶ ପାଇଥିଲା। ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ସରପଞ୍ଚ, ସମିତିଙ୍କୁ ଅଣଦେଖା କରି ବ୍ଲକ ପ୍ରଶାସନ ମନଇଛାରେ ବିଭିନ୍ନ ପ୍ରକଳ୍ପ ନାମ ଦେଇଥିବା ନେଇ ମଧ୍ୟ ବିଡିଓ ଉତ୍ତର ବିହିନ ରହିଥିଲେ। ପ୍ରଧାନମନ୍ତ୍ରୀଙ୍କ ମହତ ଯୋଜନା ମା’ ପାଇଁ ଗଛଟିଏ ବିଷୟରେ ମନରେଗା ଯୋଜନାରେ କୌଣସି ଜନପ୍ରତିନିଧିଙ୍କୁ ଚିଠି ନ କରି ଗୋଟିଏ ବି ଗଛ ନ ଲଗାଇ ବ୍ଲକ ପ୍ରଶାସନ ଖର୍ଚ୍ଚ ରିପୋର୍ଟ ଜିଲ୍ଲା ପ୍ରଶାସନକୁ ଦେଇଥିବା ଜଣାପଡିବା ପରେ ଉପାଧ୍ୟକ୍ଷ ଓ ସମସ୍ତ ସରପଞ୍ଚ ବିଡିଓଙ୍କୁ ପ୍ରଶ୍ନବାଣରେ ପୋତି ପକାଇଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ଅଧିବେଶନକୁ କୌଣସି ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ, ପଞ୍ଚାୟତ କାର୍ଯ୍ୟନିର୍ବାହି ଅଧିକାରୀ ଓ ଜିଆର୍‌ଏସଙ୍କୁ ନ ଆସିବାକୁ ବିଡିଓ ପୂର୍ବ ଦିନରୁ ମୌଖିକ ନିର୍ଦ୍ଦେଶ ଦେଇଥିବା ଜଣାପଡିବା ଓ ଏହି ଅଧିକାରୀମାନେ ସଭାରେ ଅନୁପସ୍ଥିତ ରହିବା ବ୍ଲକ ପ୍ରଶାସନର ସ୍ୱଚ୍ଛତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ବିଡିଓ ସଭା ଗୃହରେ ଜାଗା ନଥିବା କହି କଥାକୁ ଏଡାଇବାକୁ ଚେଷ୍ଟା କରିଥିଲେ।

- ଭୁଲ ତଥ୍ୟ ନେଇ ବର୍ଷିଲେ ଉପାଧ୍ୟକ୍ଷ
- ସଭାକୁ ନ ଆସିବାକୁ କର୍ମଚାରୀଙ୍କୁ ନିର୍ଦ୍ଦେଶ
- ଗଛ ନ ଲାଗି ବିଲ୍ ହୋଇଥିବା ଜଣାପଡିଲା

## ୭ ବାଇକ୍ ଜବତ; ୨ ଲୁଟେରା ଗିରଫ

ଖୋର୍ଦ୍ଧା,୨।୯(ସମିସ): ମୁକୁନ୍ଦପ୍ରସାଦ ଚେକ୍‌ପୋଷ୍ଟ ନିକଟରୁ ସୋମବାର ବିଳମ୍ବିତ ରାତିରେ ଶିଶ୍ବାଞ୍ଚଳ ପୁଲିସ ୨ଜଣ ବାଇକ ଲୁଟେରାଙ୍କୁ ଗିରଫ କରିଛି। ଗିରଫଦ୍ୱୟ ହେଲେ ନୟାଗଡ଼ ଜିଲ୍ଲା ଦଶପଲ୍ଲା ଥାନା ଅନ୍ତର୍ଗତ ଖମାରସାହି କଉଡ଼ାର ସମୀର ନାୟକ ଓରଫ ଗଗନ (୨୦) ଓ କୃଷ୍ଣଚନ୍ଦ୍ରପାଟଣାର ଆକାଶ ରାଉତ (୨୦)। ସେମାନଙ୍କଠାରୁ ପୁଲିସ ନମ୍ବରବିହୀନ ୭ଟି ଚୋରା ବାଇକ୍, ଦୁଇଟି ମୋବାଇଲ୍ ଫୋନ୍ ଓ ବାଇକ୍ ଚୋରିରେ ବ୍ୟବହୃତ ଏକ ମାଷ୍ଟର ଚାବିକୁ ଜବତ କରିଛି।



ସୂଚନା ଅନୁସାରେ, ମୁକୁନ୍ଦପ୍ରସାଦ ବାଇପାସ୍ ଚେକ୍‌ପୋଷ୍ଟଠାରେ ସୋମବାର ରାତିରେ ପୁଲିସ ବ୍ଲକିଂ ଚେକିଂ କରୁଥିଲା। ଏହି ସମୟରେ ଆକାଶ ଓ ଗଗନ ଦୁଇଟି ନମ୍ବରବିହୀନ ବାଇକ୍‌ରେ ଆସିଥିଲେ। ପୁଲିସ ସେମାନଙ୍କୁ ଅଟକାଇ ଗାଡ଼ି କାଗଜପତ୍ର ଯାଞ୍ଚ କଲାବେଳେ ସେମାନେ କୌଣସି କାଗଜପତ୍ର ଦେଖାଇ ନ ଥିଲେ କି ଗାଡ଼ିର ନମ୍ବର କହିପାରି ନ ଥିଲେ। ପୁଲିସର ସନ୍ଦେହ ହେବାରୁ ସେମାନଙ୍କୁ ଧରି ଥାନାରେ ପଚରାଉଚରା କରିବାରେ ଦୁଇଟିଯାକ ଗାଡ଼ି ଚୋରିକରି ସେମାନେ ଗଡ଼ଖୋର୍ଦ୍ଧା-ଜେମାଦେଇ ରାସ୍ତା ପାଶ୍ୱର୍ ଜଙ୍ଗଲ ମଧ୍ୟରେ ରଖିଥିବା ଚୋରା ଗାଡ଼ି ପାଖକୁ ନେଉଥିବା ପ୍ରକାଶ କରିଥିଲେ। ପୂର୍ବରୁ ୫ଟି ଚୋରି ବାଇକ୍ ରଖିଥିବା ପ୍ରକାଶ କରିଥିଲେ। ସେମାନେ ଖୋର୍ଦ୍ଧା ଓ ଭୁବନେଶ୍ୱର ଅଞ୍ଚଳରୁ ବାଇକ୍ ସବୁ ଚୋରି କରୁଥିବା ସ୍ୱୀକାର କରିଥିଲେ। ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଭାରପ୍ରାପ୍ତ ଶିଶ୍ବାଞ୍ଚଳ ଥାନା ଅଧିକାରୀ ବାସୁଦେବ ଜୟସିଂଙ୍କ ନେତୃତ୍ୱରେ ଏକ ଟିମ୍ ଅଭିଯୁକ୍ତଙ୍କ ବୟାନ ମୁତାବକ ପୁଲିସ ବରୁଣେଇ ପମ୍ପ୍ ହାଉସ୍ ପଛପଟ ଜଙ୍ଗଲରୁ ୫ଟି ନମ୍ବରବିହୀନ ଚୋରା ବାଇକ୍ ଜବତ କରିଛି। ଏହି ଘଟଣାରେ ପୁଲିସ ୨୦୮/୨୫ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରିଛି। ଏହି ଚଢ଼ଉରେ ଏସ୍‌ଆଇ ଜୟସିଂ, ଏଏସ୍‌ଆଇ ବି. ବିଶୋଇ, ସମ୍ବିତ ମହାନ୍ତି, ପ୍ରଦୀପ ହରିଚନ୍ଦନ ପ୍ରମୁଖ ସାମିଲ ଥିଲେ।

## ଠକେଇ ମାମଲାରେ ୩ ବର୍ଷ ସଶ୍ରମ କାରାଦଣ୍ଡ

ବାଣପୁର,୨।୯(ସମିସ): ବାଣପୁର ଥାନା ଅନ୍ତର୍ଗତ ଭୀମପୁର ଗ୍ରାମର ପ୍ରଶାନ୍ତ ଦାସ ନାମକ ଜଣେ ବ୍ୟକ୍ତି ଧାର ସୂତ୍ରରେ ଟଙ୍କା ନେଇ ଆଉ ଫେରାଇ ନ ଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏହି ଠକେଇ ମାମଲାର ସମସ୍ତ ସାକ୍ଷ୍ୟ ଓ ପ୍ରମାଣ ଆଧାରରେ ବାଣପୁର ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ବିଚାରପତି ଇପ୍ସିତା ପ୍ରିୟା ହିକ୍କା ଅଭିଯୁକ୍ତ ପ୍ରଶାନ୍ତ ଦାସଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହିତ ୧୦ହଜାର ଟଙ୍କା ଅର୍ଥଦଣ୍ଡ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୧ ମାସ ଜେଲ୍ ଦଣ୍ଡାଦେଶ ଶୁଣାଣି କରିଛନ୍ତି।

ସୂଚନା ମୁତାବକ, ଭୀମପୁର ଗ୍ରାମର ବିଶୋଇ ସାହିର ପ୍ରଶାନ୍ତ ଏକ ଜେନେରେଟର କିଣିବା ପାଇଁ ଟଙ୍କାର ଆବଶ୍ୟକ ଥିବା କହି ସେହି ଗ୍ରାମର ବାଳମୁକୁନ୍ଦ ଦାସଙ୍କଠାରୁ ଧାର ସୂତ୍ରରେ ୩ ଲକ୍ଷ ୮୦ହଜାର ଟଙ୍କା ନେଇ ୧ ମାସ ମଧ୍ୟରେ ଫେରାଇଦେବାକୁ କହି ଏଗ୍ରିମେଣ୍ଟ ମଧ୍ୟ କରିଥିଲେ। ହେଲେ ମାସେ ପରେ ଟଙ୍କା ନ ଫେରାଇ ଆଜିକାଲି କହି ଉଣ୍ଡେଇ ଚାଲି ଦୀର୍ଘ ଦିନ ଧରି ଟଙ୍କା ଆଉ ଫେରାଇ ନ ଥିଲେ। ବାଧ୍ୟ ହୋଇ ବାଳମୁକୁନ୍ଦ ବାଣପୁର ଥାନାର ଦ୍ୱାରସ୍ଥ ହେବା ପରେ ଥାନା ଅଧିକାରୀ ଉଭୟ ପ୍ରଶାନ୍ତ ଓ ବାଳମୁକୁନ୍ଦଙ୍କୁ ଥାନାରେ ବସାଇ ଭଦ୍ରଲୋକଙ୍କ ମାଧ୍ୟମରେ ନିଷ୍ପତ୍ତି କରାଯାଇଥିଲା। ଭଦ୍ରଲୋକଙ୍କ ନିଷ୍ପତ୍ତି ତଥା ସର୍ବସମ୍ମତି କ୍ରମେ ଉକ୍ତ ଧାର ଟଙ୍କା ବାବଦକୁ ପ୍ରଶାନ୍ତ ନିଜର ୮ ହାତ ଜମି ବାଳମୁକୁନ୍ଦଙ୍କ ନାମରେ ରେଜିଷ୍ଟ୍ରି କରିଦେବେ ବୋଲି ରାଜି ହୋଇଥିଲେ। ହେଲେ ପରବର୍ତ୍ତୀ ସମୟରେ ପ୍ରଶାନ୍ତ ଏହାକୁ କାର୍ଯ୍ୟକାରୀ ନ କରିବାରୁ ଶେଷରେ ବାଳମୁକୁନ୍ଦ ବାଣପୁର ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଅଦାଲତରେ ଅଭିଯୋଗ କରିବାରେ ୫୮/୨୦୨୫ରେ ଏକ ଏତଲା ଦାୟର କରିଥିଲେ। ବିଚାରପତି ଏହି ମାମଲାର ବିଚାର କରି ଉଭୟ ପକ୍ଷଙ୍କ ଯୁକ୍ତି ଓ ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଆଧାର କରି ଅଭିଯୁକ୍ତ ପ୍ରଶାନ୍ତଙ୍କୁ ଉକ୍ତ ଦଣ୍ଡାଦେଶ ଶୁଣାଣି କରିଛନ୍ତି। ଏହି ମାମଲାକୁ ସରକାରୀ ଓକିଲ ଜଳନ୍ଧର ପ୍ରଧାନ ପରିଚାଳନା କରିଥିଲେ।

## ମିଷ୍ଟାନ୍ନ ଦୋକାନରୁ ଟଙ୍କା ଓ ସୁନା ଲୁଟ୍

ବେଗୁନିଆ,୨।୯(ସମିସ): ବେଗୁନିଆ ଥାନା ଅନ୍ତର୍ଗତ ପିଚୁକୁଳି ବଜାରର ଏକ ମିଷ୍ଟାନ୍ନ ଦୋକାନରୁ ସୋମବାର ରାତିରେ କାନ୍ଥ ତାଡ଼ି ନଗଦ ଟଙ୍କା, ସୁନାମୁଦି ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବାର ବେଗୁନିଆ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ଅସରଳା ଗ୍ରାମର ସରୋଜ ପଣ୍ଡା ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ପିଚୁକୁଳି ଆଦର୍ଶ ବିଦ୍ୟାଳୟ ନିକଟରେ ପଣ୍ଡା ସୁଇଟ୍‌ସ ଦୋକାନ କରିଛନ୍ତି। ବିଳମ୍ବିତ ରାତିରେ ଦୋକାନରୁ ୧୪ହଜାର ଟଙ୍କା, ଗୋଟିଏ ସୁନାମୁଦି ଓ ଖୁଚୁରା ପଇସା ଚୋରି ହୋଇଥିବା ଦେଖିବାକୁ ପାଇଥିଲେ। ଏହି ଘଟଣାକୁ ନେଇ ଖବର ଲେଖା ହେବା ସୁଦ୍ଧା ବେଗୁନିଆ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡାଙ୍କୁ ପଚାରିବାରେ କହିଥିଲେ ଯେ କୌଣସି ଅଭିଯୋଗ ହୋଇନାହିଁ।

## ବ୍ରାଉନ୍‌ସୁଗର ଓ ଗଞ୍ଜେଇ ଜବତ; ୨ ଗିରଫ

ନିରାକାରପୁର,୨।୯(ସମିସ): ଖୋର୍ଦ୍ଧା ଜିଲ୍ଲା ଭ୍ରାମ୍ୟମାଣ ଅବକାରୀ ବିଭାଗ ଇନ୍ସପେକ୍ଟରଙ୍କ ନିର୍ଦ୍ଦେଶରେ ମଙ୍ଗଳବାର ଖୋର୍ଦ୍ଧା ଜିଲ୍ଲା ଜଂକିଆ ଥାନା ଅନ୍ତର୍ଗତ ରମାବିଲି ଗ୍ରାମ ବସ୍ ଷ୍ଟପ୍ ସାମ୍ନାରୁ ଦିଲ୍ଲୀପ ମଙ୍ଗରାଜ (୪୨)ଙ୍କଠାରୁ ୩୭ ଗ୍ରାମ୍ ବ୍ରାଉନ୍‌ସୁଗର୍ ଜବତ ହୋଇଛି। ସେହିପରି ଭ୍ରାମ୍ୟମାଣ ଅବକାରୀ ପୁଲିସ ପାଟ୍ରୋଲିଂ କରୁଥିବାବେଳେ କନ୍ଧମାଳ ଜିଲ୍ଲା ସାରଙ୍ଗଡ଼ ଥାନା ଅଞ୍ଚଳର ପ୍ରତିମା ସାହୁ (୪୫)ଙ୍କଠାରୁ ୫ କେଜି ଗଞ୍ଜେଇ ବାଘମାରୀ ଥାନା ସରୁଅ ନିକଟରୁ ଜବତ କରିଛନ୍ତି। ଉକ୍ତ ଦୁଇ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି। ଏହି ଚଢ଼ଉରେ ଏସ୍‌ଆଇ ସୁଜିତ୍ କୁମାର ନାଗ, ଏଏସ୍‌ଆଇ ଜିତେନ୍ଦ୍ର ହେମ୍ବ୍ରମ, ସଞ୍ଜୟ ରାଉତ, କନେଷ୍ଟବଳ ସତ୍ୟବନ୍ତ ମାଝୀ ଓ ସ୍ୱପ୍ନାରାଣୀ ବେହେରା ପ୍ରମୁଖ ସାମିଲ ଥିଲେ।

### ହରିଭାଇନା ଛକ ବ୍ୟବସାୟୀ ସଂଘର ନିଆରା ଗଣେଶ ପୂଜା

# ଏକାଠି ପୂଜା ପାଆନ୍ତି ଗଣେଶ, ଲକ୍ଷ୍ମୀ, ସରସ୍ୱତୀ ଓ ସତ୍ୟନାରାୟଣ

ଜଟଣୀ,୨।୯(ସମିସ): ଜଟଣୀ ହରିଭାଇନା ଛକ ବ୍ୟବସାୟୀ ସଂଘ ପକ୍ଷରୁ ଚଳିତ ବର୍ଷ ଧୁମ୍‌ଧାମରେ ପାଳିତ ହେଉଛି ପ୍ରସିଦ୍ଧ ଗଣେଶ ପୂଜା। ଏହି ପୂଜା ମଣ୍ଡପରେ ବିଭିନ୍ନ କିମ୍ବଦନ୍ତୀ ଓ ଐତିହ୍ୟମାନ ରହିଛି। ଏହି ପୂଜା ଝଡ଼ଝଞ୍ଜା, ସୁବିଧା ଅସୁବିଧା ତଥା ବିଭିନ୍ନ ମୋଡ଼ ଦେଇ ଚଳିତବର୍ଷ ୮୧ ବର୍ଷରେ ପଦାର୍ପଣ କରିଛି। ଏନେଇ ପୂଜା କମିଟି ପ୍ରଭୁ ଗଜାନନଙ୍କ ନିକଟରେ ପ୍ରଣିପାତ ହୋଇ ଶୁଭମନାସିଛନ୍ତି। ତେବେ ଏଠାରେ ପ୍ରଭୁ ଗଜାନନଙ୍କ ପୂଜା ଏକ ନିଆରା ଢଙ୍ଗରେ ପାଳିତ ହୋଇଆସୁଛି। ପୂଜାରେ ଚଳିତ ବର୍ଷ ପାରମ୍ପରିକ ରୀତିନୀତି ଅନୁସାରେ, ୧୦ ଦିନ ବ୍ୟାପୀ ପାଲା ଅନୁଷ୍ଠିତ ହେବାର ସୁବ୍ୟବସ୍ଥା କରାଯାଇଛି। ଏହି ପୂଜା ମଣ୍ଡପରେ ଆଉ ଏକ ଐତିହ୍ୟ ରହିଛି



ପୂଜା ମଣ୍ଡପରେ ଏକସଙ୍ଗେ ଗଣେଶ, ଲକ୍ଷ୍ମୀ, ସରସ୍ୱତୀ ଓ ସତ୍ୟନାରାୟଣ ଠାକୁର ପୂଜା ପାଇଥାନ୍ତି। ଏହା ବ୍ୟତୀତ ପରମ୍ପରା ଓ ଐତିହ୍ୟ ଅନୁଯାୟୀ ଏଠାରେ ଠାକୁର ପୂର୍ବ ଦିଗକୁ ମୁଖ ଦର୍ଶନ ଦେଇ ପୂଜା ପାଇବାର କିମ୍ବଦନ୍ତୀ ଆଉ ଏକ ନିଆରା ଦିଗ୍‌ଦର୍ଶନ ଦେଇଛି। କାରଣ ଏହି ରୀତିନୀତିକୁ ଅନୁସରଣ କରି ହଜାର ହଜାର ଶ୍ରଦ୍ଧାଳୁ ଏଠାରେ ଠାକୁରଙ୍କ ନିକଟରେ ମାନସିକ ଲାଗି ଭିଡ଼ ଜମାଇଥାନ୍ତି। ଏହା ସହିତ ଗଜାନନଙ୍କ ଏହି ପୂଜାର ଶୁଭ ମୁହୂର୍ତ୍ତରେ ନାରାୟଣଙ୍କ ନିକଟରେ ମାନସିକ କଲେ ସମସ୍ତ ମନସ୍କାମନା ପୂରଣ ହୋଇଥାଏ ବୋଲି କିମ୍ବଦନ୍ତି ରହିଛି।

ଏନେଇ ଜଟଣୀ ହରିଭାଇନା ଛକ ବ୍ୟବସାୟୀ ସଂଘ ସଭାପତି ଜାନକୀବଲ୍ଲଭ ମିଶ୍ର କୁହନ୍ତି, ଆମ ହରିଭାଇନା ଛକ ପୂଜା ମଣ୍ଡପ ଏକ ନିଆରା ପୂଜା ମଣ୍ଡପ। ପୂଜାର ଏହି ଶୁଭ ମୁହୂର୍ତ୍ତରେ ଠାକୁରଙ୍କ ନିକଟରେ ମାନସିକ ରଖିଲେ ସମସ୍ତ ମାନସିକ ପୂର୍ଣ୍ଣ ହୋଇଥିବା ଅନେକ ଉଦାହରଣ ରହିଛି। ତେଣୁ ପୂଜା ସମୟରେ ଏକାଧିକ ମାନସିକଧାରୀ ଶ୍ରଦ୍ଧାଳୁ ଏଠାରେ ମାନସିକ କରି ସଫଳ ହେବାପରେ ସେମାନେ ପାଲା କରିବାକୁ ଏଠାରେ ଯାଚଙ୍ଗା କରିଥାନ୍ତି। ବହୁବର୍ଷ ପୂର୍ବେ ଏକଦା ମରୁଡ଼ି ହୋଇଥିଲା। ତେଣୁ ଏଠାରେ ଠାକୁରଙ୍କ ନିକଟରେ ପାଲା ଯାଚଙ୍ଗା କରିବାରୁ ଅବିଳମ୍ବେ ବର୍ଷା ହୋଇଥିଲା। ସେବେଠାରୁ ଏଠାରେ ସାଂସ୍କୃତିକ ପାଲାର ଆୟୋଜନ କରାଯାଉଛି। ସେହିପରି ସଂଘର ସମ୍ପାଦକ ଦିଲ୍ଲୀପ କୁମାର ମାର୍ଥା କୁହନ୍ତି, ବର୍ତ୍ତମାନର ଆଧୁନିକ ଯୁଗରେ ଆମେ କିନ୍ତୁ ସେହି ପାରମ୍ପରିକ ରୀତିନୀତି ତଥା ପୁରାତନ ସଂସ୍କୃତି ଅନୁସାରେ ଠାକୁରଙ୍କ ପୂଜା କରୁଛୁ। ତେଣୁ ଏନେଇ ଆଧାତ୍ମିକ ମନୋବଳ ଓ ଅଞ୍ଚଳବାସୀଙ୍କ ପ୍ରଶଂସା ଆମକୁ ଏହି ପୂଜାକୁ ସରଶ ସୁନ୍ଦର କରିବାଲାଗି ପ୍ରେରଣା ଦେଉଛି ବୋଲି କହିଛନ୍ତି।

## ଗୋମାଂସ ବୋଝେଇ କଣ୍ଟେନରକୁ ପୁଲିସ ଜିମା

ଟାଙ୍ଗୀ,୨।୯(ସମିସ): ଟାଙ୍ଗୀ ଥାନା ଅଧୀନସ୍ଥ ୧୬ନଂ ଜାତୀୟରାଜପଥ ଚଣ୍ଡେଶ୍ୱର ନିକଟରେ ଟାଙ୍ଗୀ ଓ କୁହୁଡ଼ିର ବଜରଙ୍ଗ ଦଳ କର୍ମୀମାନେ ଏକ ଗୋମାଂସ ବୋଝେଇ କଣ୍ଟେନରକୁ ଧରି ପୁଲିସକୁ ହସ୍ତାନ୍ତର ପରେ ଟାଙ୍ଗୀ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ କରୁଥିବା ଜଣାପଡ଼ିଛି। ଜବତ ଗାଡ଼ି ଓ ଡ୍ରାଇଭରକୁ ସେମାନେ ଟାଙ୍ଗୀ ପୁଲିସକୁ ହସ୍ତାନ୍ତର କରିଥିବା ସୂଚନା ମିଳିଛି। ପ୍ରଶାସନର ଶିଥିଳତାକୁ ଲକ୍ଷ୍ୟ କରି ନିୟମିତ ଭାବେ ଗୋ-ଚାଲାଣ କରାଯାଉଥିବା ବେଳେ ମଙ୍ଗଳବାର ଅପରାହ୍ଣରେ ଗୋମାଂସ ଚାଲାଣ ଧରାପଡ଼ିଛି। ବଜରଙ୍ଗ ଦଳ କର୍ମୀମାନେ ଅକ୍ଲାନ୍ତ ପରିଶ୍ରମ




କରି ଗୋ-ଚାଲାଣକାରୀଙ୍କୁ କବ୍‌ଜା କରି ପ୍ରଶଂସାର ପାତ୍ର ହୋଇପାରିଛନ୍ତି। ସୂଚନା ଯେ, ପ୍ରତିଦିନ ବିଭିନ୍ନ ଗାଡ଼ିରେ କେତେବେଳେ ଜୀବନ୍ତ ଗୋରୁ ତ କେତେବେଳେ କଟା ଗୋରୁ ମାଂସକୁ ପ୍ୟାକେଟ୍ କରି ଚାଲାଣ କରାଯାଉଥିବା କାହାରିକୁ ଅଛପା ନାହିଁ। ଏପରିକି ଜାତୀୟ ରାଜପଥରେ ଶହ ଶହ ଗାଈଗୋରୁ ଶୋଇ ରହିବାର ସୁଯୋଗ ନେଇ କେତେକ ଅସାଧୁ ଗାଡ଼ି ଚାଳକ ଜାଣିଶୁଣି ଦୁର୍ଘଟଣା ଘଟାଇ ମୃତ ଗୋରୁଗାଈଙ୍କୁ ଉଠାଇ ନେଉଥିବା ଅଭିଯୋଗ ହେଉଛି। ଏପରିକି ରାଜରାସ୍ତାରେ ଶୋଇ ରହୁଥିବା ଜୀବନ୍ତ ଗୋରୁଗାଈଙ୍କୁ ମଧ୍ୟ କୌଶଳ କ୍ରମେ ଉଠାଇ ନିଆଯାଉଥିବା ଅଭିଯୋଗ ହେଉଛି।

## ଚିଲିକା ଆଞ୍ଚଳିକ ବିକାଶ ପରିଷଦର ବୈଠକ

ଚିଲିକା,୨।୯(ସମିସ): ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ୍ ସମ୍ମୁଖ ଭାଗରେ ଥିବା ଆରାଧ୍ୟା ଠାକୁରାଣୀ ମା' ବରୁଣେଇ ଦେବୀଙ୍କ ପ୍ରାଙ୍ଗଣରେ ସ୍ଥାନୀୟ ଚିଲିକା ଆଞ୍ଚଳିକ ବିକାଶ ପରିଷଦ ତରଫରୁ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡ. ସୁଶାନ୍ତ କୁମାର ସାହୁ ଓ ସମ୍ପାଦକ ଗୋଦାବରୀଶ ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ବୈଠକରେ ଚିଲିକା ବ୍ଲକ୍ ଅନ୍ତର୍ଗତ ୭ଟି ପଞ୍ଚାୟତ ତଥା ହରିପୁର, ନଈରୀ, ବଉଳାବନ୍ଧ, କୁମାଣ୍ଡୋଳ ପାଟଣା, ବିରିବାଡ଼ି ସମେତ ନାଚୁଣୀ ଓ ମୋରାମୋରୀ ପଞ୍ଚାୟତର ବହୁ ବରିଷ୍ଠ ବ୍ୟକ୍ତିତ୍ୱ, ବୁଦ୍ଧିଜୀବୀ ସମେତ ଅନୁଷ୍ଠାନର ସଦସ୍ୟ ଓ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇଥିଲେ। ଏଥିରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ନୂତନ ସଭାପତି ଭାବେ ବଉଳାବନ୍ଧ ପଞ୍ଚାୟତର ପୂର୍ବତନ ସରପଞ୍ଚ ଦେବାଶିଷ ରଥ, ସମ୍ପାଦକ ଭାବେ ପ୍ରମୋଦ କୁମାର ଦାସ ଓ କୋଷାଧ୍ୟକ୍ଷ ଭାବେ ଜୟ କୁମାର ମିଶ୍ରଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଛି। ୭ଟି ପଞ୍ଚାୟତର ୧୪ଜଣ ସଦସ୍ୟଙ୍କୁ ନେଇ ନୂତନ ଭାବେ ଗଢ଼ାଯାଇଥିବା କମିଟିରେ ଅଶୋକ ବରାଳ, ସାମ୍ବାଦିକ ଅରୁଣ କୁମାର ଦାସ, ସୁକାନ୍ତ ନାୟକ, ସ୍ମୃତି ରଞ୍ଜନ ମାନସିଂହ, ଚିଲିକା ଓକିଲ ସଂଘର ପୂର୍ବତନ ସଭାପତି ପ୍ରଦୀପ୍ତ କୁମାର ନନ୍ଦ, ବିଜୟ ବେହେରା, ପୂର୍ବତନ ସରପଞ୍ଚ ପ୍ରଶାନ୍ତ ସାହୁ, ଅଜୟ ଖୁଣ୍ଟିଆ, ସନ୍ତୋପ ଶତପଥୀ, ରାମଚନ୍ଦ୍ର ଖୁଣ୍ଟିଆ, ରଞ୍ଜନ ମହାପାତ୍ର, ପୂର୍ବତନ ସରପଞ୍ଚ ଦୁର୍ଗା ହରିଚନ୍ଦନ ଓ ପୂର୍ବତନ ସରପଞ୍ଚ ଧର୍ମାନନ୍ଦ ସେଣଙ୍କୁ ଉପଦେଷ୍ଟା ଭାବେ ମନୋନୀତ କରାଯାଇଛି।

## ଗାଁ ମଝିରେ ଆଣ୍ଠୁଏ ପାଣି

ଗମ୍ଭାରୀମୁଣ୍ଡା,୨।୯(ସମିସ): ଖୋର୍ଦ୍ଧା ଜିଲ୍ଲା ବାଣପୁର ବ୍ଲକ୍ ଆୟତପୁର ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ପଞ୍ଚାୟତ। ଏହି ଅଞ୍ଚଳ ଦେଇ ପ୍ରତିଦିନ ଶହ ଶହ ଲୋକ ଗମ୍ଭାରୀମୁଣ୍ଡା, ବାଣପୁରକୁ ଯାତାୟାତ କରୁଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପାଖରେ ଥିବା ଗାଁ ସ୍କୁଲ ପରିସରରେ ଆଣ୍ଠୁଏ ପାଣି ଜମିରହିଛି। ପାଣି ଭିତରେ ପଶି



ବିଦ୍ୟାଳୟକୁ ଛୋଟ ଛୋଟ ପିଲାମାନେ ଯାତାୟାତ କରୁଛନ୍ତି। ଖଜୁରୀ ଗଛର କି ଗୁଣ ଗାଇବି ମୂଳରୁ ପାହାଚ ପାହାଚ ପାରି ଆୟତପୁର ପଞ୍ଚାୟତର ପ୍ରବେଶ ପଥରେ ସୃଷ୍ଟି ହେଇଛି ଏକ ବିଶାଳ କୃତ୍ରିମ ପୁଷ୍କରିଣୀ। ଯଦି ଗାଁ ପ୍ରବେଶ ପଥରେ ଫୁଟେ ଫୁଟେ ଅପରିଷ୍କାର ଜଳ ଜମି ପୁଷ୍କରିଣୀର ଭ୍ରମ ସୃଷ୍ଟି କରିବ, ତାହେଲେ ପରିମଳ ଅବସ୍ଥା ନ କହିବା ଭଲ। ଆୟତପୁର ପ୍ରବେଶ ପଥରେ ଓ ପାଖାପାଖି ଗାଁର ଚାରି ପାଶ୍ୱର୍ ରାସ୍ତା ପାଣିରେ ବୁଡ଼ିକି ରହୁଛି। ଯାହାଫଳରେ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଠି ପାଖାପାଖି ୪୫୦ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଛନ୍ତି। ସାମାନ୍ୟ ବର୍ଷା ହେଲେ ମୁଖ୍ୟ ରାସ୍ତାରେ ପାଣି ଜମି ରହୁଛି। ଅନେକଙ୍କ ଘର ଭିତରେ ଜଳ ପ୍ରବେଶ କରୁଛି। ଫଳରେ ବିଭିନ୍ନ ରୋଗରେ ଗ୍ରାମବାସୀ ଆକ୍ରାନ୍ତ ହେଉଛନ୍ତି। ଏଠି ରାଜ୍ୟ ସରକାରଙ୍କ ଜୀବନ ଜୀବିକାର ପ୍ରାଥମିକତାକୁ ଫୁ କରି ଉଡ଼େଇ ଦେଉଛନ୍ତି ବାଣପୁର ବିଡିଓ। ବାରମ୍ବାର ଗ୍ରାମବାସୀ ଏ ନେଇ ବିଡିଓ ଏବଂ ଅନ୍ୟ ଅଧିକାରୀଙ୍କୁ ଅବଗତ କରାଇବା ସତ୍ତ୍ୱେ ସେମାନଙ୍କ ଅଭିଯୋଗକୁ ଗୁରୁତ୍ୱର ସହ ଗ୍ରହଣ କରୁନାହାନ୍ତି ଅଧିକାରୀ।

## ଜଂକିଆ ପଲ୍ଲୀ ଉତ୍ସବ ଉଦ୍‌ଯାପିତ



ନିରାକାରପୁର,୨।୯(ସମିସ): ଆମ ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ଭାଇଚାରା ସୃଷ୍ଟି କରିବା ମହୋତ୍ସବର ମୁଖ୍ୟ ଉଦ୍ଦେଶ୍ୟ ରହୁ। ବିଭିନ୍ନ ଲୋକକଳା ସହିତ ପୂର୍ବ ପୁରୁଷମାନଙ୍କୁ ମନେ ପକାଇବାକୁ ଏହା ଗୋଟିଏ ପ୍ରକୃଷ୍ଟ ପରିବେଶ ବୋଲି ଖୋର୍ଦ୍ଧା ଜିଲ୍ଲା ଜଂକିଆ ବାସନ୍ତୀ କ୍ଲବ୍ ପଡ଼ିଆରେ ଅନୁଷ୍ଠିତ ଜଂକିଆ ପଲ୍ଲୀ ଉତ୍ସବରେ ଯୋଗଦେଇ ବିଶିଷ୍ଟ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

କମିଟି ସଭାପତି କୃଷ୍ଣ ଚନ୍ଦ୍ର ନରେନ୍ଦ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟବକ୍ତା ଭାବେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ, ବିଶିଷ୍ଟ ଅତିଥି ଭାବେ ପୂର୍ବତନ ବିଧାୟକ ଦିଲ୍ଲୀପ କୁମାର ଶ୍ରୀଚନ୍ଦନ ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦଳେଇ ଖୋର୍ଦ୍ଧାର ଇତିହାସ ଉପରେ ବର୍ଣ୍ଣନା କରିବା ସହ ଏଭଳି କାର୍ଯ୍ୟକ୍ରମ ଭାଇଚାରା ଭାବ ସୃଷ୍ଟି କରିଥାଏ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଂକିଆ ସରପଞ୍ଚ ପଙ୍କଜିନୀ ବଳବନ୍ତରାୟ, ସମିତିସଭ୍ୟ ଈଶ୍ୱର ଚନ୍ଦ୍ର ମାର୍ଥା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସଂଯୋଜକ ବିଶ୍ୱଭୂଷଣ ଛୋଟରାୟ ପରିଚାଳନା କରିଥିବାବେଳେ ଉପସ୍ଥାପକ କମଳେଶ ମହାରଣା ଓ ଅଶ୍ୱନୀ ମହାନ୍ତି ଉପସ୍ଥାପନା କରିଥିଲେ। ଏଥିରେ କଟକ ବାଙ୍କୀ ସଂଘମ୍ ଡ୍ୟାନ୍‌ସ ଗ୍ରୁପ୍‌ର କଳାକାରଙ୍କ ଦ୍ୱାରା ନୃତ୍ୟର ତାଳେ ତାଳେ ଦର୍ଶକ ଝୁମିଥିଲେ। ସେହିପରି ଉଦ୍‌ଯାପନୀ ସନ୍ଧ୍ୟାରେ ଦ୍ୱାରିକା ଡ୍ୟାନ୍‌ସ ଗ୍ରୁପ୍ ବାଜପୁର, ଭୁବନେଶ୍ୱର ପ୍ରଜ୍ଞା ନୃତ୍ୟାନ ଓ ଲୋକାଲ ଡ୍ୟାନ୍‌ସ ଗ୍ରୁପ୍ କଳାକାରମାନେ ନୃତ୍ୟ କଳା ପ୍ରଦର୍ଶନ କରି ଉପସ୍ଥିତ ଦର୍ଶକଙ୍କୁ ବିଭୋର କରିଥିଲେ।

ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତିବଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଓମ୍ ଶ୍ରୀ ଗ୍ରୁପ୍ ସଦସ୍ୟ କେଦାର ବଳବନ୍ତରାୟ, ରାଜ କିଶୋର ବେହେରା, ଇନ୍ଦ୍ରଜିତ ଦାସ, ବଣ୍ଟି ଜେନା, ଅନିରୁଦ୍ଧ ବେହେରା, ସଂଗ୍ରାମ ପଟ୍ଟନାୟକ, ରାକେଶ ଜେନା, ଗୌତମ ବଳିଆରସିଂହ, ମହେଶ୍ୱର ବେହେରା, କୁଳଦୀପ ପଟ୍ଟନାୟକ, ପିଣ୍ଟୁ ପାତଳାସିଂହ, ତାପସ ବଳିଆରସିଂହ ପ୍ରମୁଖ ସହଯୋଗ କରିଥିଲେ।

## ୨୮ରୁ ରାଜ୍ୟସ୍ତରୀୟ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା

ବେଗୁନିଆ,୨।୯(ସମିସ): ବେଗୁନିଆ ବ୍ଲକ୍ ଅନ୍ତର୍ଗତ ପୋଡ଼ାଡିହ ଗ୍ରାମରେ ହର-ପାର୍ବତୀ ନାଟ୍ୟ ସଂସଦ ପକ୍ଷରୁ ଦଶହରା ଉପଲକ୍ଷେ ରାଜ୍ୟସ୍ତରୀୟ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଅନୁଷ୍ଠାନର ସଭାପତି ସୁଦର୍ଶନ ମାଣିକଙ୍କ ଅଧ୍ୟକ୍ଷତାରେ ଉପଦେଷ୍ଟା ଲକ୍ଷ୍ମୀଧର ପ୍ରଧାନ, ସମ୍ପାଦକ, କୋଷାଧ୍ୟକ୍ଷ, କମିଟି ସଦସ୍ୟ, ଗ୍ରାମର ସମସ୍ତ ବୟୋଜ୍ୟେଷ୍ଠ ବ୍ୟକ୍ତି ଓ ପ୍ରତ୍ୟେକ ସାହିର ଯୁବକମାନେ ଉପସ୍ଥିତ ରହି ସର୍ବସମ୍ମତି କ୍ରମେ ପାଞ୍ଚ ଦିନ ଧରି ନାଟକ ପ୍ରତିଯୋଗିତା ଆୟୋଜନ କରାଯିବା ସହ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ ନିଜର ମତ ଉପସ୍ଥାପନ କରିଥିଲେ। ଏହି ପ୍ରତିଯୋଗିତାଟି ଆସନ୍ତା ୨୮ ତାରିଖରେ ଆରମ୍ଭ ହୋଇ ଅକ୍ଟୋବର ୨ରେ ଉଦ୍‌ଯାପନ ହେବ। କାର୍ଯ୍ୟକ୍ରମରେ ଘାଟିକିଆ, କୁଞ୍ଜୁରି, ପତନୀବର, ଭୁବନେଶ୍ୱର ନୟାପଲ୍ଲୀ ଓ ଅନ୍ତିମ ଦିବସରେ ପୋଡ଼ାଡିହ ହର-ପାର୍ବତୀ ନାଟ୍ୟ ସଂସଦ ପକ୍ଷରୁ "ବାବୁ ମୋତେ ମୁଠେ ଭିକ ଦିଅ' ନାଟକ ପରିବେଷଣ ହେବ ବୋଲି ସ୍ଥିର ହୋଇଛି।




'ଆମରି ସତ୍ୟ'ର ପଞ୍ଚଦଶ ବାର୍ଷିକ ଉତ୍ସବ

### କୃଷକ ମୋର୍ଚ୍ଚା ରାଜ୍ୟ ସଭାପତିଙ୍କ ସାର ସ୍ଥିତି ସମୀକ୍ଷା

# କଳାବଜାରୀ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ

ଖୋର୍ଦ୍ଧା,୨।୯(ସମିସ): ବିଜେପି ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ ଖୋର୍ଦ୍ଧା ଗସ୍ତରେ ଆସି ଜିଲ୍ଲାରେ ସାର ସ୍ଥିତି ସମୀକ୍ଷା କରିଛନ୍ତି। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବିଭାଗୀୟ ଅଧିକାରୀ, ପାକ୍ସ ଓ ଲାମ୍ପ୍‌ସର କେତେଜଣ ସଭାପତି, ସମ୍ପାଦକଙ୍କ ସହ ଆଲୋଚନା କରିଛନ୍ତି। ଏହି ବୈଠକରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ(ସିଡିଏଓ) ରବି ନାରାୟଣ ସେନାପତି, ସମବାୟ ସମୂହ ସହ ଉପନିବନ୍ଧକ ଭାଗବତ ମାରାଣ୍ଡି, ଏଡିଓ(ଖୋର୍ଦ୍ଧା) ସୁବ୍ରତ କୁମାର ରଥ, ଏଡିଓ(ଭୁବନେଶ୍ୱର) ମନୋରଞ୍ଜନ ରାଉଳ, ଏଡିଓ(ଟାଙ୍ଗୀ) ମନୋରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ କୃଷକ ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଉପେନ୍ଦ୍ର ଭଞ୍ଜ,



ସମ୍ପାଦକ ପ୍ରଶାନ୍ତ ସ୍ୱାଇଁ, ରାଜ୍ୟ ସଂଯୋଜକ ଗୋବିନ୍ଦ ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିବ ପ୍ରସାଦ ମିଶ୍ର, ପୂର୍ବତନ ଜିଲ୍ଲା ସଭାପତି କେଳୁଚରଣ ଜଗଦ୍ଦେବ, ପ୍ରଭାତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଚଳିତ ବର୍ଷ ଖରିଫ ଚାଷ ପାଇଁ ୭ହଜାର ମେଟ୍ରିକ୍ ଟନ୍ ୟୁରିଆ ସାର ଆବଶ୍ୟକ ଥିବାବେଳେ ବର୍ତ୍ତମାନ ସୁଦ୍ଧା ୯୩୦୩ ମେଟ୍ରିକ୍ ଟନ୍ ସାର ମହଜୁଦ ରହିଛି। ଖୋର୍ଦ୍ଧା ଜିଲ୍ଲାରେ ୧୯୮ ଜଣ ସରକାରୀ ସ୍ୱୀକୃତିପ୍ରାପ୍ତ ଡିଲର ଏବଂ ୧୧୨ଟି ସେବା ସମବାୟ ସମିତି ମାଧ୍ୟମରେ ଚାଷୀଙ୍କୁ ସାର ବଣ୍ଟନ ପାଇଁ ଜିଲ୍ଲା ପ୍ରଶାସନ ବ୍ୟାପକ ବ୍ୟବସ୍ଥା କରିଛନ୍ତି। ଚାଷୀଙ୍କୁ ସାର ବଣ୍ଟନରେ ଯେଉଁମାନେ ବିଶୃଙ୍ଖଳା ସୃଷ୍ଟି କରିବେ, ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ସାହୁ ଚେତାବନୀ ଦେଇଛନ୍ତି। ସାର ବଣ୍ଟନରେ ବିଶୃଙ୍ଖଳା ଓ ଅସାଧୁ ଉପାୟ ଅବଲମ୍ବନ କରୁଥିବା ୩ଜଣ ଡିଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ୫୬ ଜଣଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି ବୋଲି ଶ୍ରୀ ସାହୁ କହିଛନ୍ତି।

## କରାଟେରେ ଖୋର୍ଦ୍ଧା ଜିଲ୍ଲାରୁ ୫ଜଣ ବ୍ଲାକ୍ ବେଲ୍ଟ ହାସଲ

ବାଲୁଗାଁ,୨।୯(ସମିସ): ଉତ୍କଳ କରାଟେ ସ୍କୁଲ, ଭୁବନେଶ୍ୱର ପରିସରରେ ସୁକୋକାଇ କରାଟେ ଡୋର ବ୍ଲାକ୍ ବେଲ୍ଟ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପରୀକ୍ଷାରେ ସମୁଦାୟ ୫୦ଜଣ କରାଟେକା ପ୍ରଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିବାବେଳେ ସେଥିମଧ୍ୟରୁ ଖୋର୍ଦ୍ଧା ଜିଲ୍ଲାର ବାଲୁଗାଁ ଶାଖାରୁ ୩ ଜଣ ଓ ଖୋର୍ଦ୍ଧା ଟାଉନ୍ ଶାଖାରୁ ୨ ଜଣଙ୍କ ସମେତ ସମୁଦାୟ ୫ଜଣ କୃତକାର୍ଯ୍ୟ ହୋଇ ବ୍ଲାକ୍ ବେଲ୍ଟ ହାସଲ କରିବାରେ ସଫଳ ହୋଇଥିଲେ। ବ୍ଲାକ୍ ବେଲ୍ଟ ହାସଲକାରୀଙ୍କ ମଧ୍ୟରୁ ବାଲୁଗାଁ ଶାଖାର କୃତି ଦିପନ୍ ବଳବନ୍ତରାୟ, ଧୃତି ଦିପନ୍ ବଳବନ୍ତରାୟ, ରୁଦ୍ର ପ୍ରସାଦ ଶତପଥୀ ପ୍ରମୁଖ ୩ଜଣ ହୋଇଥିବାବେଳେ ଖୋର୍ଦ୍ଧା ଶାଖାର ଏମ୍‌ଡି ଅକିଲ, ଜୟ ଆନନ୍ଦ ସାଇ ପ୍ରମୁଖ ୨ଜଣ ପରୀକ୍ଷାରେ ଅଂଶ ଗ୍ରହଣ କରି ଉତ୍ତୀର୍ଣ୍ଣ ହୋଇ ବ୍ଲାକ୍ ବେଲ୍ଟ ହାସଲ କରିବାରେ ସଫଳ ହୋଇଥିଲେ। ଏହି କରାଟେକା ପ୍ରଶିକ୍ଷାର୍ଥୀମାନେ ଉତ୍କଳ କରାଟେ ସ୍କୁଲ



ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ କରାଟେ ପ୍ରଶିକ୍ଷକ କ୍ୟୋସି ଦୀପକ କୁମାର ସାମନ୍ତରାଙ୍କ ନିକଟରେ ଶିକ୍ଷା ଗ୍ରହଣ କରୁଛନ୍ତି।

ଉକ୍ତ ପରୀକ୍ଷାକୁ ସୁକୋକାଇ କରାଟେ ଡୋ ଭାରତର ମୁଖ୍ୟ ପ୍ରଶିକ୍ଷକ ହାନ୍‌ସି ଡ. ହରି ପ୍ରସାଦ ପଟ୍ଟନାୟକ ପରିଚାଳନା କରିଥିବାବେଳେ ସିହାନ୍ ଖାରବେଳ ମଲ୍ଲିକ, କ୍ୟୋସି ଦୀପକ କୁମାର ସାମନ୍ତରା ଓ ଅନ୍ୟ ବରିଷ୍ଠ ପ୍ରଶିକ୍ଷକମାନେ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ବ୍ଲାକ୍ ବେଲ୍ଟ ହାସଲ କରିଥିବା କରାଟେକାମାନଙ୍କୁ ତାଙ୍କ ପରିବାର ବର୍ଗ ଓ ଅଞ୍ଚଳର କ୍ରୀଡ଼ାପ୍ରେମୀମାନେ ଶୁଭେଚ୍ଛା ଜଣାଇଛନ୍ତି।

# ଏମ୍‌କେସିଜିରେ ରାଗିଂ ଘଟଣାରେ ସତ୍ୟତା ନାହିଁ



ବ୍ରହ୍ମପୁର, ୨।୯ (ସମିସ): ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ଦ୍ୱିତୀୟ ବର୍ଷର ଜଣେ ଡାକ୍ତରୀ ଛାତ୍ରଙ୍କୁ ରାଗିଂ କରାଯାଇଥିବା ନେଇ ଘଟଣାରେ କୌଣସି ସତ୍ୟତା ନାହିଁ। ଆଜି କଲେଜରେ ଅନୁଷ୍ଠିତ ଆଣ୍ଟି ରାଗିଂ ବୈଠକରେ ଡିନ୍ ପ୍ରଫେସର୍ ଡା. ସୁଚିତ୍ରା ଦାଶ ଏହା ସ୍ପଷ୍ଟ କରିଛନ୍ତି। ଅଗଷ୍ଟ ୧୮ ତାରିଖରେ ଆହୂତ ବୈଠକ ସ୍ୱେଚ୍ଛାକୃତ ଥିଲା। ଏଥିରେ କୌଣସି ବାଧ୍ୟବାଧକତା ନଥିଲା। ଅଭିଯୋଗକୁ ନେଇ ପୁଙ୍ଖାନୁପୁଙ୍ଖ ଯାଞ୍ଚ କରାଯାଇଛି ଏବଂ ନାଚଗୀତ କରାଇବା ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ଡିନ୍ ପ୍ରଫେସର ଡା. ଦାଶ କହିଛନ୍ତି। ଏଥିସହ ବରିଷ୍ଠ ଛାତ୍ରମାନେ ଜୁନିଅରଙ୍କୁ ଦୁର୍ବ୍ୟବହାର କରିବା, ଆଣ୍ଠେଇବାକୁ ବାଧ୍ୟ କରିଥିବା ଏବଂ ମଦ୍ୟପାନ କରିଥିବା ଭଳି ଅଭିଯୋଗର ମଧ୍ୟ କୌଣସି ପ୍ରମାଣ ମିଳିନଥିବା ସେ କହିଛନ୍ତି। ଆଜି କଲେଜର ଟେଲିମେଡିସିନ୍ ସମ୍ମିଳନୀ କକ୍ଷରେ ଆଣ୍ଟି ରାଗିଂ କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା। ଡିନ୍ ପ୍ରଫେସର୍ ଡା. ସୁଚିତ୍ରା ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମେଡ଼ିକାଲର ଅଧୀକ୍ଷକ ପ୍ରଫେସର୍ ଡା. ଦୁର୍ଗାମାଧବ ଶତପଥୀ, ପ୍ରଫେସର୍ ଡା. ଜେ. ସାଗର ପୃଷ୍ଟି, ରେଜିଷ୍ଟ୍ରାର ସଂଗ୍ରାମ ଶେଖର ପଣ୍ଡା, ଟାଉନ୍ ଏସ୍‌ଡିପିଓ ପ୍ରିୟରଞ୍ଜନ ଛୋଟରାୟ, ବୈଦ୍ୟନାଥପୁର ଥାନା ଅଧିକାରୀ ସୁଚିତ୍ରା ପରିଡ଼ାଙ୍କ ସମେତ ଆଣ୍ଟି ରାଗିଂ କମିଟିର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

# ନୂଆପଡ଼ା ବିଧାୟକଙ୍କ ବିରୋଧରେ ନିର୍ବାଚନୀ ମକଦ୍ଦମା ହାଇକୋର୍ଟରେ ଖାରଜ

କଟକ, ୨।୯ (ସମିସ): ନୂଆପଡ଼ା ବିଧାନସଭା ଆସନରୁ ନିର୍ବାଚିତ ବିଜେଡି ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା ପାଇଁ ପରାଜିତ ବିଜେପି ପ୍ରାର୍ଥୀ ଅଭିନନ୍ଦନ ପଣ୍ଡାଙ୍କ ପକ୍ଷରୁ ଦାୟର ମାମଲାକୁ ଆଜି ଖାରଜ କରିଦେଇଛନ୍ତି ହାଇକୋର୍ଟ। ନିର୍ବାଚନ ମକଦ୍ଦମାର ଶୁଣାଣି କରି ଜଷ୍ଟିସ ଆନନ୍ଦ ଚନ୍ଦ୍ର ବେହେରା ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏହି ମକଦ୍ଦମାର ବିଗତ ୫ଗୋଟି ତାରିଖରେ ହୋଇଥିବା ଶୁଣାଣି ସମୟରେ ଆବେଦନକାରୀ କିମ୍ବା ତାଙ୍କ ପକ୍ଷରୁ କେହି ଆଇନଜୀବୀ ଉପସ୍ଥିତ ନଥିଲେ। ଜନପ୍ରତିନିଧି ଆଇନ ଅନୁସାରେ ଆବେଦନକାରୀଙ୍କ ତରଫରୁ କେହି ଶୁଣାଣି ସମୟରେ ବାରମ୍ବାର ଅନୁପସ୍ଥିତ ରହିଲେ ମାମଲାକୁ ୬ମାସ ମଧ୍ୟରେ ଫଇସଲା କରାଯିବା କଥା। ଏଣୁ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି ଅଦାଲତ ମାମଲାଟିକୁ ଖାରଜ କରିଦେଇଛନ୍ତି। ଉକ୍ତ ଆଦେଶନାମାକୁ ଭାରତର ନିର୍ବାଚନ କମିସନ ଓ ରାଜ୍ୟ ନିର୍ବାଚନ କମିସନଙ୍କ ନିକଟକୁ ପ୍ରେରଣ କରିବା ପାଇଁ ରେଜିଷ୍ଟ୍ରିକୁ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ। ପ୍ରକାଶଥାଉକି ନୂଆପଡ଼ା ବିଧାନସଭା ଆସନରୁ ବିଜେଡି ପ୍ରାର୍ଥୀ ଶ୍ରୀ ଢୋଲକିଆ ୬୧୮୨୨ ଭୋଟ୍ ପାଇଥିବା ବେଳେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ଶରତ ପଟ୍ଟନାୟକ ୫୦୯୪୧ ଓ ବିଜେପି ପ୍ରାର୍ଥୀ ଅଭିନନ୍ଦନ ପଣ୍ଡା ୪୪୮୧୪ ଭୋଟ୍ ପାଇଥିଲେ। ଶ୍ରୀ ଢୋଲକିଆଙ୍କ ବିରୋଧରେ ମିଥ୍ୟା ସତ୍ୟପାଠ ଅଭିଯୋଗ ଆଣି ଶ୍ରୀ ପଣ୍ଡା ହାଇକୋର୍ଟରେ ଏହି ମାମଲା ଦାୟର କରିଥିଲେ।

# ୪ ବାଘଦାନ୍ତ ଜବତ; ୨ ଶିକାରୀ ଗିରଫ



ମୋହନା, ୨।୯ (ସମିସ): ଗଜପତି ଜିଲ୍ଲା ମୋହନା ଥାନା ଗୋଛାଗୁଡ଼ା ଗ୍ରାମରେ ଚଢ଼ଉ କରି ବନ ବିଭାଗ ୨ ଜଣ ଶିକାରୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ, ସେହି ଗ୍ରାମର ଲୁଲୁ ମଳିକ ଏବଂ ଶୁକଦେବ ମଳିକ। ସେମାନଙ୍କଠାରୁ ୪ କଲରାପତରିଆ ବାଘ ଦାନ୍ତ, ଗୋଟିଏ ଧନୁତୀର, ଦେଶୀ ବନ୍ଧୁକ ଗୁଳି, ୪ଟି ଫାଶ ଜବତ କରାଯାଇଛି। ଗଜପତି ବନ ବିଭାଗ ଏସିଏଫ୍ ସାଇନିଶ୍ରୀ ଦାସଙ୍କ ସୂଚନାନୁଯାୟୀ, ଏମାନେ ଗୋଛାଗୁଡ଼ା ଜଙ୍ଗଲରେ ବାଘ ଶିକାର କରି ଏହାର ଛାଲ ଏବଂ ଦାନ୍ତ ବିକ୍ରି କରୁଥିଲେ। କିଛି ମାସ ତଳେ ଗୋଛାଗୁଡ଼ା ଗ୍ରାମର ଚିତ୍ର ମଳିକକୁ ବାଘଛାଲ ସହ ଗିରଫ କରିଥିଲା ଗଞ୍ଜାମ ଜିଲ୍ଲା ଭଞ୍ଜନଗର ବନ ବିଭାଗ। ଗିରଫ ଚିତ୍ରଙ୍କ ସୂଚନା ଆଧାରରେ ଆଜି ଏହି ଚଢ଼ଉ କରାଯାଇଥିବା ଜଣାପଡ଼ିଛି। ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

# ଥାନା ଗାଦି ମାଡ଼ି ବସିଛନ୍ତି ୭୦ ଡିଏସ୍‌ପି

## ୯ ୯ ଡିଏସ୍‌ପିଙ୍କୁ ୪ ମାସ ହେବ ମିଳୁନାହିଁ ନୂତନ ନିଯୁକ୍ତି

ଭୁବନେଶ୍ୱର,୨।୯ (ସମିସ): ରାଜ୍ୟ ପୁଲିସରେ ଏବେ ଅଜବ ସ୍ଥିତି । ଥାନାରେ ଇନ୍ସପେକ୍ଟରଙ୍କ ବଦଳରେ କାମ କରୁଛନ୍ତି ଡ଼ିଏସ୍‌ପି । ନିଯୁକ୍ତି ଓ ପଦୋନ୍ନତି ପରେ ମଧ୍ୟ ଏହି ଅଧିକାରୀମାନେ ପ୍ରାୟ ୭୦ ଥାନା ଗାଦି ମାଡ଼ି ବସିଛନ୍ତି । ନୂତନ ନିଯୁକ୍ତି ମିଳି ନ ଥିବାରୁ ସେମାନେ ସ୍ଥାନାନ୍ତର ହୋଇ ନ ଥିବା କୁହାଯାଉଥିଲେ ହେଁ ବାସ୍ତବରେ ଏହି ଅଧିକାରୀମାନେ ଥାନା ଛାଡ଼ି ଯିବା ପାଇଁ ମନ ବଳାଉ ନ ଥିବା ସୂଚନା ମିଳିଛି । ପୁଲିସ ବ୍ୟବସ୍ଥାରେ ଜିଲ୍ଲା ଆରକ୍ଷୀ ଅଧିକାରୀଙ୍କ ପରେ ଥାନା ଅଧିକାରୀ ବା ଇନ୍‌ସପେକ୍ଟରଙ୍କ ଭୂମିକା ବେଶ ପ୍ରଭାବୀ । ଇନ୍‌ସପେକ୍ଟର ପଦରେ ଯେଉଁ ପ୍ରଭାବ ଓ ପ୍ରତିଷ୍ଠା ଅଛି, ତାହା ଡ଼ିଏସ୍‌ପି ପଦରେ ନାହିଁ । ତେଣୁ ପଦୋନ୍ନତି ସତ୍ତ୍ୱେ ଅନେକ ଅଧିକାରୀ ଥାନା ଛାଡ଼ି ଯାଉ ନ ଥିବା ଅଭିଯୋଗ ହେଉଛି ।

ଗତମାସ ଏପ୍ରିଲ ମାସ ୨୩ ତାରିଖ ଦିନ ରାଜ୍ୟ ସରକାର ୧୬୮ ଜଣ ଇନ୍ସପେକ୍ଟରଙ୍କୁ ଡିଏସପି ପାହ୍ୟାକୁ ପଦୋନ୍ନତି କରିଥିଲେ। ପରବର୍ତ୍ତୀ ସମୟରେ ଆଉ ଜଣେ ଅଧିକାରୀ ମଧ୍ୟ ଡିଏସପି ପାହ୍ୟାକୁ ପଦୋନ୍ନତି ହୋଇଥିଲେ। ପରବର୍ତ୍ତୀ ନିର୍ଦ୍ଦେଶନାମା ପର୍ଯ୍ୟନ୍ତ ସେହି ସ୍ଥାନରେ କାର୍ଯ୍ୟ କରିବାକୁ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହାର ଦୁଇ ମାସ ପରେ ଅର୍ଥାତ୍ ଜୁନ୍ ୨୬ ତାରିଖରେ ନୂଆ କରି ପଦୋନ୍ନତି ପାଇଥିବା ୭୦ ଜଣଙ୍କୁ ମିଶାଇ ମୋଟ ୭୯ ଡିଏସପିଙ୍କର ନିଯୁକ୍ତି ମିଳିଥିଲା। ହେଲେ ବାକି ୯ ୯ ଜଣ ଡିଏସପି ଏବେ ମଧ୍ୟ ପୂର୍ବ ପଦରେ କାର୍ଯ୍ୟ କରୁଛନ୍ତି। ଡିଏସପି ନିଯୁକ୍ତି କ୍ରମାନ୍ୱୟରେ ହୋଇନଥିବାରୁ ଅନେକ କନିଷ୍ଠ ବ୍ୟାଚର ଅଧିକାରୀ ପୋଷ୍ଟିଂ ହୋଇଥିବା ବେଳେ ବରିଷ୍ଠ ମାନେ ସେହି ତାଲିକାରୁ ବାଦ୍ ପଡ଼ିଛନ୍ତି। ଫଳରେ କନିଷ୍ଠ ଓ ବରିଷ୍ଠଙ୍କ ମଧ୍ୟରେ ଭେଦଭାବ ଭଳି ପରିସ୍ଥିତି ଉପୁଜିଛି। ଏହାର ଭିତରେ ପଦୋନ୍ନତିକୁ ୪ ମାସ ବିତିଯାଇଥିଲେ ମଧ୍ୟ ୯ ୯ ଜଣ ଏପର୍ଯ୍ୟନ୍ତ ନିଯୁକ୍ତି ପାଇନାହାନ୍ତି। ଫଳରେ ନିଯୁକ୍ତି ନ ପାଇ ଥାନା ଦାୟିତ୍ୱରେ ଥିବା ଇନ୍ସପେକ୍ଟର ମାନେ ଡିଏସପି (ଇନଚାର୍ଜ) ଭାବେ କାର୍ଯ୍ୟ କରୁଛନ୍ତି। ପୂର୍ବରୁ ଇନ୍ସପେକ୍ଟର ଭାବେ କାର୍ଯ୍ୟରତ ଅଧିକାରୀମାନେ ପଦୋନ୍ନତି ପାଇ ଡିଏସପି ହୋଇଛନ୍ତି। ହେଲେ ଉକ୍ତ ପୁଲିସ ଜିଲ୍ଲା ଗୁଡ଼ିକରେ ମଞ୍ଜୁରୀ ପ୍ରାପ୍ତ ଡିଏସପି ପଦ ସଂଖ୍ୟା ପୂର୍ବଭଳି ରହିଛି। ଫଳରେ ପୂର୍ବ ମଞ୍ଜୁରୀ ପଦ ଅନୁସାରେ ଦରମା ଟଙ୍କା ମିଳୁଛି। ଏହାଦ୍ୱାରା ନୂଆକରି ପଦୋନ୍ନତି ପାଇ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଡିଏସପି ଭାବେ କାମ କରୁଥିବା ଅଧିକାରୀମାନେ ଇନ୍ସପେକ୍ଟର ପାହ୍ୟାର ଦରମା ପାଉଛନ୍ତି। ପଦୋନ୍ନତିର ୩ ମାସ ପରେ ମଧ୍ୟ ୯ ୯ ଜଣ ଡିଏସପିଙ୍କୁ ନିଯୁକ୍ତି ନ ମିଳିବା ସରକାରଙ୍କ ନିଷ୍ପତ୍ତି ନେବାର ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେପଟେ ବରିଷ୍ଠ ବ୍ୟାଚର ଅଧିକାରୀଙ୍କ ପୂର୍ବରୁ କନିଷ୍ଠ ବ୍ୟାଚର ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଥିବାରୁ ପୁଲିସ ବିଭାଗରେ ଖରାପ ପରମ୍ପରା ସୃଷ୍ଟି ହୋଇଛି।

ପୂର୍ବରୁ ଡିଏସପି ନିଯୁକ୍ତି କ୍ଷମତା ରାଜ୍ୟ ପୁଲିସ ଡ଼ିଜିଙ୍କ ପାଖରେ ଥିଲା, ମାତ୍ର ରାଜ୍ୟରେ ନୂଆ ସରକାର ଆସିବା ପରେ ଏହି କ୍ଷମତା ରାଜ୍ୟ ଗୃହ ବିଭାଗ ହାତକୁ ଯାଇଛି। ମାତ୍ର ଗୃହ ବିଭାଗ ଏହି ଅଧିକାରୀମାନଙ୍କୁ ୪ ମାସ ହେଲା ନିଯୁକ୍ତି ଦେଇପାରି ନାହିଁ। ଫଳରେ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଦିନକୁ ଦିନ ଭୁଷୁଡ଼ିବାରେ ଲାଗିଥିବା ବେଳେ ପୁଲିସର ଅଧିକାରୀଙ୍କ ମନୋବଳକୁ ଆଘାତ ପହଞ୍ଚାଇଛି ବୋଲି କୁହାଯାଉଛି ।

# ଅସ୍ଥାବର ସମ୍ପତ୍ତିର ବେଞ୍ଚମାର୍କ ମୂଲ୍ୟ ଶତକଡ଼ା ଆକାରରେ ବୃଦ୍ଧି କରିବା ଡିଏଲଭିସିର କ୍ଷମତା ବହିର୍ଭୂତ: ହାଇକୋର୍ଟ

କଟକ,୨।୯ (ସମିସ): ବିଭିନ୍ନ ତହସିଲ ଅଞ୍ଚଳର ଅସ୍ଥାବର ସମ୍ପତ୍ତି ମୂଲ୍ୟକୁ ଶତକଡ଼ା ଆକାରରେ ବୃଦ୍ଧି କରିବା ଜିଲ୍ଲାସ୍ତରୀୟ ମୂଲ୍ୟାୟନ କମିଟି(ଡିଏଲଭିସି)ର କ୍ଷମତା ବହିର୍ଭୂତ। ଡିଏଲଭିସି ପକ୍ଷରୁ ଦୁଇ ବର୍ଷରେ ଥରେ ବେଞ୍ଚମାର୍କ ମୂଲ୍ୟ ନିର୍ଦ୍ଧାରଣ କରାଯାଇଥାଏ। ଡିଏଲଭିସି ଯେତେବେଳେ ଅବଧି ପୂରଣ ପୂର୍ବରୁ ଆଇନ ଅନୁସାରେ ସଂଶୋଧନ ମାଧ୍ୟମରେ ଏକ ବେଞ୍ଚମାର୍କ ମୂଲ୍ୟାଙ୍କନ ସ୍ଥିର କରିବାରେ ବିଫଳ ହୁଏ, ସେତେବେଳେ ଡିଏଲଭିସିର ଅଧ୍ୟକ୍ଷ ତଥା ଜିଲ୍ଲାପାଳ ହିଁ ବିଗତ ବର୍ଷ ତୁଳନାରେ ୧୦ ପ୍ରତିଶତ ବେଞ୍ଚ ମାର୍କ ମୂଲ୍ୟ ବୃଦ୍ଧି କରିପାରିବେ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ମନୋରଂଜନ ବେହେରାଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ଆନନ୍ଦ ଚନ୍ଦ୍ର ବେହେରା ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏଥିସହ ଗଞ୍ଜାମ ଜିଲ୍ଲା ମୂଲ୍ୟାୟନ କମିଟିର ଉପରୋକ୍ତ ବେଞ୍ଚମାର୍କ ମୂଲ୍ୟ ବୃଦ୍ଧି ନିଷ୍ପତ୍ତିକୁ ହାଇକୋର୍ଟ ରଦ୍ଦ କରିଦେଇଛନ୍ତି। ତିନିମାସ ମଧ୍ୟରେ ଡିଏଲଭିସି ଗଠନ ସହ ବେଞ୍ଚ ମାର୍କ ମୂଲ୍ୟ ସ୍ଥିର ପାଇଁ ଆଇନ ଅନୁସାରେ ପ୍ରକ୍ରିୟା ଶେଷ କରିବାକୁ ଅଦାଲତ କହିଛନ୍ତି। ଏହି ସମୟ ପର୍ଯ୍ୟନ୍ତ ଜିଲ୍ଲାପାଳ ନିଜ କ୍ଷମତା ବଳରେ ବେଞ୍ଚମାର୍କ ୧୦ ପ୍ରତିଶତ ବୃଦ୍ଧି କରିବେ ବୋଲି ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

ଆବେଦନକାରୀ ଦର୍ଶାଇଥିଲେ ଯେ ଡିଏଲଭିସି, ଗଞ୍ଜାମର ୨୦୨୨ ଜାନୁଆରି ୨୭ ତାରିଖର ନିଷ୍ପତ୍ତି ଅନୁଯାୟୀ ଆଇନର ଉପଯୁକ୍ତ ପ୍ରକ୍ରିୟା ଅନୁସରଣ ନ କରି ଗଞ୍ଜାମ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଥିବା ଅସ୍ଥାବର ସମ୍ପତ୍ତିର ବେଞ୍ଚମାର୍କ ମୂଲ୍ୟାଙ୍କନକୁ ୧୦୦ ପ୍ରତିଶତରୁ ଅଧିକ ବୃଦ୍ଧି କରାଯାଇଥିଲା। ଓଡ଼ିଶା ଷ୍ଟାମ୍ପ ରୁଲ୍ ଅନୁସାରେ ପୂର୍ବ ବେଞ୍ଚ ମାର୍କ ମୂଲ୍ୟାଙ୍କନରେ ବୃଦ୍ଧି ଶତକଡ଼ା ଆଧାରରେ ବୃଦ୍ଧି ପାଇଁ ଡିଏଲଭିସିକୁ କ୍ଷମତା ପ୍ରଦାନ କରାଯାଇନାହିଁ। କେବଳ ପରବର୍ତ୍ତୀ ଦୁଇ ବର୍ଷ ପାଇଁ ସଂଶୋଧନ ମାଧ୍ୟମରେ ବେଞ୍ଚ ମାର୍କ ମୂଲ୍ୟାଙ୍କନ ସ୍ଥିର କରିବା ପାଇଁ କ୍ଷମତା ପ୍ରଦାନ କରାଯାଇଛି। ତେବେ ବେଆଇନ ଭାବେ ଗଞ୍ଜାମ ଜିଲ୍ଲାର ଅସ୍ଥାବର ସମ୍ପତ୍ତି ବେଞ୍ଚ ମାର୍କ ମୂଲ୍ୟ ବୃଦ୍ଧି ନିଷ୍ପତ୍ତିକୁ ଚାଲେଞ୍ଜ କରି ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

■ ଓଟିଇଟି ପ୍ରଶ୍ନପତ୍ର ଲିକ ଘଟଣା

# ଜାମିନ ପାଇଁ ହାଇକୋର୍ଟରେ ନୀହାରଙ୍କ ସମେତ ଅନ୍ୟ ଅଭିଯୁକ୍ତ

କଟକ,୧।୯ (ସମିସ): ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣାରେ ଗିରଫ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ)ର ପୂର୍ବତନ ଉପ-ସଭାପତି ଡକ୍ଟର ନୀହାର ରଞ୍ଜନ ମହାନ୍ତିଙ୍କ ଜାମିନ ଆବେଦନକୁ ନିମ୍ନ ଅଦାଲତ ଖାରଜ କରିବା ପରେ ସେ ଜାମିନ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। କଟକ ତୃତୀୟ ଅତିରିକ୍ତ ଦୌରାଜଜ୍ ଅଦାଲତରେ ଜାମିନ ଖାରଜ ହୋଇଥିଲା। ସେହିଭଳି ଏହି ମାମଲାରେ ଗିରଫ ହୋଇଥିବା ଅନ୍ୟ ଅଭିଯୁକ୍ତ ଜୟନ୍ତ କୁମାର ରାଉତ, ବିଜୟ କୁମାର ମିଶ୍ର, ରାମଜୀପ୍ରସାଦ ଗୁପ୍ତା, ଅଜୟ କୁମାର ସାହୁ ଓ ପ୍ରଶାନ୍ତ କୁମାର ଖମାରୀ ମଧ୍ୟ ପୃଥକ ପୃଥକ୍ ଭାବେ ଜାମିନ ପାଇଁ ହାଇକୋର୍ଟରେ ଆବେଦନ ଦାୟର କରିଛନ୍ତି। ଓଟିଇଟି ପ୍ରଶ୍ନପତ୍ର ଭାଇରାଲ୍ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ କରି ବୋର୍ଡର ଡାଟା ଏଣ୍ଟ୍ରି ଅପରେଟର୍ ଜିତନ ମହାରଣା, ବୋର୍ଡ ଉପ ସଭାପତି ଡକ୍ଟର ମହାନ୍ତିଙ୍କ ସମେତ ଅନ୍ୟ ୬ଜଣଙ୍କୁ ଗିରଫ କରିଥିଲା।

# ବଜ୍ରପାତରେ ଯୁବକ ମୃତ

ଖୋର୍ଦ୍ଧା,୨।୯ (ସମିସ): ମଙ୍ଗଳବାର ସକାଳୁ ବଜ୍ରପାତରେ ଜଣେ ଯୁବକଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ, ସ୍ଥାନୀୟ ନବୀନାବାଗ ଅଞ୍ଚଳର ଲେନିନ ପାଇକରାୟ ଓରଫ ଗୁଲୁଲି (୨୬)। ମଙ୍ଗଳବାର ସକାଳୁ ପ୍ରବଳ ବର୍ଷା ସହ ବଜ୍ରପାତ ହୋଇଥିଲା। ଲେନିନ୍ ଘର ଦୁଆର ମୁହଁରେ ବସିଥିବା ବେଳେ ବଜ୍ରପାତରେ ଆହତ ହୋଇଥିଲେ। ସେ ରକ୍ତବାନ୍ତି କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଖୋର୍ଦ୍ଧା ମେଡିକାଲ ନିଆଯାଇଥିଲେ ହେଁ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଲେନିନ୍ ଜଣେ ପରୋପକାରୀ, ଉଦୀୟମାନ ଯୁବକ ଭାବେ ପରିଚିତ ଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ପ୍ରକାଶଥାଉକି, ଲେନିନ୍ ବାପା-ମାଆଙ୍କର ଏକମାତ୍ର ପୁଅ ହୋଇଥିବା ବେଳେ ଗତ ୪ମାସ ତଳେ ବାପା ଲକ୍ଷ୍ମୀନାରାୟଣ ପାଇକରାୟଙ୍କର ମୃତ୍ୟୁ ହୋଇଥିଲା। ଏବେ ଏକ ମାତ୍ର ପୁଅର ମୃତ୍ୟୁକୁ ନେଇ ପରିବାରଲୋକ ଭାଙ୍ଗିପଡ଼ିଛନ୍ତି। ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

**ଆମ୍ବୁଲାନ୍ସରେ ଅକ୍ସିଜେନ୍ ସରିଯିବାରୁ ମହିଳାଙ୍କ ମୃତ୍ୟୁ ଘଟଣା**

# ରାଜ୍ୟ ସରକାର ଦାୟୀ: ବିଜେଡି

ଭୁବନେଶ୍ୱର,୨।୯ (ସମିସ): ବାଟ ମଝିରେ ଅକ୍ସିଜେନ୍ ସରିଯିବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର ବେଳେ ଏକ ଘରୋଇ ଆମ୍ବୁଲାନ୍ସରେ ଜଣେ ଗୁରୁତର ଅସୁସ୍ଥ ମହିଳାଙ୍କ ମୃତ୍ୟୁ ହେବା ସମଗ୍ର ରାଜ୍ୟବାସୀଙ୍କୁ ବ୍ୟଥିତ କରିଛି। ଏହାକୁ ନେଇ ବିଜୁ ଜନତା ଦଳ ଗଭୀର କ୍ଷୋଭ ପ୍ରକାଶ କରିଛି। ଗତ

- ■ ରକ୍ଷଣାବେକ୍ଷଣ ଅଭାବରୁ ବିପର୍ଯ୍ୟସ୍ତ ହୋଇଛି ୧୦୮ ଆମ୍ବୁଲାନ୍ସ ସେବା
- ■ ଆମ୍ବୁଲାନ୍ସ ବିଫଳତା ଯୋଗୁଁ ରାଜ୍ୟରେ ଦୁଇମାସରେ ଦୁଇଜଣଙ୍କ ମୃତ୍ୟୁ
- ■ ମୃତକ ମହିଳାଙ୍କ ପରିବାରଙ୍କୁ ଉପଯୁକ୍ତ କ୍ଷତିପୂରଣ ଦିଅନ୍ତୁ ସରକାର

ଏକ ବର୍ଷ ଭିତରେ ରାଜ୍ୟରେ ୧୦୮ ଆମ୍ବୁଲାନ୍ସ ସେବା ବିପର୍ଯ୍ୟସ୍ତ ହୋଇପଡ଼ିବା କାରଣରୁ ଏଭଳି ଅଭାବନୀୟ ଘଟଣା ଘଟିଲା ବୋଲି ଦଳ କହିଛି।

ବିଜେଡି ପକ୍ଷରୁ ଜାରି ଏକ ପ୍ରେସ୍ ବିବୃତିରେ ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ. ଲେଲିନ ମହାନ୍ତି କହିଛନ୍ତି ଯେ ରାଜ୍ୟରେ ୧୦୮ ଆମ୍ବୁଲାନ୍ସ ସେବା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏନେଇ ବିଭିନ୍ନ ସମୟରେ ବିଜେଡି ସ୍ୱର ଉତ୍ତୋଳନ କରିଆସୁଛି। ସରକାର ଆମ୍ବୁଲାନ୍ସଗୁଡ଼ିକର ରକ୍ଷଣାବେକ୍ଷଣ ନକରିବା କାରଣରୁ ଆମ୍ବୁଲାନ୍ସ ସେବା ପ୍ରଭାବିତ ହୋଇଛି। ବିଜେଡି ସରକାରଙ୍କ ସମୟରେ ଆରମ୍ଭ କରାଯାଇଥିବା ଏହି ଆମ୍ବୁଲାନ୍ସ ସେବା ଫୋନ୍ କରିବାର ୨୦ମିନିଟ୍ ଭିତରେ ରୋଗୀଙ୍କ ପାଖରେ ପହଞ୍ଚୁଥିଲା। କିନ୍ତୁ ଏବେ ରୋଗୀଙ୍କୁ ଘଣ୍ଟାଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ଗତ ଜୁଲାଇରେ ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ନିକଟବର୍ତ୍ତୀ ଏକ ଗ୍ରାମରେ ଶଙ୍କର ନାମକ ଏକ ଯୁବକ କ୍ରିକେଟ୍ ଖେଳୁଥିବା ବେଳେ ଛାତିରେ ବଲ୍ ବାଜି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ୧୦୮ ଆମ୍ବୁଲାନ୍ସରେ ବ୍ରହ୍ମପୁର ମେଡିକାଲ କଲେଜକୁ ନିଆଯାଉଥିବା ବେଳେ ଖଲ୍ଲିକୋଟ ନିକଟରେ ଆମ୍ବୁଲାନ୍ସଟି ଖରାପ ହୋଇଯାଇଥିଲା। ଆମ୍ବୁଲାନ୍ସରେ ଥିବା ଅନ୍ୟମାନେ ଅନ୍ୟ ଏକ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। କିନ୍ତୁ ୩ ଘଣ୍ଟା ପର୍ଯ୍ୟନ୍ତ ଆମ୍ବୁଲାନ୍ସ ଆସି ପାରିନଥିଲା। ବାଧ୍ୟ ହୋଇ ରୋଗୀଙ୍କ ଆତ୍ମୀୟ ଗୋଟିଏ ଘରୋଇ ଗାଡ଼ିରେ ରୋଗୀଙ୍କୁ ନେଇ ହସ୍ପିଟାଲରେ ପହଞ୍ଚିଲା ବେଳକୁ ସେଠାରେ ଡାକ୍ତର ରୋଗୀଙ୍କୁ ମୃତ ଘୋଷଣା କରିଥିଲେ। ଅପରପକ୍ଷେ, ୧୦୮ ଆମ୍ବୁଲାନ୍ସ ସେବା ଉପଲବ୍ଧ ହୋଇନପାରିବାରୁ ଗତକାଲି ପୁଣିଗୋଟିଏ ଅମୂଲ୍ୟ ଜୀବନ ଯାଇଛି। ବାରମ୍ବାର ଘଟୁଥିବା ଏଭଳି ଅଭାବନୀୟ ଘଟଣା ପାଇଁ ରାଜ୍ୟ ସରକାର ଦାୟୀ। ଜଣଙ୍କ ପରେ ଜଣେ ପ୍ରାଣ ହରାଉଛନ୍ତି, କିନ୍ତୁ ସରକାରଙ୍କ ନିଦ ଭାଙ୍ଗୁନାହିଁ। ତେଣୁ, ମୃତ ମହିଳାଙ୍କ ପରିବାରକୁ ସରକାର ଉପଯୁକ୍ତ କ୍ଷତିପୂରଣ ଦିଅନ୍ତୁ ଏବଂ ତୁରନ୍ତ ୧୦୮ ଆମ୍ବୁଲାନ୍ସ ସେବାକୁ ପୁନଃ କାର୍ଯ୍ୟକ୍ଷମ କରନ୍ତୁ ବୋଲି ବିଜେଡି ଦାବି କରିଛି।

# ମହିଳାଙ୍କ ଭିଡିଓ ଭାଇରାଲ; ଜଣେ ଅଟକ

ପାଲଲହଡ଼ା, ୨।୯ (ସମିସ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡ ତଥା ଥାନା ଅଧୀନ ଜଣେ ବିବାହିତ ମହିଳାଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡିଓ ଭାଇରାଲ କରିଥିବା ଅଭିଯୋଗରେ ପୁଲିସ ଜଣଙ୍କୁ ଅଟକ ରଖିଛି। ମହିଳାଙ୍କ ଅଭିଯୋଗ ଅନୁସାରେ, ବିବାହ ପୂର୍ବରୁ ତେଲକୋଇ ଥାନା ଅଧୀନ ସିଙ୍କୁଳାବାହାଲ ଅଞ୍ଚଳର ଚିନ୍ମୟ ନାୟକଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଥିଲା। ସେ ତାଙ୍କ ସହ ଗର୍ଜନଖୋଲ ଜଳପ୍ରପାତ ଯାଇଥିବା ବେଳେ ସେଠାରେ ଚିନ୍ମୟ ତାଙ୍କ ସହ ଜୋରଜବରଦସ୍ତ ଶାରୀରିକ ସମ୍ପର୍କ ରଖିବା ସହ ତାଙ୍କ ଅଜାଣତରେ ଏହାର ଭିଡିଓ କରିଥିଲେ। ତେବେ ପରେ ଉଭୟଙ୍କ ସଂପର୍କରେ ଫାଟ ସୃଷ୍ଟି ହୋଇଥିଲା। ମହିଳାଜଣଙ୍କ ଅନ୍ୟତ୍ର ବିବାହ କରିବା ପରେ ଚିନ୍ମୟ ସେହି ଭିଡିଓକୁ ଭାଇରାଲ କରିଥିଲେ। ନିଜ ସମ୍ପର୍କୀୟଙ୍କଠାରୁ ଏହି ଖବର ପାଇ ଭିଡିଓ ଦେଖିବା ପରେ ସେ ପାଲଲହଡ଼ା ଥାନାର ଦ୍ୱାରସ୍ଥ ହୋଇଥିଲେ। ପାଲଲହଡ଼ା ଥାନାରେ କେସ ନଂ ୩୪୧ରେ ମାମଲା ରୁଜୁ କରି ଚିନ୍ମୟ ନାୟକକୁ ଅଟକ ରଖିଥିବା ଥାନା ପକ୍ଷରୁ ଜଣାପଡ଼ିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଝିଅ କବିତାଙ୍କୁ...

'କଲେଶ୍ୱରମ ଲିଫ୍ଟ ଇରିଗେସନ ପ୍ରୋଜେକ୍ଟ'ରେ କେସିଆରଙ୍କ ନାମ ରହିଛି। କିନ୍ତୁ ସେତେବେଳେ ହରିଶ ରାଓ ଜଳସେଚନ ମନ୍ତ୍ରୀ ଥିଲେ। ମାତ୍ର ତାଙ୍କ ବିରୋଧରେ କୌଣସି ମାମଲା ନାହିଁ। ହରିଶ ରାଓଙ୍କ ଯୋଗୁଁ ତାଙ୍କ ନାମ ଦିଲ୍ଲୀ ମଦ ଦୁର୍ନୀତି ମାମଲାରେ ଆସିଲା ବୋଲି କବିତା କହିଥିଲେ। ଏହା ପୂର୍ବରୁ ମେ' ୨ରେ କବିତା ନିଜ ବାପାଙ୍କୁ ଲେଖିଥିବା ଚିଠି ପ୍ରଘଟ ହୋଇ ଯାଇଥିଲା। ଏଥିରେ ଦଳକୁ ବିଜେପିରେ ମିଶାଇବା ଚର୍ଚ୍ଚା ବିଷୟରେ ଉଲ୍ଲେଖ କରିଥିଲେ। ବିଜେପି ବିରୋଧରେ ମାତ୍ର ଦୁଇ ମିନିଟ କାହିଁକି ଭାଷଣ ଦେଇଥିଲେ ବୋଲି ପ୍ରଶ୍ନ କରିଥିଲେ।

ଏବେ ବିଆରଏସ ସୁପ୍ରିମୋ କେସିଆର ୭୩ ବର୍ଷରେ ପାଦ ଦେଲେଣି। ତେଣୁ ସେ ଧିରେ ଧିରେ ରାଜନୀତିରୁ ସନ୍ୟାସ ନେବେ ବୋଲି ଚର୍ଚ୍ଚା ହେଉଛି। ଏପରି ସମୟରେ ଦଳର ଆଗାମୀ ନେତୃତ୍ୱକୁ ନେଇ ପ୍ରଶ୍ନ ଉଠୁଛି। କେସିଆର ନିଜ ପୁଅ କେଟିଆରକୁ କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ କରିଛନ୍ତି। ତେବେ କବିତା ନିଜକୁ ପ୍ରଭାବୀ ନେତ୍ରୀ ମାନୁଛନ୍ତି। ସେ ଦଳର ନେତୃତ୍ୱ ନେବାକୁ ଚାହୁଁଛନ୍ତି। ତେଣୁ ଏହାକୁ ବିବାଦର ଅନ୍ୟ ଏକ କାରଣ ଧରାଯାଉଛି। ୨୦୨୩ ପରେ ପାର୍ଟି ଏବଂ କ୍ୟାଡରକୁ ମଜବୁତ କରିବା ପାଇଁ ବିଆରଏସ ପ୍ରୟାସ କରୁଛି। ଏଭଳି ସ୍ଥିତିରେ ଭବିଷ୍ୟତର ନିଷ୍ପତ୍ତି, ଟିକଟ ବଣ୍ଟନ ଏବଂ ରଣନୀତିରେ କିଏ ପ୍ରମୁଖ ଭୂମିକା ନିର୍ବାହ କରିବା ତାହାକୁ ନେଇ କେସିଆର ପରିବାରରେ ଫାଟ ସୃଷ୍ଟି ହୋଇଛି।

## ଏନ୍‌ଆଇଟି ରାଉରକେଲା...

ନିର୍ଦ୍ଧାରିତ ହେଉଥିଲା। ତୈଳ କୂପରୁ ଉତ୍ପାଦିତ ପେଟ୍ରୋଲିୟମ୍ ବିଶ୍ୱ ଅର୍ଥନୀତିକୁ ପ୍ରଭାବିତ କରୁଥିଲା। ମାତ୍ର ଏକବିଂଶ ଶତାବ୍ଦୀର ଶକ୍ତି ଏକ ଛୋଟ ଚିପ୍ ମଧ୍ୟରେ ସୀମିତ। ଏହି ଚିପ୍ ଛୋଟ ହୋଇପାରେ, କିନ୍ତୁ ଏଥିରେ ବିଶ୍ୱର ପ୍ରଗତିକୁ ଏକ ବଡ଼ ପ୍ରେରଣା ଦେବାର ଶକ୍ତି ନିହିତ ରହିଛି। ସେଥିପାଇଁ ଆଜି ସେମିକଣ୍ଡକ୍ଟର ଜଗତର ବଜାର ୬୦୦ ବିଲିୟନ ଡଲାରରେ ପହଞ୍ଚିଛି। ଆଗାମୀ କିଛି ବର୍ଷ ମଧ୍ୟରେ ଏହା ଏକ ଟ୍ରିଲିୟନ ଡଲାର ଅତିକ୍ରମ କରିବ। ଭାରତ ଯେଉଁ ଗତିରେ ସେମିକଣ୍ଡକ୍ଟର କ୍ଷେତ୍ରରେ ଅଗ୍ରଗତି କରୁଛି, ସେହି ଗତିରେ ଏହି ଏକ ଟ୍ରିଲିୟନ ବଜାର ଅଂଶରେ ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ହେବାକୁ ଯାଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ଅନ୍ୟପଟେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାରୁ ପ୍ରସ୍ତୁତ ଚିପ୍‌କୁ ନେଇ ପ୍ରଶଂସା କରିଛନ୍ତି । 'ଏକ୍ସ'ରେ ସେ କହିଛନ୍ତି ଯେ ଏହି ଘଟଣା ଓଡ଼ିଶା ପାଇଁ ଏକ ଗର୍ବର ବିଷୟ। ଭାରତର ପ୍ରଥମ ସ୍ୱଦେଶୀ ଚିପ୍ ଉଦ୍ଭାବନର ଅଂଶ ଭାବରେ ବ୍ରହ୍ମପୁର ସ୍ଥିତ ପିଏମ୍‌ଇସି ଓ ଏନ୍‌ଆଟି ରାଉରକେଲାର ସଫଳତା ଆମ ଦେଶର ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଏହି ଉଲ୍ଲେଖନୀୟ ସଫଳତା ଆମ ରାଜ୍ୟ ମଧ୍ୟରେ ପରିପୂର୍ଣ୍ଣ ପ୍ରତିଭା ଏବଂ ନବସୃଜନକୁ ପ୍ରଦର୍ଶନ କରୁଛି। ଭାରତର ସେମିକଣ୍ଡକ୍ଟର ଯାତ୍ରାରେ ଓଡ଼ିଶାର ଭୂମିକା ମଧ୍ୟ ଉଜ୍ଜ୍ୱଳ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## କମିବ ୧୭୫ ସାମଗ୍ରୀର...

ଗୋଷ୍ଠୀ ୪୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟର ବୈଦ୍ୟୁତିକ ଯାନବାହନ ଉପରେ ୧୮ ପ୍ରତିଶତ ଜିଏସ୍‌ଟି ଲାଗୁ କରିବାକୁ ସମର୍ଥନ କରିଛନ୍ତି। ଏଥିରେ ଘିଅ, ଶୁଖିଲା ଫଳ, ୨୦ ଲିଟର ପାନୀୟ ଜଳ, ଅଣ-କାର୍ବୋନେଟେଡ୍ ପାନୀୟ, ନମକିନ୍, ଚପଲ ଏବଂ ପୋଷାକ, ଔଷଧ ଏବଂ ଚିକିତ୍ସା ଉପକରଣ ଭଳି ଅଧିକାଂଶ ସାଧାରଣ ଖାଦ୍ୟ ସାମଗ୍ରୀ ୫ରୁ ୧୨ ପ୍ରତିଶତ ଟିକସ ବର୍ଗରେ ଆସିପାରେ। ଅନ୍ୟପକ୍ଷରେ ତମାଖୁ, ପାନ ମସଲା ଏବଂ ସିଗାରେଟ୍ ଭଳି ସାମଗ୍ରୀ ଉପରେ ମଧ୍ୟ ୪୦ ପ୍ରତିଶତର ଏକ ସ୍ୱତନ୍ତ୍ର ଟିକସ ହାର ଲାଗୁ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଏହାସହ ସରକାର ସ୍ୱାସ୍ଥ୍ୟ ଏବଂ ଜୀବନ ବୀମା ପ୍ରିମିୟମକୁ ଜିଏସ୍‌ଟି ମୁକ୍ତ କରିପାରନ୍ତି।

## ସାରା ରାଜ୍ୟରେ...

ଆକଳନ କରିଛି ଆଞ୍ଚଳିକ ପାଣିପାଗ କେନ୍ଦ୍ର। ସେପ୍ଟେମ୍ବର ୩ ଅର୍ଥାତ ବୁଧବାର ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ ସମ୍ବଲପୁରରେ ସର୍ବାଧିକ ବର୍ଷା ଆଶଙ୍କା ଥିବାରୁ ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ବରଗଡ଼, ସୋନପୁର, ବୌଦ୍ଧ, କୋରାପୁଟ, ନୂଆପଡ଼ା ଓ ବଲାଙ୍ଗିରରେ ପ୍ରବଳ ଯୋଗୁଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ରାଜ୍ୟର ସମସ୍ତ ଜିଲ୍ଲାରେ ସ୍ୱଳ୍ପରୁ ମଧ୍ୟମ ବର୍ଷା ଆଶଙ୍କା ରହିଥିବା ପାଣିପାଗ କେନ୍ଦ୍ର କହିଛି। ବୁଧବାର ପରେ ବର୍ଷାର ପ୍ରଭାବ ଅପେକ୍ଷାକୃତ କମିଲେ ମଧ୍ୟ ପରବର୍ତ୍ତୀ ୩ ଦିନରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଜାରି ରହିବ।

ଅନ୍ୟପଟେ ରାଜ୍ୟରେ ପ୍ରବଳ ବର୍ଷା ପରେ ପୁଣିଥରେ ରାଜ୍ୟର ବିଭିନ୍ନ ନଦୀରେ ଜଳସ୍ତର ବଢ଼ିବାରେ ଲାଗିଛି। ଜଳ ସଂପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି ଯେ ସୋମବାର ରାତି ସୁଦ୍ଧା ସୁବର୍ଣ୍ଣରେଖା ବେସିନରେ ୨୦.୯୭ ମିମି ବର୍ଷା ହୋଇଛି। ସେହିପରି, ବୁଢ଼ାବଳଙ୍ଗରେ ୪୩.୦୭ ମିମି, ବୈତରଣୀରେ ୩୦.୬୫ ମିମି ବର୍ଷା ହୋଇଛି। ତେଣୁ ବୈତରଣୀ, ବୁଢ଼ାବଳଙ୍ଗ, ଜଳକା ଓ ସୁବର୍ଣ୍ଣରେଖାରେ ଜଳସ୍ତର ବୃଦ୍ଧି ପାଇବ ବୋଲି ସେ କହିଛନ୍ତି। ଏହା ସତର୍କ ସଂକେତ ଉପରକୁ ଯିବାର ଆଶଙ୍କା ରହିଛି। ମଙ୍ଗଳବାର ବିଶେଷ ବର୍ଷା ନ ହେଲେ ବିପଦ ସଂକେତ ଟପିବ ନାହିଁ। ବର୍ତ୍ତମାନ କୌଣସି ନଦୀରେ ବନ୍ୟା ନାହିଁ ବୋଲି ସେ କହିଛନ୍ତି। ସେହିପରି ହୀରାକୁଦରେ ଜଳସ୍ତର ୬୨୬.୩୧ ଫୁଟ୍ ରହିଥିବା ବେଳେ ରେଙ୍ଗାଲିର ୧୨୨.୭୩ ମିଟର ଜଳ ଅଛି। ହୀରାକୁଦରେ ୬ଟି ଗେଟ୍ ଦେଇ ବର୍ତ୍ତମାନ ବନ୍ୟାଜଳ ନିଷ୍କାସିତ ହେଉଛି। କେନ୍ଦୁଝରର ହାଟଡିହି ଓ ଘସିପୁରା, ବାଲେଶ୍ୱର ସହରରେ ଲଗାଣ ବର୍ଷା ଯୋଗୁଁ ଜଳବନ୍ଦି ପରିସ୍ଥିତି ସୃଷ୍ଟି ହୋଇଛି। ଲଘୁଚାପ ଯୋଗୁଁ ବର୍ତ୍ତମାନ ଉତ୍ତର ଓ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଅଶାନ୍ତ ରହିଛି। ସମୁଦ୍ର ମଧ୍ୟରେ ପବନର ବେଗ ଘଣ୍ଟା ପ୍ରତି ୪୦ରୁ ୫୦ କି.ମି ରହିଛି। ବେଳେବେଳେ ୬୦ କିମି ପର୍ଯ୍ୟନ୍ତ ଝଟକା ପବନର ଆଶଙ୍କା ରହିଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି।

## ହୀରାକୁଦରୁ ୬ ଗେଟ୍‌ରେ...

ମଙ୍ଗଳବାର ସନ୍ଧ୍ୟା ୬ଟା ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୨୬.୪୧ ଫୁଟ୍ ରହିଛି। ଅପରପକ୍ଷେ, ଗତ ୨୪ ଘଣ୍ଟା ମଧ୍ୟରେ ଉପରମୁଣ୍ଡରେ ୬.୫୦ ମିମି ବର୍ଷା ହୋଇଥିବା ବେଳେ ତଳମୁଣ୍ଡରେ ୧୩.୬୬ ମିମି ବର୍ଷା ହୋଇଛି। ଗତବର୍ଷ ଆଜିର ଦିନରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୨୨.୪୩ ଫୁଟ୍ ରହିଥିଲା।

ଉଲ୍ଲେଖଯୋଗ୍ୟ, ଜଳଭଣ୍ଡାରରେ ପ୍ରବେଶ ଜଳ ପରିମାଣ ବୃଦ୍ଧି ପାଇବା ପରେ ଦ୍ୱିତୀୟ ପର୍ଯ୍ୟାୟରେ ବନ୍ୟାଜଳ ନିଷ୍କାସନ ପାଇଁ ଗତ ୨୩ ତାରିଖ ନଦୀବନ୍ଧର ଗେଟ୍ ଖୋଲାଯାଇଥିବା ବେଳେ ୨୮ ତାରିଖରେ ବନ୍ଦ କରିଦିଆଯାଇଥିଲା।

## ବସ୍ତାନୀ ବୋଝରେ...

ପାଠପଢ଼ାରୁ ଧ୍ୟାନ ହଟିବା ସହ ସ୍ୱାସ୍ଥ୍ୟାବସ୍ଥା ଦୁର୍ବଳ ହୁଏ। ବିଦ୍ୟାଳୟରେ ପିଲାଙ୍କ ବସ୍ତାନୀ ବୋଝ ଯାଞ୍ଚ କରିବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ଙ୍କ ନେତୃତ୍ୱରେ ସ୍କ୍ୱାଡ୍ ଗଠନ କରାଯାଇଛି। ହେଲେ ନିୟମିତ ଯାଞ୍ଚ କରାଯାଉ ନ ଥିବାରୁ ଏବଂ ଅଭିଭାବକଙ୍କ ମଧ୍ୟରେ ସଚେତନତା ଅଭାବରୁ ବହୁ ଓଜନର ବ୍ୟାଗ୍ ନେଇ ପିଲାମାନେ ବିଦ୍ୟାଳୟକୁ ଆସୁଛନ୍ତି। ବିଶେଷକରି ଘରୋଇ ବିଦ୍ୟାଳୟଗୁଡ଼ିକ ଏହାକୁ ଭ୍ରୂକ୍ଷେପ କରୁ ନାହାନ୍ତି। ବିଶେଷକରି ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ହୋମ୍‌ୱାର୍କ ନ ଦେବାର ନିୟମ ଥିଲେ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଏହାକୁ ପାଳନ କରାଯାଉ ନଥିବା ଅଭିଯୋଗ ହୋଇଛି। ଫଳରେ ପିଲାଙ୍କ ଉପରେ ଶାରିରୀକ ଓ ମାନସିକ ଚାପ ପଡ଼ିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଅନ୍ଧକାରମୟ ହେଉଥିବା ଶିକ୍ଷାବିତ୍‌ମାନେ ମତବ୍ୟକ୍ତ କରିଛନ୍ତି। ବିଦ୍ୟାଳୟରେ ବ୍ୟାଗ୍ ଓଜନ୍ ଯାଞ୍ଚକୁ ଆହୁରି କଡ଼ାକଡ଼ି କରିବାକୁ ମଧ୍ୟ ଅଭିଭାବକମାନେ ଦାବି କରିଛନ୍ତି। ସୂଚନାଯୋଗ୍ୟ, ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ସ୍କୁଲ୍ ବ୍ୟାଗ୍‌ର ଓଜନ ୧.୫ କେଜି ରଖାଯାଇଥିବାବେଳେ ତୃତୀୟରୁ ପଞ୍ଚମ ଶ୍ରେଣୀ ପିଲାଙ୍କ ପାଇଁ ୨ରୁ ୩ କେଜି, ଷଷ୍ଠ ଓ ସପ୍ତମ ଶ୍ରେଣୀ ପାଇଁ ୪ କେଜି, ଅଷ୍ଟମ ଓ ନବମ ଶ୍ରେଣୀ ପିଲାଙ୍କ ପାଇଁ ୪.୫ କେଜି ଓ ଦଶମ ଶ୍ରେଣୀ ପିଲାମାନେ ଅତିବେଶୀରେ ୫ କେଜି ଓଜନର ବ୍ୟାଗ୍ ପକାଇ ବିଦ୍ୟାଳୟକୁ ଯିବାର ନିୟମ ରହିଛି।

## ଫୁଲବାଣୀ, ତାଳଚେର ମେଡିକାଲ...

ପୋର୍ଟାଲ ମାଧ୍ୟମରେ ଦାଖଲ କରିଥିଲେ। ଏନଏମସିର ଟିମ ଗତ ମେ ୨୮ ତାରିଖରେ ଫୁଲବାଣୀ ମେଡିକାଲ କଲେଜ ଓ ଜୁନ ୨୩ ତାରିଖରେ ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜକୁ କ୍ଷେତ୍ରୀୟ ନିରୀକ୍ଷଣରେ ଆସିଥିଲେ। ପବିତ୍ର ମୋହନ ଓ ଫୁଲବାଣୀ କଲେଜକୁ ଅନୁମତି ମିଳିବା ପରେ ରାଜ୍ୟରେ ସରକାରୀ ମେଡିକାଲ କଲେଜ ସଂଖ୍ୟା ୧୪ରୁ ବୃଦ୍ଧି ପାଇ ୧୬ରେ ପହଞ୍ଚିଛି।

## ରାସ୍ତାରେ ଜାଲ...

ଯାଇଥିବା ଉପଜିଲ୍ଲାପାଳ ଏବଂ ତହସିଲଦାରଙ୍କୁ ଘେରିବା ସହ ଏହାର ସ୍ଥାୟୀ ସମାଧାନ କରିବାକୁ ଦାବି କରିଥିଲେ। ରାସ୍ତାରେ ପାଣି ଅଧିକ ହୋଇଯିବା ଫଳରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଦୋକାନଗୁଡ଼ିକରେ ପାଣି ପଶିଯାଇଥିଲା। ବାଲେଶ୍ୱରରେ ମହାନାଳ ଏବଂ ଏହାକୁ ସଂଯୋଗ କରୁଥିବା ବିଭିନ୍ନ ଛୋଟ ଓ ବଡ଼ ନାଳଗୁଡ଼ିକୁ ସଠିକ ଭାବେ ସଫା କରାଯାଉ ନଥିବାରୁ ଏଭଳି ଅସୁବିଧା ପରିଲକ୍ଷିତ ହେଉଛି। ବର୍ଷା ହେଲେ ସହରରେ ସୃଷ୍ଟି ହେଉଛି କୃତ୍ରିମ ବନ୍ୟା। ସ୍ଥାୟୀ ସମାଧାନ ପାଇଁ ପୌର ପ୍ରଶାସନ କିମ୍ବା ଜିଲ୍ଲା ପ୍ରଶାସନ କୌଣସି ପ୍ରକାର ବ୍ୟବସ୍ଥା କରୁନଥିବା ବେଳେ ସାଧାରଣ ଲୋକେ ହୀନସ୍ତା ହେଉଛନ୍ତି। ଏ ନେଇ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ କହିଛନ୍ତି ଯେ ଆଜି ସକାଳେ ଘଟଣା ସ୍ଥଳକୁ ଯାଇ ସ୍ଥିତି ପରଖିଛି। ଏହାର ସ୍ଥାୟୀ ସମାଧାନ ପାଇଁ ଦୁଇଟି ଡିପିଆର ପ୍ରସ୍ତୁତ କରାଯାଉଛି। ଅଧିକାଂଶ ସ୍ଥାନରେ ଜବରଦଖଲ ରହିଛି। ଦୁଇଟି ଡିପିଆର ଚୂଡ଼ାନ୍ତ ହୋଇ ମଞ୍ଜୁରୀ ହେବା ପରେ ପଦକ୍ଷେପ ନିଆଯିବ।

## ସେପଟେ ଲବି...

ବରିଷ୍ଠମାନେ ମନ୍ତ୍ରୀ ହେବା ଆବଶ୍ୟକ ବୋଲି କହିଛନ୍ତି। ବରିଷ୍ଠ ଓ ଅଭିଜ୍ଞ ବିଧାୟକଙ୍କୁ ମନ୍ତ୍ରୀ ହେବା ଆବଶ୍ୟକ। ମୁଁ ଶହେ ଶହେରେ ମନ୍ତ୍ରୀ ହେବାର ଇଚ୍ଛା ଅଛି। ମତେ ଯେଉଁ ବିଭାଗର ମନ୍ତ୍ରୀ ଦେଲେ ମଧ୍ୟ ମୁଁ ଦାୟିତ୍ୱ ନେବାକୁ ପ୍ରସ୍ତୁତ। ଜୟନାରାୟଣ ମିଶ୍ର ପୂର୍ବରୁ ମନ୍ତ୍ରୀ ଥିଲେ, ଦଳର ବରିଷ୍ଠ ନେତା। ତେଣୁ ସେ ମନ୍ତ୍ରୀ ହେବା ଉଚିତ୍ ବୋଲି ଶ୍ରୀ ସୋରେନ ମନ୍ତବ୍ୟ ରଖିଛନ୍ତି।

ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ମୁଖ୍ୟମନ୍ତ୍ରୀ କୌଣସି ଠୋସ୍ ନିଷ୍ପତ୍ତି ନେଇପାରୁନଥିବା ବେଳେ ବରିଷ୍ଠ ବିଧାୟକଙ୍କର ଏପରି ବୟାନ ତାଙ୍କ ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରୁଛି। ବିଭିନ୍ନ ସମୀକରଣକୁ ଦୃଷ୍ଟିରେ ରଖି ସବୁ କୋଟେରୀକୁ ଖୁସି କରିବା ପରି ପୂର୍ଣ୍ଣାଙ୍ଗ ମନ୍ତ୍ରୀମଣ୍ଡଳ ଗଠନ ନିଶ୍ଚିତଭାବେ ମୁଖ୍ୟମନ୍ତ୍ରୀଙ୍କ ପାଇଁ ଆହ୍ୱାନ ହେବ ବୋଲି ରାଜନୈତିକ ସମୀକ୍ଷକ ମତପ୍ରକାଶ କରିଛନ୍ତି।

ସକାଳ
THE SAKALA
www.sakalaepaper.com



## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ । ଅଚାନକ ଖୁସି ଖବର ପାଇପାରନ୍ତି । ଧନ ବୃଦ୍ଧି ହେବ । ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି । ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**ବୃଷ:** ମାନ ସମ୍ମାନ ବୃଦ୍ଧି ପାଇବ । ଲୋକ ସମ୍ପର୍କ ବୃଦ୍ଧି ପାଇବ । ପରିବାରରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ ହୋଇପାରେ । ସାହିତ୍ୟ ଓ କଳା ପ୍ରତି ରୁଚି ବଢ଼ିବ । ସରକାରୀ କ୍ଷେତ୍ରରେ ସଫଳତା ଲାଭ କରିବେ ।

**ମିଥୁନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ଚିନ୍ତାରେ ରହିବେ । କାର୍ଯ୍ୟକ୍ଷେତ୍ରରେ ଭଲ ପ୍ରଦର୍ଶନ କରିବେ । ବ୍ୟବସାୟରୁ ଲାଭ ମିଳିବ । ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ । ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ । ମନ ପ୍ରସନ୍ନ ରହିବ ।

**କର୍କଟ:** ଅଫିସ୍ କାମରେ ବ୍ୟସ୍ତ ରହିପାରନ୍ତି । ଅତିରିକ୍ତ ଦାୟିତ୍ୱ ତୁଲାଇବେ । ଧାର୍ମିକ କାର୍ଯ୍ୟ ପାଇଁ ଆଗ୍ରହୀ ହେବେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । କଳା ଓ ସମ୍ମାନରେ ସମ୍ମାନିତ ହୋଇପାରନ୍ତି ।

**ସିଂହ:** କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ । ବନ୍ଧୁଙ୍କ ସହ ବୁଲିବା ପାଇଁ ନୂଆ ଯୋଜନା କରିବେ । ଧାର କରଜରୁ ଦୂରେଇ ରହିବେ । ସମାଜରେ ପ୍ରତିଷ୍ଠା ବଢ଼ିବ । ନୃତ୍ୟଶିଳ୍ପୀଙ୍କ ପାଇଁ ଦିନଟି ଭଲ ।

**କନ୍ୟା:** ଦିନଟିରେ କର୍ମଚଞ୍ଚଳ ରହିବେ । ପାରିବାରିକ ଜୀବନରେ ତିକ୍ତତା ଦେଖା ଦେବ । ବ୍ୟବସାୟରେ ସଫଳତା ମିଳିବ । ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ । ଜୀବନସାଥୀଙ୍କଠାରୁ ଉପହାର ମିଳିବ ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ସାମାଜିକ କାର୍ଯ୍ୟରେ ସାମିଲ ହୋଇପାରନ୍ତି । ଅଫିସ୍‌ରେ ସହକର୍ମୀଙ୍କ ସହ ବ୍ୟକ୍ତିଗତ କଥା ଆଲୋଚନା କରିବେ ନାହିଁ । ପୁରୁଣା ବନ୍ଧୁ ସହ ସାକ୍ଷାତ ହେବ ।

**ବିଛା:** ଦିନଟି ଶୁଭଫଳ ପ୍ରଦାନ କରିବ । ଉତ୍‌ଫୁଲ୍ଲିତ ରହିବେ । ସରକାରୀ କାମ ସମସ୍ୟାର ସମାଧାନ ହେବ । ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ । ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି ।

**ଧନୁ:** କାର୍ଯ୍ୟରେ ଉନ୍ନତି ଘଟିବ । ଦାମ୍ପତ୍ୟ ଜୀବନ ହସଖୁସିରେ ଅତିବାହିତ କରିବେ । ଇଚ୍ଛା ପୂରଣ ହେବ । ଦାନ ଧର୍ମ କରନ୍ତୁ । ଗୁରୁଜନଙ୍କ ଆଦେଶ ପାଳନ କରିବେ । ସନ୍ତାନଙ୍କ ସଫଳତା ପାଇଁ ଖୁସି ହେବେ ।

**ମକର:** ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ । ବଦଭ୍ୟାସ ପରିତ୍ୟାଗ କରିବେ । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ବିବାହ ପ୍ରସ୍ତାବ ସ୍ଥିର ହୋଇପାରେ । ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ଲାଗି ପ୍ରସ୍ତୁତି ଜାରି ରଖିବେ ।

**କୁମ୍ଭ:** ଦୀର୍ଘ ଦିନ ସମସ୍ୟାର ସମାଧାନ ହେବ । ଅଫିସ୍ କାମ ସୂଚାରୁରୂପେ ତୁଲାଇବେ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ । ଲେଖାଲେଖି ପ୍ରତି ରୁଚି ବଢ଼ିବ । ସରକାରି ଚାକିରିଆଙ୍କ ପାଇଁ ଦିନଟି ଭଲ ।

**ମୀନ:** କଥା ଓ କାମ ମଧ୍ୟରେ ଲୋକଙ୍କୁ ପ୍ରଭାବିତ କରିବେ । ବନ୍ଧୁଙ୍କ ସାହାଯ୍ୟ ମିଳିବ । ଆର୍ଥିକ ମାମଲାରେ ସୁଧାର ଆସିବ । ମାଆଙ୍କ ସ୍ୱାସ୍ଥ୍ୟାବସ୍ଥା ପାଇଁ ଚିନ୍ତାରେ ରହିବେ । ଧାର୍ମିକ କାର୍ଯ୍ୟରେ ସାମିଲ ହୋଇପାରନ୍ତି ।

## ଆଜିର ଇତିହାସ

- ୧୭୮୩- ଆମେରିକା ଓ ବ୍ରିଟେନ ମଧ୍ୟରେ ପ୍ୟାରିସ୍ ସନ୍ଧି ହୋଇଥିଲା ।
- ୧୯୨୪- ଚୀନ୍‌ରେ ଗୃହଯୁଦ୍ଧ ଆରମ୍ଭ ।
- ୧୯୭୧- କତାର ସ୍ୱାଧୀନ ରାଷ୍ଟ୍ର ହେଲା ।
- ୨୦୦୩- ପାକିସ୍ତାନ ସରକାର ପୂର୍ବତନ ପ୍ରଧାନମନ୍ତ୍ରୀ ବେନଜୀର ଭୁଟ୍ଟୋଙ୍କ ଉପରେ ଦେଶଦ୍ରୋହ ମୋକଦ୍ଦମା ଚଳାଇବା ପାଇଁ ନିଷ୍ପତ୍ତି ନେଲେ ।
- ୨୦୧୪- ଭାରତ ଓ ପାକିସ୍ତାନରେ ଅଚାନକ ବନ୍ୟା ଯୋଗୁଁ ଦୁଇ ଶହ ଲୋକଙ୍କ ମୃତ୍ୟୁ ।

# ଅପରାଧମୁକ୍ତ ଗାଁ



ଆଜିର ସମୟରେ ସହର ହେଉ କି ଗାଁ ସବୁଠାରେ ଚୋରି, ଲୁଟ୍‌ପାଟ, ହତ୍ୟା ଆଦି ଘଟଣା ଦେଖିବାକୁ ମିଳୁଛି । ଏହି ମାମଲା ଥାନା ଯାଏଁ ଯାଉଛି । ହେଲେ ଆଜି ବି ଭାରତରେ ଏମିତି ଏକ ଗାଁ' ଅଛି, ଯେଉଁଠି ମାମଲା ଥାନା ଯାଏଁ ଯାଇନାହିଁ । ଝାରଖଣ୍ଡ, ଲାତେହାର ଜିଲ୍ଲା, ପୋଚରା ପଞ୍ଚାୟତ ଅନ୍ତର୍ଗତ ଲାଲଗାଡ଼ି ଗାଁ' । ଏହି ଗାଁଟି ଅପରାଧମୁକ୍ତ ଗାଁ ଭାବେ ସ୍ଥାନୀୟ ଅଞ୍ଚଳରେ ପରିଚିତ । ଗାଁରେ ବାଦ ବିବାଦ ହେଲେ ସବୁ ଗ୍ରାମବାସୀ ଏକାଠି ବସି ଏହାର ସମାଧାନ ବାହାର କରି ଦିଅନ୍ତି । ଲାଲଗାଡ଼ିରେ ଖରୱାର ଜନଜାତିର ପ୍ରାୟ ୨୦୦ ପରିବାର ବାସବାସ କରନ୍ତି । ଗାଁ ଲୋକଙ୍କ ମୁଖ୍ୟ ଜୀବିକା କହିଲେ କୃଷି । ଗ୍ରାମବାସୀମାନେ ପରସ୍ପରକୁ ସୁବିଧା ଅସୁବିଧାରେ ସାହାଯ୍ୟ କରନ୍ତି । ଏହି ଗାଁରେ ଚୋରି ମାମଲା ବି ଥାନାକୁ ଯାଇନି । ହତ୍ୟା ଓ ଡକାୟତି ଭଳି ମାମଲା ମଧ୍ୟ ଏଠି ଦେଖାଯାଇନି । ଗ୍ରାମବାସୀ ଛୋଟମୋଟ ଘଟଣାକୁ ନେଇ ଥାନା କିମ୍ବା ଅଦାଲତକୁ ଯିବା ଅପେକ୍ଷା ଗାଁ ଭିତରେ ତା'ର ସମାଧାନ କରିବାକୁ ପସନ୍ଦ କରନ୍ତି । ସେହିଭଳି ଏଠାକାର ବାସିନ୍ଦା କୃଷି ଓ ପଶୁପାଳନ ଦ୍ୱାରା ବେଶ୍ ଭଲ ରୋଜଗାର କରୁଥିବାବେଳେ ସେମାନଙ୍କ ପିଲାମାନଙ୍କୁ କିପରି ଉଚ୍ଚ ଶିକ୍ଷା ଦେବେ ତାହା ଉପରେ ଗୁରୁତ୍ୱ ଦିଅନ୍ତି । ସେହିଭଳି ଲାତେହାର ପୁଲିସ୍ ଷ୍ଟେସନରେ କାର୍ଯ୍ୟରତ ପୁଲିସ୍ କର୍ମୀମାନେ ମଧ୍ୟ ଏହି ଗାଁକୁ ନେଇ ବହୁତ ଖୁସି । ଅପରାଧରୁ ଦୂରେଇ ରହିବା ଓ ସକାରାତ୍ମକ ଚିନ୍ତା ନେଇ ବଞ୍ଚିବାକୁ ଏଠାକାର ଲୋକେ ଗୁରୁତ୍ୱ ଦିଅନ୍ତି । ଗ୍ରାମବାସୀଙ୍କ ଏଭଳି ଚିନ୍ତାଧାରା ଯୋଗୁଁ ଏବେ ଏହି ଗାଁଟି ଅପରାଧ ମୁକ୍ତ ଗାଁ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ।

# 'ପରମ ସୁନ୍ଦରୀ' ପାଇଁ ସିଦ୍ଧାର୍ଥ ନେଇଛନ୍ତି ୧୨ କୋଟି

ସିଦ୍ଧାର୍ଥ ମଲହୋତ୍ରା ଓ ଜାହ୍ନବୀ କପୁରଙ୍କ ଅଭିନୀତ ଫିଲ୍ମ 'ପରମ ସୁନ୍ଦରୀ' ନିକଟରେ (ଅଗଷ୍ଟ ୨୯) ରେ ରିଲିଜ୍ ହୋଇଛି । ଏହାର ରିଲିଜ୍ ଦିନକୁ ଅନେକ ଦିନରୁ ଦର୍ଶକେ ଅପେକ୍ଷା କରିଥିଲେ । କାରଣ ଏହାର ଟ୍ରେଲର୍ ଓ ଗୀତଗୁଡ଼ିକ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେଉଥିଲା । ୪୫ କୋଟିରେ ନିର୍ମିତ ଏହି ଫିଲ୍ମର ନିର୍ଦ୍ଦେଶନା ଦାୟିତ୍ୱରେ ତୁଷାର ଜଲୋଟା ଥିଲେ । ଏହା ବକ୍ସ ଅଫିସ୍‌ରେ ଏଯାବତ୍ ଠିକ୍‌ଠାକ୍ ବ୍ୟବସାୟ କରିଛି । ତେବେ ଏହି ଫିଲ୍ମ ପାଇଁ ସିଦ୍ଧାର୍ଥ ୧୦-୧୨ କୋଟି ପାରିଶ୍ରମିକ ବାବଦରେ ନେଇଥିବା ଜଣାପଡ଼ିଛି । ଏହି ଫିଲ୍ମରେ ସିଦ୍ଧାର୍ଥ ଜଣେ ଉତ୍ତର ଭାରତୀୟ ଯୁବକ ଭୂମିକାରେ ନଜର ଆସିଛନ୍ତି । ସେହିଭଳି ଜାହ୍ନବୀ ଏଥିରେ ଜଣେ ଦକ୍ଷିଣ ଭାରତୀୟ ଯୁବତୀ ଭୂମିକାରେ ଦେଖି ଯାଇଛନ୍ତି । ଏଥିପାଇଁ ସେ ପାରିଶ୍ରମିକ ବାବଦରେ ୪ରୁ ୫ କୋଟି ନେଇଛନ୍ତି । ସଞ୍ଜୟ କପୁରଙ୍କର ଫିଲ୍ମରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସେ ପାରିଶ୍ରମିକ ବାବଦରେ ୫୦ ଲକ୍ଷ ନେଇଛନ୍ତି । ସେହିପରି ଏଥିରେ ସହ କଳାକାର ଭାବେ ଦେଖାଯାଇଥିବା ଅଭିନେତା ମନଜୋତ ସିଂହ ପାରିଶ୍ରମିକ ବାବଦରେ ୨୫ ଲକ୍ଷ ନେଇଥିବା ଜଣାପଡ଼ିଛି ।



# ଗେଣ୍ଡା ପାଇଁ ସାଥୀ ଖୋଜା

ଏକ ନିର୍ଦ୍ଦିଷ୍ଟ ବୟସରେ ପହଞ୍ଚିଲା ପରେ ପୁଅ ଝିଅଙ୍କ ପାଇଁ ପାତ୍ରପାତ୍ରୀ ଖୋଜାଯାଇଥାଏ । ପୂର୍ବରୁ ବନ୍ଧୁବାନ୍ଧବ ଓ ମଧ୍ୟସ୍ଥିଙ୍କ ଦ୍ୱାରା ଏହି କାର୍ଯ୍ୟ କରାଯାଉଥିଲା । ଏବେ ଏହି କାମକୁ ସହଜ କରିଛି ମାଟ୍ରିମୋନିଆଲ ସାଇଟ୍‌ଗୁଡ଼ିକ । ହେଲେ ଏବେ ନ୍ୟୁଜିଲ୍ୟାଣ୍ଡରେ ଏକ ଗେଣ୍ଡା ପାଇଁ ସାଥୀ ଖୋଜିବା ନିମନ୍ତେ ଏକ ଅଭିଯାନ ଚଳାଯିବା ଘଟଣା ସଭିଙ୍କ ଦୃଷ୍ଟି ଆକର୍ଷଣ କରିଛି । ଏହି ଗେଣ୍ଡାଟି ଏକ ଦୁର୍ଲଭ ଗେଣ୍ଡା । ସାଧାରଣତଃ ସବୁ ଗେଣ୍ଡାର ଖୋଳପା ଡାହାଣ ଆଡ଼କୁ ମୋଡ଼ି ହୋଇଥିବାବେଳେ ନେଡ୍ ନାମକ ଏହି ଦୁର୍ଲଭ ଗେଣ୍ଡାର ଖୋଳପା ବାମ ଆଡ଼କୁ ମୋଡ଼ି ହୋଇଛି । ପ୍ରାୟ ୪୦ ହଜାର ଗେଣ୍ଡାଙ୍କ ମଧ୍ୟରୁ ଗୋଟିଏର ଆକୃତି ଏଭଳି ହୋଇଥାଏ । ସେଥିପାଇଁ ଏହା ଦୁର୍ଲଭ । ତେବେ ନେଡ୍ ଯେପରି



ସାରା ଜୀବନ ଏକା ନ ରୁହେ ସେଥିପାଇଁ ସାମାଜିକ ଗଣମାଧ୍ୟମରେ ତା ପାଇଁ ସାଥି ଖୋଜା ଅଭିଯାନ ଆରମ୍ଭ ହୋଇଛି । ତେବେ ନେଡ୍‌କୁ ଚିତ୍ରଶିଳ୍ପୀ ତଥା ଲେଖିକା ଗିଜେଲ କ୍ଲାର୍କସନ୍ ତାଙ୍କ ବଗିଚାରୁ ପାଇଥିଲେ । ସେ ତାଙ୍କ ବଗିଚାରେ ମାଟି ଖୋଳୁଥିବା ସମୟରେ ଏହାକୁ ଠାବ କରିଥିଲେ । ତେବେ ଏହି ଗେଣ୍ଡାଟି ଦୁର୍ଲଭ ପ୍ରଜାତିର ହୋଇଥିବା ଜାଣି ଗିଜେଲ ତା ପାଇଁ ସଙ୍ଗେସଙ୍ଗେ ଏକ ଆକ୍ୱାରିୟମ୍‌ର ବ୍ୟବସ୍ଥା କରିଥିଲେ । ସେ ଏବେ ନେଡ୍ ପାଇଁ ସାଥୀ ଖୋଜିବା ନିମନ୍ତେ ସାମାଜିକ ଗଣମାଧ୍ୟମର ସାହାଯ୍ୟ ନେଇଛନ୍ତି । ସେ ନେଡ୍ ପାଇଁ ସାଥୀଟିଏ (ଏଭଳି ଏକ ଗେଣ୍ଡା) ଖୋଜି ଦେବାକୁ ଲୋକଙ୍କୁ ଅନୁରୋଧ କରିଛନ୍ତି । ତେବେ ଏହା ପ୍ରଥମ ଘଟଣା ନୁହେଁ ୨୦୧୭ ରେ ବି ଏଭଳି ଏକ ମାମଲା ସାମ୍ନାକୁ ଆସିଥିଲା । ଲଣ୍ଡନରେ ବାମ ପାଖକୁ ମୋଡ଼ି ହୋଇଥିବା ଏକ ଗେଣ୍ଡାର ସାଥୀ ଆନ୍ତର୍ଜାତିକ ସ୍ତରରେ ଖୋଜା ଯାଇଥିଲା । ଶେଷରେ ଏଭଳି ଦୁଇଟି ଗେଣ୍ଡାକୁ ଠାବ କରାଯାଇଥିଲା ।

## ସମ୍ଭାବନା

# ବ୍ୟକ୍ତିତ୍ୱକୁ ପ୍ରଭାବିତ କରେ ଅଙ୍ଗୁଳି ଦେଖାଇବା



**ସାଧାରଣତଃ କଥାବାର୍ତ୍ତା ସମୟରେ କାହାକୁ ଅଙ୍ଗୁଳି ଉଠାଇ କଥା କହିବା ସାଧାରଣ ଲାଗିପାରେ । ହେଲେ ଏହା ବ୍ୟକ୍ତିତ୍ୱର ଅନେକ ଦିଗକୁ ପ୍ରକାଶ କରିଥାଏ ।**

- କୌଣସି ବ୍ୟକ୍ତି କଥା କହିବା ସମୟରେ ସାମ୍ନାବାଲାଙ୍କୁ ଅଙ୍ଗୁଳି ଉଠାଇ ଇସାରା କରୁଥିଲେ, ନିଜକୁ ଠିକ୍ ବୋଲି ପ୍ରମାଣିତ କରିବାକୁ ଚେଷ୍ଟା କରିଥାନ୍ତି । ତେବେ ଏହା ଆତ୍ମବିଶ୍ୱାସକୁ ଇଙ୍ଗିତ କରି ନ ଥାଏ, ବରଂ ଏହା ରାଜୁତି ଚଲାଇବା ମାନସିକତାକୁ ଦର୍ଶାଏ ।
- ଅନ୍ୟପ୍ରତି ଅଙ୍ଗୁଳି ଉଠାଇବା ଅଧୈର୍ଯ୍ୟତାକୁ ପ୍ରତିଫଳିତ କରେ । ଏଭଳି ଲୋକ କଥାବାର୍ତ୍ତା ବେଳେ ସଂଯମତା ରକ୍ଷା କରି ନ ଥାନ୍ତି । ଏହା ସମ୍ପର୍କ ଓ ବୃତ୍ତିଗତ ଜୀବନ ଉପରେ ପ୍ରଭାବ ପକାଏ ।
- ବାରମ୍ବାର ଜଣକ ପ୍ରତି ଅଙ୍ଗୁଳି ଉଠାଇଥିବା ଲୋକ ଅନ୍ୟକୁ ଦୋଷ ଦେବାକୁ ପସନ୍ଦ କରନ୍ତି ।
- ଅନେକ ଲୋକ ଅଭ୍ୟାସଗତ ଭାବରେ ଆଲୋଚନା କରିବା ବେଳେ ଅଙ୍ଗୁଳି ଉଠାନ୍ତି, ଏହା ଅହଂକାରକୁ ପ୍ରତିଫଳିତ କରେ । ଏହା ଦ୍ୱାରା ସେମାନଙ୍କ ମତ ଗୁରୁତ୍ୱପୂର୍ଣ୍ଣ ବୋଲି ବୁଝାଇବାକୁ ଚେଷ୍ଟା କରନ୍ତି ।

# କୌଶଳରୁ ସଫଳତା

**ଏବର ପ୍ରତିଯୋଗିତା ଓ ବଦଳୁଥିବା ସମୟରେ ଉପଯୁକ୍ତ ଜ୍ଞାନ ଓ ସଫଳତା ପାଇଁ କେବଳ ଡିଗ୍ରୀ ଯଥେଷ୍ଟ ନୁହେଁ । ବ୍ୟକ୍ତିଗତ ଓ ବୃତ୍ତିଗତ ଜୀବନରେ କିଛି କୌଶଳକୁ ଆପଣାଇଲେ ଜୀବନରେ ସଫଳତା ନିହାତି ମିଳିଥାଏ ।**

**କଥାବାର୍ତ୍ତା କୌଶଳ:** ସାକ୍ଷାତକାର ହେଉ ଅବା ଟିମ୍‌ରେ କାମ କରିବା ବେଳେ ଅବା ଲୋକଙ୍କ ସହ ସାମାଜିକ ମିଳାମିଶା କରିବା ବେଳେ ନିଜ କଥା ସ୍ପଷ୍ଟ, ଆତ୍ମବିଶ୍ୱାସର ସହ ବିନମ୍ର ଭାବେ କୁହନ୍ତୁ । ଏହା ଦ୍ୱାରା ସଫଳତା ରାସ୍ତା ସହଜ ହୁଏ ।

**ଟାଇମ୍ ମ୍ୟାନେଜମେଣ୍ଟ:** ମୋବାଇଲ ଏବଂ ଡିଜିଟାଲ ଗ୍ୟାଜେଟ ବ୍ୟବହାର ଭିତରେ ସମୟର ସଦୁପଯୋଗ କରିବା ହେଉଛି ଅସଲ କଳା । ଏହା ଦ୍ୱାରା ମଣିଷ ନିଜର ପ୍ରାଥମିକତାକୁ ଚିହ୍ନଟ କରି ସମୟ ପରିଚାଳନା କରେ ଏବଂ ସଫଳତା ପ୍ରତି ଅଗ୍ରସର ହୁଏ ।



**ନିର୍ଣ୍ଣୟ ନେବାର ନିଷ୍ପତ୍ତି:** ପ୍ରତିଦିନ କିଛି ନା କିଛି ଛୋଟ ବଡ଼ ନିଷ୍ପତ୍ତି ନେବାକୁ ପଡ଼ିଥାଏ । ଠିକ୍ ବିକଳ୍ପ ଚୟନ କରିବା ଏବଂ ସମସ୍ୟାର ସମାଧାନ ଖୋଜିବା ହେଉଛି ଏକ ବଡ଼ କୌଶଳ । ଏହି ଅଭ୍ୟାସ କ୍ୟାରିୟରକୁ ମଜଭୁତ କରେ । ତା'ସହ ନେତୃତ୍ୱ ନେବା ଦିଗରେ ଅଗ୍ରସର କରାଏ ।

**ଟିମ୍ ୱାର୍କ ଏବଂ ଡିଜିଟାଲ ଜ୍ଞାନ:** ବୃତ୍ତିଗତ ଜୀବନରେ ଟିମ୍‌ରେ କାମ କରିବା, ଅନ୍ୟକୁ ଶୁଣିବା ଏବଂ ଆବଶ୍ୟକତା ପଡ଼ିଲେ ନେତୃତ୍ୱ ନେବାକୁ ହୋଇଥାଏ । ସେହିପରି ଏବେ ଡିଜିଟାଲ ଜ୍ଞାନ କୌଣସି ବିକଳ୍ପ ନୁହେଁ, ବରଂ ଜରୁରି କୌଶଳ ପାଲଟିଛି ।

# କୋ-ୱାର୍କିଂରେ କାମ କରିବାର ଲାଭ



**କୋ-ୱାର୍କିଂ ସ୍ପେସ୍ ଏମିତି ଏକ ଅଫିସ୍, ଯେଉଁଠାରେ ଅଲଗା ଅଲଗା କମ୍ପାନିର କର୍ମଚାରୀ ଗୋଟିଏ ଜାଗାରେ କାମ କରନ୍ତି । ଫ୍ରିଲାନ୍ସର, ଷ୍ଟାର୍ଟଅପ୍ ଏବଂ କ୍ଷୁଦ୍ର ବ୍ୟବସାୟ ପାଇଁ ଏହା ହେଉଛି ଏକ ଉତ୍ତମ ବିକଳ୍ପ ।**


ସାଧାରଣତଃ ନିଜସ୍ୱ ଅଫିସ୍ ଖୋଲିବାକୁ ବହୁତ ଟଙ୍କା ଖର୍ଚ୍ଚ କରିବାକୁ ହୋଇଥାଏ । ଘର ଭଡ଼ା, ବିଜୁଳି, ଇଣ୍ଟରନେଟ୍ ଫର୍ଣ୍ଣିଚର ଆଦି ଉପରେ ଖର୍ଚ୍ଚ କରିବାକୁ ହୁଏ । ହେଲେ କୋ-ୱାର୍କିଂ ସ୍ପେସ୍‌ରେ ଏହି ସବୁ ସୁବିଧା ଗୋଟିଏ ପ୍ୟାକେଜ୍‌ରେ ମିଳିଥାଏ । ଯାହାକି ଶସ୍ତା ହୁଏ । କୋ-ୱାର୍କିଂ ସ୍ପେସ୍‌ରେ ଏହି ସବୁ ସୁବିଧା ପୂର୍ବରୁ ହିଁ ଉପଲବ୍ଧ ଥାଏ । ଏଥିରେ ସମୟ ଓ ଟଙ୍କା ସଞ୍ଚୟ ହୁଏ । ତା'ସହ ଡିଜାଇନର, ମାର୍କେଟିଂ ଏକ୍ସପର୍ଟ, ଓକିଲ ତଥା ଷ୍ଟାର୍ଟଅପ୍ ମାଲିକଙ୍କ ଭଳି ଅଲଗା ଅଲଗା କ୍ଷେତ୍ରର ଲୋକଙ୍କ ସହ ଭେଟ ହେବାର ସୁଯୋଗ ମିଳେ । ଏହା ଦ୍ୱାରା ନୂଆ ସମ୍ବନ୍ଧ ତିଆରି କରାଯାଇପାରିବ ।

ଅନ୍ୟପଟେ ଘରେ କାମ କରିବାରେ ଠିକ୍ ଭାବେ କାମ ଉପରେ ଧ୍ୟାନ କେନ୍ଦ୍ରିତ କରି ହୁଏ ନାହିଁ । ତେବେ କୋ-ୱାର୍କିଂ ସ୍ପେସ୍‌ରେ କାମ କରିବାର ପରିବେଶ ମିଳେ । ଯାହାକି କାମ ଉପରେ ଧ୍ୟାନ କେନ୍ଦ୍ରିତ କରିବା ଦିଗରେ ସାହାଯ୍ୟ କରେ । ଏଥିରେ କେତେବେଳେ ବି ନିଜ ସଦସ୍ୟଙ୍କ ସଂଖ୍ୟା ବଢ଼ାଇପାରିବେ ଓ କମାଇପାରିବେ । ସେହିପରି ନିଜ ଗ୍ରାହକ ତଥା କ୍ଲାଏଣ୍ଟଙ୍କ ସହ ମିଶିବାର ଏକ ଉତ୍ତମ ସ୍ଥାନ ମିଳେ । ଏହା ମିଟିଂ ରୁମ୍‌ର ସୁବିଧା ପ୍ରଦାନ କରେ ।

ଏକାକୀ କାମ କରୁଥିବା ଲୋକ ମୁଖ୍ୟତଃ ଏକାକୀତ୍ୱ ଅନୁଭବ କରନ୍ତି । ଏଭଳି ପରିବେଶରେ ଅନ୍ୟମାନଙ୍କ ସହିତ କଥାବାର୍ତ୍ତା କରିପାରିବେ । ନିଜ ସମସ୍ୟା ମଧ୍ୟ ଅନ୍ୟକୁ ଜଣାଇପାରିବେ । କାରଣ ଏଥିରେ ଅଲଗା ଅଲଗା କ୍ଷେତ୍ରର ଲୋକ କାମ କରନ୍ତି । କେବଳ ସେତିକି ନୁହେଁ, ନୂଆ ଜିନିଷ ଏବଂ କାମ କରିବାର ଅଲଗା ଅଲଗା ଉପାୟ ମଧ୍ୟ ଶିକ୍ଷା ଲାଭ କରି ହୁଏ । ଯାହାକି କ୍ୟାରିୟର୍ ଉନ୍ନତିରେ ସହାୟକ ହୁଏ ।

# ହ୍ୱାଟ୍ସଆପ୍‌ର 'ଗ୍ରୁପ୍ କଲ୍ ସିଡ୍ୟୁଲ' ଫିଚର୍

ହ୍ୱାଟ୍ସଆପ୍ ତା' ବ୍ୟବହାରକାରୀଙ୍କ ଲାଗି ବିଭିନ୍ନ ସମୟରେ ନୂଆ ନୂଆ ଫିଚର୍ ଆଣିଥାଏ । ଏହି କ୍ରମରେ ହ୍ୱାଟ୍ସଆପ୍‌ର କଲିଂ ଫିଚର୍‌ରେ ନୂଆ ଅପଡେଟ୍ ଆସିଛି । ଏଥିରେ ପୂର୍ବରୁ କଲ୍ ସିଡ୍ୟୁଲ କରାଯାଇପାରିବ । ଫ୍ୟାମିଲି ଗ୍ରୁପ୍ ଚାଟ୍ ହେଉ କିମ୍ବା ଅଫିସ୍ ମିଟିଂ ପାଇଁ ଏବେ ସମୟ ନିର୍ଦ୍ଧାରଣ କରି ଲୋକଙ୍କୁ ଆମନ୍ତ୍ରିତ କରିପାରିବେ । ସେହିପରି ଏହି ଫିଚର୍ ମାଧ୍ୟମରେ କଲ୍ ଆରମ୍ଭ ହେବା ପୂର୍ବରୁ ସମସ୍ତଙ୍କ ପାଖକୁ ନୋଟିଫିକେସନ ଯିବ । ତେଣୁ ଏହି ନୂଆ ଫିଚର୍ ମାଧ୍ୟମରେ ପୂର୍ବରୁ ଗ୍ରୁପ୍ କଲ୍ କରାଯାଇପାରିବ । ତେବେ ସମସ୍ତ କଲ୍ ଏଣ୍ଡ-ଟୁ-ଏଣ୍ଡ ଏନକ୍ରିପସନ ଦ୍ୱାରା ସୁରକ୍ଷିତ ରହିବ ବୋଲି କମ୍ପାନି ପକ୍ଷରୁ ସ୍ପଷ୍ଟ କରାଯାଇଛି । ଆଗାମୀ ଦିନରେ ଏହି ଫିଚର୍ ସମସ୍ତ ବ୍ୟବହାରକାରୀଙ୍କ ଲାଗି ଉପଲବ୍ଧ ହେବ ।



ଏହି ନୂଆ ଫିଚର୍ କେମିତି କାମ କରେ, ସେ ସମ୍ପର୍କରେ ଜାଣିବା ଜରୁରି । ପ୍ରଥମେ ହ୍ୱାଟ୍ସଆପ୍ ଅନ୍ କରି କଲ୍ ଟ୍ୟାବ୍‌କୁ ଯାଆନ୍ତୁ । ଏହା ପରେ ଉପରେ ଦିଆଯାଇଥିବା କଲ ଆଇକନ୍ ଉପରେ ଟ୍ୟାପ୍ କରନ୍ତୁ । ଯେଉଁ କଣ୍ଟାକ୍ଟ ବା ଗ୍ରୁପ୍‌କୁ କଲ୍ କରିବାର ଅଛି, ତାହାକୁ ଚୟନ କରନ୍ତୁ । ତୁରନ୍ତ କଲ୍ କରିବା ପରିବର୍ତ୍ତେ ଏଥିରେ ସିଡ୍ୟୁଲ୍ କଲ୍ ବିକଳ୍ପ ବାଛନ୍ତୁ । ଏହାପରେ ତାରିଖ ଓ ସମୟ ସହ ଭିଡିଓ କିମ୍ବା ଅଡିଓ କଲ୍ କରିବାକୁ ଚାହୁଁଛନ୍ତି, ସେକଥା ସ୍ଥିର କରନ୍ତୁ । ଶେଷରେ ଗ୍ରୀନ୍ ବଟମ୍ ଦବାଇ ସୁନିଶ୍ଚିତ କରନ୍ତୁ । ସେହିପରି ସିଡ୍ୟୁଲ୍ କରାଯାଇଥିବା କଲ୍ ଅପ୍‌କମିଂ କଲ୍ ଲିଷ୍ଟରେ ପ୍ରଦର୍ଶିତ ହେବ । କଲ୍ ଆରମ୍ଭ ହେବା ପୂର୍ବରୁ ସମସ୍ତଙ୍କ ପାଖକୁ ନୋଟିଫିକେସନ ଯିବ । ଅନ୍ୟପଟେ ଗ୍ରୁପ୍ ମିଟିଂ ଏବଂ ଫ୍ୟାମିଲି ଭିଡିଓ କଲ୍‌ର ଯୋଜନା କରୁଥିବା ବ୍ୟବହାରକାରୀଙ୍କ ଲାଗି ଏହା ଉପଯୋଗୀ ସାବ୍ୟସ୍ତ ହେବ ।

# ପାକିସ୍ତାନକୁ ହରାଇଲା ଆଫଗାନିସ୍ତାନ

ଶାରଜା, ୨।୯ (ଏଜେନ୍ସି): ଏଠାରେ ଚାଲିଥିବା ତ୍ରି-ରାଷ୍ଟ୍ରୀୟ ଟି-୨୦ ସିରିଜର ଏକ ମ୍ୟାଚରେ ମଙ୍ଗଳବାର ଆଫଗାନିସ୍ତାନ ୧୮ ରନରେ ପାକିସ୍ତାନକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ସେଦିକୁଲ୍ଲା ଅଟଲ (୬୪) ଓ ଇବ୍ରାହିମ ଜର୍ଦାନ (୬୫)ଙ୍କ ଅର୍ଦ୍ଧଶତକ ବଳରେ ୫ ୱିକେଟ୍‌ରେ ୧୬୯ ରନ କରିଥିଲା। ପାକିସ୍ତାନର ଫହିମ ଅସ୍ରଫ ସର୍ବାଧିକ ୪ଟି ୱିକେଟ୍ ନେଇଥିଲେ। ଜବାବରେ ପାକିସ୍ତାନ ଶେଷ ପର୍ଯ୍ୟନ୍ତ ଲଢ଼େଇ କରିଥିଲେ ମଧ୍ୟ ୯ ୱିକେଟ୍‌ରେ ୧୫୧ ରନ କରିପାରିଥିଲା। ଆଫଗାନିସ୍ତାନ ୩ୟ ମ୍ୟାଚରୁ ୨ୟ ବିଜୟ ହାସଲ କରିଛି। ଏହି ତ୍ରି-ରାଷ୍ଟ୍ରୀୟ ସିରିଜରେ ୩ୟ ଦଳ ଭାବେ ଘରୋଇ ୟୁଏଇ ଅଂଶଗ୍ରହଣ କରୁଛି।

# ଡିସେମ୍ବରରେ ଆଇଏସ୍‌ଏଲ୍

ନୂଆଦିଲ୍ଲୀ,୨।୯ (ଏଜେନ୍ସି): ଆସନ୍ତା ଡିସେମ୍ବରରେ ଇଣ୍ଡିଆନ ସୁପର ଲିଗ୍ ଫୁଟବଲ (ଆଇଏସ୍‌ଏଲ୍) ଆୟୋଜିତ ହେବ। ଏଥିଲାଗି ସମସ୍ତ ପ୍ରକାର ବ୍ୟବସ୍ଥା କରିବାକୁ ସୁପ୍ରିମକୋର୍ଟ ମଙ୍ଗଳବାର ସର୍ବଭାରତୀୟ ଫୁଟବଲ ମହାସଂଘ (ଏଆଇଏଫଏଫ୍) ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଆଇଏସ୍‌ଏଲ୍ ପରିଚାଳନା ଲାଗି ଏଆଇଏଫ୍‌ଏଫ୍ ଓ ଫୁଟବଲ ସ୍ପୋର୍ଟ୍ସ ଡେଭେଲପମେଣ୍ଟ ଲିଃ (ଏଫ୍‌ଡିଏସ୍‌ଏଲ) ମଧ୍ୟରେ ୨୦୨୫ ଡିସେମ୍ବର ୮ ତାରିଖଯାଏ ହୋଇଥିଲା। କିନ୍ତୁ ଉଭୟ ପକ୍ଷ ଏହି ମାଷ୍ଟର୍ସ ରାଇଟସ ଏଗ୍ରିମେଣ୍ଟର ନବୀକରଣରେ ରାଜି ହୋଇ ନ ଥିଲେ। ଏଣୁ ଆଇଏସ୍‌ଏଲ୍‌ର ଆୟୋଜନ ନେଇ ଜୁଲାଇ ୧୧ରୁ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ଏହାକୁ ନେଇ ସୃଷ୍ଟି ହୋଇଥିବା ବିବାଦ ସୁପ୍ରିମକୋର୍ଟରେ ପହଞ୍ଚିଥିଲା। ଆଜି ଏହାର ଶୁଣାଣି ଥିଲା। ଏହା ପୂର୍ବରୁ ଏଆଇଏଫ୍‌ଏଫ୍ ଓ ଏଫ୍‌ଡିସିଏଲ୍ ମିଳିତଭାବେ ଆଇଏସ୍‌ଏଲ୍ ଆୟୋଜନ ଲାଗି ପ୍ରସ୍ତାବ ଦେଇଥିଲେ। ଜଷ୍ଟିସ୍ ପି ନରସିଂମା ଓ ଜୟମାଲ୍ୟ ବାଗ୍‌ଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଜି ଏହି ପ୍ରସ୍ତାବକୁ ଗ୍ରହଣ କରିବା ସହ ଘରୋଇ ଫୁଟବଲ ସିଜନ ଠିକଣାଭାବେ ପରିଚାଳନା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେପ୍ଟେମ୍ବରରେ ସୁପର କପ୍ ଆରମ୍ଭ ହେବାକୁ ଥିବାରୁ ଡିସେମ୍ବରରେ ଆଇଏସ୍‌ଏଲ୍ ଆୟୋଜିତ ହେବ ବୋଲି ଆଶା କରାଯାଉଛି। ପୂର୍ବତନ ବିଚାରପତି ଏଲ୍ ନାଗେଶ୍ୱର ରାଓ ଏକ ପ୍ରତିଷ୍ଠିତ, ଦକ୍ଷ ଓ ପ୍ରତିଯୋଗୀତାମୂଳକ ଫାର୍ମକୁ ଆଇଏସ୍‌ଏଲ୍ ଆୟୋଜନ କରିବା ଲାଗି ବାଛିବେ। ବିଚାରପତି ରାଓ ମଧ୍ୟ ଏଆଇଏଫଏଫ୍ ସମ୍ବିଧାନ ସମ୍ପର୍କରେ ପରେ ନିଷ୍ପତ୍ତି ନିଆଯିବ ବୋଲି ସୁପ୍ରିମକୋର୍ଟ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

# ଟି-୨୦ କ୍ରିକେଟରୁ ଅବସର ନେଲେ ଷ୍ଟାର୍କ

ସିଡନୀ, ୨।୯ (ଏଜେନ୍ସି): ଅଷ୍ଟ୍ରେଲିଆ ଦ୍ରୁତ ବୋଲର ମିଚେଲ ଷ୍ଟାର୍କ ଅନ୍ତର୍ଜାତୀୟ ଟି-୨୦ କ୍ରିକେଟରୁ ଅବସର ନେଇଛନ୍ତି। ଟେଷ୍ଟ ଓ ଦିନିକିଆ ଫର୍ମାଟ୍ ଉପରେ ଅଧିକ ଫୋକସ କରିବା ଲାଗି ୩୫ ବର୍ଷୀୟ ଷ୍ଟାର୍କ ଏହି ନିଷ୍ପତ୍ତି ନେଇଛନ୍ତି। ଚଳିତ ବର୍ଷ ଶେଷ ଭାଗରେ ଆସେସ୍ ଓ ଭାରତ ବିପକ୍ଷ ଟେଷ୍ଟ ସିରିଜ ଖେଳାଯିବ। ଏହି ଦୁଇ ଗୁରୁତ୍ୱପୂର୍ଣ୍ଣ ସିରିଜ ପାଇଁ ନିଜକୁ ସମ୍ପୂର୍ଣ୍ଣ ଫିଟ୍ ରଖିବାକୁ ଲକ୍ଷ୍ୟ ରଖିଥିବା ଷ୍ଟାର୍କ କହିଛନ୍ତି। ଅପରପକ୍ଷରେ ମଙ୍ଗଳବାର ଆଗାମୀ ନ୍ୟୁଜିଲାଣ୍ଡ ବିପକ୍ଷ ଟି-୨୦ ସିରିଜ ଲାଗି ଅଷ୍ଟ୍ରେଲିଆ ଦଳ ଘୋଷଣା କରାଯାଇଥିଲା। ଘୋଷିତ ଦଳରୁ ଷ୍ଟାର୍କଙ୍କ ସହ ପ୍ୟାଟ୍ କମିନ୍ସଙ୍କୁ ବାଦ୍ ଦିଆଯାଇଥିଲା। ଏହା ମଧ୍ୟ ଷ୍ଟାର୍କଙ୍କ ଟି-୨୦ରୁ ଅବସର ନେବାର ଅନ୍ୟ ଏକ କାରଣ ବୋଲି ଚର୍ଚ୍ଚା ହେଉଛି। ବାମହାତୀ ଦ୍ରୁତ ବୋଲର ଷ୍ଟାର୍କ ୨୦୧୨ରେ ପାକିସ୍ତାନ ବିପକ୍ଷରେ ଖେଳି ଟି-୨୦ରେ ପଦାର୍ପଣ କରିଥିଲେ। ଅଷ୍ଟ୍ରେଲିଆ ପାଇଁ ୬୫ ଟି-୨୦ ମ୍ୟାଚ ଖେଳି ୭୯ ୱିକେଟ୍ ନେଇଛନ୍ତି। ୨୦୨୧ରେ ଟି-୨୦ ବିଶ୍ୱକପ୍ ଚାମ୍ପିଅନ ଅଷ୍ଟ୍ରେଲିଆ ଦଳର ସେ ପ୍ରମୁଖ ସଦସ୍ୟ ରହିଥିଲେ। ଏହି ଛୋଟିଆ ଫର୍ମାଟରେ ଅଷ୍ଟ୍ରେଲିଆ ପାଇଁ ସର୍ବାଧିକ ୱିକେଟ୍ ନେବାରେ ସେ ଆଦାମ ଜାମ୍ପାଙ୍କ ପଛକୁ ୨ୟ ସ୍ଥାନରେ ରହିଛନ୍ତି। ୧୩୦ ୱିକେଟ ସହ ଜାମ୍ପା ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି।



ୟୁଏସ୍ ଓପନ୍ ଗ୍ରାଣ୍ଡସ୍ଲାମ୍ ଟେନିସ୍

# ପୁରୁଷ କ୍ୱାର୍ଟରରେ ସିନ୍ନର-ମୁସେଟି ମୁକାବିଲା





ନ୍ୟୁୟର୍କ,୨।୯ (ଏଜେନ୍ସି)

ବିଶ୍ୱର ନଂ-୧ ତଥା ଡିଫେଣ୍ଡିଂ ଚାମ୍ପିଅନ ଇଟାଲୀର ଜାନିକ୍ ସିନ୍ନର ଏଠାରେ ଚାଲିଥିବା ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ୍ ପୁରୁଷ ଏକକ ଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ସୋମବାର ରାତିରେ ଖେଳାଯାଇଥିବା ଚତୁର୍ଥ ରାଉଣ୍ଡ ମୁକାବିଲାରେ ସିନ୍ନର କୌଣସି ତ୍ରୁଟି ନ କରି କାଜାକସ୍ଥାନର ଆଲେକ୍‌ଜାଣ୍ଡର ବୁବ୍‌ଲିକ୍‌ଙ୍କୁ ପରାସ୍ତ କରି ରେକର୍ଡ କରିଛନ୍ତି। କ୍ୱାର୍ଟର ଫାଇନାଲରେ ସେ ନିଜ ଦେଶର ଲୋରେଞ୍ଜୋ ମୁସେଟିଙ୍କୁ ଭେଟିବେ। ଅନ୍ୟ ଏକ ଚତୁର୍ଥ ରାଉଣ୍ଡ ମ୍ୟାଚ୍‌ରେ ମୁସେଟି ମଧ୍ୟ ଚମତ୍କାର ଖେଳ ପ୍ରଦର୍ଶନ କରି କାନାଡାର ଜୁଆମ୍ ମୁନାରଙ୍କୁ ୬-୩, ୬-୦, ୬-୧ରେ ପରାସ୍ତ କରିଥିଲେ। ନଂ-୧ ଖେଳାଳି ସିନ୍ନର ଏଠାରେ କ୍ୱାର୍ଟରଫାଇନାଲରେ ପ୍ରବେଶ ସହ ସର୍ବକନିଷ୍ଠ ଖେଳାଳି ଭାବେ କ୍ରମାଗତ ୮ଟି ଗ୍ରାଣ୍ଡସ୍ଲାମ୍ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଏହି ସଫଳତା ପାଇବା ସମୟରେ ତାଙ୍କୁ ୨୪ ବର୍ଷ ୮ ଦିନ ହୋଇଥିଲା। ପୂର୍ବରୁ ନୋଭାକ ଜୋକୋଭିଚ୍ ୨୪ ବର୍ଷ ୯୯ ଦିନରେ ଏପରି ସଫଳତା ପାଇଥିଲେ। ଜୋକୋଭିଚ୍‌ଙ୍କ ଏହି ରେକର୍ଡ ସିନ୍ନର ଭାଙ୍ଗିଦେଇଛନ୍ତି।

ପୁରୁଷ କ୍ୱାର୍ଟର ଫାଇନାଲରେ କିଏ କାହା ସହ ଖେଳିବେ ତାହା ସ୍ଥିର ହୋଇଯାଇଛି। ଆଜି ଖେଳାଯିବାକୁ ଥିବା ପ୍ରଥମ କ୍ୱାର୍ଟର ଫାଇନାଲରେ ନଂ-୨ ସିଡ୍ ସ୍ପେନ୍‌ର କାର୍ଲୋସ ଆଲକାରାଜଙ୍କ ସହ ଚେକ୍ ରିପବ୍ଲିକ୍‌ର ଜିରି ଲେହେକାଙ୍କର ଓ ନଂ-୪ ଟେଲର ଫ୍ରିଜ୍‌ଙ୍କ ସହ ୭ମ ସିଡ୍ ନୋଭାକ ଜୋକୋଭିଚ୍‌ଙ୍କର ମୁକାବିଲା ହେବ। ସେହିପରି ବୁଧବାର ଖେଳାଯିବାକୁ ଥିବା କ୍ୱାର୍ଟରରେ ଜାନିକ ସିନ୍ନରଙ୍କ ସହ ଲୋରେଞ୍ଜୋ ମୁସେଟି ଓ ନଂ-୮ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉରଙ୍କ ସହ ନଂ-୨୫ ସିଡ୍ କାନାଡାର ଫେଲିକ୍ସ ଅଗର-ଆଲିସିଆମେଙ୍କର ମୁକାବିଲା ହେବ।

ସୋମବାର ଖେଳାଯାଇଥିବା ଚତୁର୍ଥ ରାଉଣ୍ଡ ମ୍ୟାଚ୍‌ରେ ଡି ମିନାଉର ଅଣସିଡେଡ ଖେଳାଳି ସ୍ୱିଜରଲାଣ୍ଡର ଲିଆଣ୍ଡ୍ରୋ ରିଏଡିଙ୍କୁ ୬-୩, ୬-୨, ୬-୧ ସିଧାସଳଖ ସେଟରେ ପରାସ୍ତ କରିଥିଲେ। ତାଙ୍କ କ୍ୱାର୍ଟର ଫାଇନାଲ ପ୍ରତିଦ୍ୱନ୍ଦ୍ୱୀ ଅଗର-ଆଲିସିଆମେ ସୁନ୍ଦର ଖେଳ ପ୍ରଦର୍ଶନ କରି ନଂ-୧୫ ସିଡ୍ ରୁଷିଆର ଆନ୍ଦ୍ରେ ରୁବ୍‌ଲେଭ୍‌ଙ୍କୁ ୭-୫, ୬-୩, ୬-୪ ସେଟ୍‌ରେ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ।

## ■ ଗଫ୍‌ଙ୍କୁ ହରାଇଲେ ଓସାକା

ଚତୁର୍ଥ ସିଡ୍ ଆମେରିକାର ଜେସିକା ପେଗୁଲା ପ୍ରଥମ ଖେଳାଳି ଭାବେ ମହିଳା ଏକକ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ପେଗୁଲା ୬-୩, ୬-୩ ସିଧାସଳଖ ସେଟ୍‌ରେ ବାର୍ବରା କ୍ରେଜିକୋଭାଙ୍କୁ ପରାସ୍ତ କରି ଏହି ସଫଳତା ପାଇଛନ୍ତି। ପୂର୍ବରୁ ସୋମବାର ଅନୁଷ୍ଠିତ ମ୍ୟାଚ୍‌ରେ ପୂର୍ବ ଚାମ୍ପିଅନ କୋକୋ ଗଫ୍‌ଙ୍କୁ ୬-୩, ୬-୨ରେ ହରାଇ ଜାପାନର ନାଓମି ଓସାକା କ୍ୱାର୍ଟରରେ ପ୍ରବେଶ କରିଛନ୍ତି। କ୍ୱାର୍ଟରରେ ସେକାରୋଲିନା ମୁଚୋଭାଙ୍କୁ ଭେଟିବେ। ସେହିପରି ଅନ୍ୟ କ୍ୱାର୍ଟର ଫାଇନାଲରେ ନଂ-୧ ସିଡ୍ ଆରିନା ସାବାଲେଙ୍କାଙ୍କ ସହ ମାର୍କେଟା ଭୋଣ୍ଡ୍ରୋଉସୋଭାଙ୍କର ଓ ନଂ-୨ ସିଡ୍ ଇଗା ସ୍ୱିଆଟେକଙ୍କ ସହ ୮ମ ସିଡ ଆମେରିକାର ଆମାଣ୍ଡା ଆନିସିମୋଭାଙ୍କ ସହ ମୁକାବିଲା ହେବ।

**କ୍ୱାର୍ଟରଫାଇନାଲ ମୁକାବିଲା**

| ପୁରୁଷ ଏକକ | ମହିଳା ଏକକ |
|---|---|
| ଆଲକାରାଜ-ଲେହେକା | ପେଗୁଲା-କ୍ରେଜିକୋଭା |
| ଫ୍ରିଜ୍-ଜୋକୋଭିଚ୍ | ସାବାଲେଙ୍କା-ଭୋଣ୍ଡ୍ରୋଉସୋଭା |
| ସିନ୍ନର-ମୁସେଟି | ସ୍ୱିଆଟେକ୍- ଆନିସିମୋଭା |
| ଆଲେକ୍ସ-ଫେଲିକ୍ସ | ମୁଚୋଭା-ଓସାକା |

# ପ୍ରଥମ ଦିନିକିଆରେ ଇଂଲଣ୍ଡ ପରାସ୍ତ

ହେଡିଂଲେ,୨।୯ (ଏଜେନ୍ସି): ଏଠାରେ ସୋମବାର ଅନୁଷ୍ଠିତ ପ୍ରଥମ ଦିନିକିଆରେ ଦକ୍ଷିଣ ଆଫ୍ରିକା ୭ ୱିକେଟରେ ଘରୋଇ ଇଂଲଣ୍ଡକୁ ପରାସ୍ତ କରିଛି। ଫଳରେ ଦଳ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ୧-୦ରେ ଆଗୁଆ ରହିଛି। ଏହି ମ୍ୟାଚ୍‌ରେ ବାମହାତୀ ସ୍ପିନର କେଶବ ମହାରାଜ ଯାଦୁକରୀ ବୋଲିଂ କରି ୪ଟି ଓ ୱିଆନ ମୁଲ୍ଡର ୩ଟି ୱିକେଟ ନେବା ଫଳରେ ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ୨୪.୩ ଓଭରରେ ୧୩୧ ରନ୍ କରିଥିଲା। ଦଳ ପକ୍ଷରୁ ଜେମି ସ୍ମିଥ୍ ସମ୍ମାନଜନକ ୫୪ ରନ୍ କରିଥିଲେ। ଜବାବରେ ଆଇଡେନ ମାର୍କରମ ଓ ରିୟାନ ରିକେଲଟନଙ୍କ ଯୋଡି ଥମ ୱିକେଟରୁ ୧୮.୧ ଓଭରରେ ୧୨୧ ରନ୍ ଉଠାଇଥିଲା। ଫଳରେ ଭ୍ରମଣକାରୀ ଦଳ ୨୦.୫ ଓଭରରେ ୩ ୱିକେଟ ହରାଇ ବିଜୟୀ ହୋଇଥିଲା। ୨୩ ବଲ୍‌ରେ ଅର୍ଦ୍ଧଶତକ ପୂରଣକରିଥିବା ମାର୍କରମ ୫୫ ବଲ୍‌ରେ ୧୩ ଚୌକା ଓ ୨ ଛକା ସହ ୮୬ ରନ୍ କରି ଆଉଟ ହୋଇଥିଲେ। ରିକେଲଟନ ୩୧ ରନ୍‌ରେ ଅପରାଜିତ ଥିଲାବେଳେ ଦକ୍ଷିଣ ଆଫ୍ରିକା ହରାଇଥିବା ୩ଟି ଯାକ ୱିକେଟ ଆଦିଲ ରଶିଦ୍‌ଙ୍କୁ ମିଳିଥିଲା।

# ନୂଆ ପ୍ରାୟୋଜକ ପାଇଁ କଡ଼ା ସର୍ତ୍ତ ରଖିଲା ବିସିସିଆଇ

**ଯୋଗ୍ୟ ସଂସ୍ଥା:** କ୍ରୀଡ଼ା ପ୍ରସାଧନ ପ୍ରସ୍ତୁତକାରୀ, ବ୍ୟାଙ୍କ, ବୀମା, ମଦ-ମୁକ୍ତ ଥଣ୍ଡାପାନୀୟ କମ୍ପାନୀ

**ଅଯୋଗ୍ୟ ସଂସ୍ଥା :** ମଦ ଓ ତମାଖୁ ଉତ୍ପାଦକାରୀ, ବେଟିଂ, ଜୁଆ, କ୍ରିପ୍ଟୋକରେନ୍ସି, ଅନଲାଇନ ଗେମିଂ, ପର୍ଣ୍ଣୋଗ୍ରାଫି



ମୁମ୍ବଇ, ୨।୯ (ଏଜେନ୍ସି): ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ବିସିସିଆଇ ଜାତୀୟ ଦଳର ମୁଖ୍ୟ ପ୍ରାୟୋଜକ ଖୋଜିବା ଲାଗି ଅଭିଯାନ ଆରମ୍ଭ କରିଦେଇଛି। ମୁଖ୍ୟ ପ୍ରାୟୋଜକ ଅଧିକାର ହାସଲ କରିବା ପାଇଁ ବିସିସିଆଇ ବିଭିନ୍ନ ସଂସ୍ଥାକୁ ବିଡ୍ ଦାଖଲ କରିବାକୁ ନିମନ୍ତ୍ରଣ କରିଛି। ନିକଟରେ ଅନଲାଇନ ଗେମିଂ ବିଲ୍ ଆଇନରେ ପରିଣତ ହେବାପରେ ଏହା ଭାରତରେ ବ୍ୟାନ ହୋଇଥିଲା। ଫଳରେ ଅନଲାଇନ ଗେମିଂ ସଂସ୍ଥା 'ଡ୍ରିମ୍-୧୧' ଚୁକ୍ତି ଶେଷ ହେବା ପୂର୍ବରୁ ଭାରତୀୟ କ୍ରିକେଟ୍ ଦଳର ମୁଖ୍ୟ ପ୍ରାୟୋଜକରୁ ଓହରିଯାଇଥିଲା। ଯେଉଁଥି ପାଇଁ ଏବେ ଭାରତୀୟ ଦଳର ମୁଖ୍ୟ ପ୍ରାୟୋଜକ ଖାଲି ପଡ଼ିଛି । ନୂଆ ପ୍ରାୟୋଜକ ଲାଗି ବିଡ୍ ଦାଖଲର ଶେଷ ତାରିଖ ସେପ୍ଟେମ୍ବର ୧୬ ରହିଛି। ବିଡ୍ ଦାଖଲ ଲାଗି ଆଗ୍ରହୀ ସଂସ୍ଥାକୁ ସେପ୍ଟେମ୍ବର ୨ରୁ 'ଆଇଓଇଆଇ ଡକ୍ୟୁମେଣ୍ଟ' ମିଳିବ। ଏହି ଡକ୍ୟୁମେଣ୍ଟରେ ବିଡ୍ ଦାଖଲର ବିସ୍ତୃତ ନିୟମ ଓ ସର୍ତ୍ତାବଳୀମାନ ଉଲ୍ଲେଖ ରହିଛି। 'ଆଇଓଇଆଇ' ଡକ୍ୟୁମେଣ୍ଟ କ୍ରୟ କରିବାର ଶେଷ ତାରିଖ ସେପ୍ଟେମ୍ବର ୧୨ ରଖାଯାଇଛି। ଭାରତୀୟ ଦଳର ମୁଖ୍ୟ ପ୍ରାୟୋଜକ ହେବାକୁ ଥିବା ଆଗ୍ରହୀ ସଂସ୍ଥା ୫ ଲକ୍ଷ ଟଙ୍କାର ଅଣଫେରସ୍ତ ଯୋଗ୍ୟ ଫି ଦେଇ ଡକ୍ୟୁମେଣ୍ଟ କିଣିପାରିବେ ବୋଲି ଜଣାପଡ଼ିଛି। ସେହିଭଳି ବିସିସିଆଇ ଦ୍ୱାରା ଧାର୍ଯ୍ୟ ଆର୍ଥିକ ଯୋଗ୍ୟତା ଅନୁଯାୟୀ, ବିଡ୍ ଦାଖଲକାରୀଙ୍କ ଗତ ୩ ବର୍ଷ ପାଇଁ ହାରାହାରି ବାର୍ଷିକ ଟର୍ଣ୍ଣଓଭର ୩୦୦ କୋଟି ଟଙ୍କା ହୋଇଥିବା ଆବଶ୍ୟକ। ସେହିଭଳି ବିସିସିଆଇ ନୂଆ ପ୍ରାୟୋଜକ ଲାଗି କେତେକ କଡ଼ା ସର୍ତ୍ତ ରଖିଛି। ଯେପରି ବିଡ୍ ଦାଖଲକାରୀ ଠକାମୀ, ଆର୍ଥିକ ଆପରାଧିକ ଆଦି ମାମଲାରେ ଜଡ଼ିତ ନ ଥିବେ। ବିସିସିଆଇ ନିୟମ ଅନୁଯାୟୀ ଦ୍ୱୈତ ସ୍ୱାର୍ଥର ଦ୍ୱନ୍ଦ୍ୱ ନ ଥିବ। ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ଖିଲାପଧାରୀବର୍ଗରେ ସାମିଲ ହୋଇ ନ ଥିବେ। ଅନ୍‌ଲାଇନ ଗେମିଂ, ବେଟିଂ ସହ ଜଡ଼ିତ ହୋଇ ନ ଥିବେ କିମ୍ବା ଏଭଳି ସଂସ୍ଥାରେ ନିବେଶ କରି ନ ଥିବେ। ସେହିଭଳି ମଦ ଉତ୍ପାଦ, ତମାଖୁ, ବେଟିଂ ଓ ଜୁଆ, କ୍ରିପ୍ଟୋ କରେନ୍ସି, ଅନଲାଇନ ଗେମିଂ, ପର୍ଣ୍ଣୋଗ୍ରାଫି, ସରୋଗେଟ୍ ବ୍ରାଣ୍ଡିଂ ଆଦି ସହ ଜଡ଼ିତ ଥିବା ସଂସ୍ଥାକୁ ମୁଖ୍ୟ ପ୍ରାୟୋଜକ ଲାଗି ଅଯୋଗ୍ୟ ଘୋଷିତ କରାଯିବ। ଯେଉଁ ବିଡର୍ କ୍ରୀଡ଼ା ଓ କ୍ରୀଡ଼ା ପ୍ରଶାଧନ ସାମଗ୍ରୀ, ବ୍ୟାଙ୍କ ଓ ଅନ୍ୟାନ୍ୟ ଆର୍ଥିକ ସେବା, ମଦ-ମୁକ୍ତ ଥଣ୍ଡାପାନୀୟ, ବୀମା ଆଦି ସହ ଜଡ଼ିତ ସଂସ୍ଥା ବିଡ୍ ପାଇଁ ଯୋଗ୍ୟ ବିବେଚିତ ହେବେ ବୋଲି ବିସିସିଆଇ ପକ୍ଷରୁ ସ୍ପଷ୍ଟ କରାଯାଇଛି।



ଓଡ଼ିଶା କ୍ରୀଡ଼ା ସାମ୍ବାଦିକ ସଂଘ(ଓସଜା)ର ବାର୍ଷିକ ସ୍ମରଣିକାକୁ କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା ସଭାପତି ଟଙ୍କଧର ତ୍ରିପାଠୀ କଳିଙ୍ଗ ଷ୍ଟାଡିୟମ୍‌ରେ ମଙ୍ଗଳବାର ଆନୁଷ୍ଠାନିକ ଉନ୍ମୋଚନ କରୁଛନ୍ତି।

୧୩ ବର୍ଷର ଲଢ଼େଇ

# ସୁପ୍ରିମକୋର୍ଟରେ ପହଞ୍ଚିଲା ଶ୍ରୀସନ୍ତ-ରାଜସ୍ଥାନ-ଇନ୍ସ୍ୟୁରାନ୍ସ ମାମଲା

ନୂଆଦିଲ୍ଲୀ ୨।୯ (ଏଜେନ୍ସି): ୨୦୧୨ରେ ଏସ୍ ଶ୍ରୀସନ୍ତଙ୍କୁ ନେଇ ଜଡ଼ିତ ଏକ ମାମଲାରେ ଆଇପିଏଲ୍ ଦଳ ରାଜସ୍ଥାନ ରୟାଲ୍ସକୁ ସୁପ୍ରିମ କୋର୍ଟକୁ ଟାଣିଛି ଏକ ବୀମା କମ୍ପାନୀ। ଏହି ଘଟଣାଟି ୧୩ ବର୍ଷ ତଳର। ଆଣ୍ଠୁରେ ଆଘାତଜନିତ ସମସ୍ୟା ଲାଗି ଶ୍ରୀସନ୍ତ ୨୦୧୨ ଆଇପିଏଲ୍‌ରୁ ସମ୍ପୂର୍ଣ୍ଣ ଭାବେ ବାଦ୍ ପଡ଼ିଥିଲେ। ସେତେବେଳେ ଏହାକୁ ନେଇ ତାଙ୍କ ଦଳ ରାଜସ୍ଥାନ ରୟାଲ୍ସ କ୍ଷତିପୂରଣ ବାବଦକୁ ୮୨ ଲକ୍ଷ ଟଙ୍କା ବୀମା କମ୍ପାନୀ ନିକଟରୁ ଦାବି କରିଥିଲା। କିନ୍ତୁ ବୀମା କମ୍ପାନୀ ଏହି କ୍ଷତିପୂରଣ ଦେବାକୁ ମନା କରିଦେଇଥିଲା। ବୀମା କମ୍ପାନୀ ପକ୍ଷରୁ କୁହାଯାଇଥିଲା କି ଶ୍ରୀସନ୍ତ ଆଇପିଏଲ୍ ସମୟରେ ନୁହେଁ ବରଂ ଏହାର ବହୁ ପୂର୍ବରୁ ଆଘାତ ପାଇଥିଲେ। ପୁରୁଣା ଆଘାତ ସମସ୍ୟା ଲାଗି ସେ ୨୦୧୨ ଆଇପିଏଲ୍ ଖେଳିପାରି ନ ଥିଲେ। ନିୟମ ଅନୁସାରେ ଏହି ଆଘାତ ସମସ୍ୟା ବୀମା କମ୍ପାନୀକୁ ଜଣାଇବାର ଥିଲା। ଅପରପକ୍ଷରେ ରାଜସ୍ଥାନ ରୟାଲ୍ସ ପକ୍ଷରୁ କୁହାଯାଇଥିଲା କି, ଶ୍ରୀସନ୍ତ ପୂର୍ବରୁ ଗୋଡ଼ର ବୁଢ଼ା ଆଙ୍ଗୁଠିରେ ଆଘାତ ପାଇଥିଲେ। କିନ୍ତୁ ସେ ଆଣ୍ଠୁଜନିତ ଆଘାତ ସମସ୍ୟା ଲାଗି ଆଇପିଏଲ୍ ଖେଳିପାରି ନ ଥିଲେ। ଏହାକୁ ନେଇ ବୀମା କମ୍ପାନୀ ଓ ରାଜସ୍ଥାନ ଫ୍ରାଞ୍ଚାଇଜ ମଧ୍ୟରେ କୋର୍ଟରେ ଲଢ଼େଇ ଲାଗି ରହିଥିଲା। ଶେଷରେ ଜାତୀୟ ଉପଭୋକ୍ତା ବିବାଦ ସମାଧାନ କମିଶନ (ଏନ୍‌ସିଡିଆର୍‌ସି) ରାଜସ୍ଥାନ ରୟାଲ୍ସ ସପକ୍ଷରେ ରାୟ ଶୁଣାଇ ୮୨ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ ବୀମା କମ୍ପାନୀକୁ ନିର୍ଦ୍ଦେଶ ଦେଇଥିଲେ। ଏହି ରାୟ ବିରୋଧରେ ବୀମା କମ୍ପାନୀ ଶେଷରେ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛି। ଏହି ମାମଲାରେ ବୀମା କମ୍ପାନୀକୁ ଅତିରିକ୍ତ ଦସ୍ତାବିଜ ଦାଖଲ କରିବାକୁ ସୁପ୍ରିମ କୋର୍ଟ କହିଥିବା ଜଣାପଡ଼ିଛି। ଏଠାରେ ପ୍ରକାଶଯୋଗ୍ୟ, ଆଇପିଏଲ୍‌ର ପ୍ରତ୍ୟେକ ଦଳ ସେମାନଙ୍କ ଖେଳାଳିଙ୍କ ଇନ୍ସୁରାନ୍ସ କରିଥାନ୍ତି। ଯଦି ଖେଳାଳି ଆହତ ହୋଇ ବାଦ୍ ପଡ଼ନ୍ତି ତେବେ ଫ୍ରାଞ୍ଚାଇଜ ସେହି ଖେଳାଳିଙ୍କ ଉପରେ ଖର୍ଚ୍ଚ କରିଥିବା ଅର୍ଥରାଶି ବୀମା କମ୍ପାନୀ ନିକଟରୁ ପାଇପାରିଥାନ୍ତି।

ଏସିଆ କପ୍ ପୁରୁଷ ହକି

# ଆଜିଠାରୁ ସୁପର୍-୪ ମୁକାବିଲା



ରାଜଗିର,୨।୯ (ଏଜେନ୍ସି)

ଏଠାରେ ଚାଲିଥିବା ଏସିଆ କପ୍ ପୁରୁଷ ହକି ପ୍ରତିଯୋଗିତାର ଦ୍ୱିତୀୟ ପର୍ଯ୍ୟାୟ ବା ସୁପର-୪ ପର୍ଯ୍ୟାୟ ଆସନ୍ତାକାଲି ବା ବୁଧବାରଠାରୁ ଆରମ୍ଭ ହେବ। ୮ଟି ଦଳକୁ ନେଇ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟରେ ଦୁଇଟି ଗ୍ରୁପର ୨ଟି ଲେଖାଏଁ ଶ୍ରେଷ୍ଠ ଦଳ ସୁପର-୪'କୁ ଉନ୍ନିତ ହୋଇଛି। ଏଥିରେ ଗ୍ରୁପ୍-ଏ'ରୁ ୩ଟି ଯାକ ଲିଗ୍ ମ୍ୟାଚ୍ ଜିତି ଭାରତ ଓ ଗୋଲ ବ୍ୟବଧାନରେ ଦ୍ୱିତୀୟ ସ୍ଥାନ ଅଧିକାର କରି ଚୀନ୍ ଦ୍ୱିତୀୟ ପର୍ଯ୍ୟାୟକୁ ଉନ୍ନିତ ହୋଇଛନ୍ତି। ସେହିପରି ଗ୍ରୁପ୍-ବି'ରୁ ମାଲେସିଆ ୩ଟି ଓ ଦକ୍ଷିଣ କୋରିଆ ୨ଟି ଲିଗ୍ ମ୍ୟାଚ୍ ଜିତି ପ୍ରଥମ ଦୁଇଟି ସ୍ଥାନ ଅଧିକାର କରି ଦ୍ୱିତୀୟ ପର୍ଯ୍ୟାୟରେ ପହଞ୍ଚିଛନ୍ତି। ଏହି ପର୍ଯ୍ୟାୟ ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ଖେଳାଯିବ। ଏଥିରେ ଗୋଟିଏ ଦଳ ଅନ୍ୟ ସହ ଥରେ ଲେଖାଏଁ ଅର୍ଥାତ୍ ୩ଟି ମ୍ୟାଚ୍ ଖେଳିବ। ଏଥିରେ ଯେଉଁ ଦୁଇଟି ଦଳ ସର୍ବାଧିକ ପଏଣ୍ଟ ହାସଲ କରିବେ ସେହି ଦୁଇ ଦଳ ମଧ୍ୟରେ ଫାଇନାଲ ମୁକାବିଲା ସେପ୍ଟେମ୍ବର ୭ରେ ଖେଳାଯିବ।

ଗ୍ରୁପ୍-ଏ' ଲିଗ୍ ପର୍ଯ୍ୟାୟରେ ଭାରତ ୩ଟି ଯାକ ମ୍ୟାଚ୍ ଜିତିଥିଲେ ମଧ୍ୟ ଚୀନ ଓ ଜାପାନ ବିପକ୍ଷରେ ସଂଘର୍ଷ କରିଥିଲା। ପ୍ରୋ-ଲିଗ୍‌ରେ କ୍ରମାଗତ ୭ଟି ମ୍ୟାଚ୍‌ରେ ପରାଜିତ ହେବା ପରେ ଅଷ୍ଟ୍ରେଲିଆରେ ଅଭ୍ୟାସ ଲାଗି ଯିବା ଓ ସମସ୍ତ ଶ୍ରେଷ୍ଠ ଖେଳାଳିଙ୍କୁ ନେଇ ଖେଳିଥିଲେ ମଧ୍ୟ ଭାରତ ଆଶାନୁରୂପ ଖେଳ ପ୍ରଦର୍ଶନ କରିପାରି ନାହିଁ। ଏଭଳି ସ୍ଥିତିରେ ଦଳକୁ ସୁପର-୪ରେ ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିବା ଏକ ଚ୍ୟାଲେଞ୍ଜ ଭାବେ ଦେଖା ଦେଇଛି। ହେଡ୍ କୋଚ୍ କ୍ରେଗ୍ ଫୁଲଟନ ଓ ଅଧିନାୟକ ହରମନପ୍ରୀତ୍ ସିଂ ଏହି ପର୍ଯ୍ୟାୟକୁ କିପରି ମୁକାବିଲା କରିବେ ତାହା ଦେଖିବାକୁ ବାକି ରହିଲା। ଚୀନ୍ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ ମଧ୍ୟ ଭଲ ଖେଳ ପ୍ରଦର୍ଶନ କରିଛି। ଗ୍ରୁପ୍-ବି'ରେ ମାଲେସିଆ ଓ କୋରିଆ ପ୍ରଥମ ଦୁଇଟି ସ୍ଥାନରେ ରହିଛନ୍ତି। ସରଜିତ ସିଂହ କୁନ୍ଦନଙ୍କ ପ୍ରଶିକ୍ଷଣରେ ମାଲେସିଆ ଏଠାରେ ଦମ୍‌ଦାର ଖେଳ ପ୍ରଦର୍ଶନ କରିଛି। ସୁପର-୪'ରେ ଏହି ଦଳ କିପରି ଖେଳିବ ତାହା ଅଳ୍ପ ଦିନ ମଧ୍ୟରେ ଜଣାପଡ଼ିବ।

**ସୁପର-୪ ଖେଳସୂଚୀ**

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ସମୟ |
|---|---|---|
| ୩।୯ | ମାଲେସିଆ-ଚୀନ | ସନ୍ଧ୍ୟା ୫ଟା |
| ୩।୯ | ଭାରତ-କୋରିଆ | ରାତି ୭.୩୦ |
| ୪।୯ | କୋରିଆ-ଚୀନ | ସନ୍ଧ୍ୟା ୫ଟା |
| ୪।୯ | ଭାରତ-ମାଲେସିଆ | ରାତି ୭.୩୦ |
| ୬।୯ | ମାଲେସିଆ-କୋରିଆ | ସନ୍ଧ୍ୟା ୫ଟା |
| ୬।୯ | ଭାରତ-ଚୀନ | ରାତି ୭.୩୦ |
| ୭।୯ | ଫାଇନାଲ | ରାତି ୭.୩୦ |

ନନ୍ଦିଘୋଷ

'ନନ୍ଦିଘୋଷ ଟିଭି'

ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି।
ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ।

| ପଦବୀ | ଅଭିଜ୍ଞତା |
|---|---|
| ୧) ସ୍କ୍ରୋଲ୍ କପି ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୨) ଇନପୁଟ୍ କପି ଏଡିଟର | ୩ ବର୍ଷର ଅଭିଜ୍ଞତା |
| ୩) ବୁଲେଟିନ ପ୍ରଡ୍ୟୁସର | ୫ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୭ ସେପ୍ଟେମ୍ବର ୨୦୨୫ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ।

*କେବଳ ନିର୍ବାଚିତ ଆବେଦନଗୁଡ଼ିକୁ ସାକ୍ଷାତକାର ପାଇଁ ଡକାଯିବ।

ଯୋଗାଯୋଗ: ୯୪୩୭୦୧୬୪୯୯

ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ରୁ ଦାସ
EXECUTIVE EDITOR: SAMARENDU DAS